# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୭/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, February 27/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 95 | ମୂଲ୍ୟ ₹୭/-




## ମୟଙ୍କ ଅଗ୍ରୱାଲଙ୍କ ଶତକ

ଜମ୍ମୁ କଶ୍ମୀର ବିପକ୍ଷ ରଣଜୀ ଟ୍ରଫି ଫାଇନାଲ ମ୍ୟାଚରେ ଶତକ ହାସଲ କରି ଅପରାଜିତ ଅଛନ୍ତି କର୍ଣ୍ଣାଟକ ବ୍ୟାଟର ମୟଙ୍କ ଅଗ୍ରୱାଲ।

୧୪

୦୮

## ଅନିଲ ଅମ୍ବାନୀଙ୍କ ବିରୋଧରେ ସାନି ସିବିଆଇ ମାମଲା

୨,୨୨୦ କୋଟି ଟଙ୍କା ବ୍ୟାଙ୍କ ଦୁର୍ନୀତି ଅଭିଯୋଗରେ ସିବିଆଇ ଗୁରୁବାର ଶିଳ୍ପପତି ଅନିଲ ଅମ୍ବାନୀ ଏବଂ ରିଲାଏନ୍ସ କମ୍ୟୁନିକେଶନ୍ସ ବିରୋଧରେ ସାନି ମାମଲା ରୁଜୁ କରିଛି।





ଚେନ୍ନାଇସ୍ଥିତ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଗୁରୁବାର ଜିମ୍ବାୱେ ବିପକ୍ଷ ଟି୨୦ ବିଶ୍ୱକପ୍ ସୁପର-୮ ମ୍ୟାଚରେ ରନ୍ ସଂଗ୍ରହ ଅବସରରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଓ ତିଳକ ବର୍ମା। (ରିପୋର୍ଟ ଖେଳ ପୃଷ୍ଠାରେ)

# 'ନ୍ୟାୟପାଳିକାରେ ଦୁର୍ନୀତି' ହଟାଇଲେ ସୁପ୍ରିମକୋର୍ଟ

**ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକରେ 'ନ୍ୟାୟପାଳିକାରେ ଦୁର୍ନୀତି' ବିଷୟ ଛାପି ହଟହଟା ହୋଇଥିବା ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି)କୁ ଗୁରୁବାର ସୁପ୍ରିମକୋର୍ଟରୁ ବଡ଼ ଝଟକା ଲାଗିଛି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଏନ୍‌ସିଇଆର୍‌ଟିକୁ ଏହି ପ୍ରସଙ୍ଗରେ ଭର୍ତ୍ସନା କରି କହିଛନ୍ତି, ନ୍ୟାୟପାଳିକାର ମର୍ଯ୍ୟାଦା ହାନି ଓ ସାମ୍ବିଧାନିକ ସଂସ୍ଥାର ବଦ୍‌ନାମ ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ହୋଇଛି। ସେମାନେ ଗୁଳିମାଡ଼ କରିଛନ୍ତି, ଏଥିରେ ନ୍ୟାୟପାଳିକା ଲହୁଲୁହାଣ ହୋଇଯାଇଛି। ଏଥିସହ ବିବାଦୀୟ ଅଧ୍ୟାୟ ସନ୍ନିବେଶିତ ସମ୍ପୂର୍ଣ୍ଣ ପୁସ୍ତକର ପ୍ରକାଶନ, ପୁନଃ ମୁଦ୍ରଣ କିମ୍ବା ଡିଜିଟାଲ ପ୍ରସାରଣକୁ ଖଣ୍ଡପୀଠ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରିଛନ୍ତି। ବିରୋଧୀ କଂଗ୍ରେସ ଏନ୍‌ସିଇଆର୍‌ଟି ପୁସ୍ତକରେ ବିବାଦୀୟ ବିଷୟବସ୍ତୁକୁ ସ୍ଥାନିତ କରାଯିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପ୍ରରୋଚିତ ବଦମାସି କହି ସମାଲୋଚନା କରିଥିବାବେଳେ ଇସ୍ରାଏଲ୍ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏସବୁ କଥା କିଏ ବୁଝୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ବିରକ୍ତି ପ୍ରକାଶ କରିବା ପରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନ୍ୟାୟପାଳିକାକୁ ଅସମ୍ମାନ କରାଯିବା ନେଇ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଫେଇ ଦେଇଛନ୍ତି।**

## ଏନ୍‌ସିଇଆର୍‌ଟି ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକ ସମ୍ପୂର୍ଣ୍ଣ ନିଷିଦ୍ଧ

- କାହା ହାତକୁ ବିବାଦୀୟ ବହି ନ ଯାଉ: ସିଜେଆଇ
- ଆର୍‌ଏସ୍‌ଏସ୍ ପ୍ରେରିତ ବଦମାସି: କଂଗ୍ରେସ
- କିଏ ଦେଖୁଛନ୍ତି ଏସବୁ: ପ୍ରଧାନମନ୍ତ୍ରୀ
- ସୁପ୍ରିମକୋର୍ଟରେ ନିଃସର୍ତ୍ତ କ୍ଷମା ମାଗିଲା ସ୍କୁଲ ଶିକ୍ଷା ବିଭାଗ
- ଉତ୍ତରଦାୟିତ୍ୱ ସ୍ଥିର କରି କାର୍ଯ୍ୟାନୁଷ୍ଠାନ ନେବୁ: ଶିକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ,୨୬।୨(ପି.ଟି./ଲାଇଭ୍ ଲ)

ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଏନ୍‌ସିଇଆର୍‌ଟି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକ ସୋମବାର ପ୍ରକାଶ ପାଇବା ମାତ୍ରେ ସେଥିରେ ଥିବା ଏକ ବିଷୟକୁ ନେଇ ବଡ଼ ବିବାଦ ମୁଣ୍ଡ ଟେକିଥିଲା। ନ୍ୟାୟପାଳିକାରେ ଦୁର୍ନୀତିର ଅବତାରଣା କରି ଅଧ୍ୟାୟର ନାମ ରଖାଯାଇଥିଲା 'କରପ୍ସନ ଆଟ୍ ଭେରିଅସ୍ ଲେଭେଲ୍ସ ଅଫ୍ ଦି ଜୁଡିସିଆରି'। ଏଥିରେ ବିଭିନ୍ନ କାରଣରୁ ସୁପ୍ରିମକୋର୍ଟ ଓ ରାଜ୍ୟ ହାଇକୋର୍ଟଗୁଡ଼ିକରେ ଗଦୁଥିବା ମାମଲା ସଂଖ୍ୟା ବୃଦ୍ଧି ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଥିଲା। ବିଚାରପତିଙ୍କ ଅଭାବ, ଜଟିଳ ଆଇନଗତ ପ୍ରକ୍ରିୟା ଏବଂ ଦୁର୍ବଳ ଭିତ୍ତିଭୂମି ଭଳି ଆହ୍ୱାନ ଦେଇ ନ୍ୟାୟପାଳିକା ଗତି କରୁଥିବାରୁ ଭାରତର ସୁପ୍ରିମକୋର୍ଟ ଓ ରାଜ୍ୟଗୁଡ଼ିକର ହାଇକୋର୍ଟରେ ଏଭଳି ଅଚଳାବସ୍ଥା ଉପୁଜିଥିବା ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇଥିଲା, ଯାହାକୁ ବିରୋଧୀ ଓ ବୁଦ୍ଧିଜୀବୀ ହଜମ କରିପାରି ନ ଥିଲେ। ତେବେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଅଭିଷେକ ମନୁ ସିଂଘଭି ଏଥିଯୋଗୁ ନ୍ୟାୟପାଳିକାର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଥିବା ଦର୍ଶାଇ ଏହା ଉପରେ ଜରୁରୀ ଶୁଣାଣି କରାଯାଉ ବୋଲି ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ। ସୁପ୍ରିମକୋର୍ଟ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ସଂଜ୍ଞାନକୁ ନେଇ ବୁଧବାର ନିଜ ଆଡୁ ଶୁଣାଣି କରିଥିଲେ। ସିଜେଆଇ ସୂର୍ଯ୍ୟ କାନ୍ତ ଏହା ପଛରେ ଏକ ଗଭୀର ଷଡ଼ଯନ୍ତ୍ର ଥିବା କହି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଏବଂ ଭିପୁଲ ଏମ୍. ପାଞ୍ଚୋଲିଙ୍କୁ ☞ପୃଷ୍ଠା-୪

# ଆଜିଠାରୁ କମନ୍ ପିଜି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ

ଭୁବନେଶ୍ୱର,୨୬।୨(ସୁଚିସ୍ମିତା ସାହୁ)

ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ସ୍ନାତକୋତ୍ତର (ପିଜି) ନାମଲେଖା ପ୍ରକ୍ରିୟା ଶୀଘ୍ର ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ବିଭିନ୍ନ ପିଜି ପାଠ୍ୟକ୍ରମରେ ନାମ ଲେଖାଇବାକୁ ଛାତ୍ରୀଛାତ୍ରଙ୍କୁ କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ପରୀକ୍ଷା ଦେବାକୁ ପଡ଼ିବ। ଏହି ପ୍ରବେଶିକା ପରୀକ୍ଷା ପାଇଁ ଶୁକ୍ରବାରଠାରୁ ଆବେଦନ ଆରମ୍ଭ ହୋଇଛି। ଛାତ୍ରୀଛାତ୍ର ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ କମନ ଆପ୍ଲିକେଶନ ଫର୍ମ ପୂରଣ କରି ଆବେଦନ କରିପାରିବେ। ଏପ୍ରିଲ ୨୭ରୁ ମେ' ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ନାତକୋତ୍ତର ବିଷୟ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସିପିଇଟି ମାର୍କ ଆଧାରରେ ହିଁ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ। ଏଥିସହ ଜୁଲାଇ ୧୦ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଫଳରେ ଠିକ୍ ସମୟରେ ସ୍ନାତକୋତ୍ତର ପାଠପଢ଼ା ଶେଷ ହେବା ସହ ପରୀକ୍ଷା ଫଳ ଘୋଷଣା କରାଯାଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଧାନ ବିକ୍ରି ଯନ୍ତ୍ରଣା: ଆଖିବୁଜିଲେ ଚାଷୀ

**ଜାନୁଆରୀ ୧୬ରେ ଆସିଥିଲା ଟୋକନ, ଫେବୃଆରୀ ୨୫ରେ ଦେଲେ ଧାନ**



ମୃତ ତ୍ରିଲୋଚନ ନାୟକ

କେନ୍ଦ୍ରାପଡ଼ା/ରାଜନଗର,୨୬।୨ (ଜଗନ୍ନାଥ ଧଳ/ଭାସ୍କର ରାଉତରାୟ)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଜୁଣଗଡ଼ି ଗାଁରେ ମଣ୍ଡି ଓ ମିଲରଙ୍କ ନିର୍ଯ୍ୟାତନା ସହି ନ ପାରି ଜଣେ ଚାଷୀ ଆଖିବୁଜିଛନ୍ତି। ସେ ହେଲେ ତ୍ରିଲୋଚନ ନାୟକ(୫୩)। ୪୦ ଦିନ କାଳ ମଣ୍ଡିକୁ ଦୌଡି ଦୌଡି ଅଣନିଃଶ୍ୱାସୀ ହୋଇ ପଡିଥିବା ତ୍ରିଲୋଚନ ଶେଷରେ ଆଖି ବୁଜିଥିବା ତାଙ୍କ ଭାଇ ଅଭିଯୋଗ ଆଣିଛନ୍ତି। ୩ ଦିନ କାଳ ମିଲ୍ ଆଗରେ ଖୋଲା ଆକାଶ ତଳେ ଅଖିଆ ଅପିଆ ପଡ଼ିରହି ସେ ଅସୁସ୍ଥ ହୋଇପଡ଼ିଥିଲେ। ତ୍ରିଲୋଚନଙ୍କର ଜାନୁଆରୀ ୧୬ରେ ଧାନ ଦେବାକୁ ମେସେଜ ଆସିଥିଲା। ଫେବୃଆରୀ ୧୫ ଧାନ ଦେବାର ଶେଷ ତାରିଖ ଥିଲା। ସେ ଜାନୁଆରୀ ୧୬ ତାରିଖଠାରୁ ଈଶ୍ୱରପୁରସ୍ଥିତ ଡାଙ୍ଗମାଳ ସେବା ସମବାୟ ସମିତି ମଣ୍ଡିକୁ ବାରମ୍ବାର ଦୌଡି ଥକି ପଡିଥିଲେ ବି ଧାନ ଦେଇପାରି ନ ଥିଲେ। ଟୋକନ୍ ଅବଧି ସରିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୪ ଫେବୃଆରୀରେ ସେ ଧାନ ଦେଇ ନ ଥିଲେ ମଧ୍ୟ ତାଙ୍କର ଆଖି ସ୍କାନ କରାଯାଇଥିଲା। ଫେବୃଆରୀ ୨୩ରେ ସେ ଓ ତାଙ୍କ ଭାଇ ଦୁର୍ଯ୍ୟୋଧନ ଧାନ ନେଇ ନୁଆଗାଁସ୍ଥିତ ରାମଚଣ୍ଡୀ ମିଲ୍‌କୁ ଯାଇଥିଲେ। ସେଠାରେ ୨୩ରୁ ୨୫ ତାରିଖ ସନ୍ଧ୍ୟା ଯାଏ ପ୍ରାୟତଃ ଅଖିଆ ଅପିଆ ତ୍ରିଲୋଚନ ଓ ଦୁର୍ଯ୍ୟୋଧନ ପଡ଼ି ରହିଥିଲେ। ଖୋଲା ଆକାଶ ତଳେ ୩ ଦିନ ରହିବା ଯୋଗୁ ତ୍ରିଲୋଚନ ଅସୁସ୍ଥ ଅନୁଭବ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସୁରକ୍ଷାର କବଚ ବିକାଶ

# ନାମାଙ୍କନ ଭରିଲେ ହାଇଦ୍ରାବାଦର ସାୟାନା

## ରାଜ୍ୟ ସଭା ନିର୍ବାଚନ: ଜାରି ହେଲା ବିଜ୍ଞପ୍ତି

- ବିଜେଡି ତରଫରୁ ୬ ସେଟ୍ ଫର୍ମ ନେଲେ ଏମ୍‌ପି ସସ୍ମିତ ପାତ୍ର
- ଭାଜପା କହିଲା ୨ ଦିନ ଭିତରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା
- ପିଏସି ବୈଠକରେ ନବୀନଙ୍କୁ ପ୍ରାର୍ଥୀ ଚୟନ ଦାୟିତ୍ୱ ଦେଲେ ନେତା
- ହାଇକମାଣ୍ଡଙ୍କ ସହ ଆଲୋଚନା ପରେ ୨୮ରେ କଂଗ୍ରେସର ଚୂଡ଼ାନ୍ତ ନିଷ୍ପତ୍ତି

ଭୁବନେଶ୍ୱର,୨୬।୨(ସୁନିତ୍ ମିଶ୍ର)

ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ଆସନ୍ତା ମାର୍ଚ୍ଚ ୧୬ରେ ନିର୍ବାଚନ ହେବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପାଇବାର ପ୍ରଥମ ଦିନ ହିଁ ଜଣେ ପ୍ରାର୍ଥୀ ନାମାଙ୍କନ କରିଛନ୍ତି। ତେଲଙ୍ଗାନା ହାଇଦ୍ରାବାଦର କାନ୍ତେ ସାୟାନା ମନୋନୟନ ପତ୍ର ନେଇ ନାମାଙ୍କନ କରିଛନ୍ତି। ସେ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ତାଙ୍କର କେହି ପ୍ରସ୍ତାବକ ନ ଥିବା ଜଣାପଡ଼ିଛି। ନିୟମାନୁଯାୟୀ ଯିଏ ପ୍ରାର୍ଥୀ ହେବେ, ତାଙ୍କର ୧୦ ଜଣ ପ୍ରସ୍ତାବକ ରହିବା ଜରୁରୀ। ବିଧାୟକମାନେ ହିଁ କେବଳ ପ୍ରସ୍ତାବକ ହୋଇପାରିବେ। ତେଣୁ ସେହି ଦୃଷ୍ଟିରୁ ଦେଖିଲେ କାନ୍ତେ ସାୟାନାଙ୍କ ମନୋନୟନ ପତ୍ର ଯାଞ୍ଚ ସମୟରେ କଟିଯିବ ବୋଲି ନିର୍ବାଚନ ଦାୟିତ୍ୱରେ ରହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ହାଇଦ୍ରାବାଦ୍‌ର ଜଣେ କାହିଁକି ଓଡ଼ିଶା ରାଜ୍ୟ ସଭା ପଦ ପାଇଁ ଓଡ଼ିଶାରେ ନାମାଙ୍କନ ଦାଖଲକଲେ ତାହା ବିଧାନସଭା ସଚିବାଳୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଅନ୍ୟପଟେ ବିଜେଡିର ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ତାଙ୍କ ଦଳ ତରଫରୁ ୬ ସେଟ୍ ମନୋନୟନ ପତ୍ର ନେଇଛନ୍ତି।

ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶାରୁ ରାଜ୍ୟ ସଭାକୁ ଯାଇଥିବା ମମତା ମହାନ୍ତ, ସୁଜିତ କୁମାର, ମୁଜିବୁଲ୍ଲା ଖାନ ଏବଂ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୨ରେ ଶେଷ ହେଉଛି। ଏହି ନିର୍ବାଚନ ପରିଚାଳନା କରିବା ଲାଗି ବିଧାନସଭା ସଚିବ ସତ୍ୟବ୍ରତ ରାଉତ ରିଟର୍ଣ୍ଣିଂ ଅଧିକାରୀ ରହିଛନ୍ତି। ସେହିପରି ବିଧାନସଭାର ଯୁଗ୍ମ ସଚିବ ବିଦ୍ୟାଧର ମାଝୀ ସହାୟକ ରିଟର୍ଣ୍ଣିଂ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି ୪ ଆସନ ଲାଗି ପ୍ରାର୍ଥୀମାନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ମନୋନୟନପତ୍ର ନେଇପାରିବେ। ଏହି ସମୟ ଭିତରେ ପ୍ରାର୍ଥୀ ନିଜେ କିମ୍ବା ସେମାନଙ୍କ ପ୍ରସ୍ତାବକଙ୍କ ଜରିଆରେ ବିଧାନସଭାର ସମ୍ମିଳନୀ କକ୍ଷଠାରେ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ମନୋନୟନ ପତ୍ର ଦାଖଲ କରିପାରିବେ। ଏହି ସମୟ ସୁଦ୍ଧା ଯଦି ସରକାରୀ ଛୁଟି କେଉଁଦିନ ପଡ଼ିବ ସେଦିନ ଉକ୍ତ କାର୍ଯ୍ୟକ୍ରମ ବନ୍ଦ ରହିବ। ଆସନ୍ତା ୬ ତାରିଖରେ ମନୋନୟନ ପତ୍ର ଯାଞ୍ଚ ହେବ। ସେହିପରି ମାର୍ଚ୍ଚ ୯ରେ ମନୋନୟନପତ୍ର ଯିଏ ପ୍ରତ୍ୟାହାର କରିବାକୁ ଚାହିଁବେ ନିଜେ ପ୍ରାର୍ଥୀ କିମ୍ବା ତାଙ୍କ ସମର୍ଥକ ବା ଏଜେଣ୍ଟ ଅପରାହ୍ନ ୩ଟା ସୁଦ୍ଧା ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ନୋଟିସ ଦେଇପାରିବେ। ☞ପୃଷ୍ଠା-୪



# ବିବାହ ବନ୍ଧନରେ ବାନ୍ଧିହେଲେ ବିଜୟ-ରଶ୍ମିକା

ଉଦୟପୁର,୨୬।୨

ଅପେକ୍ଷାର ହେଲା ଅନ୍ତ। ଦୀର୍ଘଦିନର ଚର୍ଚ୍ଚା ଓ ପ୍ରତୀକ୍ଷାରେ ପୂର୍ଣ୍ଣଚ୍ଛେଦ ପକାଇ ଶେଷରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ସାଉଥ ସୁପରଷ୍ଟାର୍ ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମନ୍ଦାନା। ଗୁରୁବାର ଏହି ଷ୍ଟାର୍ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିବା ବେଳେ ସୋସିଆଲ ମିଡିଆରେ ସେମାନଙ୍କର ପ୍ରଥମ ଫଟୋ ସାମ୍ନାକୁ ଆସିଛି।

ବିଜୟ ଏବଂ ରଶ୍ମିକାଙ୍କ ବିବାହ ଥରେ ନୁହେଁ, ବରଂ ଦୁଇଥର ହୋଇଛି। ପ୍ରଥମେ ତେଲୁଗୁ ରୀତିନୀତି ଅନୁଯାୟୀ ବିବାହ ହୋଇଥିଲା। ପରେ ରଶ୍ମିକାଙ୍କ ପରିବାରର କୋଡଭା ସମ୍ପ୍ରଦାୟର ପରମ୍ପରା ଅନୁସାରେ ଦ୍ୱିତୀୟ ଥର ବିବାହ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି।

ବିଗତ ଦିନରେ ନିଜ ସମ୍ପର୍କକୁ ନେଇ କେବେ ବି ସାର୍ବଜନୀନ ଭାବେ ମୁହଁ ଖୋଲି ନ ଥିବା ଏହି ଯୋଡ଼ି ବିବାହ ପରେ ପରସ୍ପର ପାଇଁ ଲମ୍ବା ପୋଷ୍ଟ ଲେଖିଛନ୍ତି। ରଶ୍ମିକା ଲେଖିଛନ୍ତି, "ମୋ ସ୍ୱାମୀ ମିଷ୍ଟର ବିଜୟ ଦେବରକୋଣ୍ଡାଙ୍କୁ ଭେଟନ୍ତୁ। ସେ ହେଉଛନ୍ତି ☞ପୃଷ୍ଠା-୪


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

## ସଂକ୍ଷେପରେ

### ସାଇବର ଠକେଇ, ପୁଣି ଜଣେ ଅଭିଯୁକ୍ତ ଗିରଫ



**ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ପୋଲିସ ସାଇବର ଠକେଇ ପାଇଁ ଚାଲିଥିବା ଅପରେଶନ କବଚକୁ ଜୋରଦାର କରିଛି। ବୁଧବାର ଜିଲା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରଥିଲା। ଗୁରୁବାର ଜିଲାର ଭଟଲି ଥାନା ପୋଲିସ ଏଭଳି ଅଭିଯୋଗରେ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବରଗଡ଼ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବରଗଡ଼ ଜିଲା କାରାଗାର ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ ବରଗଡ଼ ସଦର ଥାନା ଅନ୍ତର୍ଗତ ନୂଆଗଡ଼ର ଚନ୍ଦ୍ରକାନ୍ତ ସାହୁ(୩୫)। ତାଙ୍କ ବିରୋଧରେ ଭଟଲି ଥାନାରେ ଏକ ମାମଲା(ନଂ-୫୩/୨୬) ରୁଜୁ ହୋଇଛି। ଅଭିଯୁକ୍ତ ଚନ୍ଦ୍ରକାନ୍ତ ଅନ୍ୟ ଲୋକଙ୍କ ନାମରେ ଆକାଉଣ୍ଟ ଖୋଲି ଟଙ୍କା ଠକେଇ କରି ଚାଲିଥିଲେ। ତେବେ ଏଭଳି ଠକେଇ ନେଇ ପୋଲିସ ପକ୍ଷରୁ ଚାଲିଥିବା ଅପରେଶନ କବଚ ଜାଲରେ ସେ ପଡ଼ିଛନ୍ତି। ତାଙ୍କ ପାଖରୁ ବିଭିନ୍ନ ବ୍ୟାଙ୍କର ଡେବିଟ୍ କାର୍ଡ, ଚେକ୍‌ବୁକ୍ ଜବତ ହୋଇଥିବା ପୋଲିସ ସୂଚନା ଦେଇଛି।

### ନବୋଦୟ ସ୍କୁଲରେ ପ୍ରେରଣା ପ୍ରତିଯୋଗିତା

**ବଘିଆପଡା,୨୬।୨(ଶ୍ରୀକାନ୍ତ କୁମାର ସାହୁ):** ବୌଦ୍ଧ ଜିଲା ପାଲଝାରଠାରେ ଥିବା ଜବାହାର ନବୋଦୟ ବିଦ୍ୟାଳୟରେ ଗୁରୁବାର ପ୍ରେରଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମଦେବ ପ୍ରସାଦ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଜିଲାର ୧୭ଟି ବିଦ୍ୟାଳୟର ୩୩ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଖଡ଼ିଆଲ,୨୬।୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲ ମୁକ୍ତାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସାହିନା ପରଭିନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କମିଟି ସଭାପତି ତୁଳା ହଂସଙ୍କ ବିୟୋଗରେ ନୀରବ ପ୍ରାର୍ଥନା ପରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଇଓ କାହ୍ନୁଚରଣ ନାୟକ ମୁଖ୍ୟ ଅତିଥି, ମେଜର ଡ. ରାମଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ଦେବରାଜ ମହାପାତ୍ର, ଧନୁର୍ଜୟ କରୁଆଁ, ସିଆରସିସି ଅରୁଣ କୁମାର ନାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଉଚ୍ଚକୋଟିର ନୃତ୍ୟ ଗ୍ରାମବାସୀଙ୍କୁ ମୁଗ୍ଧକରିଥିଲା।

# ପୋଲରେ ଝୁଲିଲା ଯାତ୍ରୀବାହୀ ବସ୍, ବର୍ତ୍ତିଲେ ଯାତ୍ରୀ

**ଅତାବିରା/ଗୋଡ଼ଭଗା, ୨୬।୨ (ଯୁଧିଷ୍ଠିର ମହାପାତ୍ର/ ସୁରେଶ ଦାଶ)**



ଦୁର୍ଘଟଣା ଗ୍ରସ୍ତ ବସ ପୋଲରେ ଝୁଲୁଛି।



ଦୁର୍ଘଟଣା ପରେ ଯାତ୍ରୀମାନଙ୍କୁ ଡ୍ରାଇଭର କବାଟ ଦେଇ ଉଦ୍ଧାର କରାଯାଉଛି।

ସମ୍ବଲପୁର ବରଗଡ଼ ୫୩ନଂ ଜାତୀୟ ରାଜପଥର ଅତାବିରାରେ ଗୁରୁବାର ଏକ ବସ ଦୁର୍ଘଟଣା ଘଟିଛି। ସକାଳ ୮ଟାରେ ବଣ୍ଟି ନାମକ ଏକ ଘରୋଇ ବସ ସମ୍ବଲପୁରରୁ ବରଗଡ଼ ପଟକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦମଦମା ପୋଲରେ ଚଢ଼ିଯାଇ ଝୁଲି ପଡ଼ିଥିଲା। ଏହି ଦୁର୍ଘଟଣାରେ ଯାତ୍ରୀମାନେ ବର୍ତ୍ତୀ ଯାଇଥିବା ବେଳେ ଅତାବିରା ପୋଲିସ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ମେଡିକାଲ ପଠାଇଥିଲା।

ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁଯାୟୀ, ଉକ୍ତ ବସ୍ (ବସ ନମ୍ବର - ଓଆର ୧୭ଏଫ /୯୯୬୧) ଯାଉଥିବା ବେଳେ ଭାରସାମ୍ୟ ହରାଇ ଅତାବିରା ଶ୍ମଶାନ ଘାଟ ପାଖରେ ଥିବା ଦମଦମା ନଦୀର ପୋଲ ଉପରକୁ ଚଢ଼ିଯାଇ ଅଧା ଝୁଲା ଅବସ୍ଥାରେ ଅଟକି ଯାଇଥିଲା। ଫଳରେ ଯାତ୍ରୀମାନେ ଜୀବନ ରକ୍ଷା କରିବାକୁ ଜୋରରେ ଚିତ୍କାର କରିଥିଲେ। ସ୍ଥାନୀୟ ଗ୍ରାମବାସୀ, ଅଶୋକା ଟୋଲ ପ୍ଲାଜା ଉଦ୍ଧାରକାରୀ ଦଳ ଏବଂ ପୋଲିସ ପକ୍ଷରୁ ଯାତ୍ରୀମାନଙ୍କୁ ଡ୍ରାଇଭର କବାଟ ଦେଇ ଉଦ୍ଧାର କରାଯାଇଥିଲା । ଏହି ଦୁର୍ଘଟଣାରେ ଆହତମାନଙ୍କୁ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଛି। ସେମାନେ ହେଲେ ସୁଭାଷିନୀ ସେଠ (୬୫), ଉତ୍କର୍ଷ ପ୍ରଧାନ (୧୫), କୁଳବତୀ ମେହେର (୩୫), ଅଲେଖ ସାହୁ (୭୦), ଅଇଁଲା ସାହୁ (୬୦), ସୀତାରାମ ସାହୁ (୪୫), ଚନ୍ଦ୍ରମଣି ଭୁଏ (୩୫), ଚୁମକି ସୁନା (୩୬), ପ୍ରଦୀପ ସୁନା (୩୭), ମନୀଷା ରଣା (୨୩), ବସ କଣ୍ଡକ୍ଟର ଦେବାନନ୍ଦ ଠେଠୁଆ (୫୩), ନାରଙ୍ଗ ରଣା (୬୦), ତନୟା ସୁନା (୫୦), ଦାରାସିଂ ସୁନା (୫୨)। ପ୍ରାଣ ବିକଳରେ କେତେକ ଆହତ ଯାତ୍ରୀ ନିଜ ବ୍ୟବସ୍ଥାରେ ଅନ୍ୟ ଘରୋଇ ଡାକ୍ତରଖାନାକୁ ସିଧାସଳଖ ଯାଇଛନ୍ତି। ଫଳରେ ଯାତାୟାତ ସ୍ୱାଭାବିକ ହୋଇଛି। ଅତାବିରା ଥାନା ପୋଲିସ ବସକୁ ଜବତ କରିଛି। ଏ ନେଇ ଏକ ମାମଲା ନଂ. ୮୩/୨୬ ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଅତାବିରା ଆଇଆଇସି ପ୍ରକାଶ କର୍ଣ୍ଣ ସୂଚନା ଦେଇଛନ୍ତି।

# ଆଶାକର୍ମୀ, ଗାଁ କଲ୍ୟାଣୀ ସମିତି ସମ୍ମିଳନୀ



ଆଶାକର୍ମୀ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି।

**ବୌଦ୍ଧ, ୨୬।୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସ୍ଥାନୀୟ ଟାଉନହଲଠାରେ ଜିଲାସ୍ତରୀୟ ଆଶା କର୍ମୀ, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ମହେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଂଘମିତ୍ରା ପଣ୍ଡା, ଡ. ସନ୍ତୋଷ କୁମାର ତ୍ରିପାଠୀ, ଡ. ଅମିତାଭ ଦାସ ପ୍ରମୁଖ ଯୋଗଦେଇଥିଲେ। ଆଶା କର୍ମୀମାନଙ୍କ ଦ୍ୱାରା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଲୋକମାନେ ପାଇ ପାରୁଥିବା ନେଇ ଅତିଥିମାନେ ମତ ବ୍ୟକ୍ତ କରିଥିବା ବେଳେ ଆଶାକର୍ମୀଙ୍କ ଯୋଗୁ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିପାରୁଛି। ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୪ଜଣ ଆଶାକର୍ମୀ, ୩ ଗାଁ କଲ୍ୟାଣ ସମିତି, ୫ ମହିଳା ଆରୋଗ୍ୟ ଓ ୩ ଉପକେନ୍ଦ୍ର ଜନ ଆରୋଗ୍ୟ ସମିତିକୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବହୁ ସଂଖ୍ୟାରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା କାର୍ଯ୍ୟକ୍ରମ ପରିଚାଳକ ଗିରିଜା ପ୍ରସାଦ ମିଶ୍ର ପରିଚାଳନା କରିଥିଲେ।

# ପ୍ରବୋଧନ ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ

**ପାଇକମାଲ,୨୬।୨(ବଡ଼ ଶତପଥୀ)**



ଶିବିରରେ ଉପସ୍ଥିତ ଶିକ୍ଷକମାନେ।

ପାଇକମାଲ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷାଧିକାରୀ ଶୁଭମ କୁମାର ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ପ୍ରବୋଧନ ଶିକ୍ଷକ ତାଲିମ ଶିବିର ଛଅ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ ଶିବିରରେ ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ। ଶିବିରର ମୁଖ୍ୟ ବିଷୟବସ୍ତୁ ଥିଲା ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ଅନୁସାରେ ନୂତନ ପାଠ୍ୟପୁସ୍ତକର ପରିଚାଳନା ଓ ଶିକ୍ଷାଦାନ ପ୍ରଣାଳୀର ସୁଦୃଢ଼ୀକରଣ। ଏଥିରେ ପଞ୍ଚକୋଷ ବିକାଶ ଆଧାରିତ ସମଗ୍ର ଶିକ୍ଷା ମାଧ୍ୟମରେ ଶିଶୁଙ୍କ ସମ୍ପୂର୍ଣ୍ଣ ବିକାଶ ପ୍ରସଙ୍ଗରେ ପ୍ରଶିକ୍ଷକ ଭାବେ ନିରାକାର ପ୍ରଧାନ, ଟେକରାଜ ପଟେଲ, ମାଧବ କୁମାର ସାହୁ, ବିକ୍ରମ କେଶରୀ ପଟେଲ ବ୍ୟାଖ୍ୟା କରିଥିଲେ। ପଞ୍ଚପଦୀ ଶିକ୍ଷଣ ପଦ୍ଧତି, ଭାଷା, କଳା, ଗଣିତ, ବିଜ୍ଞାନ, ଶାରୀରିକ ଶିକ୍ଷା, ସାମାଜିକ ପାଠ ଓ ବୃତ୍ତିଗତ ଶିକ୍ଷା ଭଳି ବିଷୟରେ ଅନୁଭବ ଆଧାରିତ ଓ କ୍ରିୟାତ୍ମକ ଶିକ୍ଷାଦାନ ପ୍ରଣାଳୀ ବିଷୟରେ ଶିକ୍ଷକମାନେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଅବସରରେ ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ବାରିକ ମୁଖ୍ୟ ଅତିଥି ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଡୋଳାମଣି ମାହାର ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଶିକ୍ଷକମାନଙ୍କୁ ନବୀନ ଶିକ୍ଷା ପ୍ରଣାଳୀକୁ ଶ୍ରେଣୀକକ୍ଷରେ କାର୍ଯ୍ୟକାରୀ କରି ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବାକୁ ଆହ୍ୱାନ କରିଥିଲେ। ଅତିରିକ୍ତ ସହ ଶିକ୍ଷା ଅଧିକାରୀ ଚକାମନ ସୁନା, ଦୁବରାଜ ବେସରା ତାଲିମ ପରିଚାଳନାକୁ ନିରୀକ୍ଷଣ କରୁଥିଲେ। ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଶିବିରର ସଫଳ ଉଦ୍‌ଯାପନ ଘୋଷଣା କରାଯାଇଥିଲା। ସମସ୍ତ ପର୍ଯ୍ୟାୟରେ ମୋଟ ୪୫୫ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରିଥିବା ବେଳେ ପ୍ରଶିକ୍ଷକ ଭାବେ ସୁଶାନ୍ତ କୁମାର ବରିହା, ରାମନାଥ ବାଗ, ଡେଜଲିଙ୍ଗ ଦନ୍ତା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

# ବିଦ୍ୟାଳୟସ୍ତରୀୟ ଗଣିତ ଚକ୍ର ଓ ପ୍ରଦର୍ଶନୀ

**ଖଡ଼ିଆଲ,୨୬।୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ପିଏମ୍‌ଶ୍ରୀ ରାଜା ଆର୍ତ୍ତତ୍ରାଣ ଐତିହ୍ୟ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଗଣିତ ଚକ୍ର ଓ ପ୍ରଦର୍ଶନୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଅଶୋକ କୁମାର ବେହେରା, ଗୌରାଙ୍ଗ କୁମାର ସାହୁ ଓ ପ୍ରଭୁଦତ୍ତ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବୃତ୍ତର ପରିଧି ନିର୍ଣ୍ଣୟ, ଗାଣିତିକ, ଜ୍ୟାମିତି ଓ ତ୍ରିକୋଣମିତି କୌଶଳକୁ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏଥିରେ ଛାତ୍ର ଜାହିଦ ଖାନ, ନାନେଶ ଧୀବର, କାର୍ତ୍ତିକ ତାଣ୍ଡି, ହିତେଶ ସାହୁ, ରାଜବୀର ବହିଦାର, କ୍ରିଷ୍ଣା ଶବର, ସୁମିତ ରଣା, ମାମାଲି ପଟେଲ, ସୋନମ ପରବିନ କୃତିତ୍ୱ ହାସଲ କରିଥିଲେ।

# ନୃସିଂହନାଥ ଗନ୍ଧମାର୍ଦ୍ଦନ ବିକାଶ ପରିଷଦ ଗଠିତ



ବୈଠକରେ ଗନ୍ଧମାର୍ଦ୍ଦନର ବିକାଶ ପାଇଁ ଆଲୋଚନା କରାଯାଉଛି।

**ପାଇକମାଲ,୨୬।୨(ବଡ଼ ଶତପଥୀ)**

ପାଇକମାଲ ବ୍ଲକ ପବିତ୍ର ନୃସିଂହନାଥ ଯାତ୍ରୀ ନିବାସ ପରିସରରେ ଗନ୍ଧମାର୍ଦ୍ଦନ ବିକାଶ ପରିଷଦ ଗୁରୁବାର ଗଠନ ହୋଇଯାଇଛି। ଏ ନେଇ ଅନୁଷ୍ଠିତ ବୈଠକରେ ସଂଗ୍ରାମୀ ସଞ୍ଜୟ ବହିଦାର ସଭାପତିତ୍ୱ କରିଥିବା ବେଳେ ସଂଗ୍ରାମୀ ରାଜକୁମାର ସେଠଙ୍କ ଆହ୍ୱାନକ୍ରମେ ଅନେକ ସଂଗ୍ରାମୀମାନେ ଯୋଗଦାନ କରିଥିଲେ। ସେମାନେ ସମସ୍ତେ ଗନ୍ଧମାର୍ଦ୍ଦନର ବିକାଶ ପାଇଁ ଶପଥ ନେଇ ଆଗାମୀ ଦିନରେ ଗନ୍ଧମାର୍ଦ୍ଦନ ପର୍ବତ ଅଞ୍ଚଳର ବିକାଶ ପାଇଁ ସରକାରଙ୍କଠାରେ ଜଣାଇ ହକ ପାଇଁ ଅହରହ ସଂଗ୍ରାମ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ସର୍ବସମ୍ମତି କ୍ରମେ ବିକାଶ ପରିଷଦ କେନ୍ଦ୍ରୀୟ ଆବାହକ ଭାବେ ରାଜକୁମାର ସେଠ, ଉପଦେଷ୍ଟା ଭାବେ ସଞ୍ଜୟ ବହିଦାର, ସମ୍ପାଦକ ଭାବେ ମୋହନ ଜଗତ, କାର୍ଯ୍ୟକାରୀ ସଦସ୍ୟ ଭାବେ ଧବଳେଶ୍ୱର ସାହୁ, କ୍ଷେତ୍ରୀ ଲୁହାର, ଜଳନ୍ଧର ତାଣ୍ଡି, ସୁଶୀଲ ନାୟକ, କୁଶଧ୍ୱଜ ମାଝୀ, ଶଶିକାନ୍ତ ଧରୁଆ, ସୁବାସ ଧରୁଆ, ମକାରୁ ଛତର, ଅନୁପ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ସମସ୍ତଙ୍କୁ ସୁଶୀଲ ନାୟକ ଧନ୍ୟବାଦ ଦେଇଥିଲେ।

# ବିକାଶରେ ସ୍ପୋର୍ଟସ୍ କାର୍ନିଭାଲ୍

**ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ)**



ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନଙ୍କ ଗହଣରେ କୃତୀ ଖେଳାଳିବୃନ୍ଦ।

ବରଗଡ଼ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସରେ ମଙ୍ଗଳବାର ସ୍ପୋର୍ଟସ୍ କାର୍ନିଭାଲ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ୫ଦିବସୀୟ କ୍ରୀଡ଼ା ମହୋତ୍ସବରେ ଯଦୁମଣି ଶେଖର ବଚ୍ଛା ସ୍ମାରକୀ ଆନ୍ତଃ ଛାତ୍ରାବାସ କ୍ରିକେଟ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ୬ଦଳ ତଥା ରୟାଲ ହଣ୍ଟର୍ସ, ବ୍ଲାକ ପାନ୍ଥର୍, ଟର୍ଚର୍ସ ଇଲେଭେନ୍ସ, ଗୋଲଡେନ ଷ୍ଟାର, ଏଲାଇଟ୍ ଇଲେଭେନ୍, ଇଲେଭେନ ଷ୍ଟାର ପ୍ରମୁଖ ଦଳ ଅଂଶଗ୍ରହଣ କରିଥିଲେ। ଉକ୍ତ ଅନୁଷ୍ଠାନର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଅଜୟ କୁମାର ମହାପାତ୍ର ଏବଂ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରୟାଲ ହଣ୍ଟର୍ସ ଏବଂ ଗୋଲଡେନ ଷ୍ଟାର୍ସ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲରେ ରୟାଲ ହଣ୍ଟର୍ସ ଚାମ୍ପିୟନ ହୋଇଥିଲା। ଚେୟାରମ୍ୟାନ ରାଓ ଚାମ୍ପିୟନ, ରନର୍ସ ଅପ୍ ଏବଂ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଏହି ଅବସରରେ ହୋଇଥିବା ବ୍ୟାଡ଼ମିଣ୍ଟନ(ମହିଳା)ରେ ଅନମେଲ ମହାନନ୍ଦ, ବାସନ୍ତୀ ଦାସ ଏବଂ ବ୍ୟାଡ଼ମିଣ୍ଟନ(ପୁରୁଷ)ରେ ଶୁଭମ ପ୍ରଧାନ, ସୌମ୍ୟଜିତ ସାହୁ ଚାମ୍ପିୟନ ହୋଇଥିଲେ। ଅନୁରୂପଭାବେ କ୍ୟାରମ(ମହିଳା)ରେ ଅର୍ପିତା ପ୍ରଧାନ, ତୁଳିକା ସାହୁ ଏବଂ କ୍ୟାରମ(ପୁରୁଷ)ରେ ଶୁଭମ ଛତ୍ରିୟା, ପପୁନ ଦଣ୍ଡସେନା ଚାମ୍ପିୟନ ହୋଇଥିଲେ। ଭଲିବଲ ପ୍ରତିଯୋଗିତାରେ ବି-ବ୍ଲକ ସ୍ମାଇକର୍ସ ଚାମ୍ପିୟନ ହୋଇଥିବାବେଳେ ମହିଳା ଚେସ୍‌ରେ ପାୟଲ ମେହେର ଚାମ୍ପିୟନ ହୋଇଥିଲେ। ସ୍ପୋର୍ଟସ୍ କମିଟି ସଦସ୍ୟ ଡଃ ବିକ୍ରମ ଦାସ, ଡଃ ଦିଲ୍ଲୀପ ଖମାରୀ, ଡଃ ଚନ୍ଦ୍ରଶେଖର ମିଶ୍ର, ଛାତ୍ର କଲ୍ୟାଣ ଡିନ୍ ଆର.ଏସ.ଭି କ୍ରୀଷ୍ଣାଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାଧ୍ୟାପକ ଆଦିତ୍ୟ ପ୍ରଧାନ, ଶିବାନନ୍ଦ ସାହୁ, ଅବଦୁଲ ଫରିଦ୍ ଖାନ୍ ପ୍ରମୁଖ ସହଯୋଗ କରିଥିଲେ।

# ପାଇକମାଳରେ ବୃକ୍ଷ ରୋପଣ

**ପାଇକମାଲ,୨୬।୨(ବଡ଼ ଶତପଥୀ)**

ପାଇକମାଲସ୍ଥିତ ଶକ୍ତିନଗର ଉପ୍ରା ବିଦ୍ୟାଳୟରେ ଜବାହର ନବୋଦୟ ବିଦ୍ୟାଳୟ ପାଇକମାଳର ସ୍ନାତକୋତ୍ତର ଭୂଗୋଳ ଶିକ୍ଷକ ଡ. ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଉଛି। ଏହି ଅବସରରେ ସାମ୍ବାଦିକ ପ୍ରକୃତି ବନ୍ଧୁ ବଡ଼ ଶତପଥୀ, ସୁରଥ ସାହୁ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲମ୍ବୋଦର ଭୋଇ ଓ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରମାନେ ଆଗ୍ରହର ସହ ଯୋଗଦାନ କରିଥିଲେ। ପାଇକମାଲ ଜଙ୍ଗଲ ବିଭାଗ କର୍ମଚାରୀ ଓ ଅନ୍ୟପ୍ରକୃତି ପ୍ରେମୀ ବ୍ୟକ୍ତିମାନେ ସହଯୋଗ କରିଥିଲେ।

# ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ଘଣ୍ଟାପଡ଼ା,୨୬।୨(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାର ଶ୍ରୀ ରଘୁନାଥ ନାଟ୍ୟ ସଂସଦ ପକ୍ଷରୁ ଫାଲଗୁନ ପୂର୍ଣ୍ଣିମା ଉପଲକ୍ଷେ ୨୪ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁବାର ପୂର୍ବାହ୍ନରେ ଗ୍ରାମର ଉପାସକ ଓ ଶ୍ରଦ୍ଧାଳୁ ମହିଳା ନିକଟସ୍ଥ ତେଲ ନଦୀର ସମଲେଶ୍ୱରୀ ଘାଟରେ ମା' ଗଙ୍ଗାମାତାଙ୍କୁ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ନାମଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ମଧ୍ୟରାତ୍ରରେ ଅଧିବାସ ପରେ ସକାଳୁ ମହାମନ୍ତ୍ର ନାମାରମ୍ଭ ହେବ ବୋଲି ପୂଜା କମିଟି ମ୍ୟାନେଜର ଆରତ ବାଇ ପ୍ରକାଶ କରିଛନ୍ତି। ଉକ୍ତ କଳସ ଶୋଭାଯାତ୍ରାରେ ପଣ୍ଡିତ ମନୋଜ ପାଣିଗ୍ରାହୀ ପୂଜାକାର୍ଯ୍ୟ କରିଥିବା ବେଳେ ଗ୍ରାମର ଜମିଦାର ବସନ୍ତ ମାଝୀ ଓ ପତ୍ନୀ ପୂର୍ଣ୍ଣମାସୀ ମାଝୀ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ।



ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

# ବିଚ୍ଛିନ୍ନ ପରେ ପୁଣି ସଂଯୋଗ ହେଲା ବିଦ୍ୟୁତ୍

- ବିଦ୍ୟୁତ୍ ଦେୟ ବାବଦକୁ ଚାଷୀ ଧାନ ଜମାଦେବା ଘଟଣା
- ଦିନବେଳା କାଟିଥିଲେ, ରାତିରେ ସଂଯୋଗ କଲେ

**ଭେଡ଼େନ,୨୬।୨(ହୃଷୀକେଶ ଖମାରୀ)**



ବିକ୍ରି ଅପେକ୍ଷାରେ ରହିଥିବା ସମ୍ପୃକ୍ତ ଚାଷୀଙ୍କ ଧାନ।

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ୩ମାସ ବିତି ଯାଇଛି। ମାତ୍ର ଏପର୍ଯ୍ୟନ୍ତ ଜିଲାରେ ଧାନବିକ୍ରି ସମସ୍ୟା ଅସମାହିତ ହୋଇପଡ଼ିଛି। ଅନ୍ୟପଟେ ଖରିଫ୍ ଧାନ ବିକ୍ରି କରି ପାରି ନ ଥିବାରୁ ରବି ଚାଷକାର୍ଯ୍ୟ ଚାଷୀଙ୍କ ପାଇଁ କାଠିକର ପାଠ ହୋଇପଡ଼ି ଥିବାବେଳେ ପରିବାର ଗୁଜୁରାଣ ମେଣ୍ଟାଇବା ଆହୁରି କଷ୍ଟସାଧ ହୋଇ ପଡ଼ିଛି। ଏଭଳି ସ୍ଥିତିରେ ଜିଲାର ଭେଡ଼େନ ବ୍ଲକ ଅନ୍ତର୍ଗତ କୁଶନପୁରୀ ଗ୍ରାମର ଜଣେ ଚାଷୀ ରମେଶ ମହାପାତ୍ର ବିଦ୍ୟୁତ୍ ଦେୟ ପୈଠ କରି ପାରି ନ ଥିବାରୁ ଚଳିତ ମାସ ୨୫ତାରିଖ ସୁଦ୍ଧା ତାହା ପ୍ରଦାନ କରା ନ ଗଲେ ତାଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି ବିଦ୍ୟୁତ୍ ବିଭାଗୀୟ କର୍ମଚାରୀ କହିଥିଲେ। କିନ୍ତୁ ଧାନ ବିକ୍ରି କରିପାରି ନ ଥିବାରୁ ରମେଶ ନିର୍ଦ୍ଧାରୀତ ସମୟରେ ବିଦ୍ୟୁତ୍ ଦେୟ ବାବଦକୁ ନଗଦ ଟଙ୍କା ପୈଠ କରି ପାରି ନ ଥିଲେ। ଏହା ବଦଳରେ ମଙ୍ଗଳବାର ସେ ୪ ବସ୍ତା ଧାନ ନେଇ ସ୍ଥାନୀୟ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜମା କରିଥିଲେ।

ଏହି ଘଟଣାଟି ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହାସତ୍ତ୍ୱେ ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ବିଦ୍ୟୁତ୍ ବିଭାଗୀୟ କର୍ମଚାରୀମାନେ ପହଞ୍ଚି ରମେଶଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ। କିନ୍ତୁ ପୁଣି ରାତି ପ୍ରାୟ ୯ଟା ୩୦ମିନିଟ୍‌ରେ ତାଙ୍କ ଘରକୁ ପହଞ୍ଚି ବିଦ୍ୟୁତ୍ ସଂଯୋଗ କରିଥିଲେ ବୋଲି ରମେଶ କହିଛନ୍ତି। ସେହିପରି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଜମା ଦେଇଥିବା ୪ବସ୍ତା ଧାନ ଫେରାଇ ଆଣିବାକୁ ମଧ ସମ୍ପୃକ୍ତ କର୍ମଚାରୀମାନେ କହିଥିବା ରମେଶ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି। ସେ ଗତବର୍ଷ ଡିସେମ୍ବର ୧୨ତାରିଖରେ ବିଦ୍ୟୁତ୍ ଦେୟ ବାବଦକୁ ୫ହଜାର ଟଙ୍କା ପୈଠ କରିଥିଲେ। ତେବେ ୨ମାସ ପୂରି ନାହିଁ ଏବଂ ପୁଣି ୬ହଜାର ଟଙ୍କା ଦେବାକୁ ବିଦ୍ୟୁତ ବିଭାଗୀୟ କର୍ମଚାରୀମାନେ କହିଥିଲେ। କିନ୍ତୁ ସେ ଟୋକନ ପାଇ ପାରି ନ ଥିବାରୁ ଖରିଫରେ ଅମଳ ଧାନ ବିକ୍ରି କରି ପାରି ନାହାନ୍ତି। ତାଙ୍କ ପାଖରେ ସେତେ ନଗଦ ଟଙ୍କା ନାହିଁ। ଫଳରେ ସେ ବାଧ ହୋଇ ବିଦ୍ୟୁତ୍ ଦେୟ ବାବଦକୁ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଧାନ ଜମା ଦେଇଥିଲେ ବୋଲି ରମେଶ କହିଛନ୍ତି।

ସୂଚନା ଅନୁଯାୟୀ, ରମେଶ ଏବଂ ତାଙ୍କ ଭଉଣୀ ସଂଯୁକ୍ତାଙ୍କ ନାମରେ ୮ଏକର ଚାଷଜମି ରହିଛି। ସେମାନେ ସେଥିରେ ଧାନଚାଷ କରିଥିଲେ। ସେହି ଜମିରୁ ପ୍ରାୟ ୪୦୦ ପ୍ୟାକେଟ୍ ଧାନ ଅମଳ ହୋଇଛି। ମାତ୍ର ଏପର୍ଯ୍ୟନ୍ତ ରମେଶ କିମ୍ବା ସଂଯୁକ୍ତାଙ୍କୁ ଧାନବିକ୍ରି ଟୋକନ ମିଳିପାରି ନାହିଁ। ଫଳରେ ସେମାନଙ୍କ ଅମଳ ଧାନ ଖଳାରେ ପଡ଼ି ରହି ଥିବାବେଳେ ପରିବାର ଗୁଜୁରାଣ ମେଣ୍ଟାଇବାରେ ସେମାନଙ୍କୁ ବହୁବିଧ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତେବେ ଧାନବିକ୍ରି ଟୋକନ ପାଇଁ ସେ ବରଗଡ଼ ଜିଲାପାଳ, ଅତାବିରା ବିଧାୟକଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରି ସାରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ କିଛି ସୁଫଳ ମିଳି ପାରି ନ ଥିବା ରମେଶ ଅଭିଯୋଗ କରି ତାଙ୍କ ଧାନବିକ୍ରି ଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି।

# ଡିଓ ପ୍ରଦାନରେ ସ୍ଥାନୀୟ ଟିପ୍ପର ମାଲିକଙ୍କୁ ଅଣଦେଖା

- ଜୀବିକା ହରାଉଛନ୍ତି, ଋଣ ଭାରରେ ମାନସିକ ଚାପଗ୍ରସ୍ତ ରହୁଛନ୍ତି
- ଆନ୍ଦୋଳନ ପାଇଁ ସଜବାଜ
- ସବୁ ଠିକ ଠାକ ଚାଲିଛି କହୁଛି ଆଦାନୀ ଗ୍ରୁପ

**ବଣାଇଁ,୨୬ା୨(ପ୍ରଦୀପ ତ୍ରିପାଠୀ)**


ରମେଶ ନାୟକ, ସଭାପତି ଟିପର ମାଲିକ ସଂଘ, ବରସୁଆ


ସୁଶାନ୍ତ ବିଶାଳ, ସାଧାରଣ ସମ୍ପାଦକ ଟିପର ମାଲିକ ସଂଘ, ବରସୁଆ

ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ଥାନା ଅନ୍ତର୍ଗତ ଖଣ୍ଡାଧାରସ୍ଥିତ ଓଏମ୍‌ସି ଲିମିଟେଡ଼ର କୁର୍ମିତାର ଲୌହପଥର ଖଣିରୁ ବର୍ଷ ବର୍ଷ ଧରି ଲୌହପଥର ଉତ୍ତୋଳନ ଏବଂ ପରିବହନ କରି ସ୍ଥାନୀୟ ଲୋକେ ଉପକୃତ ହୋଇ ପରିବାର ପ୍ରତିପୋଷଣ କରୁଥିଲେ। ମାଲିକମାନେ ମଧ୍ୟ ଜୀବିକା ନିର୍ବାହ କରିଆସୁଥିଲେ। ୨୦୨୫ ନଭେମ୍ବର ଠାରୁ କେଆଇଓଏମ୍‌ଏଲ୍ (ଆଦାନୀ ଏଣ୍ଟରପ୍ରାଇଜେସ୍) ଅନୁପ୍ରବେଶ କରିବା ପରେ ପୁରୁଣା ପରିବହନ ସଂସ୍ଥାକୁ ଅଣଦେଖା କରି ୪ଟି ନୂତନ ପରିବହନକାରୀ ସଂସ୍ଥା ସନ୍‌ଶାଇନ ଟ୍ରାନ୍ସପୋର୍ଟ, ବରୁଆ ଟ୍ରାନ୍ସପୋର୍ଟ, ଓରାମ ଟ୍ରାନ୍ସପୋର୍ଟ, ଇଷ୍ଟର୍ନ ମିଡିଆ ଟ୍ରାନ୍ସପୋର୍ଟ ପରିବହନ ଦାୟିତ୍ୱ ନେଇଛନ୍ତି। ସେବେଠାରୁ ସ୍ଥାନୀୟ ଟିପ୍ପର ମାଲିକଙ୍କୁ ଲୁହାପଥର ପରିବହନ ନିମନ୍ତେ ଡିଓ(ଡେସ୍‌ପାଚ ଅର୍ଡର) ପ୍ରଦାନ କ୍ଷେତ୍ରରେ ଅଣଦେଖା କରାଯାଉଛି। ବାହାରର ଟିପ୍ପରଗୁଡ଼ିକୁ ଅଗ୍ରାଧିକାର ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ଫଳରେ ବହୁ ସଂଖ୍ୟକ ସ୍ଥାନୀୟ ଟିପ୍ପର ମାଲିକ ବର୍ଷେ ହେବ ଲୋଡିଂ ନ ପାଇ ବେରୋଜଗାର ସାଙ୍ଗକୁ ଋଣ ଭାରରେ ମାନସିକ ଚାପଗ୍ରସ୍ତ ଅବସ୍ଥାରେ ପଡ଼ିରହିଛନ୍ତି।

ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ଥାନା ଅନ୍ତର୍ଗତ ଖଣ୍ଡାଧାର କୁର୍ମିତାର ଲୌହଖଣି ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ଲାଭଦାୟକ ଖଣି। ଆଜକୁ ୨୩ ବର୍ଷ ତଳେ ଖୋଲିଥିବା ଏହି ଖଣିକୁ ରାଜ୍ୟ ସରକାରଙ୍କ ଓଡ଼ିଶା ଖଣି ନିଗମ ପରିଚାଳନା କରୁଥିଲା। ଖଣି ନିଗମ ଉତ୍ତୋଳନ ଓ ପରିବହନ ପାଇଁ ଟେଣ୍ଡର ଆହ୍ୱାନ କରି ଏମ୍‌ଓୟୁ (ମେମୋରାଣ୍ଡମ ଅଫ୍ ଅଣ୍ଡରଷ୍ଟାଡିଂ) ସ୍ୱାକ୍ଷର କରି ନିଜ ଅଧୀନରେ ସୂଚାରୁରୂପେ ଚଳାଉଥିଲା। ପରିଣାମ ସ୍ୱରୂପ ସ୍ଥାନୀୟ ଶ୍ରମଜୀବୀମାନେ ରୋଜଗାର ପାଇ ଜୀବିକା ନିର୍ବାହ କରୁଥିଲେ। ସେହିଭଳି ସ୍ଥାନୀୟ ଟିପ୍ପର ସଂଘ ମାଧ୍ୟମରେ ଟିପ୍ପର ମାଲିକମାନେ ଭଲ ରୋଜଗାର କରି ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ। ଏବେ ସମ୍ପୃକ୍ତ ଖଣିକୁ ୨୫ ବର୍ଷ ପାଇଁ ଆଦାନୀ ଗ୍ରୁପକୁ ଏମ୍‌ଡିଓ (ମାଇନ ଡେଭ୍‌ଲପର ଆଣ୍ଡ ଅପରେଟର) ଚୁକ୍ତିରେ ମିଳିବା ପରେ ଯାନ୍ତ୍ରିକ ପ୍ରକ୍ରିୟାକରଣ ଶ୍ରମିକଙ୍କ ଛଟେଇର କାରଣ ସାଜିଲା। ଅପରପକ୍ଷରେ ଆଞ୍ଚଳିକ ପରିବହନ ସଂସ୍ଥା ହାତରୁ ପରିବହନକୁ ହାଇଜାକ୍ କରାଯାଇ ଜନୈକ କେନ୍ଦ୍ରମନ୍ତ୍ରୀଙ୍କ ଚାପରେ ନୂଆ ପରିବହନ ସଂସ୍ଥା କାମ କରିବା ଫଳରେ ସ୍ଥାନୀୟ ଟିପ୍ପର ମାଲିକ ସମ୍ପୂର୍ଣ୍ଣ ଅଣଦେଖାର ଶିକାର ସାଜିଛନ୍ତି। ଖଣ୍ଡାଧାର ଖଣି ଉପରେ ନିର୍ଭରଶୀଳ ରହିଥିବା ବରସୁଆଁର ଟିପ୍ପର ମାଲିକମାନେ ଏବେ ସେମାନେ ବଞ୍ଚିବେ କେମିତି ବୋଲି ପ୍ରଶ୍ନ କରିବା ଆରମ୍ଭ କଲେଣି । ଖଣ୍ଡାଧାର ଖଣିରୁ ଉତ୍ତୋଳିତ ଖଣିଜ ପଦାର୍ଥର ଲୋଡିଂ ନିମନ୍ତେ ଡିଓ (ଡେସ୍‌ପାଚ ଅର୍ଡର) ପ୍ରଦାନରେ ସ୍ଥାନୀୟ ଟିପ୍ପର ମାଲିକଙ୍କୁ ଅଣଦେଖା କରାଯାଇ ବାହାର ଟିପ୍ପର ମାଲିକଙ୍କୁ ଲୋଡିଂ ଦିଆଯାଉଛି। ଫଳରେ ସ୍ଥାନୀୟ ଟିପ୍ପର ମାଲିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି, ଯାହାକୁ ନେଇ ଗତ ସୋମବାର ଖଣ୍ଡାଧାର ଖଣି ନିକଟରେ ଉତ୍ତେଜନା ଦେଖାଦେବା ପରେ ଲହୁଣିପଡ଼ା ପୋଲିସ ହସ୍ତକ୍ଷେପ କରି ପରିସ୍ଥିତିକୁ ଶାନ୍ତ କରିଥିଲା।

ଏନେଇ ସ୍ଥାନୀୟ ଟିପ୍ପର ଆସୋସିଏଶନ ପକ୍ଷରୁ ଗତ ମାସରେ ସୁନ୍ଦରଗଡ଼ ଜିଲାପାଳଙ୍କ ସମେତ ଜିଲାର ୪ ଜଣ ବିଧାୟକଙ୍କୁ ଲିଖିତ ଦାବିପତ୍ର ଦିଆଯାଇଥିଲା। ସୃଷ୍ଟ ସମସ୍ୟାର ସମାଧାନ ପାଇଁ ନିବେଦନ କରାଯାଇ ଥିବା ବରସୁଆଁ ଟିପ୍ପର ମାଲିକ ସଂଘ ସଭାପତି ରମେଶ ନାୟକ କହିଛନ୍ତି। ଜନୈକ କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଯୋଗୁ ତାଙ୍କ ଦ୍ୱାରା ନିଯୁକ୍ତ ଖଣି ପ୍ରତିନିଧି ଡିଓ ବଣ୍ଟନ କରି ଏଭଳି ସ୍ଥିତି ଉପୁଜାଇଥିବା ଅଭିଯୋଗ କରିଛନ୍ତି।

ସେହିଭଳି ଟିପ୍ପର ମାଲିକ ସଂଘ ସାଧାରଣ ସମ୍ପାଦକ ସୁଶାନ୍ତ ବିଶାଳ ଉକ୍ତ କେନ୍ଦ୍ରମନ୍ତ୍ରୀଙ୍କ ଚାପର ବଶବର୍ତ୍ତୀ ହୋଇ ସ୍ଥାନୀୟ ପ୍ରଶାସନ ସମସ୍ୟାର ସମାଧାନ କରିବା କ୍ଷେତ୍ରରେ ଏକ ପ୍ରକାରର ଅସହାୟତା ପ୍ରକାଶ କରୁଥିବା ବିଷୟ ଉଲ୍ଲେଖ କରି ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଆଶୁ ହସ୍ତକ୍ଷେପ ପାଇଁ ଟିପ୍ପର ମାଲିକ ଦାବି କରିଥିବା କହିଛନ୍ତି।

ସେପଟେ ସମ୍ପୃକ୍ତ କେନ୍ଦ୍ରମନ୍ତ୍ରୀଙ୍କ ୨ ସମ୍ପର୍କୀୟ ଟ୍ରାନ୍ସପୋର୍ଟିଂ ଦାୟିତ୍ୱ ତୁଲାଉ ଥିବାରୁ ସେମାନଙ୍କ ବ୍ୟବହାରରେ ମଧ୍ୟ ସ୍ଥାନୀୟ ଟିପ୍ପର ମାଲିକମାନେ ଅତିଷ୍ଠ ହୋଇ ପଡ଼ିଥିବା କହିଛନ୍ତି। ଏନେଇ ଆଗକୁ ବଡଧରଣର ଆନ୍ଦୋଳନ ହେବ ବୋଲି ଜଣାପଡିଛି।

ଏନେଇ ଆଦାନୀ ଗ୍ରୁପର ଜନସମ୍ପର୍କ ଅଧିକାରୀ ବିକ୍ରମ ଝାଙ୍କୁ ପଚାରିବାରୁ , ଆମର ସେମିତି କୌଣସି ଅସୁବିଧା ନାହିଁ । ସବୁ ଠିକ ଠାକ ଚାଲିଛି କହି କଥାକୁ ଏଡାଇ ଦେଇଛନ୍ତି।

# ଆମ ପୋଲିସ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ।

**ଲହୁଣୀପଡା,୨୬ା୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ବାଙ୍କୀ ପଞ୍ଚାୟତ ଅନ୍ତର୍ଗତ ପାତ୍ରସାହି କମ୍ୟୁନିଟି ସେଣ୍ଟର ପୋଲିସ ଓ ସ୍ଥାନୀୟ ଜନସାଧାରଣ ମଧ୍ୟରେ ସମନ୍ୱୟ ଓ ସହଯୋଗ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଚାନ୍ଦିପୋଷ ପୋଲିସ ପକ୍ଷରୁ ଏକ ଆମ ପୋଲିସ ସଭା ଗୁରୁବାର ଆୟୋଜିତ ହୋଇଥିଲା। ଏହି ସଭାରେ ବାଙ୍କୀ ସରପଞ୍ଚ, ପିଆରଆଇ ସଦସ୍ୟ, ସ୍ଥାନୀୟ ଗ୍ରାମବାସୀ ଏବଂ ବିଟ ଅଫିସରମାନେ ଉପସ୍ଥିତ ଥିଲେ। ସଭାରେ ଚାନ୍ଦିପୋଷ ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀ, ସବ ଇନ୍ସପେକ୍ଟର ଫଣୀ ଭୂଷଣ ମହାନ୍ତ, ଏଏସଆଇ ଦିଗ ବିଜୟ ସିଂ, ସୁବାସୀଷ ଖିଲାର, ଜୟନ୍ତ କୁମାର ଜେନା ଉପସ୍ଥିତ ଥିଲେ। ସ୍ଥାନୀୟ ଆଇନ ଶୃଙ୍ଖଳା ସମସ୍ୟା, ସାର୍ବଜନୀନ ସୁରକ୍ଷା ଓ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ସମସ୍ୟା ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ପୋଲିସ ଅଧିକାରୀମାନେ ସନ୍ଦେହଜନକ କାର୍ଯ୍ୟକଳାପ, ଅପରାଧ ପ୍ରତିରୋଧ ଓ ଶାନ୍ତି ସମନ୍ୱୟକୁ ପ୍ରଭାବିତ କରୁଥିବା ସାମାଜିକ ସମସ୍ୟା ସମ୍ପର୍କରେ ସୂଚନା ଦେବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଅପରାଧ ପ୍ରତିରୋଧ, ସଡ଼କ ସୁରକ୍ଷା, ସାଇବର ଠକେଇ ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇ ଗ୍ରାମବାସୀମାନଙ୍କୁ ସତର୍କ ଓ ସହଯୋଗୀ ରହିବାକୁ ଆହ୍ୱାନ କରାଯାଇଥିଲା। ସରପଞ୍ଚ ଓ ପିଆରଆଇ ସଦସ୍ୟମାନେ ଚାନ୍ଦିପୋଷ ପୋଲିସଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରି ଗ୍ରାମ ପଞ୍ଚାୟତ ପକ୍ଷରୁ ଶାନ୍ତିପୂର୍ଣ୍ଣ ଓ ଅପରାଧମୁକ୍ତ ପରିବେଶ ଗଢ଼ି ତୋଳିବାରେ ପୂର୍ଣ୍ଣ ସହଯୋଗ ଦେବାକୁ ଆଶ୍ୱାସନା ଦେଇଥିଲେ। ଗ୍ରାମବାସୀମାନେ ମଧ୍ୟ ନିଜ ନିଜ ସମସ୍ୟା ଓ ପ୍ରସ୍ତାବ ରଖିଥିଲେ। ଶେଷରେ ପୋଲିସ ଓ ଜନସାଧାରଣ ମଧ୍ୟରେ ପାରସ୍ପରିକ ଭରସା ଓ ସହଯୋଗକୁ ସୁଦୃଢ଼ କରିବା ପାଇଁ ଉଭୟ ପକ୍ଷ ମିଶି କାମ କରିବାକୁ ସଙ୍କଳ୍ପ ବ୍ୟକ୍ତ କରିଥିଲେ। ଶେଷରେ ସମାଜସେବୀ ରୋହିତ କୁମାର ଜୟ ସ୍ୱାଲ ଧନ୍ୟବାଦ ଦେଇଥିଲେ।

# ସୋଲାର ପ୍ଲେଟ ଚୋରି ଅଭିଯୋଗ

**ଅମରପାଲି,୨୬ା୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କେନଝିରିଆପାଲି ପଞ୍ଚାୟତର ତେଲିପାଲି ଗ୍ରାମର ଚାଷ ଜମିରେ ଲାଗିଥିବା ସୋଲାର ସିଷ୍ଟମରୁ ସୋଲାର ପ୍ଲେଟ ସମେତ ଅନ୍ୟାନ୍ୟ ଉପକରଣ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ତେଲିପାଲି ଗ୍ରାମରେ ବବ୍ରୁ ବାହନ ପ୍ରଧାନଙ୍କ ଚାଷ ଜମିରେ ସରକାରୀ ଯୋଜନା ଓରେଡା ମାଧ୍ୟମରେ ଏକ ସୋଲାର ସିଷ୍ଟମ ଲଗାଯାଇଥିଲା। ତେବେ ଗତ ରାତିରେ କେହି ଦୁର୍ବୃତ୍ତ ଉକ୍ତ ପ୍ରକଳ୍ପରୁ ସୋଲାର ପ୍ଲେଟ ସହିତ ଅନ୍ୟ କେତେକ ଉପକରଣ ଚୋରି କରିଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗକାରୀ ଆଇନଜୀବୀ ବବ୍ରୁ ବାହନ ପ୍ରଧାନଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଛି। ତେବେ ଅଞ୍ଚଳରେ ବେଆଇନ ମଦ ବିକ୍ରି ହେଉଥିବା ସହିତ ଅଞ୍ଚଳରେ ଏପରି ଅନୈତିକ କାର୍ଯ୍ୟକଳାପ ସହିତ ଚୋରି ଭଳି କାର୍ଯ୍ୟ ବଢ଼ିଚାଲିଛି।

# ଗ୍ରାମସଭା ନୋଟିସରେ ଅନିୟମିତତା ଅଭିଯୋଗ

**ଡୁଡୁକାରେ ରେଲୱେ ସାଇଡିଂ ବିବାଦ**

**ସୁନ୍ଦରଗଡ଼,୨୬ା୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଡୁଡୁକା ଗ୍ରାମରେ ୧୫ଏକର ଘରୋଇ ଜମିରେ ପ୍ରସ୍ତାବିତ ରେଲୱେ ସାଇଡିଂକୁ ନେଇ ବିବାଦ ଘନେଇଛି। ଗ୍ରାମସଭା ପରିଚାଳନା ଓ ନୋଟିସ ପ୍ରଚାର ପ୍ରସାରରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଥିବା ବେଳେ ସରପଞ୍ଚଙ୍କ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମସଭା ପାଇଁ ପ୍ରଶାସନ ପକ୍ଷରୁ ପଠାଯାଇଥିବା ନୋଟିସ ୨ ତାରିଖରେ ସରପଞ୍ଚଙ୍କ ପାଖକୁ ପହଞ୍ଚିଥିଲା। କିନ୍ତୁ ଏହାକୁ ୨୨ ତାରିଖ ବିଳମ୍ବରେ ଜାରି କରାଯାଇଥିଲା। ଏହା ଫଳରେ ବୁଧବାର ଅନୁଷ୍ଠିତ ଗ୍ରାମସଭାରେ ଅନେକ ଗ୍ରାମବାସୀ ଯୋଗଦେବାରୁ ବଞ୍ଚିତ ହୋଇଥିଲେ। ଏନେଇ ସରପଞ୍ଚ କୃଷ୍ଣଚନ୍ଦ୍ର ଡିଲାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ତାଙ୍କ ପାଖକୁ ଚିଠି ୬ ତାରିଖରେ ପହଞ୍ଚିଥିଲା। ପରେ ୧୨ ତାରିଖରେ ସେ ଦସ୍ତଖତ କରି ନୋଟିସ ଛାପିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ନିୟମାନୁସାରେ ଗ୍ରାମସଭା ଆୟୋଜନ କରାଯାଇଛି। ଅନ୍ୟପଟେ ଗ୍ରାମବାସୀଙ୍କ ଦାବି ସଭା ସମୟରେ ସେମାନଙ୍କ ଉଠାଇଥିବା ଆପତ୍ତି ଓ ପ୍ରସ୍ତାବଗୁଡ଼ିକୁ ରେକର୍ଡ ଭୁକ୍ତ କରାଯାଇ ନ ଥିଲା। ଏହି ପ୍ରକଳ୍ପର ଠିକା ସଂସ୍ଥା ସପକ୍ଷରେ ଗ୍ରାମସଭା ପରିଚାଳନା ହୋଇଥିବା ଅଭିଯୋଗ ମଧ୍ୟ ଉଠିଛି। ସାଇଡିଂ ପ୍ରକଳ୍ପ ପାଇଁ ରହିଥିବା ୫୦୦ ମିଟର ନିୟମ ଉଲ୍ଲଂଘନ ହୋଇଥିବା ମଧ୍ୟ ଗ୍ରାମବାସୀ ଦାବି କରିଛନ୍ତି। ପ୍ରସ୍ତାବିତ ସ୍ଥାନ ଚାରିପାଖରେ ଜନବସତି ଓ ସାମାଜିକ ସଂସ୍ଥା ଥିବା ସତ୍ତ୍ୱେ କିପରି ଅନୁମତି ଦିଆଯାଉଛି ସେନେଇ ପ୍ରଶ୍ନ ଉଠୁଛି। ଏହି ଘଟଣାକୁ ନେଇ ଡୁଡୁକା ଗ୍ରାମରେ ଚର୍ଚ୍ଚା ତୀବ୍ର ହୋଇଥିବା ବେଳେ ଗ୍ରାମବାସୀ ନିରପକ୍ଷ ତଦନ୍ତ ଓ ଗ୍ରାମସଭା ରେକର୍ଡ ଯାଞ୍ଚ ଦାବି କରିଛନ୍ତି। ଜିଲା ପ୍ରଶାସନ ଏହି ସମ୍ବେଦନଶୀଳ ମାମଲାରେ କି ପଦକ୍ଷେପ ନେବ ତାହାକୁ ନେଇ ଏବେ ସମସ୍ତଙ୍କ ନଜର ରହିଛି। ଅପରପକ୍ଷରେ ଏ ସମ୍ପର୍କରେ ହେମଗିର ବିଡ଼ିଓ ରୀନା ନାଏକଙ୍କୁ ତାଙ୍କ ମୋବାଇଲ ଫୋନ ନମ୍ବର୯୭୭୭୧୭୨୮୨୪ରେ ଯୋଗାଯୋଗ କରାଯାଇଥିଲେ ବେଳେ ସେ ଫୋନ ଉଠାଇ ନ ଥିଲେ। ତହସିଲଦାର ସାରିକା ଡମେଲଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ଫୋନ ନମ୍ବର ସୁଇଚ ଅଫ ରହିଛି। ହେଲେ ଏହି ପ୍ରକଳ୍ପର କମ୍ପାନୀ ପରାମର୍ଶ ଦାତା ମନୋରଞ୍ଜନ ଦାଶ ଏହି ଗ୍ରାମ ସଭାରେ ସପକ୍ଷ ଓ ବିପକ୍ଷବାଦୀ ନିଜର ମତ ରଖିଥିଲେ। ହେଲେ ଗ୍ରାମ ସଭା ସଫଳ ହୋଇଥିବା ଦାବି କରିଛନ୍ତି।


ସଭାରେ ଉପସ୍ଥିତ ଗ୍ରାମବାସୀ ଏବଂ ଅନ୍ୟମାନେ।

# ନବନିର୍ମିତ ଆଦର୍ଶ କାରାଗାର ପରିଦର୍ଶନ କଲେ ଜେଲ ସୁପରିଣ୍ଟେଣ୍ଡେଣ୍ଟ


କାରାଗାର ପରିଦର୍ଶନ କରିବାକୁ ଆସିଥିବା ଜେଲ ସୁପରିଟେଣ୍ଡେଣ୍ଟ।

**ବଡ଼ଗାଁ,୨୬ା୨(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ଗାଁ ନିକଟରେ ହାଉସିଂ ବୋର୍ଡ ଦ୍ୱାରା ନବନିର୍ମିତ ଆଦର୍ଶ କାରାଗାରକୁ ସୁନ୍ଦରଗଡ଼ ମୁଖ୍ୟ କାରାଗାରର ସୁପରିଣ୍ଟେଣ୍ଡେଣ୍ଟ ଗୁରୁବାର ପରିଦର୍ଶନ କରିଛନ୍ତି। ବନ୍ଦୀ ଜୀବନ ବିତାଉଥିବା କଏଦୀମାନେ କିପରି ଆତ୍ମ ନିର୍ଭରଶୀଳ ହୋଇପାରିବେ, ନିଜର ପରିବାର ପ୍ରତିପୋଷଣ କରିପାରିବେ, ସମାଜରେ ସୁଧାର ଆଣିବା ସହ ଭଲ ମଣିଷ ହୋଇପାରିବେ ଓ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେ ପ୍ରୟାସ ସରକାର ଆରମ୍ଭ କରିଛନ୍ତି। ଏହି ଆଦର୍ଶ କାରାଗାର ଓଡ଼ିଶାରେ ପୂର୍ବରୁ କଟକ ଜିଲା ଆଠଗଡ଼ ଠାରେ ଥିଲାବେଳେ ଭୋଇପାଲିଠାରେ ନିର୍ମିତ ଏହି କାରାଗାର କିଭଳି ଶୀଘ୍ର ଆରମ୍ଭ ହେବ ସେନେଇ ସୁନ୍ଦରଗଡ଼ ମୁଖ୍ୟ କାରାଗାରର ସୁପରିଣ୍ଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା ପ୍ରୟାସ ଆରମ୍ଭ କରିଛନ୍ତି। ଗୁରୁବାର ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିନ୍ମୟ ମାଝୀ, ଆରତୀ ଫାଉଣ୍ଡେଶନର କର୍ମକର୍ତ୍ତା, ସ୍ଥାନୀୟ ସରପଞ୍ଚ ମହେଶର ବରିହା ଓ ଗ୍ରାମବାସୀଙ୍କୁ ନେଇ ଭୋଇପାଲିସ୍ଥିତ ଆଦର୍ଶ କାରାଗାର ପରିଦର୍ଶନ କରିଛନ୍ତି। ପରିଦର୍ଶନ ପରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ମୁଣ୍ଡା କହିଛନ୍ତି, ଆମେ ପୋଲିସ ହାଉସିଂ ବୋର୍ଡକୁ ଅନୁରୋଧ କରିଛୁ ଶୀଘ୍ର ଏହାକୁ ହସ୍ତାନ୍ତର କରିବାକୁ ଏବଂ ଜେଲ ମହା ନିର୍ଦ୍ଦେଶକଙ୍କୁ ଭେଟି ଏହା କିପରି ଶୀଘ୍ର କାର୍ଯ୍ୟକ୍ଷମ ହେବ ଅନୁରୋଧ କରାଯିବ। ଏଥିସହିତ ଏଠାରେ କଏଦୀ ରହିବା ପରେ ଶିଳ୍ପ ସମୃଦ୍ଧ ସୁନ୍ଦରଗଡ଼ ଜିଲାର ବିଭିନ୍ନ କଲକାରଖାନାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ବ୍ୟବହୃତ ବିଭିନ୍ନ ଉପକରଣ କଏଦୀମାନେ ତିଆରି କରିବା ସହ ନିଜର ଦକ୍ଷତା ଅନୁଯାୟୀ ବିଭିନ୍ନ ପ୍ରଶିକ୍ଷଣ ଯେଭଳି ଡାଇରି ଫାର୍ମ, ହସ୍ତତନ୍ତ, ଶିକ୍ଷା, ବିଭିନ୍ନ କୌଶଳ ଦକ୍ଷତା ନେଇ ନିଜେ ଆତ୍ମ ନିର୍ଭରଶୀଳ ହେବା ସହ ପରିବାର ପ୍ରତିପୋଷଣ କରିପାରିବେ ଏହା ମୂଳଲକ୍ଷ୍ୟ ବୋଲି ମୁଣ୍ଡା ପ୍ରକାଶ କରିଛନ୍ତି।


ଜିଲାପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଓସିପିଏଲ ମନୋହରପୁର କୋଇଲା ଖଣି ବିସ୍ଥାପିତ ପରିବାର।

# ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଖଣି ବିସ୍ଥାପିତ

**ସୁନ୍ଦରଗଡ,୩୦ା୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଓସିପିଏଲ ମନୋହରପୁର କୋଇଲା ଖଣି ସାନଘୁମୁଡା ଓ ଡୁଲିଙ୍ଗାର ଆଂଶିକ ବିସ୍ଥାପିତ ପରିବାର ବିବାହିତା ଝିଅ ଓ ଜଙ୍ଗଲ ଜମି ଅଧିକାରରେ ପଟ୍ଟା ପାଇଥିବା ପରିବାରଙ୍କୁ କ୍ଷତି ପୂରଣ, ଥଇଥାନ ଓ ପୁର୍ନବାସ ଦାବି ନେଇ ଗୁରୁବାର ଜିଲାପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଓସିପିଏଲ ଖଣି ସମ୍ମୁଖରେ ଦୀର୍ଘଦିନ ଧାରଣା ପରେ ଦାବି ପୂରଣ ନିମନ୍ତେ ଜିଲାପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆ ଯାଇଥିଲା। ହେଲେ ଦାବି ପୂରଣ ଦିଗରେ ପ୍ରଶାସନ ବିଳମ୍ବ ନେଇ ବିସ୍ଥାପିତଙ୍କ ପ୍ରତିନିଧି ଡା. ହିମାଂଶୁ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ବିସ୍ଥାପିତ ମହିଳା ପୁରୁଷମାନେ ସଦର ଉପଜିଲାପାଳ ତେଜସ୍ୱିନୀ ବେହେରାଙ୍କୁ ସାକ୍ଷାତ କରି ଦାବି ପୂରଣ ଦିଗରେ ଯଥାଶୀଘ୍ର ପଦକ୍ଷେପ ନେବା ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଭାରତୀୟ ଜ୍ଞାନ ପରମ୍ପରା ଶୀର୍ଷକ ଆଲୋଚନାଚକ୍ର

**ସୁନ୍ଦରଗଡ,୨୬ା୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ ବୁଧବାର ଭାରତୀୟ ଜ୍ଞାନ ପରମ୍ପରା ଶୀର୍ଷକ ଏକ ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ବବିତା ଭିତ୍ରିଆ ସଭାପତିତ୍ୱ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଭାରତୀୟ ଜ୍ଞାନ ପରମ୍ପରାର ଐତିହ୍ୟ, ମହତ୍ତ୍ୱ ଓ ଆଧୁନିକ ଯୁଗରେ ତାହାର ପ୍ରାସଙ୍ଗିକତା ଉପରେ ସୂଚନା ପ୍ରଦାନ କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ସୋନପୁର ମହାବିଦ୍ୟାଳୟ ଇତିହାସ ବିଭାଗର ପ୍ରାଧ୍ୟାପକ ଡକ୍ଟର ସୁଦାମ ଦୀପ ପ୍ରାକ୍ ଐତିହାସିକ ସଂସ୍କୃତି ଓ ପଥର ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉପକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ଅନ୍ୟତମ ବିଷୟ ବିଶେଷଜ୍ଞ ଭାବେ କଳାହାଣ୍ଡି ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗର ସହକାରୀ ପ୍ରଫେସର ଡ. ନଳିନୀ କାନ୍ତ ରଣା ଯୋଗଦେଇ କଳାହାଣ୍ଡିର ଅବବାହିକାରେ ଅଭ୍ୟୁଦୟ ଘଟିଥିବା କୁମ୍ଭକାର ସମ୍ପ୍ରଦାୟ ଓ ସେମାନଙ୍କ ଦ୍ୱାରା ବ୍ୟବହାର୍ଯ୍ୟ ସାମଗ୍ରୀକୁ ପ୍ରାଚୀନ ସ୍ଥାପତ୍ୟ ଅଧ୍ୟୟନ ମାଧ୍ୟମରେ ଆଲୋଚନା କରିଥିଲେ। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଇତିହାସ ବିଭାଗର ସହକାରୀ ପ୍ରଫେସର ଡ. ପରମତାପ ପ୍ରଧାନ ଯୋଗଦେଇ ଓଡିଶାରେ କେବେଠାରୁ ଲୌହ ଧାତୁ ବ୍ୟବହାର ହେଲା, ଲୌହ ଧାତୁରେ ନିର୍ମିତ ବିଭିନ୍ନ ଉପକରଣକୁ କେମିତି ବ୍ୟବହାର କରାଯାଇ ଥିଲା ତାକୁ ଭାରତୀୟ ଜ୍ଞାନ ପରମ୍ପରା ଦୃଷ୍ଟିରୁ ବିଶ୍ଳେଷଣ କରିଥିଲେ। ସହକାରୀ ପ୍ରଫେସର ଡ. ସାକୀର ହୁସେନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଇତିହାସ ବିଭାଗର ମୁଖ୍ୟ ଡ. ଜୟଶଙ୍କର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ନୂତନ ଖମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି, ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର।

# ସମାଧାନ ନ ହେଲେ ଆନ୍ଦୋଳନ ବ୍ୟାପକ ହେବ

- ପୁଣି କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଲେ କିରେଇ ସୂତାକଳ ଶ୍ରମିକ
- ୧୧ଦଫା ଦାବି

**ସୁନ୍ଦରଗଡ,୨୬ା୨(ଜୟ ନାରାୟଣ ମେଣ୍ଡୁଲି)**



ଶ୍ରମିକମାନେ ଧାରଣାରେ ବସିଛନ୍ତି।

ଅଶୋକା ସିନ୍ଥେଟିକ ମଜଦୂର ସଂଘ ତରଫରୁ କିରେଇ ସ୍ଥିତ ଶ୍ରୀହରି ସ୍ପିନର୍ସ(ସୂତାକଳ) ଶ୍ରମିକମାନେ ବୁଧବାରଠାରୁ ପୁଣି କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମଜଦୂର ସଂଘର ସଭାପତି ଶ୍ୟାମ ସୁନ୍ଦର ମିଶ୍ରଙ୍କ ନେତୃତ୍ୱରେ ୩୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଶ୍ରମିକମାନେ ସୂତାକଳ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ମଜଦୂର ସଂଘ ପକ୍ଷରୁ କୁହାଯାଇଛି, ଶ୍ରମିକଙ୍କ ଏହି ୧୧ଦଫା ଦାବି ନେଇ ସଂଘ ପକ୍ଷରୁ ପରିଚାଳନା କର୍ତ୍ତୃପକ୍ଷ, ଶ୍ରମ ଅଧିକାରୀ, ଜିଲା ପ୍ରଶାସନ, ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ହେଲେ ଏଥିମଧ୍ୟରେ ପରିଚାଳନା କର୍ତ୍ତୃପକ୍ଷ କଥାବାର୍ତ୍ତା କରି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଦାବି ପୂରଣ ହେଉନାହିଁ। ଫଳରେ ଶ୍ରମିକ ମାନେ ବାଧ୍ୟ ହୋଇ ଏହି କାର୍ଯ୍ୟ ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇ ଧାରଣାରେ ବସିଛନ୍ତି। ଶ୍ରମିକମାନଙ୍କ ଦାବି ଗୁଡିକ ହେଲା ଶ୍ରମିକଙ୍କ ବିଭାଗୀକରଣ ସହ ଅଣକୁଶଳୀ,ସହକୁଶଳୀ,କୁଶଳୀ ଓ ଉଚ୍ଚ କୁଶଳୀ ହିସାବରେ ଦରମା ପ୍ରଦାନ କରାଯିବା, ଉପସ୍ଥାନ ଅନୁପାତରେ ବୋନସ, ରିଙ୍ଗ ଫ୍ରେମ ବିଭାଗ ଶ୍ରମିକଙ୍କୁ ସ୍ୱତନ୍ତ୍ର ଭତ୍ତା, ପରିଚୟ ପତ୍ର, ଦରମା ସ୍ଲିପ, ଓଭରଟାଇମ ଭତ୍ତା, ଟ୍ରେନିଂ ସମୟସୀମା ନିର୍ଦ୍ଧାରଣ, କଲୋନୀରେ ରହୁଥିବା ଶ୍ରମିକଙ୍କ ସମସ୍ୟାର ସମାଧାନ ଆଦି ଦାବି ରହିଛି। ଏହି ଦାବି ଗୁଡିକ ପୂରଣ ଦିଗରେ ସୂତାକଳ କର୍ତ୍ତୃପକ୍ଷ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ମଜଦୂର ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।




ଦେଓଗାଁ ବ୍ଲକ ଫପସି ଗ୍ରାମବାସୀ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରୁଛନ୍ତି(ବାମ), ଗାଁରେ ନିର୍ମିତ ପାନୀୟଜଳ ଯୋଗାଣ ପ୍ରକଳ୍ପ ପମ୍ପ ହାଉସ ଘର।

# ଗ୍ରୀଷ୍ମ ଆରମ୍ଭରୁ ଫପ୍‌ସି ଗାଁରେ ପାନୀୟ ଜଳ ସଙ୍କଟ

**ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ସରିଛି, କାର୍ଯ୍ୟକ୍ଷମ ହେଉନି**

ଦେଓଗାଁ,୨୬।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋର ପଞ୍ଚାୟତ ଅନ୍ତର୍ଗତ ଫପ୍‌ସି ଗାଁରେ ଖରା ଆରମ୍ଭରୁ ଜଳକଷ୍ଟ ଦେଖାଦେଇଛି । ଏହି ୨ଟି ୱାର୍ଡ ବିଶିଷ୍ଟ ଗାଁରେ ପାଖାପାଖି ୧୬୦ ପରିବାର ବସବାସ କରୁଛନ୍ତି । ପାନୀୟ ଜଳ ପାଇଁ ଗାଁ ମଝିରେ ରହିଥିବା ନଳକୂପ ଏକମାତ୍ର ସାହାରା ପାଲଟି ଥିବା ବେଳେ ଏବେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ୨୦୨୨ରେ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବସୁଧା ଯୋଜନାରେ ଅର୍ଥ ମଞ୍ଜୁର ହୋଇ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ବିଭାଗୀୟ ଯନ୍ତ୍ରୀଙ୍କ ତଦାରଖରେ ସଂପୃକ୍ତ ଠିକାଦାର କାମ ଆରମ୍ଭ କରିଥିଲେ। କିନ୍ତୁ ଅତି ମନ୍ଥର ଗତିରେ କାମ କରିବା ସହ ଅନେକ ଦିନ କାମକୁ ପକାଇ ରଖୁଥିବା ଅଭିଯୋଗ ହୋଇଥିଲା। ଦୀର୍ଘଦିନର ଦାବି ପରେ ବର୍ତ୍ତମାନ ଏହି ପ୍ରକଳ୍ପ କାମ ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଛି। ହେଲେ ଗାଁକୁ ପାନୀୟ ଜଳ ଯୋଗାଣ ଆରମ୍ଭ କରାଯାଉନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରାୟ ୩ ମାସ ହେଲା ଗଭୀର କୂଅ, ପମ୍ପ ହାଉସ ନିର୍ମାଣ, ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ ଓ ଗାଁରେ ପାଇପ ବିଛା କାମ ସରିଥିବା ଯୋଗୁ ଚଳିତବର୍ଷ ଗ୍ରୀଷ୍ମ ଆରମ୍ଭରୁ ଗାଁକୁ ପାନୀୟଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ଗାଁ ଲୋକେ ଆଶା ବାନ୍ଧିଛନ୍ତି । ହେଲେ ଏ ଦିଗରେ ସଂପୃକ୍ତ ବିଭାଗ ଅଣଦେଖା କରୁଥିବାରୁ ଚଳିତ ଗ୍ରୀଷ୍ମଋତୁରେ ପାନୀୟ ଜଳ ମିଳିବା ଆଶା ମଉଳିବାରେ ବସିଛି। ଚଳିତବର୍ଷ ଏବେଠାରୁ ନଳକୂପ ପାଣି ନିଅଣ୍ଟ ହେବାକୁ ବସିଥିବାରୁ ପାନୀୟ ଜଳ ପାଇଁ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଗାଁର ପାନୀୟ ଜଳ ସମସ୍ୟା ଦୂରୀଭୂତ ହୋଇପାରନ୍ତା ବୋଲି ଗାଁର ଡୋଳାମଣି ବାଗ, ଗୋପାଳ ଦନ୍ତା, ବିଜୟ ଦନ୍ତା, ରମେଶ ଖମାରୀ, ଅକ୍ଷୟ ମାହାକୁର, ପଦ୍ମଲୋଚନ ଦନ୍ତା, ରମେଶ ବରିହା, ସନ୍ତୋଷ ପଧାନ, ସୁଜନ ବାଗ, ସୁଦାମ ମେହେର, ଲବ ମିଶ୍ର, ଅକ୍ରୁର ମିଶ୍ର ପ୍ରମୁଖ ପ୍ରକାଶ କରିଛନ୍ତି। ସେମାନେ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ଜଣାଇଛନ୍ତି । ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର ମଲ୍ଲିକଙ୍କଠାରୁ ଆରମ୍ଭ କରି ନିଜ ପଞ୍ଚାୟତର ସମିତିସଭ୍ୟ ତଥା ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ପ୍ରକଳ୍ପ କାର୍ଯ୍ୟକ୍ଷମ ଦିଗରେ ବିଭାଗ ପଦକ୍ଷେପ ଗ୍ରହଣ ନ କଲେ ଗ୍ରାମବାସୀ ଦେଓଗାଁ ବ୍ଲକ କାର୍ଯ୍ୟାଳୟକୁ ଯାଇ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ମଲ୍ଲିକଙ୍କୁ ପଚାରିବାରେ ବ୍ୟକ୍ତିଗତ ଭାବେ ବିଭାଗୀୟ ଯନ୍ତ୍ରୀଙ୍କୁ ଭେଟି ପ୍ରକଳ୍ପ କାମ ସରିଥିବାରୁ କାର୍ଯ୍ୟକ୍ଷମ କରିବା ପାଇଁ କହିଛି, ତେବେ ବିଭାଗୀୟ ଅଧିକାରୀ ଜୁନ ଶେଷ ଆଡକୁ କାର୍ଯ୍ୟକ୍ଷମ ହେବ ବୋଲି କହୁଥିବା କହିଥିଲେ। ସେହିପରି ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରେ ଦେଓଗାଁ ବ୍ଲକର ଚିପାକାନୀ ଗାଁରେ ଚାଲିଥିବା କାମ ସମ୍ପୂର୍ଣ୍ଣ ହେଲେ ଏହି ଗାଁର ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ରୋଚକ ମୋଡ଼ରେ ଯନ୍ତ୍ରୀ-ଠିକାଦାର ବିବାଦ



ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଠିକାଦାରମାନେ।

- ପ୍ରେସମିଟ୍‌ରେ କହିଲେ, ୫ ଦିନ ହେଲା ପୂର୍ତ୍ତ ଡିଭିଜନ ଅଫିସ କାମ ଶିଥିଳ
- ମାର୍ଚ୍ଚ ମାସରେ ବିଲ୍ ନହେଲେ ଠିକାଦାର ହେବେ ହଇରାଣ

ବଲାଙ୍ଗୀର,୨୬।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୂର୍ତ୍ତ ବିଭାଗ (ରାସ୍ତା ଓ କୋଠା) ଯନ୍ତ୍ରୀ ଓ ଠିକାଦାରଙ୍କ ବିବାଦ ଏବେ ରୋଚକ ମୋଡ଼ରେ ପହଞ୍ଚିଛି। ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ କେତେଜଣ ଠିକାଦାର (ସି-କ୍ଲାସ୍) ଖବରଦାତା ସମ୍ମିଳନୀ ଡାକିଥିଲେ। ସେମାନେ କହିଥିଲେ, ୨୧ ତାରିଖର ଠିକାଦାର-ଯନ୍ତ୍ରୀ ବିବାଦ ନକରାତ୍ମକ ପରିବେଶ ସୃଷ୍ଟି କରିଛି। ଯେଉଁ ପୂର୍ତ୍ତ ଯନ୍ତ୍ରୀ ଓ ଅଫିସ ଷ୍ଟାଫ୍ ବଲାଙ୍ଗୀରର ଠିକାଦାରଙ୍କ ସ୍ୱାର୍ଥ ଓ ବିକାଶ ପାଇଁ ଦିନରାତି କାମ କରୁଥିଲେ ଗତ ୫ ଦିନ ହେଲା ସେମାନଙ୍କ କାମ ଶିଥିଳ ହୋଇଯାଇଛି। ଯନ୍ତ୍ରୀ-ଠିକାଦାରଙ୍କ ବିବାଦ ପ୍ରଭାବ ପରୋକ୍ଷ ଭାବେ ଠିକାଦାରଙ୍କ ଉପରେ ପଡୁଛି। ଆଗକୁ ମାର୍ଚ୍ଚ ମାସ ଆସୁଛି। ୩/୪ ଶହ ଠିକାଦାର ବିଲ୍ ପାଇବେ ବୋଲି ଆଶା ରଖିଛନ୍ତି। ତେବେ ଅଫିସ କାମ ଶିଥିଳ ହୋଇଗଲେ ଠିକାଦାରମାନେ ବହୁତ ହଇରାଣ ହେବେ। ଯନ୍ତ୍ରୀ-ଠିକାଦାରଙ୍କ ଭିତରେ ସେଭଳି କିଛି ବିବାଦ ଆଉ ନାହିଁ। ଠିକାଦାରମାନେ ପୂର୍ତ୍ତ ବିଭାଗ ଅଫିସ ଷ୍ଟାଫ୍‌ଙ୍କ ସହ ସବୁବେଳେ ରହିଛନ୍ତି ଏବଂ ଏହା ଜଣାଇବାକୁ ଖବରଦାତା ସମ୍ମିଳନୀ କରିଥିବା ଠିକାଦାର ଅମିତ ମହାନ୍ତି ଓ ଗୁଞ୍ଜା ଖାନ୍ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅଧୀକ୍ଷଣ ଯନ୍ତ୍ରୀଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରିଥିବା ଠିକାଦାର ପ୍ରେମ ରଞ୍ଜନ ପାଣିଗ୍ରାହୀ କହିଥିଲେ, ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଯାହା ବିବାଦ ହୋଇଥିଲା ତାର ମୀମାଂସା ହୋଇଯାଇଛି। ଆଗକୁ ପୂର୍ତ୍ତ ଅଫିସ ଠିକ୍ ଯେଭଳି ଚାଲିବ ସେଇ ଉଦ୍ୟମ ହେଉଛି ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଠିକାଦାରମାନଙ୍କ ମତାମତ ଶୁଣି ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। ଠିକାଦାରଙ୍କ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀଙ୍କ ବିରୋଧରେ ଯେଉଁ ଅଭିଯୋଗ କରାଯାଇଥିଲା ଏବଂ ଯନ୍ତ୍ରୀ ଠିକାଦାରଙ୍କ ବିରୋଧରେ ଯେଉଁ ଅଭିଯୋଗ କରିଥିଲେ ତାହା କ'ଣ ମିଛ ଥିଲା କି ବୋଲି ପ୍ରଶ୍ନ କରିଥିଲେ। ତେବେ ଏସବୁ ବିଷୟରେ ଅଧିକ ଚର୍ଚ୍ଚା କି ଖବର ନ କରିବାକୁ ଠିକାଦାରମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ।

ଉକ୍ତ ଖବରଦାତା ସମ୍ମିଳନୀରେ ଠିକାଦାରମାନେ କହିଥିଲେ, ଯନ୍ତ୍ରୀ-ଠିକାଦାର ବିବାଦ ଏକପ୍ରକାର ଭୁଲ ବୁଝାମଣାରୁ ହୋଇଯାଇଥିଲା। ପ୍ରେସମିଟ୍ ବାହାରେ କେତେଜଣ ଠିକାଦାର କହିଥିଲେ, ଅଳ୍ପ କେତେ 'ଖବରୀ' ଏହି ଷଡଯନ୍ତ୍ର କରିଥିଲେ। ଏଥିରୁ ସେମାନେ ଲାଭ ଉଠାଇବାକୁ ଚାହୁଁଥିଲେ। ତେବେ ସେସବୁ ଫସର ଫାଟିଗଲା। ଠିକାଦାରମାନଙ୍କ ଅଧିକ କ୍ଷତି ହେଲା। ଏହି ବିବାଦର ସମାଧାନ ଶୀଘ୍ର ନହେଲେ ଶତାଧିକ ଠିକାଦାର ଅସୁବିଧାରେ ପଡିବେ। ଏଣୁ ଏହି ଉଦ୍ୟମ ହୋଇଛି ବୋଲି ଠିକାଦାରମାନେ କହିଥିଲେ। ଆଉ କେତେଜଣ ଠିକାଦାର କହିଛନ୍ତି, ଏହି ଘଟଣା ପରେ ଅଧୀକ୍ଷଣ ଯନ୍ତ୍ରୀ ଓ ଅଫିସ ଷ୍ଟାଫ୍‌ଙ୍କ ଉପରେ ମଧ୍ୟ ଏକପ୍ରକାର ଚାପ ସୃଷ୍ଟି ହୋଇଛି। ଗତ ୫ ଦିନର ଯନ୍ତ୍ରୀ-ଠିକାଦାର ବିବାଦ ଘଟଣାକୁ ଦେଖିଲେ ଠିକାଦାରମାନଙ୍କ ଉପରେ ଅଧିକ ଚାପ ସୃଷ୍ଟି ହୋଇଥିବା ଜଣାପଡିଛି। ଯନ୍ତ୍ରୀ ଜିଲା ବାହାରର ଠିକାଦାରଙ୍କୁ କାମ ଦେଉଛନ୍ତି ବୋଲି ଯେଉଁ ଅଭିଯୋଗ କରିଥିଲେ ସେ ବିଷୟରେ ମଧ୍ୟ ଆଉ ଅଧିକ ଆଲୋଚନା କରିବାକୁ ଠିକାଦାରମାନେ ମନା କରିଥିଲେ। ଏ ସମ୍ପର୍କରେ ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀ ଆଶୁତୋଷ ଜେନାଙ୍କ ମତାମତ ମିଳିପାରି ନାହିଁ।

# ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ତାଲିମ ଶିବିର

ଖପ୍ରାଖୋଲ,୨୬।୨(ଅଭୟ ତ୍ରିପାଠୀ)

ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହଠାରେ ଜିଲା ପ୍ରଶାସନ ତରଫରୁ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ଏକ ଦିବସୀୟ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ମୁଖ୍ୟଅତିଥି ଭାବେ ପରିସଂଖ୍ୟାନ ବିଭାଗ ସହ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଖଣ୍ଡେଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର ଯୋଗ ଦେଇଥିଲେ।

ତାଲିମଦାତା ଭାବେ ଏସଆଇଆରଡି ମାଷ୍ଟର ଟ୍ରେନର ପ୍ରଜ୍ଞା ପରିମିତା ସିଂଦେଓ, ଆଶିଷ କୁମାର ପାଣିଗ୍ରାହୀ, ଭଜ ସୁନା, ଛନ୍ଦାରାଣୀ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ ଉପରେ ତାଲିମ ପ୍ରଦାନ କରାଯାଇଥିବା ବେଳେ ବ୍ୟବହାରିକ ଦକ୍ଷତା ବୃଦ୍ଧି ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ବୈଦ୍ୟନାଥ ମିଶ୍ର, ସୁଶୀଲ କୁମାର ଗୁରୁ, ସୀମାଞ୍ଚଳ ପୁରୋହିତଙ୍କ ସମେତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଅଙ୍ଗନବାଡ଼ି କର୍ମୀ, ସିଆର୍‌ପି, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ।

# 'ଗ୍ରାମ ପଞ୍ଚାୟତକୁ ଦାଦନ ଶୂନ୍ୟ କରିବା ଉଦ୍ୟମ ଆରମ୍ଭ'

ବଲାଙ୍ଗୀର,୨୬।୨(ବୀରେନ୍ଦ୍ର କୁମାର ଝାଙ୍କର)




ମନ୍ତ୍ରୀ ରବି ନାରାୟଣ ନାଏକ ଚଳିତ ବଜେଟ୍‌କୁ ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

- ବଜେଟ୍ ଉପରେ ସବିଶେଷ ସୂଚନା ଦେଲେ
- ବୁଦ୍ଧିଜୀବୀ ସମ୍ମିଳନୀ କରି ଲୋକଙ୍କ ମତାମତ ଶୁଣିଲେ
- 'ଡାଇଖାଇ ଉତ୍ସବ' ଦାଦନ ରୋକିବାରେ ସହାୟକ ହେବ

ବଲାଙ୍ଗୀର ଜିଲାର ଦାଦନ ସମସ୍ୟାର ସମାଧାନ କରିବା ଦିଗରେ ସରକାର ଓ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଏକ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଇଛି। ଜିଲାର ଗ୍ରାମ ପଞ୍ଚାୟତକୁ ଦାଦନ ଶୂନ୍ୟ କରାଯିବ। ପଞ୍ଚାୟତ ସ୍ତରରୁ ଦାଦନ ତାଲିକା ପ୍ରସ୍ତୁତ କରାଯାଉଛି। ଯେଉଁମାନେ ଦାଦନ ଖଟି ଯାଉଛନ୍ତି ସେମାନଙ୍କର ବର୍ଗୀକରଣ କରାଯାଉଛି। ଏହାଦ୍ୱାରା ସେମାନଙ୍କୁ ନିଯୁକ୍ତି ଏବଂ ଥଇଥାନ କରିବାରେ ସହାୟକ ହେବ ବୋଲି ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ତଥା ବଲାଙ୍ଗୀର ଜିଲା ପ୍ରଭାରୀ ରବି ନାରାୟଣ ନାଏକ ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ ଆହୁରି କହିଥିଲେ, ଦାଦନ ଶ୍ରମିକ ସମସ୍ୟା ରୋକିବାରେ ଜିଲା ପ୍ରଶାସନକୁ ସେ ଯେଉଁ ଦାୟିତ୍ୱ ଦେଇଥିଲେ ତାହାକୁ ଜିଲା ପ୍ରଶାସନ ୯୦ ପ୍ରତିଶତ ସଫଳ କରିଛି। 'ଡାଲଖାଇ' ଉତ୍ସବ ଆୟୋଜନ ଏକ ପ୍ରକ୍ରିୟା। ଏହା ଜରିଆରେ ଯେଉଁ ସାଂସ୍କୃତିକ ଆକର୍ଷଣ ତିଆରି ହେବ ତାହା ଜିଲାର ଡ୍ରପ୍ ଆଉଟ୍ ଓ ଦାଦନ ସମସ୍ୟାକୁ ସମାଧାନ କରିବାରେ ସହାୟକ ହେବ। ପର୍ଲିମାଲ ଗାଁରେ ଆୟୋଜିତ 'ଡାଲଖାଇ' ଉତ୍ସବ ଲୋକଙ୍କୁ ଯୋଡିବାରେ ସହାୟକ ହୋଇଛି ବୋଲି ସେ କହିଥିଲେ। ଚଳିତ ମାଟ୍ରିକ୍ ପରୀକ୍ଷାରେ ୭୦୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ନ ଦେବା ଏବଂ ଦାଦନ ଯିବାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ଏହାର ତଥ୍ୟ ସଂଗ୍ରହ ପାଇଁ ଉଦ୍ୟମ କରାଯାଉଛି ଏବଂ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମନ୍ତ୍ରୀ ନାଏକ କହିଥିଲେ, ଚଳିତ ବଜେଟ୍‌ରେ ସରକାର ବଲାଙ୍ଗୀର ତଥା ଓଡିଶାର ଅନ୍ୟ ଜିଲାଗୁଡିକ ପାଇଁ କ'ଣ ସବୁ ସୁବ୍ୟବସ୍ଥା କରିଛନ୍ତି ତାହାକୁ ଜନସାଧାରଣଙ୍କ ସମ୍ମୁଖରେ ରଖିବା ପାଇଁ ସେ ଆଜି ବଲାଙ୍ଗୀର ଆସିଥିଲେ। ବଲାଙ୍ଗୀରରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ଓ ଏକ ଇଞ୍ଜିନିୟରିଂ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏହାଛଡା ସୋନପୁରରେ ଏକ ମତ୍ସ୍ୟ କଲେଜ ଏବଂ ନୂଆପଡାରେ ଏକ ହୋମିଓପାଥି କଲେଜ ପ୍ରତିଷ୍ଠା କରାଯିବ। ଗୋଟିଏ ବଜେଟ୍‌ରେ ଏହି ଅଞ୍ଚଳରେ ୪ଟି କଲେଜ ପ୍ରତିଷ୍ଠା ସହ ରାଜ୍ୟରେ ୧୦୦ଟି ମଡେଲ ମଣ୍ଡି ଖୋଲାଯିବ ଏବଂ ଆର୍ଥିକ ଦିଗରୁ କିଭଳି ଜିଲାଗୁଡିକ ସମୃଦ୍ଧ ହେବ ସେନେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ବଲାଙ୍ଗୀର ଜିଲାରେ ଆଗାମୀ ଦିନରେ କିଭଳି ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରାଯିବ ସେ ଉଦ୍ୟମ ହେଉଛି ବୋଲି କହିଥିଲେ। ବଲାଙ୍ଗୀର, କଳାହାଣ୍ଡି, ନୂଆପଡା ଓ ରାୟଗଡା ଜିଲାରେ ଅଧିକ କପା ହେଉଥିବା ଏବଂ ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଥିବାରୁ ଏଠାରେ ଟେକ୍ସଟାଇଲ ମିଲ ପ୍ରତିଷ୍ଠା କରାଯିବ ବୋଲି ସେ କହିଥିଲେ। ବଜେଟ୍ ସଂକ୍ରାନ୍ତୀୟ ଖବରଦାତା ସମ୍ମିଳନୀ ପରେ ବୁଦ୍ଧିଜୀବୀ ସମ୍ମିଳନୀ ହୋଇଥିଲା। ନାଗରିକ କମିଟି ସଭାପତି ଶ୍ରୀକର ମିଶ୍ର, ସମ୍ପାଦକ ମଧୁସୂଦନ ନାୟକ, ପ୍ରଫେସର ତରୁଣ ମିଶ୍ର, ସୁମିତ ପୁରୋହିତ, ଗୋପବନ୍ଧୁ ପୁରୋହିତ, ଚାଷୀନେତା ଯତି ପଧାନ ଓ ବୁଦ୍ଧିଜୀବୀମାନେ ମତାମତ ଦେଇଥିଲେ। ବଲାଙ୍ଗୀରରେ କୃଷି ଓ ଇଞ୍ଜିନିୟରିଂ କଲେଜ ଖୋଲାଯିବ ବୋଲି ସରକାର ଘୋଷଣା କରିଥିବାରୁ ସରକାରକୁ ଧନ୍ୟବାଦ ଜଣାଇଥିଲେ। ଆଗକୁ ବଲାଙ୍ଗୀରରେ କ୍ରୀଡା ବିଶ୍ୱବିଦ୍ୟାଳୟ, ଶାରୀରିକ ଶିକ୍ଷା କଲେଜ, କୃଷି ବିଶ୍ୱବିଦ୍ୟାଳୟ, ଫର୍ମାସୀ କଲେଜ, ଆୟୁଷ ବିଶ୍ୱବିଦ୍ୟାଳୟ, ରେଲୱେ ପିଟ୍ ଲାଇନ୍ ଓ ଦେଓଗାଁ ଟିନିକଲ ଶୀଘ୍ର ଖୋଲିବାକୁ ଦାବି ଜଣାଇଥିଲେ। ଏହି ଅବସରରେ ମନ୍ତ୍ରୀ ନାଏକ ନବନିର୍ବାଚିତ ନାଗରିକ କମିଟି କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଭାଜପା ଜିଲା ସଭାପତି ଶ୍ରୀବତ୍ସ ବେହେରା ପରିଚାଳନା କରିଥିଲେ। ଏଥିରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ଓ ଏମ୍‌ପିଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।

# ୨୪ ପ୍ରହରୀ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ।

ଦେଓଗାଁ,୨୬।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ହାତୀସରା ପଞ୍ଚାୟତ ମୁଖ୍ୟାଳୟରେ ୨୪ ପ୍ରହରୀ ନାମଯଜ୍ଞ ପାଇଁ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଦିନ ଶତାଧିକ ମହିଳା ପୁରୁଷ ସ୍ଥାନୀୟ ବନ୍ଧରୁ ପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପ୍ରହରୀ ମଣ୍ଡପଠାରେ ପହଞ୍ଚିବା ପରେ ଅଧିବାସ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ଶୁକ୍ରବାର ସକାଳ ୯ଟାରେ ନାମାରମ୍ଭ କରାଯିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ନାମଯଜ୍ଞରେ ଅମିତାଭ ପୁଟେଲ ଓ ତାଙ୍କ ସ୍ତ୍ରୀ କୁନ୍ତୀ ପୁଟେଲ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଭାବେ ସୁଦର୍ଶନ କର ଦାୟିତ୍ୱ ତୁଲାଉଛନ୍ତି। କାର୍ଯ୍ୟକ୍ରମରେ ପ୍ରହରୀ କମିଟି ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

# ଜିଲା କଂଗ୍ରେସ ପକ୍ଷରୁ କେନ୍ଦ୍ର ମନ୍ତ୍ରୀଙ୍କ ବିରୋଧରେ ଥାନାରେ ଅଭିଯୋଗ



ପାଟଣାଗଡ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ପାଟଣାଗଡ଼,୨୬।୨(ସଚ୍ଚିଦାନନ୍ଦ ମହାକୁର)

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ୨ କେନ୍ଦ୍ରମନ୍ତ୍ରୀ ଓ ଜଣେ ଏମ୍‌ପିଙ୍କ କଟୁ ମନ୍ତବ୍ୟକୁ ନେଇ ସାରା ଦେଶରେ କଂଗ୍ରେସ ନେତାମାନେ ଏକଜୁଟ ହୋଇଥିବା ବେଳେ ମାମଲା ରୁଜୁ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବଲାଙ୍ଗୀର ଜିଲା କଂଗ୍ରେସ ସଭାପତି ଅନୀଲ ମେହେର ପାଟଣାଗଡ ଥାନାଧିକାରୀଙ୍କ ମାଧ୍ୟମରେ ବଲାଙ୍ଗୀର ଏସ୍‌ପିଙ୍କଠାରେ ସେମାନଙ୍କ ବିରୋଧରେ ମାମଲା ଦାଏର କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏପରି କି ସେମାନଙ୍କୁ ଗିରଫ କରିବା ସହ ଏପଷ୍ଟିନ ଫାଇଲର ତଦନ୍ତ ଚାଲୁ ରଖିବା ପାଇଁ ଦାବି କରିଛନ୍ତି। ଏ ନେଇ ଅପରାହ୍ନରେ ପାଟଣାଗଡ ଥାନାରେ ଜିଲା କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ଜିଲା କଂଗ୍ରେସ ଉପ ସଭାପତି ଅଜିତ ପୁରୋହିତ, ଜନ୍ମେଜୟ ସାହୁ, ପାଟଣାଗଡ ବ୍ଲକ ସଭାପତି ସାଧୁଚରଣ ମେହେର, ନଗର ସଭାପତି ବିଦ୍ୟାଧର ମେହେର, ଖପ୍ରାଖୋଲ ବ୍ଲକ ସଭାପତି ଦେବରାଜ ପଧାନ, ବରିଷ୍ଠ ସଦସ୍ୟ ବନମାଳୀ ମେହେର, ବସୁଦେବ ଦେହୁରୀଙ୍କ ସହ ଅନେକ ବ୍ଲକ କଂଗ୍ରେସ ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୪ ଗୋଟି ମଷ୍ଟର ରୋଲ, ଏକପ୍ରକାର ଫଟୋ ଅପ୍‌ଲୋଡ

**ଶ୍ରମିକଙ୍କ ମଜୁରି ହଡ଼ପ ଅଭିଯୋଗ**

ଲୋଇସିଂହା,୨୬।୨(ସୁଶାନ୍ତ ବାରିକ)

ଗାଁରେ ଶ୍ରମିକ ବର୍ଗର ଲୋକଙ୍କୁ କାମ ଯୋଗାଇବା ସହିତ ସେମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ହେଲେ ଏହି ଯୋଜନାରେ ବ୍ୟାପକ ହରିଲୁଟ ହେଉଥିବା ଅଭିଯୋଗ ହେଉଛି। ଉଚ୍ଚସ୍ତରୀୟ ତଦାରଖ ଅଭାବରୁ ଉକ୍ତ ବିଭାଗରେ ବ୍ଲକ ଓ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଏହି ଯୋଜନା ବେଶ୍ ସୁହାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ବୁଧବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୫ଟି ପଞ୍ଚାୟତ ଯଥା ବୁଢୀପଦର, କୁଶମେଲ, ରତାଖଣ୍ଡି, ତଲିଉଡାର ଓ ଉପରବାହାଲ ପଞ୍ଚାୟତରେ ମୋଟ ୬ ଟି ପ୍ରକଳ୍ପରେ ୧୮୭ ଜଣ ଶ୍ରମିକ କାମ କରିଛନ୍ତି । ହେଲେ ଆଶ୍ଚର୍ଯ୍ୟର କଥା ଉପରବାହାଲ ପଞ୍ଚାୟତର ଜାମଜୁରି ଗ୍ରାମ୍ୟ ଡଙ୍ଗରରେ ଟ୍ରେଞ୍ଚ କାମ ଚାଲିଛି । ଏହି ପ୍ରକଳ୍ପରେ ୪ ଟି ମଷ୍ଟର ରୋଲରେ ବୁଧବାର ୩୨ ଜଣ ଶ୍ରମିକ କାମ କରିଛନ୍ତି। ଏମ୍‌ଜିଏନଆରଇଜିଏସ ସାଇଟ୍‌ର ଏନଏମଏମଏସ ତଥ୍ୟରେ ଏହି ୪ଟି ଯାକ ମଷ୍ଟର ରୋଲରେ ଭିନ୍ନ ଶ୍ରମିକଙ୍କ ଉପସ୍ଥାନ ଦର୍ଶା ଯାଇଥିବା ବେଳେ ୯ ଜଣିଆ ଏକ ଗୋଷ୍ଠୀ ଶ୍ରମିକଙ୍କ ଏକ ପ୍ରକାର ଫଟୋ ଅପ୍‌ଲୋଡ ହୋଇଛି । ଯାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି । ଏପରି ଭାବରେ ଶ୍ରମିକଙ୍କ ଉପସ୍ଥାନ ପକାଇ ଦୈନିକ ମଜୁରି ଆତ୍ମସାତ କରାଯାଉଥିବା ଅଭିଯୋଗ ହେଉଛି । ଏହି ପ୍ରକଳ୍ପର ମଷ୍ଟର ରୋଲ ନଂ ୧୦୯୯୦ରେ ଜଣେ ମହିଳା ଏବଂ ୮ ଜଣ ପୁରଷଙ୍କୁ ମିଶାଇ ମୋଟ ୯ ଜଣ ଶ୍ରମିକ କାମ କରିଥିବା ଦର୍ଶାଯାଇଛି ଏବଂ ସେମାନଙ୍କ ଫଟୋ ମଧ୍ୟ ଉକ୍ତ ଏନଏମଏମଏସ ଆପ୍‌ରେ ଲୋଡ କରାଯାଇଛି । ସେହିପରି ମାଷ୍ଟର ରୋଲ ୧୦୯୯୧ରେ ଜଣେ ମହିଳା ସମେତ ୬ ଜଣ ଶ୍ରମିକ ,୧୦୯୯୨ରେ କେବଳ ୮ ଜଣ ପୁରୁଷ ଶ୍ରମିକ ଏବଂ ୧୦୯୯୩ରେ ଜଣେ ମହିଳା ସମେତ ୯ ଜଣ ଶ୍ରମିକ କାମ କରିଛନ୍ତି ବୋଲି ଉପସ୍ଥାନରେ ଦର୍ଶାଯାଇଛି। ୪ଟି ଯାକ ମଷ୍ଟର ରୋଲରେ ଭିନ୍ନ ଶ୍ରମିକଙ୍କ ନାମ ରହିଥିବା ବେଳେ ଏକପ୍ରକାର ଫଟୋ ଅପ୍‌ଲୋଡ ହୋଇଛି। ସକାଳ ବେଳା ଫଟୋ ଅପ୍‌ଲୋଡ୍ ହୋଇଥିବା ବେଳେ ଅପରାହ୍ନ ସମୟର ଫଟୋ ମଧ୍ୟ ଅପଲୋଡ ହୋଇନାହିଁ। ୧୦୯୯୨ ମାଷ୍ଟର ରୋଲକୁ ଅନୁଧ୍ୟାନ କଲେ କେବଳ ୮ ଜଣ ପୁରୁଷ ଶ୍ରମିକ କାମ କରିଛନ୍ତି । କିନ୍ତୁ ଏଠାରେ ଜଣେ ମହିଳା ସମେତ ୯ ଜଣିଆ ଶ୍ରମିକଙ୍କ ଫଟୋ ରହିଛି। ସେହିପରି ୧୦୯୯୧ରେ ୬ ଜଣ ଶ୍ରମିକ କାମ କରିଥିବା ବେଳେ ୯ ଜଣିଆ ଶ୍ରମିକଙ୍କ ଫଟୋ ଅପ୍‌ଲୋଡ୍ କରାଯାଇଥିବାରୁ ସାଧାରଣରେ କାମର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏ ସମ୍ପର୍କରେ କାମ ତଦାରଖ କରୁଥିବା ଗାଁ ସାଥୀ ରମେଶ ବିଶ୍ୱାଳଙ୍କୁ ପଚାରିବାରେ ନେଟୱର୍କ ନ ଥିବାରୁ ଗୋଟିଏ ଫଟୋ ଅପ୍‌ଲୋଡ କରିଥିବା କହିଥିଲେ । ଏହା ଗୋଟିଏ ଦିନ ପାଇଁ ଭୁଲ ହୋଇଥିବା ସ୍ୱୀକାର କରିଥିଲେ। ବ୍ଲକର କର୍ମଚାରୀ ଶାନ୍ତନୁ ଭୋଇଙ୍କୁ ପଚାରିବାରେ ଯଦି ଏପରି ଅନିୟମିତତା ହୋଇଛି, ତେବେ ଶ୍ରମିକଙ୍କ ଶୂନ୍ୟ ଉପସ୍ଥାନ ପକାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ

ସମ୍ବଲପୁର,୨୬।୨(ପ୍ରମୋଦ ବହିଦାର)

ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗରେ ବରେଇପାଲି ଥାନା ପୋଲିସ ଜଣେ ଟାଟୁ ଚିତ୍ରକର(ଆର୍ଟିଷ୍ଟ)ଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବରେଇପାଲିରେ ଟାଟୁ ଦୋକାନ କରିଥିବା ଅଜିତ ସିଂ ରାଇନା(୪୪)। ଏ ନେଇ ବରେଇପାଲି ଥାନାରେ ଏକ ଭାରତୀୟ ନ୍ୟାୟ ସଂହିତାର ଦଫା ୧୨୬(୨), ୭୪(୨)ରେ ଏକ ମାମଲା(ନଂ.୩୯/୨୬)ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ବରେଇପାଲି ଅଞ୍ଚଳରେ ଏକ ଟାଟୁ ଦୋକାନ କରିଥିବା ଅଜିତ ଜଣେ ଟାଟୁ ଆର୍ଟିଷ୍ଟ ଭାବେ ଅଞ୍ଚଳରେ ବେଶ ଜଣାଶୁଣା। ତାଙ୍କ ଦୋକାନରେ କର୍ମଚାରୀ ଭବେ ଜଣେ ମହିଳା କାମ କରୁଥିଲେ। ସେ କାର୍ଯ୍ୟ କରୁଥିବା ବେଳେ ଅଜିତ ତାଙ୍କୁ ଅସଦାଚରଣ କରୁଥିଲେ। ମହିଳା ଜଣକ ଏପରି ନ କରିବାକୁ ବାରମ୍ବାର ବାରଣ କରୁଥିଲେ ହେଁ ସେ ଶୁଣୁ ନ ଥିଲେ। ଫଳରେ ମହିଳା ଜଣକ ଦୋକାନରୁ ଯାଇ ପରିବାର ଲୋକଙ୍କୁ ସବୁକଥା କହିଥିଲେ। ପରେ ପରିବାର ଲୋକଙ୍କ ସହିତ ଆସି ବରେଇପାଲି ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ବରେଇପାଲି ଥାନା ପୋଲିସ ଅଜିତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅପରପକ୍ଷରେ ପୂର୍ବରୁ ମଧ୍ୟ ଅଜିତଙ୍କ ନାମରେ ସମ୍ବଲପୁରର ବିଭିନ୍ନ ଥାନାରେ ୬ଟି ଆପରାଧିକ ମାମଲା ରହିଥିବା ପୋଲିସ କହିଛି।

### ୧୦ଲକ୍ଷରୁ ଉର୍ଦ୍ଧ୍ୱ ସାଇବର ଠକେଇ, ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୬।୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲା ଥାନା ପୋଲିସ ସାଇବର ଠକେଇ ଅଭିଯୋଗରେ ମୁଡ଼ୋଘାଟ ପରଦେଶୀପଡ଼ାର ଶିଭମ୍ ସିଂ(୨୪)ଙ୍କୁ ଗିରଫ କରିଛି। ତାଙ୍କଠାରୁ ବିଭିନ୍ନ ବ୍ୟାଙ୍କର ଏଟିଏମ୍ ଓ ଡେବିଟ୍ କାର୍ଡ, ଏକ ଲ୍ୟାପଟପ୍, ବିଭିନ୍ନ ବ୍ରାଣ୍ଡର ତିନୋଟି ମୋବାଇଲ୍ ଫୋନ, ୨ଟି ପାନକାର୍ଡ ପୋଲିସ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୯୯/୨୬)ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ସାଇବର ଠକେଇ ନେଇ ବୁର୍ଲା ଥାନାର ହସ୍ତଗତ ରିପୋର୍ଟ ଆଧାରରେ ସବ୍‌ଇନ୍ସପେକ୍ଟରେ ସୁଧାଂଶୁ ଶେଖର ପାତ୍ରଙ୍କ ଅଭିଯୋଗରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ବିଭିନ୍ନ ବୈଷୟିକ ପଦ୍ଧତି ଅବଲମ୍ବନପୂର୍ବକ ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା। ଶିବମ ବାରେଇପାଲିସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ଏକ ଆକାଉଣ୍ଟ ଖୋଲି ସାଇବର ଠକେଇ ଟଙ୍କାର କାରବାର ପାଇଁ ବ୍ୟବହାର କରୁଥିଲେ ବୋଲି ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ ସେ ପ୍ରାୟ ୧୦,୬୨,୬୩୪ ଟଙ୍କାର ଠକେଇ କରିଥିବା ଜଣାପଡିଛି। ତେବେ ସମ୍ବଲପୁର ସାଇବର ଥାନାରୁ ମିଳିଥିବା ତଥ୍ୟକୁ ଭିତ୍ତି କରି ପୋଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।

# ମଧୁର ସମ୍ପର୍କକୁ ସୁଦୃଢ଼ କରେ ପାନ

## ୪ର୍ଥ ପାନ ଦିବସ ଓ କବିତା ଆସର

ସମ୍ବଲପୁର,୨୬।୨(ବି.ଶଙ୍କର)


ଆୟୋଜିତ ପାନ ଦିବସ କାର୍ଯ୍ୟକ୍ରମରେ ଅତିଥି, ବକ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଲମ ପରିବାର ଟ୍ରଷ୍ଟ ପକ୍ଷରୁ ଚତୁର୍ଥ ପାନ ଦିବସ ଓ କବିତା ଆସର ଗୁରୁବାର ସମ୍ବଲପୁରସ୍ଥିତ ସାମ୍ବାଦିକ ଭବନଠାରେ ପାଳିତ ହୋଇଛି। ମୁଖ୍ୟଅତିଥିଭାବେ ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର ଯୋଗଦେଇଥିଲେ। ପାନ ମଧୁର ସମ୍ପର୍କକୁ ସୁଦୃଢ଼ କରିଥାଏ । ସେହିପରି ପାନ ଖାଇବା ଅଭ୍ୟାସରୁ ଅସାଧ କାର୍ଯ୍ୟ ସମାଧାନ ହୋଇଥାଏ । ତେଣୁ ପ୍ରକୃତ ପକ୍ଷେ ପାନ ଖାଇବା ଦ୍ୱାରା ପରସ୍ପର ମଧ୍ୟରେ ନିବିଡତା ବଢ଼ିଥାଏ ବୋଲି ଡ.ଧର ମତପୋଷଣ କରିଥିଲେ।

ସାହିତ୍ୟିକ ଲକ୍ଷ୍ମୀନାରାୟଣ ପଣ୍ଡା ଏବଂ ସମ୍ବଲପୁର କଳା ପରିଷଦର ସମ୍ପାଦକ ସୁଶାନ୍ତ କୁମାର ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସେମାନେ କହିଥିଲେ, ପାନ(ତାମ୍ବୁଳ) ଆମ ଭାରତୀୟ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ। ଧାର୍ମିକ କାର୍ଯ୍ୟ ହେଉ କିମ୍ବା ସାମାଜିକ କାର୍ଯ୍ୟ ସବୁଠି ପାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତ୍ରିନାଥ ମେଳା, ସତ୍ୟନାରାୟଣ ପୂଜା ସହ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟରେ ବ୍ୟବହାର ହୋଇଥାଏ। ପରମ୍ପରା ଅନୁଯାୟୀ ଘରକୁ ଆସୁଥିବା ଅତିଥିଙ୍କୁ ମଧ୍ୟ ପାନ ଦେଇ ସତ୍କାର କରାଯାଏ। ପାନ ସମ୍ପର୍କର ସେତୁ ଭଳି କାମ କରିଥାଏ। ଏହାର ଔଷଧୀୟ ଗୁଣ ମଧ୍ୟ ରହିଛି । ଆୟୁର୍ବେଦ ଚିକିତ୍ସାରେ ଏହାର ବ୍ୟବହାର ରହିଛି। ବର୍ତ୍ତମାନ ପାନର ଚାହିଦା କମି ଚାଲିଛି । ଜର୍ଦ୍ଦା ଓ ଗୁଟଖାର ବ୍ୟବହାର ବୃଦ୍ଧି ପାଉଛି। ଏହି କାରଣରୁ ମାନବ ସମାଜରେ ବିଭିନ୍ନ ପ୍ରକାଶ ଅଜଣା ରୋଗର ସମ୍ଭାବନା ସୃଷ୍ଟି ହୋଇଛି । ସୁସ୍ଥ ଶରୀର ଓ ସମାଜ ଗଠନ ପାଇଁ ଜର୍ଦ୍ଦା ଓ ଗୁଟଖା ବର୍ଜନ କରିବାକୁ ସମ୍ମାନୀତ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ପ୍ରାରମ୍ଭରେ ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଟ୍ରଷ୍ଟ ଉପସଭାପତି ଜୟକୃଷ୍ଣ ବେହେରା ଏବଂ ପାନ ଦିବସ ଆୟୋଜନରେ ଭାଜପା ଜିଲା କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁ ସହଯୋଗ କରିଥିଲେ। ଏହାପରେ କବୟିତ୍ରୀ ସୁପ୍ରିୟା ଦାସଙ୍କ ସଂଯୋଜନାରେ ସ୍ୱରଚିତ କବିତା ପାଠ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନୁପମା ବିଶ୍ୱାଳ, ପ୍ରଭଞ୍ଜନ ପୁରୋହିତ, ଆଭାସ ପଣ୍ଡା, ଭବାନୀ ଶଙ୍କର ମେହେର, ସୁଷମା ହୋତା, କାଳିନ୍ଦୀ ପ୍ରତାପ ସିଂହ, ସିଦ୍ଧି ସ୍ୱରୂପା ପାଢ଼ୀ, ସୂର୍ଯ୍ୟ ପାଣିଗ୍ରାହୀ, ପ୍ରଦୀପ କୁମାର ପାଣିଗ୍ରାହୀ, ପ୍ରଦୀପ ଯୋଶୀ, ସୁଷମା ପ୍ରଧାନ, ତ୍ରିଲୋଚନ ତ୍ରିପାଠୀ ସ୍ୱରଚିତ କବିତା ପାଠ କରିଥିଲେ।

# ଗଡ଼ିଲା ବନାଗ୍ନି ସଚେତନତା ରଥ


ଅତିଥିମାନେ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ନାକଟିଦେଉଳ,୨୬।୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା କିସିଣ୍ଡା ବନାଞ୍ଚଳ କାର୍ଯ୍ୟାଳୟ ପରିସରରୁ ଜଙ୍ଗଲନିଆଁ ନିରାକରଣ ସଚେତନତା ରଥର ଶୁଭାରମ୍ଭ ଗୁରୁବାର ହୋଇଛି। ଏହି ରଥ ଆଗାମୀ ଦୁଇ ମାସ ଧରି ବନାଞ୍ଚଳ ଅଧୀନ ଗ୍ରାମ ପରିକ୍ରମା କରି ବନାଗ୍ନି ନିରାକରଣ ପାଇଁ ଜନସାଧାରଣଙ୍କୁ ସଚେତନ କରାଇବ। ଖଳାଶୁଣି ଅଭୟାରଣ୍ୟ ବାମରା ଡିଭିଜନ ସହକାରୀ ବନ ସଂରକ୍ଷକ ରେଶମା ଲାକ୍ରା, କିସିଣ୍ଡା ସମିତି ସଭ୍ୟା ଯାଜ୍ଞସେନୀ କୁଅଁର, କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ସୁଶ୍ରୀତା ଭୋଇ ଏବଂ ବନାଞ୍ଚଳ ଅଧିକାରୀ ମହେନ୍ଦ୍ର କୁମାର ସାହୁ ଏହି ରଥକୁ ଉଦ୍‌ଘାଟନ କରିଥିଲେ । ଏଥିସହିତ କାର୍ଯ୍ୟାଳୟ ପରିସରରୁ ବାହାରି ଥିବା ଏହି ରଥ ଗାଁ ଗାଁକୁ ଯାଇ ଜଙ୍ଗଲ ନିଆଁର କାରଣ ଏବଂ ନିରାକରଣ ସମ୍ପର୍କରେ ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବ। ଏ ଦିଗରେ ଆମେ ମଧ୍ୟ ଅନ୍ୟମାନଙ୍କୁ ସଚେତନ କରାଇବା ଉପରେ ସହକାରୀ ବନ ସଂରକ୍ଷକ ଲାକ୍ରା ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ଭୁବନେଶ୍ୱର ପାଣି, ପଦ୍ମଲୋଚନ ବଡ଼ଗୋଛିଆ, ଯତୀନ୍ଦ୍ର ମାଝୀ, ଫରେଷ୍ଟ ଗାର୍ଡ, ବନ ସୁରକ୍ଷା ସମିତି କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ହାଇୱାକୁ ଧକ୍କାଦେଇ ସ୍କୁଟି ଆରୋହୀ ମୃତ

ସମ୍ବଲପୁର,୨୬।୨(ପ୍ରମୋଦ ବହିଦାର)

**ବେଆଇନ ପାର୍କିଂ ପୁଣି ନେଲା ଜୀବନ**

ସମ୍ବଲପୁର ସଦର ଥାନା ମାନେଶ୍ୱର ଛକ ନିକଟ ଜାତୀୟ ରାଜପଥ(୫୫)ରେ ପାର୍କିଂ ହାଇୱକୁ ଧକ୍କାଦେଇ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଥାନା ଅନ୍ତର୍ଗତ କୁମ୍ଭାରପଡ଼ା ଦାନିବନ୍ଧ ଅଞ୍ଚଳର ପ୍ରକାଶ ବାଗ୍(୨୨)। କିଛିମାସ ପୂର୍ବରୁ ପ୍ରକାଶ ବିବାହ କରିଥିଲେ। ପ୍ରକାଶ ଏକ କାରୱାସ କମ୍ପାନୀରେ କାର୍ଯ୍ୟ କରୁଥିଲେ। କାରୱାସ୍‌ର ଅର୍ଡର ପାଇ ସେ ଗୁରୁବାର ସକାଳ ୮ଟାରେ ମାନେଶ୍ୱର ଯାଇଥିଲେ। ସେଠାରେ କାମ ସାରି ଫେରିବା ବେଳେ ପୂର୍ବାହ୍ନ ପ୍ରାୟ ୧୧ଟାରେ ମାନେଶ୍ୱରର ବଜାର ଛକ ରାସ୍ତାପାର୍ଶ୍ୱରେ ଥିବା ହାଇୱାରେ ପିଟି ହୋଇ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଦୁଇ ଥାକିଆ ଜାତୀୟ ରଜପଥ(୫୫) ମାନେଶ୍ୱର ବଜାର ଛକରେ ବେଆଇନ୍ ଭାବେ ବିଭିନ୍ନ ଗାଡ଼ି ମୋଟର ପାର୍କିଂ କରି ଗୋଟିଏ ପାର୍ଶ୍ୱ ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧ କରି ରଖୁଛନ୍ତି। ଉକ୍ତ ହାଇୱା ବେଆଇନ୍ ପାର୍କିଂ କରି ରହିଥିବା ବେଳେ ଏହା ପୂର୍ବରୁ କିଛି ଦୂରରେ ଏକ କାର ମଧ୍ୟ ଡୋର ଖୋଲା କରି ପାର୍କିଂ କରି ରହିଥିଲା। ସମ୍ଭବତଃ ସ୍କୁଟିରେ ଆସୁଥିବା ପ୍ରକାଶ ହାଇୱାକୁ ଦେଖି ନ ପାରି ହାଇୱା ପଛପଟେ ପିଟି ହୋଇଯାଇଥିଲେ। ଏହା ପୂର୍ବରୁ ଗତ ଜାନୁଆରୀ ୪ ତାରିଖରେ ଅନୁରୂପ ଭାବେ ବେଆଇନ୍ ପାର୍କିଂ କରି ଛିଡ଼ା ହୋଇଥିବା ଏକ ହାଇୱାକୁ ପଛରୁ ଧକ୍କା ଦେଇ ଏକ କାରରେ ଥିବା ସୁନାପାଲି ଅଞ୍ଚଳର ୩ଜଣଙ୍କ ଜୀବନ ଯାଇଥିଲା।

## ସୁରଘୁଙ୍ଗୁର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ରେଢ଼ାଖୋଲ,୨୬।୨(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସୁରଘୁଙ୍ଗୁରର ମହୋତ୍ସବ-୨୬ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ସ୍ଥାନୀୟ ପିଡବ୍ଲ୍ୟୁଡି ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଶାନ୍ତ କୁମାର ନାଗ ଏଥିରେ ସଭାପତିତ୍ୱ କରିଥିଲେ। ମହୋତ୍ସବରେ ହଜିଯାଉଥିବା ନୃତ୍ୟ, କଳା ସଂସ୍କୃତିକୁ ପ୍ରାଧାନ୍ୟ ଦିଆଯାଇ କିପରି ମହୋତ୍ସବକୁ ଆକର୍ଷଣୀୟ କରାଯାଇପାରିବ ତାହା ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୨୦ରୁ ୨୯ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଆରମ୍ଭରୁ ମିନି ମାରାଥନ, ଦଣ୍ଡ, କୃଷ୍ଣଗୁରୁ, ପାଲା, ସମ୍ବଲପୁରୀ ଫେଶନ ଶୋ, କବିତା ପାଠୋତ୍ସବ, ନୃତ୍ୟ, ସଙ୍ଗୀତ, ଡ୍ରଇଂ, ଝୋଟି ପ୍ରତିଯୋଗିତା କରାଯିବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଜିଲାର ପ୍ରତିଭାଙ୍କୁ ଏହି ଅବସରରେ ସମ୍ମାନୀତ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଉପଦେଷ୍ଟା ଉମାକାନ୍ତ ମହାନନ୍ଦ, ସୁଭଦ୍ର ଭବସାଗର, ପ୍ରସନ୍ନ ପ୍ରଧାନ, ସୁଧାଂଶୁ ପୁରୋହିତ, ପ୍ରକାଶ ମୁଖି, ଉପ ସଭାପତି ରଶ୍ମିରଞ୍ଜନ ଖଡିରତ୍ନ, ସହସମ୍ପାଦକ ଗଜାନନ ଭେସରାଙ୍କ ସହିତ ସୁରଘୁଙ୍ଗୁର ପରିବାରର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମ୍ପାଦକ ରାଜେନ୍ଦ୍ର ବୈଠାରୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବନାଗ୍ନି ସଚେତନତା ରଥର ଶୁଭାରମ୍ଭ


ଅନ୍ୟମାନଙ୍କ ଉପସ୍ଥିତିରେ ଡିଏଫଓ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ଜମନକିରା,୨୬।୨(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧିନ ଜମନକିରା ରେଞ୍ଜ ଭୋଜପୁର ଏବଂ ବଡରମା କାର୍ଯ୍ୟାଳୟରେ ଗୁରୁବାର ବାନାଗ୍ନି ନେଇ ସଚେତନତା ରଥର ଶୁଭାରମ୍ଭ ହୋଇଛି। ପୂର୍ବାହ୍ନ ୧୦ଟା୩୦ରେ ଭୋଜପୁର କାର୍ଯ୍ୟାଳୟରେ ରେଞ୍ଜର ଲକ୍ଷ୍ମୀନାରାୟଣ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାମରା ଡ଼ିଏଫଓ ବିକ୍ରମଦେବ ପଟ୍ଟନାୟକ ପତାକା ଦେଖାଇ ରଥର ଶୁଭ ଉଦଘାଟନ କରିଥିଲେ। ଅନୁରୂପ ଭାବେ ଅପରାହ୍ନ ୩ଟା୩୦ରେ ବଡରମା ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜର ଗିରିଧାରୀ ପ୍ରଧାନ ରଥର ଶୁଭାରମ୍ଭ କରାଯାଇଛି। ଉଭୟ କାର୍ଯ୍ୟକ୍ରମରେ ଡିଏଫଓ ପଟ୍ଟନାୟକଙ୍କ ସମେତ ଏସିଏଫ ଆଲୋକ କୁମାର ଷଡ଼ଙ୍ଗୀ, ରେଶମା ଲାକ୍ରା, ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠୀ, ସମାଜସେବୀ ଦୁଷ୍ମନ୍ତ ନାୟକ, ଭୋଜପୁର ଫରେଷ୍ଟର ହେମନ୍ତ ମିଶ୍ର, ବିଞ୍ଝିପାଲି ଫରେଷ୍ଟର ଅସିତ ଜେନା, ଜମନକିରା ଫରେଷ୍ଟର ଶିଶିର ସାମଲ, ଫରେଷ୍ଟର ଚନ୍ଦ୍ରଶେଖର ଭୋଇ, ବଡରମା ସରପଞ୍ଚ ବିଜୟ କୁମାର ନାୟକ, ଫରେଷ୍ଟର ଆନନ୍ଦ ପରିଡ଼ା, ଚୂଡାମଣି ନାଏକ, ଆଜମେର ଜୟପୁରିଆଙ୍କ ସହ ଭୋଜପୁର ଓ ବଡରମା ଅଞ୍ଚଳର ଜନସାଧାରଣ, ଫରେଷ୍ଟର ପ୍ରମୁଖ ଉପସ୍ଥିତ ଥିଲେ। ଡ଼ିଏଫଓ ପଟ୍ଟନାୟକ କେଉଁ କାରଣରୁ ଜଙ୍ଗଲରେ ନିଆଁ ଲାଗିଥାଏ ନିଆଁଦାଉରୁ ରକ୍ଷା କରିହେବ ସେ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ। ବର୍ତ୍ତମାନ ସମୟରେ ଜଙ୍ଗଲରେ ନିଆଁ ଲାଗିବାର ସମ୍ଭାବନା ବେଶି ଥିବାରୁ ବିଭାଗୀୟ କର୍ମଚାରୀମାନେ ସଜାଗ ରହିବା ଜରୁରୀ। ପୂର୍ବାହ୍ନ ୧୧ଟା ପରେ କୌଣସି ବ୍ୟକ୍ତିଙ୍କୁ ଜଙ୍ଗଲରେ ଦେଖିଲେ ତାଙ୍କୁ ତାଗିଦ୍ କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଏହି ରଥ ଜମନକିରା ବ୍ଲକର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ଜନସାଧାରଣଙ୍କୁ ସଚେତନ କରିବ ବୋଲି କହିଥିଲେ।

# ଅବ୍ୟବସ୍ଥାଘେରରେ ଫୁଲକୁସୁମ ପ୍ରାଥମିକ ବିଦ୍ୟାଳୟ

ନାକଟିଦେଉଳ,୨୬।୨(ବୈକୁଣ୍ଠନାଥ ସାହୁ)



ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପାଣିମୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଫୁଲକୁସୁମ ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ଏହି ବିଦ୍ୟାଳୟରେ ଶିଶୁ ବାଟିକା ସମେତ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟରେ ଥିବା ମୁଖ୍ୟ ଶ୍ରେଣୀ କୋଠରି ଅବସ୍ଥା ଶୋଚନୀୟ ହୋଇପଡିଛି। ଏହାର ମରାମତି ପାଇଁ ବ୍ଲକ ତରଫରୁ ୪ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ଠିକାଦାର ମରାମତି ପାଇଁ ଉକ୍ତ କୋଠରିର ପୁରୁଣା ଛାତକୁ ଭାଙ୍ଗି ଦେଇଛନ୍ତି। ତେବେ ଆଜକୁ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଏହାର ମରାମତି କରା ଯାଉନାହିଁ। ଫଳରେ ଛାତ୍ରୀଛାତ୍ରମାନେ ଅନ୍ୟ ଏକ ଅତିରିକ୍ତ ଶ୍ରେଣୀ କୋଠରିରେ ଏକାଠି ବସି ପାଠ ପଢୁଛନ୍ତି । ସେହି କୋଠରିରେ ଅଫିସ କାର୍ଯ୍ୟ ସହ ମଧ୍ୟାହ୍ନଭୋଜନ ସାମଗ୍ରୀ ସହିତ ଅନ୍ୟାନ୍ୟ ଉପକରଣ ରହୁଛି। ଫଳରେ କେତେକ ପିଲା ବିଦ୍ୟାଳୟ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ବର୍ଷାଧିକ କାଳ ଏପରି ଅସୁବିଧା ଉପୁଜି ଥିଲେ ମଧ୍ୟ ଉକ୍ତ ଶ୍ରେଣୀ କୋଠରି ମରାମତି ଦିଗରେ ଦୃଷ୍ଟି ଦିଆଯାଉନାହିଁ। ଏହି କାରଣରୁ ସ୍କୁଲରେ ଆଗଭଳି ପିଲା ଆଉ ନାମ ଲେଖାଉନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ପାଣିମୁରା ଗ୍ରାମ ପଞ୍ଚାୟତ ସରପଞ୍ଚ ଜଗନ୍ନାଥ ସାହୁଙ୍କୁ ପଚାରିବାରୁ ଶ୍ରେଣୀ କୋଠରି ମରାମତି କାମ କରୁଥିବା ଠିକାଦାର ଛାତ ଭାଙ୍ଗୁଥିବା ବେଳେ ତାହା ଧସି ପଡିଥିଲା । ଫଳରେ କାମ କରୁଥିବା କେତେଜଣ ଶ୍ରମିକ ଖଣ୍ଡିଆ ଖାବରା ହୋଇଥିଲେ । ସେହି ଦିନଠାରୁ ଠିକାଦାର ଆଉ କାମ କରୁ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି।

# ମଲ୍ଲିକା ସୁନା ହଜେଇ ପାଇଥିଲେ ଜିତେନ୍ଦ୍ରଙ୍କୁ

ସମ୍ବଲପୁର,୨୬।୨(ଭବାନୀ ଶଙ୍କର ଭୋଇ)

**ଡ. ଜିତେନ୍ଦ୍ର ହରିପାଲଙ୍କ ଧର୍ମପତ୍ନୀ ମଲ୍ଲିକା**

ମଲ୍ଲିକାଙ୍କ ପରଲୋକ ପରେ ଜିତେନ୍ଦ୍ରଙ୍କ ସହ ତାଙ୍କର ପ୍ରେମ କାହାଣୀ ଏବଂ ସଂଘର୍ଷର କଥା ଅନେକ ଚର୍ଚ୍ଚା କରୁଛନ୍ତି। ସମ୍ବଲପୁର ରେଳ ଷ୍ଟେଶନ ନିକଟ ଷ୍ଟେଶନପଡାରେ ଉଭୟ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ଏବଂ ମଲ୍ଲିକାଙ୍କ ଘର। ଛୋଟ ସମୟରୁ ପରସ୍ପରକୁ ଜାଣିଥିଲେ। ମଲ୍ଲିକା ଥିଲେ ଜିତେନ୍ଦ୍ରଙ୍କ ପରିବାରଠାରୁ ଟିକିଏ ଧନୀଘରର । ଥରେ ଘର ପାଖ ପୋଖରୀରେ ଗାଧୋଇବା ସମୟରେ ମଲ୍ଲିକାଙ୍କ କର୍ଣ୍ଣଫୁଲ ପାଣିରେ ହଜିଗଲା। ଚାରିଆଡେ ଚର୍ଚ୍ଚା ହେଲା ବହୁ ଲୋକ ଖୋଜାଖୋଜି କଲେ, ହେଲେ କେହି ତାହା ପାଇ ନ ଥିଲେ । ମହିଳାଙ୍କ ଗାଧୁଆ ତୁଠରେ ପ୍ରବଳ ଭିଡ ଦେଖି ଯୁବକ ଜିତେନ୍ଦ୍ର ସେଠାକୁ ପହଞ୍ଚିଲେ। କର୍ଣ୍ଣଫୁଲ ପାଣିରେ ହଜିଯାଇଥିବା ଜାଣିବାକୁ ପାଇଲେ। ସେତେବେଳେ ମଲ୍ଲିକା ଗାଧୁଆ ତୁଠ କୋଣରେ ଦୁଃଖରେ ଛିଡା ହୋଇଥାନ୍ତି। ଜିତେନ୍ଦ୍ର ମନ ଭିତରେ ତାଙ୍କୁ ପସନ୍ଦ କରୁଥିଲେବି କହିବାରେ ଭୟ କରୁଥାନ୍ତି। ସାହାସ କରି ଜିତେନ୍ଦ୍ର ତାଙ୍କୁ କହିଲେ, କର୍ଣ୍ଣଫୁଲ ପାଣି ଭିତରୁ ଖୋଜି ଆଣିଦେଲେ ମୋତେ କ'ଣ ଦେବ। ମଲ୍ଲିକା କହିଲେ, କେହି ଖୋଜି ପାଉ ନାହାନ୍ତି ତୁମେ କ'ଣ ପାଇବ । ଜିତେନ୍ଦ୍ର କହିଲେ କ'ଣ ଦେବ କହ ଖୋଜିଦେବି। ମଲ୍ଲିକା ହେୟଜ୍ଞାନ କରି ଯାହା ମାଗିବ ଦେବି କହିଥିଲେ। ଜିତେନ୍ଦ୍ର ପାଣିରେ ବୁଡି ପାଣିଭିତରୁ ସତରେ କର୍ଣ୍ଣର ଫୁଲ ଖୋଜି ବାହାର କରିଦେଲେ। ତା'ବଦଳରେ ବାହା ହେବାକୁ ପ୍ରସ୍ତାବ ଦେଲେ। ମଲ୍ଲିକା ନିଜ କଥା ରଖି ବାହା ହେବାକୁ ରାଜି ହେଲେ ପରିବାର ଲୋକ ବି ରାଜି ହେବା ପରେ ବାହାଘର ହେଲା। ଜିତେନ୍ଦ୍ର ହରିପାଲ ଏଥିପାଇଁ ମା'ସମଲେଇଙ୍କ କୃପା ବୋଲି କହନ୍ତି। ସୁନା ହରାଇ ଜିତେନ୍ଦ୍ରଙ୍କୁ ପାଇଥିବା ମଲ୍ଲିକା ସାରା ଜୀବନ ତାଙ୍କ ସଂଘର୍ଷରେ ସହଭାଗୀ ହୋଇ ଚାଲିଥିଲେ। ଜିତେନ୍ଦ୍ରଙ୍କ ଗୀତ ପ୍ରତି ସମର୍ପିତ ପୁରା ପରିବାର ଜିତେନ୍ଦ୍ରଙ୍କ ପାଇଁ ଜୀବନର ସବୁକିଛି ସମର୍ପିତ କରି ପୁରା ପରିବାରର ଦାୟିତ୍ୱ ନିଜେ ବହନ କରିନେଇଥିଲେ। ରଙ୍ଗବତୀ ଗୀତ ସୁପରହିଟ ହେବ ପରେ କେସେଟ କମ୍ପାନୀର ଚୁକ୍ତି ଯୋଗୁଁ ଅନ୍ୟ କୌଣସି ଗୀତ ଗାଇ ନ ପାରି ଅଭାବ ଅସୁବିଧାରେ ପଡିଥିଲେ। ସେତେବେଳେ ବି ଜୀବନରେ ମଲ୍ଲିକା ଭାଙ୍ଗି ନ ପଡି ରେଳଷ୍ଟେଶନରେ କୋଇଲା ଗୋଟେଇ ପରିବାର ପୋଷଣ କରିବାକୁ ପଛାଇ ନ ଥିଲେ। ମଲ୍ଲିକାଙ୍କ ହାତର ରୋଷେଇକୁ ସବୁବେଳେ ମନେ ପକାଉଥିବା ଜିତେନ୍ଦ୍ର ଜୀବନର ସବୁ ସଫଳତାର ଶ୍ରେୟ ମଲ୍ଲିକାଙ୍କର ବୋଲି କୁହନ୍ତି। ତାଙ୍କ ହରାଇବା ପରେ ଭାଙ୍ଗିପଡିଥିବା ଜିତେନ୍ଦ୍ର କୁହନ୍ତି, କେବଳ ଗୋଟିଏ କଥା ମତେ ସାନ୍ତ୍ୱନା ଦେଉଛି ପକ୍ଷାଘାତ ପରେ ସେ ପାଉଥିବା ଦୁଃଖରୁ ମୁକ୍ତି ପାଇଛନ୍ତି । ତାଙ୍କ ସ୍ମୃତି ସବୁଦିନେ ମନରେ ରହିବ।


ପରିବାର ସହ ଜିତେନ୍ଦ୍ର ହରିପାଲ ଓ ସ୍ତ୍ରୀ ମଲ୍ଲିକା।

# ଜେଜେବାପା, ଜେଜେମା'ଙ୍କ ସାନ୍ନିଧ ପାଇଥିବା ପିଲା ଭାଗ୍ୟଶାଳୀ


ଆଇପିଏସ୍ ପ୍ରି-ପ୍ରାଇମେରି ବିଭାଗରେ ଆୟୋଜିତ ଗ୍ରାଜୁଏଶନ ଡେ ସମାରୋହରେ ଛାତ୍ରୀଛାତ୍ର ଓ ଅତିଥିମାନେ।

ସମ୍ବଲପୁର,୨୬।୨(ବି.ଶଙ୍କର)

**ଆଇପିଏସ୍ ସ୍କୁଲରେ ଜେଜେବାପା, ଜେଜେମା ଦିବସ**

ଇଣ୍ଡିଆନ ପବ୍ଲିକ ସ୍କୁଲର ପ୍ରି-ପ୍ରାଇମେରୀ ବିଭାଗରେ ଗ୍ରାଣ୍ଡ ପେରେଣ୍ଟସ (ଜେଜେ ବାପା ଜେଜେ ମା') ଏବଂ ଗ୍ରାଜୁଏସନ ଡେ ଗୁରୁବାର ସମ୍ବଲପୁର କ୍ଷେତରାଜପୁର ସ୍ଥିତ କ୍ୟାମ୍ପସଠାରେ ପାଳିତ ହୋଇଛି। ହୀରାକୁଦ ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ ସମୀର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଛୋଟ ବିଦ୍ୟାର୍ଥୀମାନେ ଆଗନ୍ତୁକ ଜେଜେବାପା ଜେଜେମା'ଙ୍କୁ ପାରମ୍ପରିକ ଭାରତୀୟ ସଂସ୍କୃତି ଅନୁରୂପ ଚରଣ ବନ୍ଦନା ଏବଂ ପାଦ ପ୍ରକ୍ଷାଳନ କରି ସ୍ୱାଗତ କରିଥିଲେ। ଫଳରେ ବିଦ୍ୟାଳୟ ପରିସରରେ ଆତ୍ମୀୟତା, ସଂସ୍କାର ଏବଂ ସମ୍ମାନର ଏକ ଅନୁପମ ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଦ୍ୟାର୍ଥୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ ପରିବେଷଣ ମାଧ୍ୟମରେ ଜେଜେବାପା, ଜେଜେମା'ଙ୍କ ମହତ୍ତ୍ୱକୁ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ଅଭିବ୍ୟକ୍ତ କରିଥିଲେ । ଗୀତ, ନୃତ୍ୟ ଏବଂ ଲଘୁ ପରିବେଷଣ ଉପସ୍ଥିତ ଦର୍ଶକଙ୍କ ମନ ମୋହି ନେଇଥିଲା । ଏହିକ୍ରମରେ ଶ୍ରେଣୀ - ୧କୁ ଉତ୍ତୀର୍ଣ୍ଣ ହେବା ଉପଲକ୍ଷେ ଗ୍ରାଜୁଏସନ ଡେ ସମାରୋହ ହୋଇଥିଲା। ଛୋଟ ବିଦ୍ୟାର୍ଥୀମାନେ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହ ଢାଞ୍ଚାରେ ଆକର୍ଷଣୀୟ ପରିଧାନ ପିନ୍ଧି ପ୍ରମାଣ ପତ୍ର ଗ୍ରହଣ କରିଥିଲେ । ଅଭିଭାବକମାନଙ୍କ ପାଇଁ ଗୀତର ମୁଖଡା ଚିହ୍ନଟ, ଅନ୍ତରା ଗାୟନ ଏବଂ ନୃତ୍ୟ ପ୍ରତିଯୋଗିତା ମଧ୍ୟ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚିନ ପାଠକ କହିଥିଲେ, ଜେଜେବାପା ଜେଜେମାଙ୍କ ସାନ୍ନିଧ ପିଲାମାନଙ୍କ ଜୀବନର ଏକ ଅମୂଲ୍ୟ ଧରୋହର । ସେହି ପିଲାମାନେ ସତରେ ଭାଗ୍ୟଶାଳୀ, ଯେଉଁମାନଙ୍କୁ ଜେଜେବାପା ଜେଜେମା'ଙ୍କ ସାନ୍ନିଧ ମିଳିଥାଏ। ତେଣୁ ସେମାନେ ନିଜ ବରିଷ୍ଠମାନଙ୍କୁ ସମ୍ମାନ କରନ୍ତୁ, ସେମାନଙ୍କ ଅନୁଭବରୁ ଶିଖନ୍ତୁ ଓ ସେମାନଙ୍କ ସଂସ୍କାରକୁ ନିଜ ଜୀବନରେ ଅନୁକରଣ କରନ୍ତୁ ବୋଲି କହିଥିଲେ। ବିଦ୍ୟାଳୟର କୋଅର୍ଡିନେଟର ରଶ୍ମିରେଖା ପଣ୍ଡା, କାର୍ଯ୍ୟକ୍ରମ ସଂଯୋଜିକା ଧରିତ୍ରୀ ଶତପଥୀ, ସୁମନ ସିଂହ, ଆକାଂକ୍ଷା ଦ୍ୱିବେଦୀ, ଡିମ୍ପଲ ସାହୁ, ଗିରିଜା ଶଙ୍କର ମିଶ୍ର, ସୁବ୍ରତ ବେହେରା ଏବଂ କନହେୟା ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
52 Years





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀରେ ନୂତନ ଓଡ଼ିଶା ଭବନ ନିର୍ମାଣ ପାଇଁ ଶିଳାନ୍ୟାସ ବେଳେ ପୂଜାର୍ଚ୍ଚନା କରୁଛନ୍ତି। ନିକଟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶାର ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

# ଦିଲ୍ଲୀରେ ନୂତନ ଓଡ଼ିଶା ଭବନର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

- **ଅନ୍ୟ ୩ ରାଜ୍ୟରେ ଓଡ଼ିଶା ଭବନ ପାଇଁ ଜମି ମିଳାଯାଇଛି**
- **ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ନିର୍ମାଣ ହେବ ଜନ ଆଶ୍ରୟ ଭବନ**

ଭୁବନେଶ୍ୱର, ୨୬।୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀଠାରେ ନୂତନ ଓଡ଼ିଶା ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ନୂତନ ଭବନର ନିର୍ମାଣ ଶୈଳୀରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, କଳା ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିବ। ସୂଚନାଯୋଗ୍ୟ, ପୂର୍ବରୁ ଥିବା ଭବନଟି ପୁରୁଣା ହୋଇଯାଇଥିବା ସହ ସ୍ଥାନ ଓ ସୁବିଧାର ଅଭାବ ଥିବାରୁ ବର୍ତ୍ତମାନର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ନୂଆ ଭବନ ନିର୍ମାଣ କରାଯାଉଛି। ଏଥିରେ ୩ଟି ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ସହ ଆଉ ୬ଟି ମହଲା ରହିବ। ସମସ୍ତ ଅତ୍ୟାଧୁନିକ ସୁବିଧା ସାଙ୍ଗକୁ ୪୫ଟି ସୁଇଟ୍ କରାଯିବ। ପ୍ରଥମ ମହଲାରେ ଏକ ଏକ୍ଜିବିଶନ ଏରିଆ ଏବଂ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଖୁବ୍‌ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ। ଏଥିପାଇଁ ମୋଟ୍ ୯୩.୨୭ କୋଟି ଟଙ୍କା ବ୍ୟୟ କରାଯିବ। ନୂଆଦିଲ୍ଲୀ ସହ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଯୋଜନା କରିଛନ୍ତି। ଆଗାମୀ ଦିନରେ ଅଯୋଧ୍ୟା, ବାଙ୍ଗାଲୁରୁ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ ହେବ। ଏଥିପାଇଁ ସମ୍ପୃକ୍ତ ☞ପୃଷ୍ଠା-୫

# ୪୮ ଘଣ୍ଟାରେ ଟିକେଟ ବାତିଲ କଲେ ଲାଗିବନି ଶୁଳ୍କ

ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିମାନ ଯାତ୍ରୀମାନଙ୍କ ପାଇଁ ଟିକେଟ ରିଫଣ୍ଡ ଏବଂ କ୍ୟାନ୍‌ସେଲେଶନ୍ ନିୟମରେ ବଡ଼ ପରିବର୍ତ୍ତନ କରିଛି। ଗୁରୁବାର ଜାରି ହୋଇଥିବା ନୂଆ ନିୟମ ଅନୁଯାୟୀ ଯଦି କେହି ଭୁଲ୍‌ରେ କୌଣସି ଟିକେଟ୍ ବୁକ୍ କରିଦେଇଛନ୍ତି କିମ୍ବା ପ୍ଲାନ୍ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ତେବେ ବୁକିଂର ୪୮ ଘଣ୍ଟା ମଧ୍ୟରେ କୌଣସି ଅତିରିକ୍ତ ଶୁଳ୍କ ନ ଦେଇ ଟିକେଟ କ୍ୟାନ୍‌ସେଲ କିମ୍ବା ପରିବର୍ତ୍ତନ କରିପାରିବେ। ଏହି ସୁବିଧା କେବଳ ସେହି କ୍ଷେତ୍ରରେ ମିଳିବ, ଯଦି ଯାତ୍ରା ତାରିଖ ବୁକିଂ ତାରିଖଠାରୁ ଘରୋଇ ଉଡ଼ାଣ ପାଇଁ ଅତିକମ୍‌ରେ ୭ ଦିନ ଏବଂ ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ୧୫ ଦିନ ପୂର୍ବରୁ ହୋଇଥିବ। ଏଭଳି ଆଉ କେତେକ ନୂଆ ନିୟମ ପାଇଁ ବିମାନ ଯାତ୍ରୀଙ୍କୁ ଅଧିକ ସୁବିଧା ମିଳିବାକୁ ଯାଉଥିବାବେଳେ ତାହା ଆସନ୍ତା ମାର୍ଚ୍ଚ ୨୬ରୁ ଲାଗୁ ହେବ। ୨୦୨୫ରେ ଭାରତରେ ୧୬.୬୯ କୋଟି ଲୋକ ବିମାନ ଯାତ୍ରା କରିଥିଲେ। ହେଲେ ଡିସେମ୍ବର ୨୦୨୫ରେ ଇଣ୍ଡିଗୋର ବିମାନ ସେବା ବ୍ୟାହତ ହେବା ପରେ ରିଫଣ୍ଡ ସମସ୍ୟା ଉଗ୍ରରୂପ ନେଇଥିଲା। କେବଳ ଡିସେମ୍ବରରେ ରିଫଣ୍ଡ ସମ୍ବନ୍ଧରେ ପ୍ରାୟ ୨,୨୦୦ରୁ ଅଧିକ (ମୋଟ ଅଭିଯୋଗର ୭.୫%) ଅଭିଯୋଗ ଆସିଥିଲା। ଭାରତୀୟ ବିମାନ ଚଳାଚଳ ନିୟାମକ ସଂସ୍ଥା 'ଡିଜିସିଏ'ର ଏହି ପଦକ୍ଷେପ ଏୟାରଲାଇନ୍ସଗୁଡ଼ିକର ଏକଚାଟିଆ ମନୋଭାବକୁ ରୋକିବା ସହ ସାଧାରଣ ଲୋକଙ୍କୁ ସେମାନଙ୍କର କଷ୍ଟ ଅର୍ଜିତ ଟଙ୍କାର ଉଚିତ ସୁରକ୍ଷା ଦେଉଛି।

**ଡିଜିସିଏ ବଦଳାଇଲା ରିଫଣ୍ଡ ନିୟମ**

- **ବୁକିଂର ୨୪ ଘଣ୍ଟା ମଧ୍ୟରେ ହୋଇପାରିବ ନାଁ ସଂଶୋଧନ**
- **ରିଫଣ୍ଡ ପାଇଁ ଏୟାରଲାଇନ୍ସ ହିଁ ଦାୟୀ ରହିବେ**



ନୂଆଦିଲ୍ଲୀ,୨୬।୨ (ପି.ଟି.)

ଡିଜିସିଏର ନୂଆ ନିୟମ ଅନୁଯାୟୀ, ଯଦିଓ ବୁକିଂର ୪୮ ଘଣ୍ଟା ମଧ୍ୟରେ କ୍ୟାନସେଲ୍ଲେନ୍ ଚାର୍ଜ ଲାଗିବ ନାହିଁ, କିନ୍ତୁ ନୂଆ ଫ୍ଲାଇଟ୍‌ର ଭଡ଼ା ଯଦି ଅଧିକ ଥାଏ, ତେବେ ସେହି ଅବଶିଷ୍ଟ ଟଙ୍କା ଯାତ୍ରୀଙ୍କୁ ଦେବାକୁ ପଡ଼ିବ। ସେହିପରି ଟିକେଟ ବୁକିଂ ସମୟରେ ନାମରେ କୌଣସି ବନାନ ଭୁଲ୍ ହୋଇଥିଲେ, ବୁକିଂର ୨୪ ଘଣ୍ଟା ମଧ୍ୟରେ ଏହାକୁ ମାଗଣାରେ ସଂଶୋଧନ କରାଯାଇପାରିବ। ଏଥିପାଇଁ ଏୟାରଲାଇନ୍ସ କୌଣସି ଚାର୍ଜ ନେଇପାରିବେ ନାହିଁ। ଏହି ସୁବିଧା କେବଳ ସେତେବେଳେ ମିଳିବ, ଯଦି ଟିକେଟ ସିଧାସଳଖ ଏୟାରଲାଇନ୍ସର ୱେବ୍‌ସାଇଟ୍‌ରୁ ବୁକ୍ ହୋଇଥିବ। ଯଦି କେହି ଯାତ୍ରୀ କୌଣସି ଏଜେଣ୍ଟ ବା ପୋର୍ଟାଲ୍ ମାଧ୍ୟମରେ ଟିକେଟ୍ ବୁକ୍ କରିଛନ୍ତି, ତେବେ ରିଫଣ୍ଡ ପାଇଁ ଏୟାରଲାଇନ୍ସ ହିଁ ଦାୟୀ ରହିବେ। ଏୟାରଲାଇନ୍ସକୁ ୧୪ ଦିନ ମଧ୍ୟରେ ରିଫଣ୍ଡ ପ୍ରକ୍ରିୟା ଶେଷ କରିବାକୁ ପଡ଼ିବ। ଯଦି କୌଣସି ସ୍ୱାସ୍ଥ୍ୟଗତ କାରଣରୁ ଯାତ୍ରୀ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟ (ସମାନ ପିଏନ୍‌ଆର୍‌ରେ ଥିବା) ଯାତ୍ରା କରିପାରୁନାହାନ୍ତି, ତେବେ ଉଚିତ୍ ପ୍ରମାଣ ଦେଖାଇଲେ ଏୟାରଲାଇନ୍ସ ରିଫଣ୍ଡ କିମ୍ବା କ୍ରେଡିଟ୍ ସେଲ୍ (ପରବର୍ତ୍ତୀ ଯାତ୍ରା ପାଇଁ ଟଙ୍କା ଗଚ୍ଛିତ ରଖିବା)ର ସୁବିଧା ପ୍ରଦାନ କରିବେ। ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ବିମାନ ସଂସ୍ଥାର ବିଶେଷଜ୍ଞଙ୍କ ପରାମର୍ଶ ପରେ ନିଷ୍ପତ୍ତି ନିଆଯିବ।

ସାଧାରଣ ପରିବହନ ବ୍ୟବସ୍ଥାରେ ଯାତ୍ରୀମାନଙ୍କୁ ଏୟାରଲାଇନ୍ ଟିକେଟ୍ ରିଫଣ୍ଡ ପ୍ରଦାନ କରିବା ପାଇଁ ସିଭିଲ୍ ଆଭିଏସନ ରିକ୍ୱାୟରମେଣ୍ଟସ (ସିଏଆର୍)ରେ କିଛି ସଂଶୋଧନ କରାଯାଇଛି। ଯାତ୍ରୀମାନେ ସମୟ ଅନୁସାରେ ରିଫଣ୍ଡ ପାଉ ନ ଥିବା ନେଇ ବଢୁଥିବା ଅଭିଯୋଗକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ୨୦୨୫ ଡିସେମ୍ବରରେ ଇଣ୍ଡିଗୋ ବିମାନ ଚଳାଚଳରେ ହୋଇଥିବା ବିଭ୍ରାଟ ସମୟରେ ଟିକେଟ ରିଫଣ୍ଡ ସମସ୍ୟା ବିଶେଷ ଭାବେ ଦୃଷ୍ଟିଗୋଚର ହୋଇଥିଲା। ସେହି ସମୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାରଲାଇନ୍ସକୁ ଏକ ନିର୍ଦ୍ଦିଷ୍ଟ ଟାଇମ୍‌ଲାଇନ୍ ମଧ୍ୟରେ ରିଫଣ୍ଡ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହି ସଂଶୋଧିତ ସିଏଆର୍ ଫେବୃଆରୀ ୨୪ରେ ଜାରି କରାଯାଇଛି। ବର୍ତ୍ତମାନ ଏୟାରଲାଇନ୍ସଗୁଡ଼ିକୁ ଟିକେଟ ବୁକିଂ କରିବା ପରେ ଯାତ୍ରୀମାନଙ୍କୁ ୪୮ ଘଣ୍ଟା ପର୍ଯ୍ୟନ୍ତ ଏକ 'ଲୁକ୍-ଇନ୍ ଅପ୍ସନ' ପ୍ରଦାନ କରିବାକୁ କୁହାଯାଇଛି।

# ସିଏଜିଙ୍କୁ ମିଳୁନି ଇନ୍ସପେକ୍ସନ କମ୍ପ୍ଲାଏନ୍ସ ରିପୋର୍ଟ

**୨୬ ବିଭାଗ ଉପରେ ଗଡୁଛି ୪୮,୪୪୫ ଜବାବ**

ଭୁବନେଶ୍ୱର,୨୬।୨ (ରବିନାରାୟଣ ଜେନା)

ରାଜ୍ୟ ସରକାର ଓଡ଼ିଶାକୁ ଦେଶରେ ବିକାଶଶୀଳ ରାଜ୍ୟ ଭାବେ ଗଢ଼ି ତୋଳିବାପାଇଁ ଅହରହ ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ଯୋଜନା ପରେ ଯୋଜନା ସାଙ୍ଗକୁ ବଜେଟର ଆକାର ବଢୁଛି। ହେଲେ ବଜେଟ ଅର୍ଥ କିଭଳି ଖର୍ଚ୍ଚ ହେବ ଏବଂ ଏହା ପରେ ବିନିଯୋଗ ପ୍ରମାଣପତ୍ର ଦେବା ବେଳକୁ ବିଭିନ୍ନ ବିଭାଗ କୁଣ୍ଠକୁଣ୍ଠ ହେଉଛନ୍ତି। ରାଜ୍ୟ ମହାଲେଖାକାର(ସିଏଜି)ଙ୍କ ପକ୍ଷରୁ ଯେତେବେଳେ ଖର୍ଚ୍ଚର ହିସାବ ଲୋଡ଼ା ଯାଉଛି, ସେତେବେଳେ ଅର୍ଥ ପରାମର୍ଶଦାତାମାନେ ଝୁଙ୍କି ପଡୁଛନ୍ତି। ବର୍ଷେ କି ଦୁଇବର୍ଷ ନୁହେଁ, ବର୍ଷ ବର୍ଷ ଧରି ବିଭିନ୍ନ ବିଭାଗ ମହାଲେଖାକାରଙ୍କୁ ସେମାନଙ୍କର ଇନ୍ସପେକ୍ସନ ଓ ପାରାଓ୍ୱାଇଜ୍ କମେଣ୍ଟ ରିପୋର୍ଟ ଦେଇପାରୁନାହାନ୍ତି; ଯେଉଁଥିପାଇଁ ୨୬ଟି ବିଭାଗ ଉପରେ ୨୦୨୬ ଜାନୁଆରୀ ୩୧ ସୁଦ୍ଧା ୪୮ହଜାର ୪୪୫ ପାରା କମେଣ୍ଟ ରିପୋର୍ଟ ସହିତ ୧୧ହଜାର ୨୧୫ଟି ଇନ୍ସପେକ୍ସନ ରିପୋର୍ଟ(ଆଇଆର୍) ଗଡୁଛି ବୋଲି ବୁଧବାର ଅର୍ଥ ପରାମର୍ଶଦାତାଙ୍କ ସମ୍ମିଳନୀରୁ ଜଣାଯାଇଛି।

ବୈଠକରୁ ଜଣାଯାଇଛି, ସିଏଜିଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ଆଇଆର୍ ଏବଂ ପାରା କମେଣ୍ଟକୁ ନେଇ ଅର୍ଥବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସମସ୍ତ ଅର୍ଥ ପରାମର୍ଶଦାତାଙ୍କୁ ଏହା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭-୧୮ରୁ ୨୦୨୫-୨୬ ବର୍ଷ ମଧ୍ୟରେ କାହିଁକି ଏସବୁ ଗଡୁଛି ତାହା ଉପରେ ସଞ୍ଜୀବ ବିଭାଗସ୍ତରୀୟ ସମୀକ୍ଷା କରିବା ସହିତ ତ୍ୱରିତ୍ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି।

ସିଏଜିଙ୍କ ତଥ୍ୟ ଅନୁଯାୟୀ, ସବୁଠାରୁ ଅଧିକ ଆଇଆର୍ ଏବଂ ପାରାଓ୍ୱାଇଜ୍ କମେଣ୍ଟ ପଞ୍ଚାୟତିରାଜ ବିଭାଗ ଉପରେ ଗଡୁଛି। ୨୦୨୬ ଜାନୁଆରୀ ୩୧ ସୁଦ୍ଧା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଉପରେ ୩,୦୦୬ଟି ଆଇଆର୍ ବକେୟା ଥିବାବେଳେ ୧୦ହଜାର ୩୯୨ ପାରାଓ୍ୱାଇଜ୍ କମେଣ୍ଟ ବାକି ରହିଛି। ସେହିପରି ରାଜସ୍ୱ ବିଭାଗ ଉପରେ ୧୪୭୧ଟି ଆଇଆର୍ ଏବଂ ୪୭୨୮ଟି ପାରାଓ୍ୱାଇଜ୍ କମେଣ୍ଟ ବାକି ରହିଥିବାବେଳେ ଜଙ୍ଗଲ ଓ ପରିବେଶ ବିଭାଗ ଉପରେ ୧୧୨୬ ଆଇଆର୍ ଏବଂ ୩୧୧୭ ପାରା କମେଣ୍ଟ, ପରିବହନ ବିଭାଗ ଉପରେ ୭୩୧ ଆଇଆର୍ ଏବଂ ୩୯୪୧ ପାରା କମେଣ୍ଟ, ନଗର ଉନ୍ନୟନ ବିଭାଗ ଉପରେ ୬୫୮ ଆଇଆର୍ ଏବଂ ୭୬୫୨ ପାରା କମେଣ୍ଟ, ମତ୍ସ୍ୟ ଓ ପ୍ରାଣୀ ବିକାଶ ବିଭାଗ ଉପରେ ୫୫୩ ଆଇଆର୍ ଏବଂ ୨୨୯୫ ପାରା କମେଣ୍ଟ ବକେୟା ରହିଛି। ଏହାସହିତ ଶକ୍ତି, ପୂର୍ତ୍ତ, ଇସ୍ପାତ ଓ ଖଣି, ଗୃହ, ଏସ୍‌ସିଏସ୍‌ଟି, ସ୍ୱାସ୍ଥ୍ୟ, ଅବକାରୀ, ଉଚ୍ଚଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ଗଣଶିକ୍ଷା, ଆଇନ, ସମବାୟ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ, ଦକ୍ଷତା ବିକାଶ, ପର୍ଯ୍ୟଟନ, ସୂଚନା ଓ ଲୋକସମ୍ପର୍କ, ଯୋଜନା ଓ ସଂଯୋଜନା, ସାଧାରଣ ପ୍ରଶାସନ ଏବଂ ଶ୍ରମ ବିଭାଗ ଉପରେ ଅବଶିଷ୍ଟ ଆଇଆର୍ ଏବଂ ପାରା କମେଣ୍ଟ ବକେୟା ଗଡୁଛି।

# ୨୦୦ କୋଟିର ଗଞ୍ଜେଇ ତେଲ ଜବତ

**ଖେଳନା ବୋଝେଇ ପିକ୍‌ଅପ୍ ଭ୍ୟାନରୁ ୧୧୪୪ କେଜି ଗଞ୍ଜେଇ ଜବତ**

ନନ୍ଦପୁର/ ପାଡୁଆ,୨୬।୨ (ତୁଷାର କାନ୍ତ ମହାନ୍ତି/ ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ଉପଖଣ୍ଡ ଅଧୀନ ପାଡୁଆ ଥାନା ଅଞ୍ଚଳରୁ ଗୁରୁବାର ପ୍ରାୟ ୨ଶହ କୋଟି ଟଙ୍କାର ଗଞ୍ଜେଇ ବା ହାଶିଶ ତେଲ ପୋଲିସ ଜବତ କରିଛି। ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଦୁର୍ଗମ ଜଙ୍ଗଲ ଏବଂ ଜଳଘେରି ଗ୍ରାମରେ ଚାଲୁଥିବା ଏକ ଅସ୍ଥାୟୀ କାରଖାନା ଉପରେ ଚଢ଼ାଉ କରାଯାଇ ୧୮ଶହ ଲିଟର ଗଞ୍ଜେଇ ତେଲ ଜବତ କରାଯାଇଥିବାବେଳେ ଏହି କାରବାରରେ ୫ଜଣଙ୍କୁ ଅଟକ ରଖାଯାଇଛି। ସେହିପରି ଖେଳନା ବୋଝେଇ ୨ଟି ପିକ୍‌ଅପ୍ ଭ୍ୟାନ୍‌ରେ ଚଢ଼ାଉ କରି ନନ୍ଦପୁର ପୋଲିସ ୧୧୪୪କେଜିର ଗଞ୍ଜେଇ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୫କୋଟି ଟଙ୍କା ହେବ ବୋଲି ପୋଲିସ କହିଛି। ସାଧାରଣ ଭାବେ ଗଞ୍ଜେଇକୁ ନିଶା ସେବନ ଭାବେ ବ୍ୟବହାର କରାଯାଉଥିବାବେଳେ ଏଥିରୁ ପ୍ରସ୍ତୁତ ହେଉଥିବା ତେଲର ଔଷଧୀୟ ଗୁଣ ରହିଛି। ଯନ୍ତ୍ରଣା ଉପଶମ ପାଇଁ ଲୋକେ ଏହାକୁ ଦେହରେ ଲଗାଇଥାନ୍ତି। ହେଲେ କେତେଜଣ ଚୋରା ବ୍ୟବସାୟୀ ଗଞ୍ଜେଇ ଚାଲାଣବେଳେ ଧରାପଡ଼ିଯାଉଥିବାରୁ ଏଥିରୁ ବର୍ତ୍ତିବା ପାଇଁ ଗଞ୍ଜେଇ ତେଲ ପ୍ରସ୍ତୁତ କରି ବଜାରକୁ ଚୋରାରେ ଛାଡୁଛନ୍ତି। ଏହାର ଦାମ୍ ସାମାନ୍ୟ ଗଞ୍ଜେଇଠାରୁ ୪୦ଗୁଣ ଅଧିକ ବୋଲି କୋରାପୁଟ ଏସ୍‌ପି ରୋହିତ ବର୍ମା କହିଛନ୍ତି।

କୋରାପୁଟ ଜିଲାର ପାଡୁଆ ଥାନା ଅଧୀନ ପରଜାବଡ଼ପଡ଼ା ପଞ୍ଚାୟତର ଜୋଲାପୁଟ ଜଳଘେରି ଭିତରେ ଥିବା ଚିତଲପାଡୁ ଗ୍ରାମରେ ବେଆଇନଭାବେ ଗଞ୍ଜେଇ ତେଲ ପ୍ରସ୍ତୁତ କାରଖାନା ☞ପୃଷ୍ଠା-୫

# ମୋଦିଙ୍କ ଇନ୍‌ଷ୍ଟାଗ୍ରାମ୍ ଫଲୋଅର୍ସ ୧୦ କୋଟି ଟପିଲେ




ନୂଆଦିଲ୍ଲୀ,୨୬।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିଜିଟାଲ କ୍ଷେତ୍ରରେ ଆଉ ଏକ ସଫଳତାର ସୋପାନ ଅତିକ୍ରମ କରିଛନ୍ତି। ବିଶ୍ୱର ପ୍ରଥମ ରାଜନେତା ଭାବେ ଇନ୍‌ଷ୍ଟାଗ୍ରାମରେ ତାଙ୍କର ଫଲୋଅର୍ସ ସଂଖ୍ୟା ୧୦ କୋଟି ଟପିଛି। ବିଶ୍ୱସ୍ତରରେ ସୋସିଆଲ ମିଡିଆରେ କୌଣସି ରାଜନେତାଙ୍କ ଫଲୋଅର୍ସ ଏତେ ସଂଖ୍ୟାରେ ପହଞ୍ଚିବା କ୍ଷେତ୍ରରେ ମୋଦି ହେଉଛନ୍ତି ପ୍ରଥମ ରାଜନେତା। ଏପରିକି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫଲୋଅର୍ସ ସଂଖ୍ୟା ତୁଳନାରେ ମୋଦିଙ୍କ ଅନୁଗାମୀ ସଂଖ୍ୟା ଦୁଇ ଗୁଣରୁ ଅଧିକ ରହିଛି। ଇନ୍‌ଷ୍ଟାଗ୍ରାମରେ ଟ୍ରମ୍ପଙ୍କ ୪ କୋଟି ୩୨ ଲକ୍ଷ ଫଲୋଅର୍ସ ରହିଛନ୍ତି। ଅନ୍ୟ ବୈଶ୍ୱିକ ନେତାଙ୍କ ମଧ୍ୟରେ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋ ସବିଆନ୍ତୋଙ୍କ ଇନ୍‌ଷ୍ଟାଗ୍ରାମ୍ ଫଲୋଅର୍ସ ସଂଖ୍ୟା ୧୫ ନିୟୁତ, ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଡାସିଲ୍‌ଭା ଲୁଲାଙ୍କ ୧୪.୪ ନିୟୁତ, ତୁର୍କୀ ରାଷ୍ଟ୍ରପତି ରେସେପ୍ ତୈୟିପ ☞ପୃଷ୍ଠା-୫



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ମାଲ୍ୟାର୍ପଣ, ସାଧାରଣ ସଭା, ସ୍ଥାନ: ଆଚାର୍ଯ୍ୟ ବିହାରସ୍ଥିତ ପ୍ରତିମୂର୍ତ୍ତି/ସୂଚନା ଭବନ, ସମୟ: ସକାଳ ୮ଟା ୩୦/ ସନ୍ଧ୍ୟା ୬ଟା।
- ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହର ଦାସଙ୍କ ଜନ୍ମ ତିଥି ଅବସରରେ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଆଚାର୍ଯ୍ୟ ହରିହର ପାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ସମର୍ପଣ ୨୦୨୬, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ଇସ୍କନ୍ ପକ୍ଷରୁ ସର୍ବଭାରତୀୟ ସଭାପତି ମଣ୍ଡଳୀକୁ ନିର୍ବାଚିତ ମନୋରଞ୍ଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସନ୍ଧ୍ୟା ୬ଟା।
- ଚିନ୍ମୟ ମିଶନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ହନୁମତ୍ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ଢେଙ୍କାନାଳ**
- ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ସକାଳ ୯ଟା।
- ମହାବିଷ୍ଣୁ ଶ୍ରୀନୃସିଂହ ଯଜ୍ଞ, ସ୍ଥାନ: ଶରଣ ଶ୍ରୀକ୍ଷେତ୍ର, ଏକଘରିଆ, ଓଡାପଡା, ସମୟ: ସକାଳ ୯ଟା।
- ଢେଙ୍କାନାଳ ଜିଲା ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୋଟରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କାକୁଡିଭାଗ, ସଦର ବ୍ଲକ, ଢଙ୍କୋନାଳ, ସମୟ: ପୂର୍ବାହ୍ନ ୧୧ଟା।
- ଜିଓ ପେଟ୍ରୋଲ ଟାଙ୍କି ଉଦ୍‌ଘାଟନ, ସ୍ଥାନ: ବଳଦିଆବନ୍ଧ, ଢେଙ୍କାନାଳ, ସମୟ: ମଧ୍ୟାହ୍ନ ୧୨ଟା।
- ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ: ଗୋପବନ୍ଧୁ ଟାଉନହଲ ସମ୍ମୁଖ, ଗଣେଶ ବଜାର, ଢେଙ୍କାନାଳ, ସମୟ: ଅପରାହ୍ନ ୫ଟା।
- ୪୭ତମ ବାଦିପାଲା, ସ୍ଥାନ: ଶ୍ରୀଶ୍ରୀ ବାଙ୍କବିହାରୀଜୀଉ ମନ୍ଦିର ପ୍ରାଙ୍ଗଣ, ପଞ୍ଚୁପଡା, ହିନ୍ଦୋଳ, ସମୟ: ରାତି ୮ଟା।

**ଅନୁଗୋଳ**
- ୨୯ତମ ଅଭିରାମ ପରମହଂସ ଶାନ୍ତି ମଠ ବାର୍ଷିକ ଉତ୍ସବ, ସ୍ଥାନ: ଅନୁଗୋଳ ହମାମୀରା, ସମୟ: ସକାଳ ୮ଟା।
- ପୀଡ଼ିତାମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ରାସ୍ତାରୋକୋ, ସ୍ଥାନ ଅନୁଗୋଳ ଟ୍ରାଫିକ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଦୋଳଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆଞ୍ଚଳିକ ସତ୍‌ସଙ୍ଗ ମହୋତ୍ସବର କଳସ ଯାତ୍ରା, ସ୍ଥାନ: ଅନୁଗୋଳ ମହୀଧରପୁର, ସମୟ: ଅପରାହ୍ନ ୩ଟା।
- ମା' ମାହେଶ୍ୱରୀ ଫୁଟ୍‌ବଲ କପ୍ ଟୁର୍ନାମେଣ୍ଟର ପଞ୍ଚମ ଦିବସରେ କୁଚିଣ୍ଡା ଓ ଭଞ୍ଜନଗର ମଧ୍ୟରେ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- ବିକଶିତ ଭାରତ ୟୁଥ୍ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଦୋଳଯାତ୍ରା ମହୋତ୍ସବର ଶତବାର୍ଷିକୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଯୋଗଦାନ, ସ୍ଥାନ: ଅନୁଗୋଳ କିଶୋରନଗର ଧଉରାପାଲି, ସମୟ: ଅପରାହ୍ନ ୪ଟା।
- ବିରୁ ଗ୍ରାମର ବାର୍ଷିକ ମେଲଣ ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ବିରୁ ଗ୍ରାମ ଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୪ଟା।

**ରାୟଗଡ଼ା**
- ନିୟମରାଜା ପରବ, ସ୍ଥାନ: ଧଙ୍ଗରାଭଟା ଶିଖର, ନିୟମଗିରି ପାହାଡ଼, ସମୟ: ସକାଳ ୮ଟା।
- ବିଜେଡିର ବିଶାଳ ଶୋଭାଯାତ୍ରା, ସ୍ଥାନ: ଗୁଣପୁର ପୂର୍ତ୍ତ ବିଭାଗ ବଙ୍ଗଳା, ସମୟ: ସକାଳ ୯ଟା ୩୦।
- ବୁଡ଼ିବାଲି ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ:ସ୍କୁଲ ପରିସର,ଚନ୍ଦ୍ରପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

**ନବରଙ୍ଗପୁର**
- ପୋଷ୍ୟ ପୁତ୍ର ଗ୍ରହଣ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ଜିଲାସ୍ତରୀୟ ଦିବ୍ୟାଙ୍ଗଙ୍କ ପାଇଁ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟସ୍ କମ୍ପ୍ଲେକ୍ସ, ଜୟପୁର, ସମୟ: ସକାଳ ୯ଟା।
- ଦିବ୍ୟାଙ୍ଗଙ୍କ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟସ କମ୍ପ୍ଲେକ୍ସ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ନନ୍ଦପୁର ବ୍ଲକ ଓ ତହସିଲ କାର୍ଯ୍ୟାଳୟ ପରିଦର୍ଶନ, ସ୍ଥାନ: ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବୈଷ୍ଣୋଦେବୀ ପେଟ୍ରୋଲ ପମ୍ପ ଉଦ୍‌ଘାଟନ, ସ୍ଥାନ: କୁନ୍ଦୁରା ସଦର ମହକୁମା, ସମୟ: ପୂର୍ବାହ୍ନ ୧୧ଟା।
- ସୁଭଦ୍ରା ଶକ୍ତି ଏସ୍‌ଏଚ୍‌ଜି ରଣମେଳା, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ପାଡୁଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

**ମାଲକାନଗିରି**
- ରୋଟାରି କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମାଲକାନଗିରି ଟାଉନ ହଲ୍, ସମୟ: ସକାଳ ୯ଟା।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସମ୍ବଲପୁର ସେଲେବ୍ରିଟି ଲିଗ-୨୦୨୬ର ପଡିଆ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ହାୱା ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ୧୭ଦଫା ଦାବିରେ ରାସ୍ତା ଅବରୋଧ, ସ୍ଥାନ: ଅଇଁଠାପାଲି ଛକ, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା।
- ପୂର୍ବତନ ବିଧାୟିକ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ସାମୂହିକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ : କଚେରି ଛକ ନିକଟସ୍ଥ ମହାନଦୀ କ୍ଲବ ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଭାରତୀୟ ଭାଷା ଅଭିଯାନ ଓଡ଼ିଶା ପଶ୍ଚିମ ପ୍ରାନ୍ତ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା।
- ୧୪ତମ ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା ୩୦।

**ବଲାଙ୍ଗୀର**
- କଳିଙ୍ଗ ହର୍ବାଲ ମେଳାର ତୃତୀୟ ଦିବସ, ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା
- ନିତେଇ ଧୋବଣୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ଜାଗର ମେଳା, ସ୍ଥାନ: ବେଦବ୍ୟାସ ଶୈବପୀଠ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା, ସ୍ଥାନ: ସେକ୍ଟର-୨ ଗୀତା ମନ୍ଦିର, ସମୟ: ସକାଳ ୯ଟା।
- ରାଉରକେଲା ହୋଟେଲ ଆସୋସିଏଶନ ପକ୍ଷରୁ ସମ୍ମିଳନୀ, ସ୍ଥାନ: ସିଭିଲ ଟାଉନଶିପ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସରସ ସ୍ୱଦେଶୀ ମେଳା-୨୦୨୬ ଶୁଭାରମ୍ଭ, ସ୍ଥାନ: ସେକ୍ଟର-୧୩ ମେଳଣ ପଡିଆ, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର, ସ୍ଥାନ: କରମଡିହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୩୦।

**ବରଗଡ଼**
- ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା, ସ୍ଥାନ: ବେନିଆଚାଲ, ବିଜେପୁର, ସମୟ: ପୂର୍ବାହ୍ନ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଶ୍ୟାମ ମନ୍ଦିର, ଭଟଲି, ସମୟ: ଅପରାହ୍ନ ୩ଟା।

**କଳାହାଣ୍ଡି**
- ଜିଲାସ୍ତରୀୟ ଜନଗଣନା ତାଲିମ ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକଶିତ ଭାରତ ଯୁବସଂସଦ କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ଡିଗ୍ରୀ କଲେଜରେ 'ଭି ଫେଷ୍ଟ ୪.୦'ର ଦ୍ୱିତୀୟ ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ବିକାଶ ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଦୋଳ ପୂର୍ଣ୍ଣିମା ଉପଲକ୍ଷେ ରାଧାକୃଷ୍ଣ ପୂଜା, କଳସ ଯାତ୍ରା, କଂସ ଦରବାର, ସ୍ଥାନ: କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ଆଞ୍ଚଳିକ ଯାଦବ ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ବଜରଙ୍ଗ କ୍ରିକେଟ୍ ପ୍ରତିଯୋଗିତାର ପଞ୍ଚମ ଦିବସ, ସ୍ଥାନ: ଦେବଗଡ଼ ନାଳପଡ଼ିଆ ମହୁଲଡ଼ିପା ସାହି, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ତରଭା ବ୍ଲକ କୁଟଶିରା ଗ୍ରାମରେ ଭାଗବତ ପୁନଶ୍ଚରଣ ପାଇଁ ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: କୁଟଶିରା ନାମ ମଣ୍ଡପ, ସମୟ: ଦିବାରାତ୍ର।
- ବରିଷ୍ଠ ନାଗରିକଙ୍କ ପାଇଁ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ, ସମୟ: ସକାଳ ୭ଟା।
- ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ମଡେଲ ଡିଗ୍ରୀ କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ସହର କୁମ୍ଭାରପଡା ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ପାଇଁ ନାମଯଜ୍ଞ ଆରମ୍ଭ, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଉଳି କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ: ଜନକପୁର,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ହିରାପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ବୀରମହାରାଜପୁର ପ୍ରସିଦ୍ଧ ଶୈବପୀଠ ଚମ୍ପାମାଳ ଚମ୍ପେଶ୍ୱର ମହାଦେବଙ୍କ ସମେତ ସାତ ହରିହରଙ୍କ ପଞ୍ଚଦୋଳ ଆରମ୍ଭ, ସ୍ଥାନ: ଚମ୍ପାମାଳ ମହାଦେବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଭେଲା ପଞ୍ଚାୟତ କ୍ରିଷ୍ଣା ଗାଁ, ସମୟ: ସକାଳ ୮ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ଗାଁ, ସମୟ: ପ୍ରାତଃ ୪ଟା ୪୫।

**ଝାରସୁଗୁଡ଼ା**
- ଆଧାର ସଂଶୋଧନ କାର୍ଯ୍ୟକ୍ରମ, ସ୍ଥାନ: କନକତୋରା ପୋଷ୍ଟ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି କାର୍ଯ୍ୟକ୍ରମ ସଭା, ସ୍ଥାନ: କନକତୋରା ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୨ଟା।
- ଧନୁଯାତ୍ରା କଂସ ଦରବାର କାର୍ଯ୍ୟକ୍ରମ, ସ୍ଥାନ: ପୋଖରାସାଲେ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା।

**ବ୍ରହ୍ମପୁର**
- ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତା, ସ୍ଥାନ: ଉତ୍କଳ ଆଶ୍ରମ ଜାତୀୟ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ଗଞ୍ଜାମ**
- ସାଇ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା,ସୀମାଞ୍ଚଳ ମାର୍ଗ, ସମୟ: ଅପରାହ୍ନ ୫ଟା।

**କନ୍ଧମାଳ**
- କେନ୍ଦୁପତ୍ର କର୍ମଚାରୀ ସଂଘର ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ଅପରାହ୍ନ ୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାରେ ସଫଳ ହେବେ। ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟିକଲେ ମଧ୍ୟ କାମ ଅଟକିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେବ। ପରିବାରର ଅତ୍ୟାବଶ୍ୟକ ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ**
ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ କାମରେ ସାହାଯ୍ୟ ସହଯୋଗ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। କଠୋର ଶ୍ରମ ଓ ସମୟ ବିନିମୟରେ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବିବାଦୀୟ ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ।

**ମିଥୁନ**
ସନ୍ତାନ ହେତୁକ ସମସ୍ୟା ଓ ଚିନ୍ତାଧାରାର ବୈଷମ୍ୟତା ମାନସିକ ଅଶାନ୍ତି ସୃଷ୍ଟିକରିବ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଏ ଦିଗରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। କର୍ମକ୍ଷେତ୍ରରେ ଅର୍ଥପ୍ରାପ୍ତିର ଲାଳସା ନେଇ ସହକର୍ମୀ ଅସୁବିଧାରେ ପକାଇବେ। ବ୍ୟବସାୟ, ପରିବହନ, କାରିଗରି କ୍ଷେତ୍ରରେ ଉଚ୍ଚ ଫଳ ପାଇବେ।

**କର୍କଟ**
କର୍ମକ୍ଷେତ୍ରର ଯେକୌଣସି ପରିସ୍ଥିତିରେ ସାମନା କରିବାର ଧୈର୍ଯ୍ୟ ଓ କୌଶଳ ଅକ୍ଷୁର୍ଣ୍ଣ ରହିବ। ଦୀର୍ଘଦିନର ଆଶା ଫଳବତୀ ହେବ। ଆବଶ୍ୟକତାନୁସାରେ ଖର୍ଚ୍ଚାନ୍ତ ହେବେ। ଅଫିସ ସମ୍ବନ୍ଧୀୟ କୌଣସି ଖବର ପାଇ ବିସ୍ମିତ ହେବେ। କ୍ରନିକ୍ ରୋଗର ପ୍ରଭାବରେ ସ୍ୱାସ୍ଥ୍ୟହାନି ସାଙ୍ଗକୁ ପାରିବାରିକ ସ୍ଥିତିରେ ସାମାନ୍ୟ ବ୍ୟତିକ୍ରମର ସୂଚନା ରହିଛି।

**ସିଂହ**
କୌଣସି ଅଭାବ ନ ଥିଲେ ମଧ୍ୟ କର୍ମଜଞ୍ଜାଳର ଗୁରୁତ୍ୱ ଦୃଷ୍ଟିରୁ ବ୍ୟସ୍ତତା ଅନୁଭବ କରିବେ। ଆଗାମୀ କାର୍ଯ୍ୟ ସକାଶେ ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ପ୍ରତିଶ୍ରୁତିରୁ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କାମରେ, ସାହିତ୍ୟ, ସାମ୍ବାଦିକତାକୁ ନେଇ ସମ୍ମାନ ଲାଭ କରିବେ। ଘରୋଇ କାମ ସକାଶେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା**
ଦୈହିକ ଅସୁସ୍ଥତା ସାଙ୍ଗକୁ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ପାରିବାରିକ ସ୍ତରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତାଜନିତ ମାନସିକ ସ୍ଥିତି ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ସହକର୍ମୀଙ୍କୁ ସନ୍ଦେହ କରିପାରନ୍ତି।

**ତୁଳା**
କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଭଲ ରହିଲେ ମଧ୍ୟ ଶାରୀରିକ ଅସୁସ୍ଥତା ମାନସିକ ଅଶାନ୍ତିର କାରଣ ହେବ। ଆନୁଷ୍ଠାନିକ କାର୍ଯ୍ୟରେ ବନ୍ଧୁମିଳନ ସାଙ୍ଗକୁ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ। ଶୁଣା କଥାରେ ପ୍ରଭାବିତ ହୋଇ ଭୁଲ୍ ମାର୍ଗ ଅନୁସରଣ କରିବେ। ସରକାରୀ ଦପ୍ତରରୁ କୌଣସି ଖବର ମନକୁ ଖୁସି କରାଇ ଦେଇପାରେ।

**ବିଛା**
ଅପୂରଣୀୟ ଆଶା ଓ ଅଭିଳାଷଜନିତ ମାନସିକ ସ୍ଥିତି ଭଲ ରହିବ ନାହିଁ। ଗମନାଗମନ ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଜମିଜମା କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ରହିଥିଲେ ହେଁ ବନ୍ଧୁଙ୍କ ନିକଟରୁ ଆନୁଷଙ୍ଗିକ ସାହାଯ୍ୟ ଲାଭ କରିବେ। ଆପଣଙ୍କ ଉନ୍ନତ ଚିନ୍ତାଧାରାନୁଯାୟୀ ଯୋଜନାଟି ଫଳପ୍ରଦ ହୋଇପାରିବ।

**ଧନୁ**
ବନ୍ଧୁଙ୍କ ପ୍ରାୟୋଜିତ କାର୍ଯ୍ୟକଳାପ ପାରିବାରିକ ଅସ୍ଥିରତା ଓ କାର୍ଯ୍ୟହାନିର କାରଣ ହେବ। ସହକର୍ମୀଙ୍କ ପ୍ରତାରଣାପୂର୍ଣ୍ଣ କାର୍ଯ୍ୟ ମାନସିକ ଉତ୍ତେଜନା ସୃଷ୍ଟିକରାଇ ଅନର୍ଥ ସୃଷ୍ଟି କରିପାରେ। ସ୍ୱାସ୍ଥ୍ୟ ବିଗିଡି ଯାଉଥିବାରୁ ସେଥିପ୍ରତି ଧ୍ୟାନ ରଖିବା ଜରୁରୀ ହୋଇପଡ଼ିବ। ପରିବହନରେ ଝଗଡ଼ା ସ୍ଥାନୀୟ ଲୋକଙ୍କ ଦ୍ୱାରା ସମାଧାନ ହୋଇଯିବ।

**ମକର**
ସନ୍ଦେହ ଏବଂ ଭୁଲ୍ ବୁଝାମଣାରୁ ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବନ୍ଧୁବର୍ଗଙ୍କ ଦ୍ୱାରା ଆହୂତ ସଭାସମିତିକୁ ନିମନ୍ତ୍ରିତ ହୋଇପାରନ୍ତି। ପାରିବାରିକ ସ୍ଥିତିରେ ଆଳାପ ଆଲୋଚନାରେ ଅଧିକାଂଶ ସମୟ କଟାଇବାର ସୁଯୋଗ ପାଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଯାନ୍ତ୍ରିକ ଜିନିଷ କିଣିବାକୁ ମନସ୍ଥ କରିପାରନ୍ତି।

**କୁମ୍ଭ**
ବିଭିନ୍ନ ପ୍ରକାରର ସମସ୍ୟା ବିଜଡ଼ିତ ହୋଇ କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବେ। ପାରିବାରିକ ଖର୍ଚ୍ଚର ଭରଣା ସକାଶେ ଧାରକରଜ କରିବାକୁ ପଡିପାରେ। ବ୍ୟକ୍ତିଗତ କ୍ଷେତ୍ରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ସଭାସମିତିରେ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ**
ଉପରିସ୍ଥଙ୍କ ପୃଷ୍ଠପୋଷକତାରୁ ସମସ୍ୟା ସମାଧାନ ସକାଶେ ଫଳପ୍ରଦ ଆଲୋଚନାର ସୁଯୋଗ ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସଫଳ ହେବେ। ଈର୍ଷାପରାୟଣ ବ୍ୟକ୍ତି ବିରାଧୀ ମନୋବୃତ୍ତି ପୋଷଣକରି ସକ୍ରିୟ ହୋଇପାରନ୍ତି। ସବୁ କ୍ଷେତ୍ରରେ ଶୁଣାକଥାକୁ ଗୁରୁତ୍ୱ ଦେବା ଠିକ୍ ହେବନାହିଁ।

ଆଜି ଫେବୃଆରୀ ୨୭ ତାରିଖ, ଫାଲ୍‌ଗୁନ ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ ଆମଳକୀ ଏକାଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ଦିବା ଘ.୧୦।୪୯ ମି. ଗତେ ପୁନର୍ବସୁ/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ସର୍ବଦେବୀ ବ୍ରତୋପନୟନ, ଗୃହାରମ୍ଭ, ଗୃହ ପ୍ରବେଶ, ନବବଧୂ ଯାତ୍ରା ଓ ଦେବତା ପ୍ରତିଷ୍ଠା ସକାଶେ ଶୁଭଦିନ। ଦିବା.ଘ.୦୬।୧୧ମି. ଗତେ ଘ.୦୬।୫୮ମି. ମଧ୍ୟେ, ଘ. ୦୭।୪୪ମି. ଗତେ ଘ.୦୯।୦୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୨ମି. ଗତେ ଘ. ୧୧।୫୯ମି. ମଧ୍ୟେ ରାହୁ କାଳ।

## 'ନ୍ୟାୟପାଳିକାରେ ଦୁର୍ନୀତି'...

ପ୍ରଥମ ପୃଷ୍ଠାରୁ...

ନେଇ ଗଠିତ ତଥା ସିଜେଆଇ ଅଧ୍ୟକ୍ଷତା କରୁଥିବା ଖଣ୍ଡପୀଠ ଗୁରୁବାର ଏହା ଉପରେ ଶୁଣାଣି କରି ବିବାଦୀୟ ପୁସ୍ତକ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଛନ୍ତି। ଫଳରେ କେତେକ ପ୍ରସଙ୍ଗରେ କିଛିବର୍ଷ ଧରି ନ୍ୟାୟପାଳିକା ସହ ମୁହାଁମୁହିଁ ଅବସ୍ଥାରେ ଥିବା କେନ୍ଦ୍ର ସରକାରଙ୍କୁ ଝଟକା ଲାଗିଛି। ସାମାଜିକ ବିଜ୍ଞାନ ବହିକୁ ବ୍ୟାନ୍ କରାଯିବା ପରେ ସଦ୍ୟ ବିବାଦର ଆପାତତଃ ଅବସାନ ଘଟିଛି। ତେବେ ସୁପ୍ରିମକୋର୍ଟ ଏହାର ତଦନ୍ତ କରାଇବେ ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସ୍ପଷ୍ଟ କରିଛନ୍ତି।

ସିଜେଆଇଙ୍କ ଖଣ୍ଡପୀଠ ଗୁରୁବାର ଶୁଣାଣି ବେଳେ କହିଛନ୍ତି, ସମ୍ପୂର୍ଣ୍ଣ ପ୍ରକରଣକୁ ଦେଖିଲେ ବୁଝାପଡୁଛି ଯେ, ଏହା ପଛରେ ଏକ ଗଭୀର ଷଡ଼ଯନ୍ତ୍ର ରହିଥିଲା। ଦେଶର ସାମ୍ବିଧାନିକ ସଂସ୍ଥାକୁ ବଦନାମ କରି ନ୍ୟାୟପାଳିକାର ମର୍ଯ୍ୟାଦା ହାନି କରିବା ଭଳି ଅଭିସନ୍ଧି ଏଥିରେ କାର୍ଯ୍ୟ କରିଛି। ତେଣୁ ପ୍ରକାଶିତ ଓ ଡିଜିଟାଲ ଭର୍ସନରେ ଉପଲବ୍ଧ ଥିବା ଏନ୍‌ସିଇଆର୍‌ଟି ଅଷ୍ଟମ ଶ୍ରେଣୀର ସମସ୍ତ ସାମାଜିକ ବିଜ୍ଞାନ ପୁସ୍ତକକୁ ତତ୍କାଳ ଜବତ କରାଯାଉ। ଏହି ବହି ଯେପରି କାହା ହାତକୁ ନ ଯିବ ଅବିଳମ୍ବେ ସେନେଇ ପଦକ୍ଷେପ ନିଆଯାଉ ବୋଲି ସିଜେଆଇ କହିବା ସହ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଓ ଶିକ୍ଷା ବିଭାଗ ସମ୍ପାଦକଙ୍କୁ ନୋଟିସ କରିଛନ୍ତି। ଏଭଳି ବିବାଦୀୟ ଓ ଆପତ୍ତିଜନକ ବିଷୟ ଛାପିଥିବା ବ୍ୟକ୍ତିଙ୍କୁ ଉତ୍ତରଦାୟୀ କରାଯିବା ସହ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ବୋଲି ଉଭୟଙ୍କଠାରୁ ଖଣ୍ଡପୀଠ ଉକ୍ତ ନୋଟିସରେ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି।

୩ ଜଣିଆ ଖଣ୍ଡପୀଠ ଆହୁରି କହିଛନ୍ତି, ପର୍ଯ୍ୟାପ୍ତ ପ୍ରତିକାରମୂଳକ ପଦକ୍ଷେପ ସ୍ୱରୂପ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ' ପୁସ୍ତକ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଉଛି। ଆଗକୁ ଏହାର କୌଣସି ମୁଦ୍ରଣ କିମ୍ବା ପ୍ରସାରଣ ହୋଇପାରିବ ନାହିଁ। ସେମାନେ ଏକ ଗୁଳି ଫୁଟାଇଛନ୍ତି, ଯହିଁରେ ନ୍ୟାୟପାଳିକା ଲହୁଲୁହାଣ ହୋଇଯାଇଛି। ତେବେ ସାମ୍ବିଧାନିକ ସଂସ୍ଥାର ମୁଖ୍ୟ ଭାବେ ଏହି କାରସାଦି ପଛରେ ଥିବା ବ୍ୟକ୍ତିଙ୍କୁ ଖୋଜି ବାହାର କରିବା ଏବଂ ଦଣ୍ଡିତ କରିବା ତାଙ୍କ ଦାୟିତ୍ୱ। ତେଣୁ ଏହାର ଗଭୀର ତଦନ୍ତ କରାଯିବ ବୋଲି ସିଜେଆଇ ସୂର୍ଯ୍ୟ କାନ୍ତ ସ୍ପଷ୍ଟ କରିଛନ୍ତି।

କୁହାଯାଉଛି, ଗଣମାଧ୍ୟମରେ ଏ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ଏନ୍‌ସିଇଆର୍‌ଟି ପକ୍ଷରୁ ବାସ୍ତବରେ ଏପରି ବହି ଛପାଯାଇଛି କି ତାହା ଯାଞ୍ଚ କରିବା ପାଇଁ ସୁପ୍ରିମକୋର୍ଟ ସେକ୍ରେଟାରି ଜେନେରାଲଙ୍କୁ ପରାମର୍ଶ ଦିଆଯାଇଥିଲା। ସେକ୍ରେଟାରି ଜେନେରାଲଙ୍କ ପ୍ରଶ୍ନର ଉତ୍ତର ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଅତି ଦାୟିତ୍ୱହୀନ ଭାବେ ଦେଇଥିଲେ। ଏଥିରୁ ତାଙ୍କ ମନ୍ଦ ଉଦ୍ଦେଶ୍ୟ ବାରି ହୋଇପଡୁଛି। ପୁସ୍ତକର ବିବାଦୀୟ ଭାଗରେ ଯେଉଁ ଶବ୍ଦ ଓ ଭାଷାର ପ୍ରୟୋଗ କରାଯାଇଛି, ତାକୁ ଦେଖିଲେ ସ୍ପଷ୍ଟ ବୁଝିହେଉଛି ଯେ, ଏହା ଅବହେଳା କିମ୍ବା ମୁଦ୍ରଣଜନିତ ତ୍ରୁଟି ନୁହେଁ। ଏହା ଉଦ୍ଦେଶ୍ୟମୂଳକ ପଦକ୍ଷେପ ବୋଲି ପ୍ରମାଣିତ ହେଲେ ନ୍ୟାୟପାଳିକାର ଭାବମୂର୍ତ୍ତି ମଳିନ କରିବା, ସ୍ୱାଧୀନତା ଓ ସ୍ୱୟଂଶାସିତ କ୍ଷମତାକୁ ଛଡ଼ାଇନେବା ପାଇଁ ଏହା ଏକ ଉଦ୍ୟମ ରୂପେ ଧରାଯିବ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଅଦାଲତ ଅବମାନନା ଆଇନ, ୧୯୭୧ର ଧାରା ୨(ସି) ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସ୍କୁଲ ଶିକ୍ଷା ବିଭାଗ ପକ୍ଷରୁ ନିଃସର୍ତ୍ତ କ୍ଷମା ମାଗିଛନ୍ତି। ପୁସ୍ତକ ପ୍ରସ୍ତୁତିରେ ନିୟୋଜିତ ଥିବା ୨ ଜଣ ବ୍ୟକ୍ତିଙ୍କୁ ଭବିଷ୍ୟତରେ ମନ୍ତ୍ରଣାଳୟର କୌଣସି କାର୍ଯ୍ୟକଳାପରେ ସାମିଲ କରାଯିବ ନାହିଁ ବୋଲି ମେହେଟ୍ଟା କହିଛନ୍ତି। ପ୍ରକାଶିତ ବିବାଦୀୟ ପୁସ୍ତକର ୩୨ ଖଣ୍ଡ ବଜାରକୁ ଯାଇଥିଲା, ସେଗୁଡ଼ିକୁ ପ୍ରତ୍ୟାହାର କରାଯାଉଛି। ଏହା ଶୁଣିବା ପରେ ଖଣ୍ଡପୀଠ ଏହି ପ୍ରସଙ୍ଗରେ ମାର୍ଚ୍ଚ ୧୧ରେ ପରବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି।

କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ Xରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଯଥାର୍ଥ ଦର୍ଶାଇ କହିଛନ୍ତି, ୧ ଦଶନ୍ଧି ହେଲା ଏନ୍‌ସିଇଆର୍‌ଟି ପୁସ୍ତକଗୁଡ଼ିକର ପୁନଃ ଲିଖନ କରାଯାଉଛି। ଏହି ବିପଜ୍ଜନକ ଧାରା ଆର୍‌ଏସ୍‌ଏସ୍ ବିଚାରଧାରାରୁ ପ୍ରେରିତ। ଖଳ ଓ ମନ୍ଦ ଉଦ୍ଦେଶ୍ୟ ରଖି ଏପରି କରାଯାଉଛି। ଏହି ରାକେଟର ତଦନ୍ତ କରାଯିବା ଜରୁରୀ ହୋଇପଡ଼ିଛି। ସେପଟେ ଇସ୍ରାଏଲ୍‌ରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଗଭୀର ଅସନ୍ତୋଷ ବ୍ୟକ୍ତ କରିବା ସହ ଏସବୁ କିଏ ବୁଝୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିବାଦୀୟ ବିଷୟକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ନ୍ୟାୟପାଳିକାକୁ ଆମେ ଉଚ୍ଚ ସମ୍ମାନ ଦେଉଛୁ। ଅଦାଲତଙ୍କୁ ଅସମ୍ମାନ କରିବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। ନ୍ୟାୟପାଳିକା ନିଷ୍ପତ୍ତିର ସମ୍ପୂର୍ଣ୍ଣ ଅନୁପାଳନ କରାଯିବ ବୋଲି ଧର୍ମେନ୍ଦ୍ର ପ୍ରତିଶ୍ରୁତି ଦେଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ମୁହାଁ, ଚୋର ମୁହାଁ,**
**ମାଇ ମୁହାଁ, ଭାତ ମୁହାଁ,**
**ଏ ନୁହନ୍ତି କାହାଁ।**

ଘର ପ୍ରତି ଅତ୍ୟଧିକ ମୋହ ବା ଆସକ୍ତି ରଖୁଥିବା ବ୍ୟକ୍ତି, ଚୋର ପ୍ରକୃତିର ବ୍ୟକ୍ତି, ପର ସ୍ତ୍ରୀ ପ୍ରତି ଆସକ୍ତ ଭାବ ରଖୁଥିବା ବ୍ୟକ୍ତି ଏବଂ ଖାଦ୍ୟ ଲୋଭୀ ବ୍ୟକ୍ତି କେବେ ଉନ୍ନତି କରିପାରି ନ ଥାନ୍ତି। ଏହି ଧରଣର ବ୍ୟକ୍ତି ଜୀବନରେ ଅସଫଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି**
**ପୁଅ ଲିଆଖିଆ ପଣ ଛାଡ଼ିନାହିଁ।**

ବେଳେବେଳେ ବିପଦ ପଡ଼ିଥିବା ସମୟରେ କିଛି ଦାୟିତ୍ୱହୀନ ବ୍ୟକ୍ତି ନିଧଡ଼କ ହୋଇ ରହୁଥିବା ବା ବୁଲୁଥିବାର ଦେଖିବାକୁ ମିଳିଥାଏ। ଆସନ୍ନ ବିପଦ ପ୍ରତି ସଚେତନ ନ ଥିବା ଫୁଲାଫାଙ୍କିଆ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଧାନ ବିକ୍ରି ଯନ୍ତ୍ରଣା...

କରିଥିଲେ। ବୁଧବାର ସନ୍ଧ୍ୟାରେ ତାଙ୍କୁ ଘରକୁ ପଠାଇ ଭାଇ ଦୁର୍ଯ୍ୟୋଧନ ମିଲ୍‌ରେ ଧାନ ଜଗି ରହିଥିଲେ। ତ୍ରିଲୋଚନ ଘରେ ପହଞ୍ଚିବା କ୍ଷଣି ଅସୁସ୍ଥ ଅନୁଭବ କରିଥିଲେ, ପରିବାର ଲୋକେ ତାଙ୍କୁ ପ୍ରଥମେ ଈଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଯ୍ୟୋଧନ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଭାଇ ତ୍ରିଲୋଚନଙ୍କ ଅସୁସ୍ଥ ଖବର ପାଇ ସେ ମିଲରଙ୍କୁ ଧାନ ତୁରନ୍ତ ନିଅନ୍ତୁ, ଭାଇ ମେଡିକାଲରେ ପଡ଼ିଛନ୍ତି ବୋଲି ବାରମ୍ବାର ନେହୁରା ହୋଇଥିଲେ। ଏହାପରେ ମିଲ୍ କର୍ମଚାରୀ ତାଙ୍କୁ ଶୋଷଣ କରିଥିଲେ। ଧାନ ଅନ୍‌ଲୋଡ କରିବା ପାଇଁ ୩ ହଜାର ଟଙ୍କା ଓ କୁଇଣ୍ଟାଲ ପିଛା ଆଉ ଅଧିକ ୩ କେଜି ଲେଖାଏ କାଟିବେ ବୋଲି ମୂଳଚାଲ କରିବା ପରେ ଅନ୍‌ଲୋଡ କରିଥିଲେ ବୋଲି ଦୁର୍ଯ୍ୟୋଧନ କହିଛନ୍ତି।

ଦୁର୍ଯ୍ୟୋଧନ ତାଙ୍କ ଭାଇଙ୍କ ମୃତ୍ୟୁ ପାଇଁ ସେବା ସମବାୟ ସମିତିର କର୍ମଚାରୀ ଓ ମିଲରଙ୍କୁ ଦାୟୀ କରିଛନ୍ତି। ୪୦ ଦିନ କାଳ ଦୌଡ଼ି ଶେଷରେ ସହ ସମ୍ପାଦକ ୧ ହଜାର ଟଙ୍କା ନେଇ ରାମଚଣ୍ଡୀ ମିଲ୍‌ରେ ଧାନ ଦେବାକୁ ଟୋକନ୍ ଦେଇଥିଲେ। ୨୩ରୁ ୨୫ ତାରିଖ ଯାଏ ଖରା ଓ କାକରରେ ଅଖିଆ ଅପିଆ ପଡ଼ି ରହିଥିଲୁ। କୁଇଣ୍ଟାଲ ପିଛା ୯ କେଜି ଲେଖାଏ ମିଲରେ ଧାନ କାଟି ରଖିଥିଲେ। ଅନ୍‌ଲୋଡ ପାଇଁ ମିଲର ୩ହଜାର ଟଙ୍କା ନେଇଛନ୍ତି ଓ ୨ଟି ଟ୍ରାକ୍ଟର ଭଡ଼ା ବାବଦକୁ ୧୫ ହଜାର ଟଙ୍କା ଆମେ ଦେଇଛୁ। ମିଲରଙ୍କ ନିର୍ଯାତନା ସହି ନ ପାରି ଭାଇଙ୍କ ଜୀବନ ଚାଲିଗଲା ବୋଲି କହିବା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଘଟଣା ସମ୍ପର୍କରେ ଖବର ପାଇ ରାଜନଗର ତହସିଲଦାର ଯିଶୁକୃଷ୍ଣ ଦାସ ମଣ୍ଡି ଓ ରାମଚଣ୍ଡୀ ମିଲ୍‌ରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ରଘୁରାମ ଆର ଆୟାର କହିଛନ୍ତି, ଗତ ଜାନୁଆରୀ ୯ ତାରିଖରୁ ଜିଲାରେ ଧାନ ମଣ୍ଡି ଆରମ୍ଭ ହୋଇଛି। ଏହାର ସୁପରିଚାଳନା ପାଇଁ ସାପ୍ତାହିକ ସମୀକ୍ଷା ବୈଠକ ହେଉଛି। ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ଚାଷୀ ତ୍ରିଲୋଚନ ନାୟକ ଗତ ୧୪ ତାରିଖରେ ୩୮.୯୦ କୁଇଣ୍ଟାଲ ଧାନ ଡାଙ୍ଗମାଳ ପାକ୍ସରେ ବିକ୍ରୟ କରିଛନ୍ତି। ୧୮ ତାରିଖରେ ଦେୟ ବାବଦ ଅର୍ଥ ତାଙ୍କୁ ଦେବାକୁ ବ୍ୟାଙ୍କକୁ ସୁପାରିସ କରାଯାଇଥିଲା। ଏହି ଟଙ୍କା ୨୩ ତାରିଖରେ ତାଙ୍କ ଆକାଉଣ୍ଟରେ ଜମା ହୋଇଛି। ଦୁଃଖର ବିଷୟ, ଗୁରୁବାର ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି ବୋଲି ଜିଲାପାଳ ଆୟାର କହିଛନ୍ତି। ରାଜନଗର ଥାନା ଅଧିକାରୀ ନରେଶ କୁମାର ସାହୁଙ୍କୁ ପଚାରିବାରୁ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି। ଅଭିଯୋଗ ସମ୍ପର୍କରେ ରାମଚଣ୍ଡୀ ମିଲ୍ ମାଲିକ ସମୀର କୁମାର ସାହୁଙ୍କ ମୋବାଇଲ ନଂ. ୯୯୩୮୫୪୫୫୪୦କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ନାମାଙ୍କନ ଭରିଲେ...

ନିର୍ବାଚନ ଯଦି ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ତେବେ ମାର୍ଚ୍ଚ ୧୬ରେ ପୂର୍ବାହ୍ନ ୯ ଘଟିକାରୁ ଅପରାହ୍ନ ୪ଟା ମଧ୍ୟରେ ବିଧାନସଭା ସୌଧର କମିଟି ପ୍ରକୋଷ୍ଠ ନମ୍ବର ୫୪ରେ ଭୋଟ ଗ୍ରହଣ କରାଯିବ। ସେହିଦିନ ଭୋଟ ଗଣତି କରାଯାଇ ସନ୍ଧ୍ୟା ୫ଟାରେ ଫଳାଫଳ ଘୋଷଣା କରାଯିବ। ଏହାପରେ ନିର୍ବାଚିତ ବ୍ୟକ୍ତିଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ମାର୍ଚ୍ଚ ୨୦ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ।

ରାଜ୍ୟ ସଭା ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ସବୁ ରାଜନୈତିକ ଦଳ ନିଜର ପ୍ରତିକ୍ରିୟା ଦେବା ସାଙ୍ଗକୁ ପ୍ରାର୍ଥୀ ଚୟନ କସରତ ଜୋର୍‌ଦାର କରିଛନ୍ତି। ନାମାଙ୍କନ ଦାଖଲ ଲାଗି ଆଉ ମାତ୍ର ୭ ଦିନ ସମୟ ଥିବାବେଳେ ୨ରୁ ୩ ଦିନ ମଧ୍ୟରେ ସବୁ ଦଳ ନିଜର ପ୍ରାର୍ଥୀ ଦେଇପାରନ୍ତି ବୋଲି ଶୁଣିବାକୁ ମିଳିଛି। ଭାଜପା ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ଆସନ୍ତା ୨ ଦିନ ମଧ୍ୟରେ ଦଳ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ। କୋର୍ କମିଟି ବୈଠକରେ ଯେଉଁମାନଙ୍କ ନାମ ଚୂଡ଼ାନ୍ତ ହୋଇଛି ତାହା ସଂସଦୀୟ ବୋର୍ଡକୁ ଯାଇଛି। ଶୁକ୍ରବାର ସୁଦ୍ଧା ସଂସଦୀୟ ବୋର୍ଡ ବୈଠକ ବସିବ। ଏଥିରେ ହିଁ ଦଳ କାହାକୁ ରାଜ୍ୟ ସଭା ପଠାଇବ ସେକଥା ଚୂଡ଼ାନ୍ତ ହେବ। ଅବଶ୍ୟ ଏହି ସମୟରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି। ଅନ୍ୟପଟେ ବିଜେଡିର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଗୁରୁବାର ନବୀନ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ସମ୍ପର୍କରେ ସୂଚନା ଦେବାକୁ ଯାଇ ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି, ରାଜ୍ୟ ସଭା ନିର୍ବାଚନ ନେଇ ସମସ୍ତ ପିଏସିର ନେତାମାନେ ଏକତ୍ରିତ ହୋଇ କହିଲେ, ନବୀନବାବୁ ଯାହା ନିଷ୍ପତ୍ତି ନେବେ ତାହା ହିଁ ଚୂଡ଼ାନ୍ତ। ଆଉ କିଛି ଆଲୋଚନା ହୋଇନାହିଁ। ଦଳର ସଭାପତି ଯାହାକୁ ପ୍ରାର୍ଥୀ କରିବେ ତାହା ହିଁ ଚୂଡ଼ାନ୍ତ ବୋଲି ସେ କହିଛନ୍ତି। ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଆସନ୍ତା ୨୮ ତାରିଖରେ କଂଗ୍ରେସ ରାଜ୍ୟ ସଭା ବାବଦରେ ନିଷ୍ପତ୍ତି ନେବ। ନବୀନଙ୍କ ସହ ଆଲୋଚନା ପାଇଁ ସମୟ ମାଗିଥିଲେ, ହେଲେ ସେ ଏଯାଏ ଦେଇନାହାନ୍ତି। ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କ ସହ ଆଲୋଚନା କରିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଭକ୍ତ କହିଛନ୍ତି।

## ବିବାହ ବନ୍ଧନରେ...

ସେହି ବ୍ୟକ୍ତି ଯିଏ ମୋତେ ପ୍ରକୃତ ପ୍ରେମ ଓ ଶାନ୍ତିର ଅନୁଭବ କରାଇଛନ୍ତି। ସେ ମୋତେ ବଡ଼ ସ୍ୱପ୍ନ ଦେଖିବାକୁ ଏବଂ ନିଜ ଉପରେ ବିଶ୍ୱାସ କରିବା ଶିଖାଇଛନ୍ତି। ସତ କହିବାକୁ ଗଲେ, ମୁଁ ତାଙ୍କ ଉପରେ ଗୋଟିଏ ପୂରା ବହି ଲେଖିପାରିବି।"

ଅପରପକ୍ଷେ ବିଜୟ ତାଙ୍କ ପୋଷ୍ଟରେ ଲେଖିଛନ୍ତି, "ଦିନେ ମୁଁ ତାଙ୍କୁ ଏତେ ମିସ୍ କଲି ଯେ ମୋତେ ଅନୁଭବ ହେଲା ଯଦି ସେ ମୋ ସାଥିରେ ଥାନ୍ତେ, ତେବେ ମୋର ପ୍ରତିଟି କାମ ଆହୁରି ସୁନ୍ଦର ହୋଇଥାନ୍ତା। ମୋତେ ଘର ଭଳି ଶାନ୍ତି ଅନୁଭବ କରିବା ପାଇଁ ତାଙ୍କର ଆବଶ୍ୟକତା ଥିଲା। ତେଣୁ ମୁଁ ମୋର ସବୁଠାରୁ ଭଲ ସାଙ୍ଗକୁ ନିଜର ସ୍ତ୍ରୀ କରିନେଇଛି।"

ଉଭୟଙ୍କ ପୋଷ୍ଟ ପରେ ପ୍ରଶଂସକମାନେ ଏହି ନବଦମ୍ପତିଙ୍କୁ ଶୁଭେଚ୍ଛାରେ ପୋତିପକାଉଛନ୍ତି। ଏହି ଷ୍ଟାର୍ ଯୋଡ଼ିଙ୍କ ଫଟୋ ଏବେ ଇଣ୍ଟରନେଟ୍‌ରେ ବେଶ୍ ଭାଇରାଲ ହେବାରେ ଲାଗିଛି।




# ସୀମାନ୍ତରେ ୨ ମାଓବାଦୀ ନିହତ

**ମାଲକାନଗିରି,୨୬।୨(ସୁଚିତ୍ରା ଦାସ)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇ ୨ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ବନ୍ଧୁକ ଓ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ସୂଚନାନୁଯାୟୀ, ଛତିଶଗଡ ବିଜାପୁର ଜିଲା ଗଙ୍ଗଲା ଥାନା ଅଧୀନ ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ଖବର ପାଇ ପୋଲିସ ପକ୍ଷରୁ ମାଓବାଦୀ ବିରୋଧୀ ଅଭିଯାନ ଆରମ୍ଭ କରାଯାଇଥିଲା। ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ କୋମ୍ବିଂ ଅପରେଶନ ଚାଲୁଥିବା ବେଳେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପୋଲିସ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। ମାଓବାଦୀ ପୋଲିସ ଗୁଳିର ସାମ୍ନା କରି ନ ପାରି ଛତ୍ରଭଙ୍ଗ ଦେଇଥିଲେ। ଉକ୍ତ ଅଞ୍ଚଳରେ ଯାଞ୍ଚ କରିବାରୁ ୨ ୟୁନିଫର୍ମ ପିନ୍ଧା ମାଓବାଦୀଙ୍କ ମୃତଦେହ ଜବତ ହୋଇଥିବା ବିଜାପୁର ଏସ୍‌ପି ଡ. ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି। ଏଥିସହ ଗୋଟିଏ ଏସ୍‌ଏଲ୍‌ଆର୍ ରାଇଫଲ, ଏକ ଇନ୍ସାସ ରାଇଫଲ ଏବଂ ଏକ ୧୨ ବୋର ରାଇଫଲ, ବିସ୍ଫୋରକ ଓ ଅନ୍ୟାନ୍ୟ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ପୋଲିସ ବର୍ତ୍ତମାନ ମଧ୍ୟ ଅଞ୍ଚଳରେ ତଲାସି ଜାରି ରଖିଛି। ୨ ମାଓବାଦୀଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ଟିମ୍ ଫେରିବା ପରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

# ମାର୍ଚ୍ଚ ୫କୁ ଘୁଞ୍ଚିଲା ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି

## ଓଟିଇଟି ପ୍ରଶ୍ନପତ୍ର ଜାଲିଆତି ଘଟଣା

**କଟକ,୨୬।୨(କାର୍ତ୍ତିକ ସାହୁ)**

ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ଜାଲିଆତି ମାମଲାର ୮ ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ହାଇକୋର୍ଟରେ ଗୁରୁବାର ଶୁଣାଣି ହୋଇଛି। ବିଚାରପତି ଗୌରୀଶଙ୍କର ଶତପଥୀ ମାମଲାଗୁଡ଼ିକର ଏକତ୍ର ଶୁଣାଣି କରି ଶୁକ୍ରବାର ସୁଦ୍ଧା ଲିଖିତ ଯୁକ୍ତି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାକି ପୃଥକ ଭାବେ ଦାଖଲ କରାଯିବ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୫କୁ ଧାର୍ଯ୍ୟ ହୋଇଛି। ଏହି ଜାଲିଆତି ମାମଲାରେ ଗିରଫ ଅଭିଯୁକ୍ତମାନେ ହେଲେ ଡ. ନୀହାର ରଞ୍ଜନ ମହାନ୍ତି, ଜିତନ ମହାରଣା, ରାମଜୀ ପ୍ରସାଦ ଗୁପ୍ତା, ବିଜୟ କୁମାର ମିଶ୍ର, ଜୟନ୍ତ କୁମାର ରାଉତ, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ ଓ ସନାତନ ବିଷୋୟୀ।

# ପିଏସି କାହିଁକି



ନବୀନ ନିବାସରେ ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକ ।

**ଭୁବନେଶ୍ୱର, ୨୬।୨(ସୁନିତ୍ ମିଶ୍ର)**

ବିଜେଡିର ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ସମୟ ଧରି ହୋଇଥିବା ପିଏସି ବୈଠକରେ ବହୁତ ରାଜନୈତିକ ଦିଗ ଉପରେ ଆଲୋଚନା ହୋଇଛି। ଏହି ଅବସରରେ ରାଜ୍ୟ ସଭା ନିର୍ବାଚନ ଉପରେ ପିଏସିରେ ହୋଇଥିବା ଆଲୋଚନା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବୈଠକ ପରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ପ୍ରତିକ୍ରିୟା ଶୁଣି ବିଜେଡି ଭିତରୁ ଧୀରେ ଧୀରେ ଅସନ୍ତୋଷ ବଢୁଥିବା ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରମିଳା କହିଛନ୍ତି, ରାଜ୍ୟ ସଭା ନିର୍ବାଚନରେ କିଏ ପ୍ରାର୍ଥୀ ହେବେ ସେକଥା ଦଳର ସଭାପତି ନିଷ୍ପତ୍ତି ନେବେ। ସମସ୍ତ ପିଏସି ସଦସ୍ୟ ମିଳିତ ଭାବେ ଏହି ପ୍ରସ୍ତାବ ନବୀନଙ୍କୁ ଦେଇଛନ୍ତି। ସମସ୍ତେ ନବୀନଙ୍କୁ କହିଛନ୍ତି, ଯାହା ସେ ଚୂଡ଼ାନ୍ତ କରିବେ ସମସ୍ତେ ତାକୁ ମାନିନେବେ। ଦଳର କେତେଜଣ ବରିଷ୍ଠ ନେତା ନିଜ ନାମ ଗୋପନ ରଖି ପ୍ରମିଳାଙ୍କ ପ୍ରତିକ୍ରିୟାକୁ ନେଇ କହିଛନ୍ତି, କିଏ ରାଜ୍ୟ ସଭା ପାଇଁ ପ୍ରାର୍ଥୀ ହେବେ ସେହି ନିଷ୍ପତ୍ତି ଯଦି ପିଏସିରେ ଚୂଡ଼ାନ୍ତ ହେଲା ନାହିଁ ତେବେ ବୈଠକ ବସିଲା କାହିଁକି। ରାଜନୈତିକ ବ୍ୟାପାର କମିଟିର ତେବେ କାମ କ'ଣ ରହିଲା। ରାଜନୈତିକ ବ୍ୟାପାର କମିଟି ଥାଇ ନ ଥିଲା ଭଳି ହୋଇଯାଉଛି। ତେବେ ଆଗକୁ ଯିଏ ରାଜ୍ୟ ସଭାକୁ ବିଜେଡିରୁ ଯିବେ ତା'ର ନିଷ୍ପତ୍ତି ନବୀନ କାହା ସହ ଆଲୋଚନାକରି ନେବେ, ସେକଥା ଦଳର ସଭାପତି ସ୍ପଷ୍ଟ କରନ୍ତୁ। ପିଏସି କ'ଣ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ହୋଇଛି।

ଅନ୍ୟପଟେ ଗୁରୁବାରଠାରୁ ରାଜ୍ୟ ସଭା ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହି ଅନୁଯାୟୀ ଆସନ୍ତା ୫ ତାରିଖ ନାମାଙ୍କନ ଦାଖଲର ଶେଷ ଦିନ। ତେଣୁ ଏହା ଭିତରେ ୪ର୍ଥ ଆସନକୁ ନେଇ ଯେଉଁ ଦ୍ୱନ୍ଦ୍ୱ ରହିଛି ସେ ବିଷୟରେ ବିଜେଡି କିଛି ନିଷ୍ପତ୍ତି ନେବ ବୋଲି ରାଜନୈତିକ ମହଲରେ ଅନେକଙ୍କ ଅପେକ୍ଷା ରହିଥିଲା। ପ୍ରତ୍ୟକ୍ଷ ବା ପରୋକ୍ଷରେ ଯେପରି ୪ର୍ଥ ଆସନ ଭାଜପାକୁ ଯିବା ଭଳି ବାଟ ତିଆରି କରା ନ ଯିବ ସେଥିପାଇଁ କିଛି ପ୍ରତିକ୍ରିୟା ବିଜେଡି ପକ୍ଷରୁ ଆସିବ ବୋଲି ଅନୁମାନ ମଧ୍ୟ କରାଯାଉଥିଲା। କାରଣ ନିକଟରେ ଦଳର ବରିଷ୍ଠ ନେତା ଅରୁଣ କୁମାର ସାହୁ ମଧ୍ୟ ଏହି କଥା ଦୋହରାଇଥିଲେ। ୪ର୍ଥ ଆସନ ଭାଜପାକୁ ନ ଯିବା ଦରକାର ବୋଲି ସେ ତାଙ୍କ ବ୍ୟକ୍ତିଗତ ମତ ଜଣାଇଥିଲେ। ଅରୁଣ ପିଏସିରେ ନାହାନ୍ତି। ଯେଉଁମାନେ ପିଏସିରେ ଅଛନ୍ତି, ସେମାନେ ଏ ବିଷୟରେ ଯଦି ନବୀନଙ୍କ ସାଙ୍ଗରେ ଆଲୋଚନା କରିଥିବେ, ତେବେ ଏହା ନିର୍ବାଚନ ଭିତରେ ନିଶ୍ଚିତ ପ୍ରତିଫଳିତ ହେବ। ଭାଜପା ପକ୍ଷରୁ ମଧ୍ୟ ୨ ଦିନ ମଧ୍ୟରେ ପ୍ରାର୍ଥୀ ଘୋଷଣା ହୋଇଯିବ ବୋଲି କୁହାଯାଉଛି। ତେଣୁ ଭାଜପା ଯଦି ୩ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରେ ତେବେ ଗୋଟିଏ କଥା ବୁଝିନେବାକୁ ହେବ, ଶାସକ ଦଳ ହାରିବା ଭଳି କିଛି ବାଟ ରଖି କାମ କରି ନ ଥିବ।

ଅନ୍ୟପକ୍ଷରେ ରାଜ୍ୟରେ ଯେହେତୁ ବିଜେଡି ମୁଖ୍ୟ ବିରୋଧୀ ଦଳ ଆସନରେ ରହିଛି ଶାସକ ଦଳକୁ ସବୁ କ୍ଷେତ୍ରରେ ଅଟକାଇବା ପାଇଁ ସେମାନେ ପ୍ରଥମ ଉଦ୍ୟମ କରିବା କଥା। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ମଧ୍ୟ ରାଜ୍ୟ ସଭା ନିର୍ବାଚନ ନେଇ ନବୀନଙ୍କୁ ଭେଟିବାକୁ ସମୟ ଲୋଡ଼ିଛନ୍ତି, ହେଲେ ତାଙ୍କୁ ଏଯାଏଁ କିଛି ପ୍ରତ୍ୟୁତ୍ତର ମିଳି ନ ଥିବା ଜଣାପଡ଼ିଛି। ପୂର୍ବରୁ ଅନେକ ସମୟରେ ସମଦୂରତା କଥା କହି ବିଜେଡି ନିଜକୁ ସୁରକ୍ଷିତ ରଖିବା ପାଇଁ ଅନେକ କିଛି କାର୍ଯ୍ୟକ୍ରମ କରିଛି। ମାତ୍ର ସେଭଳି ସବୁ ନିଷ୍ପତ୍ତିରେ ଭାଜପାକୁ ପରୋକ୍ଷରେ ସୁହାଇବା ଭଳି ହୋଇଛି। ଏଥର ନବୀନଙ୍କ ଆଭିମୁଖ୍ୟ ରାଜ୍ୟ ସଭାରେ ଭାଜପାକୁ ସୁହାଇବା ଭଳି ହେବ ନା ନାହିଁ, ସେହି କଥା ଉପରେ ହିଁ ରାଜ୍ୟର ବହୁ ବିଜେଡି ନେତା ଅପେକ୍ଷା କରି ରହିଛନ୍ତି। ଆଗକୁ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନରେ ୪ର୍ଥ ଆସନ ଲାଗି କୌଣସି ଦଳ ପାଖରେ ଯଥେଷ୍ଟ ସଂଖ୍ୟା ନାହିଁ। ଯଦି ବିଜେଡି ସମଦୂରତା କଥା କହିଦିଏ, ତେବେ ଭାଜପା ସହଜରେ ୩ଟି ଆସନରେ ବିଜୟୀ ହେଇଯିବ। ନଚେତ୍ ନବୀନଙ୍କ ସମର୍ଥନରେ ୪ର୍ଥ ଆସନ ଭାଜପା ଜିତିଯାଇପାରିବ। ଏପରି ନ ହୋଇ ବିରୋଧୀ ବିଜେଡି ଏବଂ କଂଗ୍ରେସ ମଧ୍ୟ ମିଳିତ ପ୍ରାର୍ଥୀ ଦେଇ ଶାସକ ଦଳକୁ ରୋକିବାର ଆଉ ଏକ ରାସ୍ତା ରହିଛି। ରାଜ୍ୟର କୋଣ ଅନୁକୋଣରେ ବିଜେଡି କର୍ମୀମାନେ ଭାଜପା ସହ ତାଙ୍କ ଦଳର ସମ୍ପର୍କ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ବାରମ୍ବାର ପ୍ରଶ୍ନ ଉଠାଉଛନ୍ତି। ଅନେକଙ୍କ ଆଶା ଥିଲା, ପିଏସି ବୈଠକରେ ଏଭଳି ଏକ ବିଷୟ ଉପରେ ନିଶ୍ଚିତ ଚର୍ଚ୍ଚା ହୋଇପାରେ, ମାତ୍ର ଏମିତି କିଛି ହୋଇ ନ ଥିବା ଜଣାପଡ଼ିଛି।

# ଶୃଙ୍ଖଳା ସହ ସାଲିସ ହେବନାହିଁ:ଭକ୍ତ



ଗୁରୁବାର ପୂର୍ବାହ୍ନରେ ସୂଚନାଭବନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ।

## ହେମାନନ୍ଦ ବିଶ୍ୱାଳଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ

**ଭୁବନେଶ୍ୱର,୨୬।୨ (ରବିନାରାୟଣ ଜେନା)**

କଂଗ୍ରେସ ସବୁବେଳେ ସତ୍ୟ ଓ ଅହିଂସା ଉପରେ ବିଶ୍ୱାସ କରେ। ଦଳରେ କର୍ତ୍ତବ୍ୟ ପରାୟଣତାକୁ ସବୁବେଳେ ଗୁରୁତ୍ୱ ଦିଆଯାଇ ଆସୁଛି। ହେଲେ ଶୃଙ୍ଖଳାକୁ କୌଣସି ପରିସ୍ଥିତିରେ ସାଲିସ କରାଯିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର ପୂର୍ବାହ୍ନରେ ସୂଚନାଭବନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଯୋଗଦେଇ ଭକ୍ତ କହିଛନ୍ତି, ଦଳର ଦାୟିତ୍ୱ ନେବା ଦିନଠାରୁ ଦଳକୁ କିଭଳି ଆଗକୁ ସୁସଂଗଠିତ କରାଯିବ ତାହା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି। ଦଳରେ କେହି କେନ୍ଦ୍ରୀୟ ନେତୃତ୍ୱ ଉପରେ ପ୍ରଶ୍ନ କରିବେ ତାକୁ ଛାଡ଼ି ଦିଆଯିବ ନାହିଁ। ସବୁ ଦଳରେ ମତଭେଦ ରହିଛି। ଭାଜପା ଏବଂ ବିଜେଡିରେ ବହୁ ମତଭେଦ ରହିଥିଲେ ହେଁ ତାହାସବୁ ବାହାରକୁ ଆସୁନାହିଁ। ହେଲେ କଂଗ୍ରେସରେ ସବୁବେଳେ ସଙ୍ଗଠନକୁ ନେଇ ପ୍ରଶ୍ନ ଉଠୁଛି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କଂଗ୍ରେସ ଏକ ବିଚାରଧାରା ବୋଲି କହିଥିଲେ। ସେ କହିଥିଲେ, ଦେଶର ୯୪ ପ୍ରତିଶତ ଲୋକଙ୍କ ପାଇଁ ବ୍ୟାଙ୍କରେ ଚାବି ପଡ଼ିଛି। ଯଦି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯାଇ କୋଇଲା ଉପରେ ସେସ୍ ଲାଗୁ କରାଯାଆନ୍ତା ତେବେ ଓଡ଼ିଶାକୁ ପ୍ରତିବର୍ଷ ୧ଲକ୍ଷ କୋଟିରୁ ଅଧିକ ଟଙ୍କା ରାଜସ୍ୱ ମିଳିପାରନ୍ତା। କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ଜୟଦେବ ଜେନା ଯେଉଁ କୋଇଲା ରୟାଲଟି ପ୍ରସଙ୍ଗ ଉଠାଇଛନ୍ତି ତାକୁ ନିଶ୍ଚିତ ଭାବେ ଗୃହରେ ଉପସ୍ଥାପନ କରାଯିବ। କାର୍ଯ୍ୟକ୍ରମରେ ବିଜେଡିର ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଯୋଗଦେଇ 'ହେମାନନ୍ଦଙ୍କୁ କ୍ରାଇସିସ୍ ମ୍ୟାନେଜର' ଭାବେ ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ନିରଞ୍ଜନ ପଟ୍ଟନାୟକଙ୍କ ସହ ସନ୍ତୋଷ ସିଂହ ସାଲୁଜା, ଅନନ୍ତ ସେଠୀ, ପୂର୍ବତନ ମୁଖ୍ୟଶାସନ ସଚିବ ବିଜୟ ପଟ୍ଟନାୟକ ଏବଂ ହେମାନନ୍ଦଙ୍କ ସହଧର୍ମିଣୀ ଉର୍ମିଳା ବିଶ୍ୱାଳ ପ୍ରମୁଖ ଯୋଗଦେଇ ହେମାନନ୍ଦଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭକ୍ତଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି।

# ୩୯,୫୦୫ ନିଯୁକ୍ତିକୁ ୪୯,୬୩୨ ଅବସର

## ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ

**ଭୁବନେଶ୍ୱର,୨୬।୨(ରବିନାରାୟଣ ଜେନା)**

ରାଜ୍ୟରେ ସରକାରଙ୍କ ବିଭିନ୍ନ ବିଭାଗରେ ଯେତିକି ସଂଖ୍ୟକ ନିଯୁକ୍ତି ହେଉଛନ୍ତି, ତା'ଠାରୁ ଅଧିକ ସଂଖ୍ୟକ ଅବସର ଗ୍ରହଣ କରୁଛନ୍ତି। ତେବେ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଗତ ୩ବର୍ଷରେ ନିଯୁକ୍ତି ହାରଠାରୁ ଅଧିକ ପ୍ରାୟ ୧୦ହଜାର ସରକାରୀ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଫେବୃଆରୀ ୨୩ରେ ପ୍ରଦାନ କରିଛନ୍ତି। ବିଜେଡି ସଦସ୍ୟା ସୁବାସିନୀ ଜେନାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ଗତ ତିନି ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ୪୯,୬୩୨ ସଂଖ୍ୟକ ସରକାରୀ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୪୦,୪୭୪ ଜଣଙ୍କ ପୂର୍ଣ୍ଣାଙ୍ଗ ପେନ୍‌ସନ ମଞ୍ଜୁର ହୋଇସାରିଥିବା ବେଳେ ୯୧୫୮ଜଣଙ୍କ ପୂର୍ଣ୍ଣାଙ୍ଗ ପେନ୍‌ସନ ମଞ୍ଜୁର ହୋଇପାରିନାହିଁ। ପୂର୍ଣ୍ଣାଙ୍ଗ ପେନ୍‌ସନ ମଞ୍ଜୁର ହୋଇ ନ ଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପ୍ରୋଭିଜନାଲ ପେନ୍‌ସନ ମଞ୍ଜୁର କରାଯିବାର ପ୍ରାବଧାନ ରହିଛି। ସେହିପରି ମୁଖ୍ୟମନ୍ତ୍ରୀ ବିଜେଡି ସଦସ୍ୟ ଅରୁଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି, ରାଜ୍ୟ ସରକାର ୨୦୨୪ ଜୁନ୍ ୧୨ ପରେ ୩୯ହଜାର ୫୦୫ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ତେବେ ବିଭାଗୱାରି ଉତ୍ତରରେ ମୁଖ୍ୟମନ୍ତ୍ରୀ ୨୦୨୧ ଅକ୍ଟୋବର ୮ତାରିଖରୁ ୨୭ଟି ବିଭାଗର ନିଯୁକ୍ତି ସଂକ୍ରାନ୍ତୀୟ ତଥ୍ୟ ଗୃହକୁ ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି, ଯେଉଁ ସରକାରୀ କର୍ମଚାରୀମାନଙ୍କ ବିରୋଧରେ ଭିଜିଲାନ୍ସ ମାମଲା, ଆପରାଧିକ ମାମଲା, ବିଭାଗୀୟ ଶୃଙ୍ଖଳାଗତ ଓ ଅନ୍ୟାନ୍ୟ ମାମଲା ବିଚାରାଧନ ରହିଛି ସେହି ସରକାରୀ କର୍ମଚାରୀମାନଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନରେ ବିଳମ୍ବ ହେଉଛି। ଏହି ନିଷ୍ପତ୍ତିକୁ ସୁଗମ କରିବା ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ପତ୍ର ୨୦୨୪ ଡିସେମ୍ବର ୨୭ରେ ସମସ୍ତ ପେନ୍‌ସନ ମଞ୍ଜୁରକର୍ତ୍ତା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଅତିକମ୍‌ରେ ଅନୁଶାସନ ସଚିବ ପାହ୍ୟାର ଜଣେ ଅଧିକାରୀ/ ବରିଷ୍ଠ ଅଧିକାରୀଙ୍କ ଅଧୀନରେ ସ୍ଥାୟୀ ସହାୟତା କେନ୍ଦ୍ର ଖୋଲିବା ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ଉକ୍ତ ସହାୟତା କେନ୍ଦ୍ର ମାଧ୍ୟମରେ ଆବେଦନକାରୀମାନେ ପେନ୍‌ସନ ପାଇଁ ଉପଯୁକ୍ତ ସମୟରେ ଆବେଦନ କରିପାରିବା ସହ ସେ ସମ୍ବନ୍ଧୀୟ ଜିଜ୍ଞାସା, ସଂଶୟ ଦୂର ପାଇଁ ସହାୟତା ନେଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ତଥ୍ୟରେ ଗୃହକୁ ଦର୍ଶାଇଛନ୍ତି।

# ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ପତ୍ନୀ ବିୟୋଗ



ମଲ୍ଲିକା ହରିପାଲ

**ସମ୍ବଲପୁର,୨୬।୨ (ଭବାନୀ ଶଙ୍କର ଭୋଇ)**

ପ୍ରଖ୍ୟାତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲଙ୍କ ସ୍ତ୍ରୀ ମଲ୍ଲିକା ହରିପାଲଙ୍କ ଗୁରୁବାର ଅପରାହ୍ନ ୪ଟା୩୦ରେ ପରଲୋକ ହୋଇଯାଇଛି। ତାଙ୍କୁ ୬୭ବର୍ଷ ହୋଇଥିଲା। ସେ ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। କିଛିଦିନ ହେବ ଖାଦ୍ୟପେୟ ବନ୍ଦ ହୋଇଯିବାରୁ ସେ ଦୁର୍ବଳ ହୋଇଯାଇଥିଲେ। ବୁଧବାର ତାଙ୍କୁ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା। ହେଲେ ଶେଷରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସନ୍ଧ୍ୟାରେ ତାଙ୍କ ମରଶରୀର ଷ୍ଟେଶନପଡ଼ାସ୍ଥିତ ବାସଭବନ ଅଣାଯାଇଛି। ଶୁକ୍ରବାର ସକାଳେ ମନ୍ଦଲିଆସ୍ଥିତ ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ରଙ୍ଗବତୀ ଗୀତର ଗାୟକ ପଦ୍ମଶ୍ରୀ ହରିପାଲଙ୍କ ଜୀବନ ସଂଘର୍ଷରେ ମଲ୍ଲିକା ସବୁବେଳେ ସାଥିରେ ଛିଡ଼ା ହୋଇଥିଲେ। ଡ. ଜିତେନ୍ଦ୍ର ହରିପାଲଙ୍କ ୨ ପୁଅ ଏବଂ ୩ ଝିଅ ଅଛନ୍ତି। ମଲ୍ଲିକାଙ୍କ ପରଲୋକରେ କଳାପ୍ରେମୀ ମହଲରେ ଗଭୀର ଶୋକପ୍ରକାଶ ପାଇଛି।

## ଅବଶିଷ୍ଟାଂଶ

### ୨୦୦ କୋଟିର ...

ଅବଶିଷ୍ଟାଂଶ

ଚାଲୁଥିବା ନେଇ ଜିଲା ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ଏସ୍‌ପି ରୋହିତ ବର୍ମାଙ୍କ ନେତୃତ୍ୱରେ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିଉଲ, ପାଡୁଆ ଥାନାଧିକାରୀ ଅଶୋକ ବିଶୋୟୀ ଗୁରୁବାର ରାସ୍ତା ମାର୍ଗ ପ୍ରୟୋଗ ନ କରି ନୌକା ଓ ପଦଯାତ୍ରା ମାଧ୍ୟମରେ ଗୁପ୍ତ ଭାବେ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ସେଠାରେ ଚାଲୁଥିବା ଆନ୍ତଃରାଜ୍ୟ ଗଞ୍ଜେଇ ତେଲ ତିଆରି କାରଖାନାକୁ ଧ୍ୱଂସକରି ୧୮୦୦ ଲିଟରରୁ ଉର୍ଦ୍ଧ୍ୱ ଗଞ୍ଜେଇ ତେଲ ଜବତ କରାଯାଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦୦ କୋଟି ଟଙ୍କା ବୋଲି ଜଣାପଡ଼ିଛି। ଏହି ଘଟଣାରେ ୫ଜଣଙ୍କୁ ଅଟକ ରଖାଯାଇଥିବାବେଳେ ସେମାନଙ୍କଠାରୁ ୩୦ରୁ ଉର୍ଦ୍ଧ୍ୱ ପ୍ରେସର କୁକର ଓ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଜବତ କରାଯାଇଥିବା ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱାର ବିଶାଳ ସିଂ ସୂଚନା ଦେଇଛନ୍ତି। ଏହି ତେଲ ତିଆରିରେ ଆନ୍ତଃରାଜ୍ୟ ମାଫିଆଙ୍କ ସମ୍ପୃକ୍ତି ଥିବା ପ୍ରାରମ୍ଭିକ ପ୍ରମାଣ ମିଳିଛି। ପାଡୁଆ ପୋଲିସ ଘଟଣାର ତଦନ୍ତ କରୁଛି। ଚଢ଼ାଉ ଜାରି ରହିଥିବାରୁ ଅଧିକ ସୂଚନା ପରବର୍ତ୍ତୀ ସମୟରେ ଦିଆଯିବ ବୋଲି ଏସ୍‌ପି ବର୍ମା କହିଛନ୍ତି।

ସେହିପରି ଅନ୍ୟଏକ ଘଟଣାରେ ନନ୍ଦପୁର ପୋଲିସ ୧୧୪୪ କିଲୋ ୩୦୦ ଗ୍ରାମ ଗଞ୍ଜେଇ ଜବତକରିବା ସହ ୪ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ହରିୟାଣାର ୨ ଖେଳନା ବ୍ୟବସାୟୀ ବାବା ଓ ସୁନ୍ଦର, ସେମିଳିଗୁଡ଼ାର ୨ ଗାଡ଼ି ମାଲିକ ଲୋକନାଥ ବେହେରା(୫୨) ଏବଂ କୁମାରସ୍ୱାମୀ ବେହେରା(୪୨)। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୫ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ନନ୍ଦପୁର ଭାରପ୍ରାପ୍ତ ଏସ୍‌ଡିପିଓ ସୁମିତ୍ରା ଜେନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଗ୍ରାମାଞ୍ଚଳରେ ବୁଲି ଖେଳନା ବ୍ୟବସାୟ କରୁଥିବା ୨ ବ୍ୟବସାୟୀ ୨ ପିକ୍‌ଅପ୍‌ରେ ଆନ୍ଧ୍ର ମୁଚିମପୁଟ ଅଞ୍ଚଳରୁ ୪୬ ଜରି ବସ୍ତାରେ ଗଞ୍ଜେଇ ନେଇ ହରିୟାଣା ଚାଲାଣ କରିବା ପାଇଁ ନନ୍ଦପୁର ଦେଇ ଯାଉଥିବା ବେଳେ ପୋଲିସ ମାଡ଼ି ବସିଥିଲା। ୨ ଖେଳନା ବୋଝେଇ ପିକ୍‌ଅପ୍ ଓ ଚାଳକ(ମାଲିକ)ଙ୍କ ସମେତ ୨ ଖେଳନା ବ୍ୟବସାୟୀଙ୍କୁ କାବୁ କରିଥିଲା। ଏ ନେଇ ନନ୍ଦପୁର ଥାନାରେ ଏକ ମାମଲା(ନଂ. ୨୮/୨୦୨୬) ମାମଲା ରୁଜୁ କରାଯାଇଛି। ୨ ପିକ୍‌ଅପ୍‌କୁ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟା ପାଡ଼ିଆ ସୂଚନା ଦେଇଛନ୍ତି। କୋରାପୁଟ ଅଞ୍ଚଳରେ ସମସ୍ତ ବୁଲା ବ୍ୟବସାୟୀ ଓ ପର୍ଯ୍ୟଟକ ସାଜି ଗଞ୍ଜେଇ ଚାଲାଣ କରିବାକୁ ଆସୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖାଯାଇଥିବା କୋରାପୁଟ ଏସ୍‌ପି ରୋହିତ ବର୍ମା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟା ପାଡିଆ, ଏସ୍‌ଆଇ ଜ୍ୟୋତିର୍ମୟୀ ସାମଲ ଓ ଏସ୍‌ଆଇ ଗୁପ୍ତେଶ୍ୱର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ଜବତ ହୋଇଥିବା ଗଞ୍ଜେଇ ତେଲ ଓ ପ୍ରେସର କୁକର।

### ଦିଲ୍ଲୀରେ ନୂତନ ଓଡ଼ିଶା...

ରାଜ୍ୟଗୁଡ଼ିକୁ ଜମି ମଗାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ କୋଲକତା, ଚେନ୍ନାଇ ଓ ମୁମ୍ବାଇଠାରେ ଓଡ଼ିଶା ଭବନ କାର୍ଯ୍ୟକ୍ଷମ ଅଛି। ଜନସାଧାରଣଙ୍କ ସୁବିଧା ପାଇଁ ମୁମ୍ବାଇରେ ଆଉ ଏକ ଭବନ ନିର୍ମାଣର ପ୍ରସ୍ତାବ ରହିଛି। ଏହିସବୁ ଭବନ ଓ ସଦନଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ସ୍ୱତନ୍ତ୍ର ଡିଭିଜନ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ବିଭିନ୍ନ ଜିଲାରୁ ଜରୁରୀ କାମରେ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କ ପାଇଁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ପାଖରେ ଏକ ଜନ ଆଶ୍ରୟ ଭବନ ନିର୍ମାଣ ହେବ। ଏଥିରେ ରାଜ୍ୟର ଜନସାଧାରଣଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ୩ ଦିନର ରହଣି ବ୍ୟବସ୍ଥା କରାଯିବ।

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ପୂର୍ବମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ମୋଦିଙ୍କ ଇନ୍‌ଷ୍ଟାଗ୍ରାମ୍ ...

ଏର୍ଦୋଗାନ୍‌ଙ୍କ ୧୧.୬ ନିୟୁତ ଏବଂ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର ମିଲେଇଙ୍କ ଫଲୋଅର୍ସ ସଂଖ୍ୟା ୬.୪ ନିୟୁତ ରହିଛି। ମୋଦି ୨୦୧୪ରେ ଇନ୍‌ଷ୍ଟାଗ୍ରାମ୍‌ରେ ଯୋଡ଼ି ହୋଇଥିବାବେଳେ ସମୟାନୁସାରେ ତାଙ୍କ ଫଲୋଅର୍ସ ସଂଖ୍ୟା ବଢ଼ି ଚାଲିଛି। ଅନ୍ୟ ଯେକୌଣସି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ତୁଳନାରେ ଇନ୍‌ଷ୍ଟାଗ୍ରାମରେ ମୋଦିଙ୍କୁ ସର୍ବାଧିକ ଲୋକ ଫଲୋ କରୁଥିବା ଦେଖାଯାଇଛି।




ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି। ଠିକ୍ ସେହିପରି ମାନବଜାତି ତା'ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି– ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ–ସିଦ୍ଧ ସମାଜ ହୋଇପାରିବନି।–ଶ୍ରୀଅରବିନ୍ଦ

-ପାପ ନାଶିନୀ ଏକାଦଶୀ
ଉପବାସ ଓ ହଳ ନିଷେଧ



# ସୁରକ୍ଷାର କବଚ ବିକାଶ



ଆଲେକ୍‌ଜାଣ୍ଡର ଡି କ୍ରୁ

ଚଳିତବର୍ଷ ମ୍ୟୁନିଚ୍ ସୁରକ୍ଷା ସମ୍ମିଳନୀରେ ଭୂରାଜନୈତିକ ସ୍ଥିତି, ପ୍ରଭାବର କ୍ଷେତ୍ର, ନାଟୋର ଭବିଷ୍ୟତ ତଥା ପ୍ରତିରକ୍ଷା ବଜେଟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କିନ୍ତୁ ଏହି ଆଲୋଚନା ଯେତିକି ମହତ୍ତ୍ୱପୂର୍ଣ୍ଣ ଥିଲା, ତାହା ସେଭଳି କାର୍ଯ୍ୟକାରୀ ହୋଇନାହିଁ। ବିଶ୍ୱ ଏବେ ସମ୍ପୂର୍ଣ୍ଣ ଭାବେ ବିଭାଜିତ ଏବଂ ଏଭଳି ସ୍ଥିତିରେ ସୁରକ୍ଷା କହିଲେ କେବଳ ଟ୍ୟାଙ୍କ ଓ ଚୁକ୍ତିକୁ ବୁଝାଏ ନାହିଁ। ଦୃଢ଼ ଓ ବିଶ୍ୱସନୀୟ ଭାଗୀଦାରି, ସହନୀୟ ବ୍ୟବସ୍ଥା ତଥା କାର୍ଯ୍ୟରତ ସଂସ୍ଥାଗୁଡ଼ିକ ଉପରେ ସୁରକ୍ଷା ନିର୍ଭର କରେ। ସମାଜକୁ ଆହ୍ୱାନ ସାମ୍ନା କରିବା ପାଇଁ ଏସବୁ ଶକ୍ତି ଯୋଗାଇଦିଏ। ଏ ଦୃଷ୍ଟିରୁ ବୁଝିବାକୁ ଗଲେ, ଅନ୍ତର୍ଜାତୀୟ ବିକାଶ କେବଳ ସଫ୍ଟ ପାୱାର (ବୁଝାଶୁଝା ଓ ଆକର୍ଷଣ ମାଧ୍ୟମରେ ପ୍ରଭାବ ପକାଇବା)ର ଫର୍ମୁଲା ନୁହେଁ, ବରଂ ହାର୍ଡ ପାୱାର (ସେନା ଓ ଅର୍ଥନୀତି ଭୟ ଦେଖାଇ ପ୍ରଭାବ ବିସ୍ତାର କରିବା) ଏବଂ ଭବିଷ୍ୟତରେ ଧମକକୁ ଦୁର୍ବଳ କରିବାରେ ଏହା ହେଉଛି ସବୁଠୁ ପ୍ରଭାବୀ ପଦକ୍ଷେପ।

ବିକାଶ ହେଉଛି ସୁରକ୍ଷାର ଆଧାର ବୋଲି ଏଯାବତ୍ ସଂଖ୍ୟାଧିକ ନେତା ସ୍ୱୀକାର କରିପାରିନାହାନ୍ତି। ସେମାନେ ବିକାଶ ସହାୟତାକୁ ଦାନ ଭାବେ ଦେଖୁଛନ୍ତି। ସେମାନେ ଏହାକୁ ପ୍ରକୃତ ପ୍ରତିରକ୍ଷାର କାର୍ଯ୍ୟ ବଦଳରେ ଏକ ଲକ୍ସୁରୀ ବିଷୟ ବୋଲି ଭାବନ୍ତି। ଏ ପ୍ରକାର ମାନସିକତା ସଂଘର୍ଷର ଅନେକ କାରଣ ସମ୍ପର୍କରେ ନୀତି ନିର୍ଦ୍ଧାରକଙ୍କୁ ଅଜଣା ରଖି ସ୍ଥିରତାକୁ ଦୁର୍ବଳ କରିଦିଏ। ଯେ ପର୍ଯ୍ୟନ୍ତ ଆମେ ହିଂସାର ମୂଳ କାରଣକୁ ଅଣଦେଖା କରୁଥିବା, ସେ ପର୍ଯ୍ୟନ୍ତ ଜୀବନରେ ଅଧିକ କ୍ଷତି ସହିବା ସହ ଟିକସ ଦେଉଥିବା ଏବଂ ସମୃଦ୍ଧି ହାସଲ କରିପାରିବା ନାହିଁ। ଏକ ରଣନୀତିକ ସାଧନ ଭାବେ ଆମେ ଯଦି ଫାଇଟର ଜେଟ୍ ସଂଖ୍ୟା ବୃଦ୍ଧି କରିବା ଏବଂ ଶିକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତାକୁ ରଦ୍ଦ କରିବା ; ଯଦି କେବଳ ମିଶାଇଲ ପାଇଁ ଅର୍ଥ ସଂଗ୍ରହ କରି ଜଳ ଓ ବିଦ୍ୟୁତ୍ ପାଇଁ ତାହା ନ କରିବା, ତେବେ ଆମେ ସମାଜକୁ ରକ୍ଷା କରିପାରିବା ନାହିଁ। ଆମେ ଏବେ ସେଗୁଡ଼ିକୁ ଦୁର୍ବଳ କରୁଛୁ।

ପ୍ରତିରକ୍ଷା ବ୍ୟୟର ଗୁରୁତ୍ୱ ରହିଛି ଏବଂ ଏବକାର ପୃଥିବୀରେ ମିଳିଟାରି କ୍ଷେତ୍ରରେ ନିବେଶ ବୃଦ୍ଧି କରିବା ଏକ ବୈଧ ନୀତି ହୋଇଯାଇଛି। କିନ୍ତୁ ବିକାଶ କ୍ଷେତ୍ରରେ ସମାନ୍ତରାଳ ଭାବେ ନିବେଶ ନ କଲେ, ଏହା ଏକ ଅଧୁରା ସୁରକ୍ଷା ରଣନୀତି ହେବ। ତେବେ ମାନବ କଲ୍ୟାଣ ବଦଳରେ ତୁମେ ବ୍ୟାବହାରିକ ରାଜନୀତି କିମ୍ବା ନୀତି ଉପରେ କେତେ ସଚେତନ ତାହା ତଥ୍ୟରୁ ସ୍ପଷ୍ଟ ହୁଏ। ନିକଟରେ ୱାନ୍ ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି, ବିକାଶ ଏବଂ ଯୁଦ୍ଧ ଦୂର କରିବା ପାଇଁ ନିବେଶ କରାଯାଉଥିବା ପ୍ରତିଟି ଡଲାର ଭବିଷ୍ୟତରେ ସେନା ଆକ୍ରମଣଠାରୁ ଆରମ୍ଭ କରି ମାନବୀୟ ପଦକ୍ଷେପ ଓ ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବଯାଏ, ସବୁଥିରେ



ହେବାକୁ ଥିବା କ୍ଷତିରେ ୧୦୩ ଡଲାର ବଞ୍ଚାଇପାରିବ। ଯେ କୌଣସି ବୈଶ୍ୱିକ ସୁରକ୍ଷା କ୍ଷେତ୍ରରେ ତୁମେ ବେଶି ଲାଭ ପାଇବ ଏବଂ ଏହିପରି ଭାବେ ସରକାର ଏହାକୁ ସବୁଠୁ ଯୁକ୍ତିଯୁକ୍ତ ନିବେଶ ଭାବେ ପସନ୍ଦ କରିପାରିବେ।

ମିଳିଟାରି ହସ୍ତକ୍ଷେପ ହେଉ ବା ନକାରାତ୍ମକ ଆର୍ଥିକ ପ୍ରଭାବ କିମ୍ବା ଜରୁରିକାଳୀନ ସହାୟତା, ଏସବୁକୁ ରୋକିବାରେ ବିଫଳତା ଯୋଗୁ ସବୁବେଳେ କ୍ଷତି ସହୁଛେ। ଧର୍ମୀୟ, ବିଚାରଗତ ତଥା ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ କରାଯାଉଥିବା ହିଂସା, ଅନିୟମିତ ପ୍ରବାସନ କିମ୍ବା ବ୍ୟବସ୍ଥା ଭୁଶୁଡ଼ିପଡ଼ିବା ସ୍ଥିତିକୁ ରୋକିବାରେ ଆକାଶମାର୍ଗରୁ ଆକ୍ରମଣ ଓ କଟକଣା ଏକମାତ୍ର ସମାଧାନର ବାଟ ନୁହେଁ।

ଏହିସବୁ ସମସ୍ୟା ସୃଷ୍ଟି କରୁଥିବା ବ୍ୟକ୍ତିମାନେ ଯେତେବେଳେ ସେମାନଙ୍କ ପିଲାଙ୍କ ପାଇଁ ଶିକ୍ଷା, ବିଦ୍ୟୁତ୍, ମୌଳିକ ସେବା ଏବଂ ଚାକିରି ଭବିଷ୍ୟତକୁ ଦେଖିପାରିଛନ୍ତି, ସେତେବେଳେ ଏହିସବୁ ସମସ୍ୟା ପୂରା ନିୟନ୍ତ୍ରିତ ହୋଇଛି ଏବଂ ଶେଷରେ ଦୂର ହୋଇଛି। ଯଦି ଆମ ସୁରକ୍ଷା ସିଦ୍ଧାନ୍ତରେ ବିକାଶକୁ ଗୁରୁତ୍ୱ ଦେବା ନାହିଁ, ତେବେ ଆମେ କ୍ଷତି ସହିଚାଲିବା। ଡ୍ରୋନ୍ ସବୁ ସମସ୍ୟର ସମାଧାନ କରିପାରିବ ବୋଲି ଯେଉଁ ବାହାନା କରୁଛେ, ତାହାକୁ ବନ୍ଦ କରିବାକୁ ପଡ଼ିବ ଏବଂ ପାରମ୍ପରିକ ମିଳିଟାରି ଶକ୍ତିର କଟକଣାକୁ ବି ସ୍ୱୀକାର କରିବାକୁ ହେବ। ଲେକ୍ ଚାଦ ବେସିନ (ଏକ ମଧୁରଜଳ ହ୍ରଦର ଅବବାହିକା)ରେ ଅନେକ ବର୍ଷ ଧରି ଲାଗି ରହିଥିବା ସେନା ହସ୍ତକ୍ଷେପ ଚରମପନ୍ଥୀଙ୍କ ହିଂସା ରୋକିବାରେ ବିଫଳ ହେଲା। ସେନା ମାଧ୍ୟମରେ ଅଳ୍ପ କିଛି ହାସଲ ହେଲା, କାରଣ ବେରୋଜଗାର ଯେଭଳି ଥିଲା ସେମିତି ରହିଲା, ସେବା ବିପର୍ଯ୍ୟସ୍ତ ରହିଲା ଏବଂ ବ୍ୟବସ୍ଥା ଠିକ୍ ଭାବେ କାମ କଲା ନାହିଁ। ଝଗଡ଼ା ଥମିଗଲେ ମଧ୍ୟ ଜମି ଚାଷ ହୋଇପାରିଲା ନାହିଁ। ଯେ ପର୍ଯ୍ୟନ୍ତ ବିକାଶ ତ୍ୱରାନ୍ୱିତ ନ ହୋଇଛି, ସେ ପର୍ଯ୍ୟନ୍ତ ସେହି ଅଞ୍ଚଳରୁ ବିସ୍ଥାପିତ ହୋଇଥିବା ଅନେକ ହଜାର ଲୋକ ଘରକୁ ଫେରି ସେମାନଙ୍କ ଜୀବିକା ପୁନଃ ନିର୍ବାହ କରିପାରିବେ ନାହିଁ। ସେହିଭଳି ଇରାକର ଅନେକ ଭାଗ ଯୁଦ୍ଧରେ ବିଧ୍ୱସ୍ତ ହୋଇଯାଇଥିଲା। ଅନେକ ଲକ୍ଷ ଲୋକ ସେମାନଙ୍କ ଅଞ୍ଚଳକୁ କେବଳ ଗୁଳିଗୋଳା ଥମିଯିବା ଯୋଗୁ ଫେରିନାହାନ୍ତି, ବରଂ ବିଦ୍ୟୁତ୍ ଆସିବା ସହ ସ୍କୁଲ ଓ କଲେଜ ଖୋଲିବାରୁ ଫେରିଛନ୍ତି। ବିକାଶ ପଦକ୍ଷେପ ବିସ୍ଥାପିତଙ୍କ ସମସ୍ୟା ସମାଧାନ କରିବା ସହ ଜୀବିକା ସମ୍ଭାବନା ସୃଷ୍ଟି ଯୋଗୁ ସମାଜଗୁଡ଼ିକର ଉନ୍ନତି ଆରମ୍ଭ ହୋଇଛି। ସେହିଭଳି ବର୍ଲିନ ୱାଲ୍ ପତନ ପରେ ଗଣତାନ୍ତ୍ରିକ ସଂସ୍ଥା ଓ ଭିତ୍ତିଭୂମି କ୍ଷେତ୍ରରେ ପାଶ୍ଚାତ୍ୟର ନିବେଶ ଏବଂ ଆର୍ଥିକ ଭରସା କମ୍ୟୁନିଷ୍ଟ ପରବର୍ତ୍ତୀ ସମାଜଗୁଡ଼ିକର ପୁନର୍ଗଠନରେ ସାହାଯ୍ୟ କରି ସମୃଦ୍ଧିର ଏକ ନୂଆଯୁଗର ମୂଳଦୁଆ ପକାଇଥିଲା। ଏହା କେତେଶୀଘ୍ର ହେବ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ପର୍ଯ୍ୟାୟକ୍ରମେ ବ୍ୟବସ୍ଥିତ ଭାବେ କରାଯିବା ଦରକାର। ସଂସ୍ଥାଗୁଡ଼ିକ ଉଦାରୀକରଣକୁ ଗ୍ରହଣ କରିବା ଦରକାର, ସାମାଜିକ ସୁରକ୍ଷା ନେଟ୍‌ୱର୍କ ମାର୍କେଟକୁ ସହଯୋଗ କରିବା ଆବଶ୍ୟକ। ଏହାବ୍ୟତୀତ ଆର୍ଥିକ ସୁଧାର ଏବଂ ରାଜନୈତିକ ଏକୀକରଣକୁ ଗୁରୁତ୍ୱ ଦେବା ଉଚିତ। ଯେଉଁଠି ଏଭଳି ସମନ୍ୱୟକୁ ଗ୍ରହଣ କରାଗଲା, ସେଠାରେ ସ୍ଥିରତା ଆସିଲା। ଯେଉଁଠି ଏଗୁଡ଼ିକୁ ଅଣଦେଖା କରାଗଲା, ସେଠାରେ ସାମାଜିକ ଦୁର୍ବଳତା ପ୍ରକାଶ ପାଇଲା। ଏହିସବୁ ଶିକ୍ଷା ସବୁ ସମୟ ପାଇଁ ଉପଯୋଗୀ। ବିକାଶ ତୁଳନାରେ ମିଳିଟାରି ଶକ୍ତିକୁ ଅଧିକ ଗୁରୁତ୍ୱ ଦେଉଥିବା ନୀତିଗୁଡ଼ିକ ସଂଘର୍ଷକୁ ହ୍ରାସ କିମ୍ବା ଦୂର କରିପାରିବ ନାହିଁ। ବରଂ ସେସବୁ ନୀତି ସଂଘର୍ଷକୁ ପ୍ରୋତ୍ସାହିତ କରିବା ସହ ଜାରି ରଖିବ। ହାର୍ଡ ପାୱାରର ଶେଷ ଅଭିବ୍ୟକ୍ତି ହେଉଛି ବିକାଶ, ଯାହା ସଙ୍କଟ ଦୂର କରିବା ପାଇଁ ଆମକୁ ବାଟଦେଖାଏ। ଆମେ ତାହାକୁ ଗ୍ରହଣ କରିବା ଦରକାର। ବିକାଶ ହେଉଛି ବୈଶ୍ୱିକ ସମୁଦାୟ ପାଇଁ ପ୍ରମୁଖ ପ୍ରତିରକ୍ଷା କବଚ। ଯେତେବେଳେ ସରକାର ମୌଳିକ ସେବା ଯୋଗାଇଦେବେ, ଯୁବକଙ୍କ ପାଇଁ ଆର୍ଥିକ ସମ୍ଭାବନା ରହିବ ଏବଂ ସଂସ୍ଥାଗୁଡ଼ିକୁ ବୈଧ ବୋଲି ବିଚାର କରାଯିବ, ସେତେବେଳେ ହିଂସା ରହିବ ନାହିଁ।

ସୁରକ୍ଷାରେ ବିକାଶ ହୋଇ ନ ଥାଏ, ବରଂ ବିକାଶ ସୁରକ୍ଷାର ବଳୟ ସୃଷ୍ଟି କରେ। ଏବକାର ବିଶ୍ୱରେ ତତ୍କାଳ ବିପଦ ଉପରେ କେବଳ ଧ୍ୟାନ କେନ୍ଦ୍ରିତ କରାଯାଉଛି। କିନ୍ତୁ ଯଦି ସ୍ୱଳ୍ପ ମିଆଦୀରେ ସଙ୍କଟ ଟାଳିବା ଲାଗି ସଂସ୍ଥାଗୁଡ଼ିକରେ ନିବେଶ, ସୁଯୋଗ ତଥା ଶାସନରେ ଥିବା ବାଧାକୁ ଦୂର କରାଯାଏ, ତେବେ ଅସ୍ଥିରତା ଅପସରିଯିବ ଏବଂ ସ୍ଥିତି ବ୍ୟବସ୍ଥିତ ହୋଇଯିବ। ହାର୍ଡ ପାୱାରର ସଙ୍କଟ ଦୂର କରିବାର କ୍ଷମତା ଅଛି ସତ, ହେଲେ ଏବକାର ସ୍ଥିତିରେ ବିକାଶ ହିଁ ହାର୍ଡ ପାୱାର କାମ କରିବ। ଭୂରାଜନୈତିକ ବିତର୍କରେ ବିକାଶକୁ ସାମିଲ କରିବା ସହ ଏହାକୁ ଯଥାର୍ଥରେ ରଣନୀତିକ ଓ ବଜେଟ କୈନ୍ଦ୍ରିକ କରାଯିବା ଆବଶ୍ୟକ। ଏବକାର ଏକ ଅସ୍ଥିର ଓ ଅସୁରକ୍ଷିତ ପୃଥିବୀରେ ବିକାଶ ପାଇଁ ଆମେ ଆଗୁଆ ଅର୍ଥ ଦେଇପାରିବା କିମ୍ବା ପରେ ସୁଧ ସହ ତାହାକୁ ଦେବା ଜାରି ରଖିପାରିବା।

**– ଆଡ୍‌ମିନିଷ୍ଟ୍ରେଟର, ୟୁନାଇଟେଡ୍ ନେଶନ୍ସ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ**

## କହିଦେଉଥାଏ ପରକୁ



ମୀରା ବେଉରା

ଥରେ ଏକ ବିଦ୍ୟାଳୟରେ ସ୍ୱଚ୍ଛତା ସମ୍ପର୍କରେ ଗୋଟିଏ ଆଲୋଚନାଚକ୍ରରେ ଅତିଥି ଭାବରେ ଯୋଗଦେବାକୁ ମୁଁ ନିମନ୍ତ୍ରିତ ହୋଇଥିଲି। ଛାତ୍ରୀଛାତ୍ର କିଭଳି ବାହ୍ୟ ପରିଷ୍କାର ପରିଚ୍ଛନ୍ନ ଅର୍ଥାତ୍ ଆଖି, କାନ, ନାକ, ପାଟି ଶରୀର, ମୁଣ୍ଡ ଆଦି ପରିଷ୍କାର କରିବା ସହ ଅନ୍ତଃ ପରିଷ୍କାର ଅର୍ଥାତ୍ ହିଂସା ,ଈର୍ଷା ଘୃଣା ଆଦିକୁ ତ୍ୟାଗକରି ନିଜ ନିଜ ଭିତରେ କିପରି ସଦ୍‌ଭାବନା ,ଶ୍ରଦ୍ଧା ,ସଦିଚ୍ଛା ରକ୍ଷାକରିବେ ସେ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଲି। ଏହାପରେ ଘରକୁ ଆସି ଦେଖେ ତ ନିଜ ଘରର ଜିନିଷପତ୍ର ସବୁ ଅସଜଡ଼ା ହୋଇ ସେମିତି ପଡ଼ିଛି। ଯେମିତି ଚାହୁଁଥିଲି ସେମିତି ଘରକୁ ସଜାଡ଼ିପାରୁ ନ ଥିଲି, ତେଣୁ ନିଜେ ଲଜ୍ଜିତ ଅନୁଭବକଲି। ଭାବିଲି ମୁଁ ନିଜେ କହୁଛି ଗୋଟେ କଥା କିନ୍ତୁ ତାହା କାର୍ଯ୍ୟରେ ପରିଣତ କରିପାରୁନାହିଁ। ମୋ ଭିତରେ ଯେ ହିଂସା, ଈର୍ଷା, ଘୃଣା କାହା ପ୍ରତି ନ ଥିଲା ତାହା ମୁଁ ସ୍ୱୀକାର କରିପାରିବି ନାହିଁ। ଥରେ ଜଣେ ବିଶିଷ୍ଟ ସାମାଜିକ କର୍ମୀଙ୍କୁ ଦେଖିଲି ସେ ସବୁବେଳେ ନିଜ ଶାଶୁଶଶୁରଙ୍କର ସେବା କରୁଥିବାର ସୁନ୍ଦର ସୁନ୍ଦର ଭିଡିଓ କରି ସୋସିଆଲ ମିଡିଆରେ ଛାଡୁଥିଲେ। କେବଳ ସେତିକି ନୁହେଁ, ସେ ବିଭିନ୍ନ ଜରାଶ୍ରମକୁ ଯାଇ ଲୋକଙ୍କୁ କେମିତି କୋଳେଇ ନେଇ ଭଲ ପାଉଛନ୍ତି ତାକୁ ମଧ୍ୟ ସୁନ୍ଦର ଭିଡିଓକରି ଦେଖାଉଥିଲେ। ଏସବୁ ଦେଖି ମୁଁ ଭାବୁଥିଲି ସତରେ ଏତେ ଭଲ ମଣିଷ ଅଛନ୍ତି ଏ ସଂସାରରେ। ତା' ପରେ କିଛିଦିନ ପରେ ଦେଖିଲି ସେବା କରୁଥିବା ମହିଳା ଜଣକ ଯାହା ବାହାରକୁ ଦେଖାଉଛନ୍ତି ପ୍ରକୃତରେ ସେ ସେପରି ନୁହନ୍ତି। ଆଉ ମଧ୍ୟ ଜାଣିବାକୁ ପାଇଲି ଯେ ସେ ତାଙ୍କ ଶାଶୁଶଶୁରଙ୍କୁ ଘରୁ ସମ୍ପୂର୍ଣ୍ଣ ବାହାର କରିଦେଇ ନିଜେ ଅଲଗା ଗୋଟିଏ ସୁନ୍ଦର ଫ୍ଲାଟ୍‌ରେ ରହୁଛନ୍ତି। ଆଖିକୁ ବିଶ୍ୱାସ କରିପାରୁ ନ ଥିଲି ମୁଁ। ସତରେ ଯାହା ବାହାରକୁ ଦେଖାଯାଏ ତାହା କଦାପି ସତ ନୁହେଁ। ସେଦିନ ମୋର ଏହା ହୃଦ୍‌ବୋଧ ହେଲା।

ଆଉ ଦିନେ ଦେଖିଲି ଦୁର୍ନୀତି ନିବାରଣ ସପ୍ତାହ ଚାଲିଥାଏ। ଦୂରଦର୍ଶନ ଓ ଖବରକାଗଜରେ ଦେଖିଲି ମୁଖ୍ୟମନ୍ତ୍ରୀଙ୍କ ପାଖରେ ସମସ୍ତ ଅଫିସର ଦୁର୍ନୀତିକୁ ବିରୋଧକରି ଶପଥ ପାଠ କରୁଥାନ୍ତି ଯେ ସେମାନେ ଦୁର୍ନୀତି କରିବେନାହିଁ କି ଦୁର୍ନୀତିକୁ ପ୍ରଶ୍ରୟ ଦେବେନାହିଁ। କିନ୍ତୁ ପରବର୍ତ୍ତୀ ସମୟରେ ଦେଖିଲି, ଜଣେ ସର୍ବାଧିକ ନମ୍ବର ରଖି ଓଏଏସ୍ ଟପର ହୋଇଥିବା ଅଫିସର ମାତ୍ର କେଇଟା ଟଙ୍କା ଲାଞ୍ଚ ନେଇ ଶେଷରେ ଧରାପଡ଼ିଥିଲେ ଭିଜିଲାନ୍ସ ଜାଲରେ। କିନ୍ତୁ ସେହି ବ୍ୟକ୍ତି ଦିନେ ଶପଥ ନେଇଥିଲେ ଦୁର୍ନୀତି ନିବାରଣ କରିବା ପାଇଁ।

ଏଇଠି ମନେପଡୁଛି ଆଉ ଜଣେ ମହୀୟସୀ ମହିଳାଙ୍କ କଥା। ଜଣେ ମହିଳା କମିଶନର ଥିଲେ। ସେ ପ୍ରାୟ ସହରର ସବୁ ମଞ୍ଚରେ ଯୌତୁକ ନିର୍ଯାତନା ଅଭିଯୋଗ ବିରୋଧରେ ଓ ଲିଙ୍ଗଗତ ଅସମାନତା ତଥା ମହିଳାମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱଦେବା ସହ ଲମ୍ବା ଭାଷଣ ଦେଇ ଶ୍ରୋତାଙ୍କ ଆସ୍ଥାଭାଜନ ହୁଅନ୍ତି। କିନ୍ତୁ ବହୁଦିନ ବିତିଗଲା ପରେ ଦେଖିଲି, ସେ ନିଜେ ତାଙ୍କ ବୋହୂକୁ ଏତେ ମାତ୍ରରେ ନିର୍ଯାତନା ଦେଲେ ଯେ ବୋହୂ ଶେଷରେ ଆତ୍ମହତ୍ୟା କରିବାକୁ ଯାଇ ନଦୀକୁ ଡେଇଁପଡ଼ିଥିଲା। କିନ୍ତୁ ସ୍ଥାନୀୟ ଲୋକେ ତାକୁ ବଞ୍ଚାଇଥିଲେ। ଏମିତି ବି ଦେଖିବାକୁ ମିଳିଥିଲା ସଡ଼କ ସୁରକ୍ଷା ସପ୍ତାହ ଚାଲିଥିବା ସମୟରେ। ଏହା ଉପରେ ଲମ୍ବା ଲମ୍ବା ଭାଷଣ ଦେଉଥିବା ବ୍ୟକ୍ତି କିନ୍ତୁ ରାସ୍ତାରେ ଯିବା ସମୟରେ ନିଜେ ହେଲ୍‌ମେଟ୍ ନ ପିନ୍ଧି ଅନେକବାର ଦୁର୍ଘଟଣାର ସମ୍ମୁଖୀନ ହୋଇ ମାସ ମାସ ମେଡିକାଲରେ ପଡ଼ିରହନ୍ତି। ଏଇଠି ମୋ ମନରେ ଗୋଟିଏ ପ୍ରଶ୍ନ ଉଠୁଛି, ସତରେ ଆମେ କହୁ ଗୋଟିଏ କଥା, କିନ୍ତୁ କାର୍ଯ୍ୟରେ ଏହାର ବିପରୀତ କାର୍ଯ୍ୟକରୁ। ଏ ବ୍ୟତିକ୍ରମ କାହିଁକି ?। ଆମେ ପ୍ରାୟତଃ ସୋସିଆଲ ମିଡିଆରେ ନିଜକୁ ଯେତିକି ଖୁସି ରହିଥିବାର ଦେଖାଉ ପ୍ରକୃତରେ ଆମେ ସେତିକି ଖୁସି ନ ଥାଉ। ଆଉ ମଧ୍ୟ ଆମେ ନିଜକୁ ଯେତେ ଭଲ ମଣଷଟିଏ ବୋଲି ପ୍ରମାଣ କରିବାକୁ ଚାହୁଁ ପ୍ରକୃତରେ କିନ୍ତୁ ଠିକ୍ ଓଲଟା। ଆମେ କହୁଥିବା କଥା ଯଦି ନିଜେ କାର୍ଯ୍ୟରେ ପରିଣତ ନ କରିବା ତେବେ ସୁନାର ଭାରତ ଗଢ଼ିବା ପାଇଁ ଯେଉଁ ସ୍ୱପ୍ନ ଆମ ପୂର୍ବସୁରୀମାନେ ଦେଖିଥିଲେ ତାହା କଦାପି ସମ୍ଭବ ହେବନାହିଁ। ଉଚ୍ଚାରଣ ଓ ଆଚରଣ ଭିତରେ ଯଦି ପ୍ରାର୍ଥକ୍ୟ ରହେ ତେବେ ଆମେ ନିଜ ସହ ଛଳନା କରୁନାହୁଁ ତ ଆଉ କ'ଣ ?

**ଦେଉଳସାହି, ତୁଳସୀପୁର,କଟକ**
**ମୋ:୭୮୪୬୯୨୧୪୦୦**

## ଏଇ ଭାରତରେ

ସହରୀକରଣରେ ବ୍ୟାପକ ଭାବେ ପୁରୁଣା ଆମ୍ବଗଛ କାଟି ଦିଆଯାଉଥିବାରୁ ବହୁ କିସମର ଦେଶୀ ଓ ସ୍ୱାଦିଷ୍ଟ ଆମ୍ବ ସମୟକ୍ରମେ ଲୋପ ପାଇବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ମଧ୍ୟ ଅନେକ କିସମ ଆମ୍ବ ଗଛ ଲୋପ ପାଇଗଲାଣି। ତେବେ ବିଲୁପ୍ତ ପ୍ରାୟ କିଛି ବିରଳ କିସମର ଦେଶୀ ଆମ୍ବ ସଂରକ୍ଷିତ କରି ରଖିଛନ୍ତି ଭାରତର କେତୋଟି ରାଜ୍ୟର ସ୍ଥାନୀୟ ଲୋକେ। ତାମିଲନାଡୁ ମଦୁରାଇ ଜିଲା କାରୁପଟ୍ଟି ଗାଁର ଲୋକେ କାରୁପଟ୍ଟିକାଇ କିସମ ଆମ୍ବ ସଂରକ୍ଷଣ କରି ରଖିପାରିଛନ୍ତି। ଏହାର ସ୍ୱାଦ ତାଳଗୁଡ଼ ଭଳି। ସେହିଭଳି କେରଳର ଅନେକ ଅଞ୍ଚଳରେ କାନିମାଙ୍ଗା ଆମ୍ବ ଉତ୍ପାଦନ ହେଉଛି, ଯାହା ଆଚାର ପାଇଁ ସବୁଠୁ ଭଲ। କର୍ନାଟକରେ କାଲଭାବି ମଭୁ କିସମ ଆମ୍ବକୁ ସ୍ଥାନୀୟ ଲୋକେ ସଂରକ୍ଷିତ କରି ରଖିଛନ୍ତି। ଏହାସହ ଆନ୍ଧ୍ରପ୍ରଦେଶର ଅନେକ ଅଞ୍ଚଳରେ ଆମ୍ପା ଛେତୁ ଆମ୍ବ ଏବେ ଯାଏ ଅଛି। ଏହାର ଆକାର ବଡ଼, ତନ୍ତୁଯୁକ୍ତ ଓ ରସାଳ। ପଶ୍ଚିମବଙ୍ଗର ବତାଶ୍ କିସମ ଦେଶୀ ଆମ୍ବ ଆକାରରେ ଛୋଟ ଏବଂ ବ୍ୟବସାୟ ଉପଯୋଗୀ ନ ହେଲେ ମଧ୍ୟ ଲୋକେ ଏହାକୁ ସ୍ୱାଦ ଦୃଷ୍ଟିରୁ ସଂରକ୍ଷଣ କରି ରଖି ପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୨୭ ଫେବୃଆରୀ ୧୯୭୭

- ବିଦ୍ୟୁତ୍ କର୍ମଚାରୀଙ୍କ ସମସ୍ୟା ପ୍ରତି ରାଜ୍ୟ ବିଦ୍ୟୁତ୍ ବୋର୍ଡ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିନଥିବାରୁ ରାଜ୍ୟର ବିଭିନ୍ନ ବିଦ୍ୟୁତ୍ ଡିଭିଜନ ଅଫିସ ଆଗରେ ପ୍ରତୀ ଧର୍ମଘଟ ହୋଇଛି।
- ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧି, ପୂର୍ବତନ ମନ୍ତ୍ରୀ ଏମ୍. କନ୍ନାପାନ ଓ ଅନ୍ୟ ଚାରିଜଣଙ୍କ ବିରୁଦ୍ଧରେ ଏକ ହତ୍ୟା ମୋକଦ୍ଦମା ରୁଜୁ ହୋଇଛି।

## ସମର୍ପିତ ସଙ୍ଗଠନ



ଶୁଭନାରାୟଣ ଶତପଥୀ

ଭାରତରେ, ଏନ୍‌ଜିଓ କହିଲେ ବିଭିନ୍ନ ପ୍ରକାରର ବେସରକାରୀ ସଙ୍ଗଠନକୁ ବୁଝାଏ, ଯାହା ଅଣ–ସରକାରୀ, ସ୍ୱେଚ୍ଛାସେବୀ କିମ୍ବା ଅଣ–ସ୍ୱେଚ୍ଛାସେବୀ ଇତ୍ୟାଦି ହୋଇପାରେ। ଏହି ସଙ୍ଗଠନଗୁଡ଼ିକ ସରକାରୀ ନୁହେଁ ସତ କିନ୍ତୁ ସେମାନଙ୍କର ଆଇନଗତ ସ୍ଥିତି ଅଛି ଅର୍ଥାତ୍ ; ସମାଜ ପଞ୍ଜୀକରଣ ଆଇନ, ଟ୍ରଷ୍ଟ ଆଇନ ଇତ୍ୟାଦି ନିର୍ଦ୍ଦିଷ୍ଟ ଆଇନ ଅନୁଯାୟୀ ପଞ୍ଜୀକୃତ ହୋଇଥାନ୍ତି। ଭାରତୀୟ ସମ୍ବିଧାନର ଧାରା ଏନ୍‌ଜିଓ ବିଷୟରେ ବର୍ଣ୍ଣନା କରେ ଯଥା ; ସଂଘ ଗଠନ କରିବାର ଅଧିକାର ଉପରେ ଧାରା ୧୯ (୧) (ସି), ଧାରା ୪୩ ଯାହା ଗ୍ରାମାଞ୍ଚଳରେ ସମବାୟକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରୟାସକୁ ସମୃଦ୍ଧ କରେ, ସମକାଳୀନ ତାଲିକା ପରିଶିଷ୍ଟ ୨୮ରେ ଦାନ ଏବଂ ଦାନଯୋଗ୍ୟ ଅନୁଷ୍ଠାନ, ଧାର୍ମିକ ଦାନ ଏବଂ ଧାର୍ମିକ ଅନୁଷ୍ଠାନ ବିଷୟରେ ଉଲ୍ଲେଖ ଅଛି। ତଥ୍ୟରୁ ଜଣାଯାଏ ଯେ ୨୦୨୫ ସୁଦ୍ଧା ଭାରତ ସରକାରଙ୍କ ସମକାଳୀନ ତାଲିକା ଦର୍ପଣ ପୋର୍ଟାଲରେ ମୋଟ ୩.୮୭ ଲକ୍ଷ ଅଣ–ସରକାରୀ ସଙ୍ଗଠନ ନୀତି ଆୟୋଗ ଅଧୀନରେ ପଞ୍ଜୀକୃତ ହୋଇଛନ୍ତି। ଏହି ସଙ୍ଗଠନଗୁଡ଼ିକ ଦେଶ ପାଇଁ ସମ୍ବଳ । ସେ ଯାହାହେଉ, ସାମାଜିକ ବିକାଶକୁ ବୃଦ୍ଧି କରିବା ପାଇଁ ସାମାଜିକ ପରିବର୍ତ୍ତନ ଓ ବିକାଶ ଲାଗି କାର୍ଯ୍ୟ କରୁଥିବା ଏନ୍‌ଜିଓ ପଞ୍ଜୀକରଣ ପାଇଁ ସମାଜସେବୀ ବ୍ୟକ୍ତିଙ୍କର ଏକ ଗୋଷ୍ଠୀ ଆଗକୁ ଆସିଥାଏ। ପ୍ରକୃତରେ ଅଧିକାଂଶ ଏନ୍‌ଜିଓ ସମାଜ ପ୍ରତି ସମର୍ପିତ, ପ୍ରତିବଦ୍ଧ। ଅଣ–ଲାଭକାରୀ ସଙ୍ଗଠନଗୁଡ଼ିକ ସାମାଜିକ ସମସ୍ୟା ଏବଂ ଆବଶ୍ୟକତା ପ୍ରତି ଜନସାଧାରଣଙ୍କ ଧ୍ୟାନ ଆକର୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏନ୍‌ଜିଓଗୁଡ଼ିକର ବିଚାରଧାରା, ଆଗ୍ରହ, ସମାନୁଭୂତ କାର୍ଯ୍ୟଶୈଳୀ ଅନନ୍ୟ ଏବଂ ମୁଖ୍ୟତଃ ସେହି ଧୂସର କ୍ଷେତ୍ରଗୁଡ଼ିକୁ ସମ୍ବୋଧିତ କରେ ଯେଉଁଠାରେ କେହି ପହଞ୍ଚି ନ ଥିବେ। ବାସ୍ତବରେ ଏହା ଲୋକଙ୍କ ସାମାଜିକ–ଆର୍ଥିକ ସ୍ୱାର୍ଥ ପାଇଁ ଅନିବାର୍ଯ୍ୟ। ସେହିପରି ଅଧିକାଂଶ ଏନ୍‌ଜିଓ କର୍ମକର୍ତ୍ତାମାନେ ପ୍ରେରଣାଦାୟକ ବ୍ୟକ୍ତିତ୍ୱ ହୋଇଥାନ୍ତି।



ଏନ୍‌ଜିଓଗୁଡ଼ିକର ଉତ୍ସର୍ଗୀକୃତ ବୃତ୍ତିଧାରୀମାନେ ବିକାଶମୂଳକ କାର୍ଯ୍ୟରେ ଲୋକଙ୍କ ଅବଦାନ ସଂଗ୍ରହ କରିପାରନ୍ତି। ପ୍ରତ୍ୟେକ କାର୍ଯ୍ୟରେ ନବସୃଜନ ସହିତ ଯୋଗଦାନ କରନ୍ତି ଏବଂ ଯେଉଁଠାରେ ଚ୍ୟାଲେଞ୍ଜ ଥାଏ ସେଠାରେ ସେମାନେ କାମ କରନ୍ତି। ଦଳଗତ କାର୍ଯ୍ୟ ହେଉଛି ସେମାନଙ୍କର କ୍ଷମତା। ସମନ୍ୱୟ ମାଧ୍ୟମରେ, ଏନ୍‌ଜିଓମାନେ ଦୁର୍ବଳ କ୍ଷେତ୍ରର ବୃହତ ସ୍ୱାର୍ଥ ପାଇଁ ବିଭିନ୍ନ ଅଂଶୀଦାର ଏବଂ ଏଜେନ୍ସି ସହିତ କାର୍ଯ୍ୟ କରନ୍ତି। ସମାଜର ପ୍ରତ୍ୟେକ କୋଣରେ ଏନ୍‌ଜିଓର ଅସ୍ତିତ୍ୱକୁ ଆମେ ଅସ୍ୱୀକାର କରିପାରିବା ନାହିଁ। ଆମେ କହିପାରିବା ଯେ ସେମାନେ ଗଣତନ୍ତ୍ରର ପଞ୍ଚମ ସ୍ତମ୍ଭ।

କିନ୍ତୁ ବର୍ତ୍ତମାନ କିଛି ଲୋକଙ୍କର ଧାରଣା ଯେ ଏପରି ସଂଗଠନଗୁଡ଼ିକ ଠକେଇ, ଦୁର୍ନୀତିଗ୍ରସ୍ତ, ନକାରାତ୍ମକ ଇତ୍ୟାଦି ଉପାୟରେ ଲୋକଙ୍କୁ ସଙ୍ଗଠିତ କରୁଛନ୍ତି। କିନ୍ତୁ କୌଣସି ପ୍ରମାଣ ବିନା ଏହି ପ୍ରକାରର ମତାମତ, ଏନ୍‌ଜିଓ ଗଠନ କରି ସାମାଜିକ ବିକାଶ ପାଇଁ ଆଗକୁ ଆସୁଥିବା ଉତ୍ସର୍ଗୀକୃତ ସାମାଜିକ ନେତାମାନଙ୍କୁ ନୈତିକତାହୀନ କରିପାରେ। ଏକ ସାଧାରଣ କାରଣ ଓ ସାମୂହିକ ବିକାଶ ପାଇଁ ବ୍ୟବସ୍ଥା ଏବଂ ଲୋକଙ୍କ ଏକତ୍ରୀକରଣକୁ ଏହା ଭାଙ୍ଗିଦେଇପାରେ। ତେବେ ବିଶୃଙ୍ଖଳିତ ଆଚରଣ ପାଇଁ ବନ୍ଦ ବଦଳରେ ଦଣ୍ଡ ବିଧାନ କରାଯାଇପାରେ। ଏତେ କମ୍ ପାରିଶ୍ରମିକ ଓ ସମ୍ମାନ ପାଇବା ପରିବର୍ତ୍ତେ, ସଂଗଠନର ସ୍ୱେଚ୍ଛାସେବୀ, କର୍ମଚାରୀମାନେ ସ୍ଥିର ଲକ୍ଷ୍ୟ ହାସଲ କରିବା ପାଇଁ ଦିନରାତି ଉତ୍ସର୍ଗୀକୃତ ପ୍ରୟାସ ସହିତ କାର୍ଯ୍ୟ କରନ୍ତି। ଭଲ ଏବଂ ଉଚ୍ଚ କ୍ୟାରିଅର ବିକାଶ ତଥା ଆତ୍ମକୌଶଳ ପାଇଁ ଏକ ସୁନ୍ଦର ଅଭିନବ ପ୍ଲାଟ୍‌ଫର୍ମ। କ୍ୟାରିଅରର ପ୍ରାରମ୍ଭିକ ପର୍ଯ୍ୟାୟରେ ଯୁବକମାନେ ଏନ୍‌ଜିଓ କ୍ଷେତ୍ରରେ କାମ କରିଥିବା ଏବଂ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ହାସଲ କରିଥିବା ଅନେକ ଉଦାହରଣ ଅଛି ଯେଉଁଠାରେ ବ୍ୟକ୍ତି ଭବିଷ୍ୟତରେ ସେହି ଦକ୍ଷତା ଓ ସମର୍ପଣକୁ ବିନିଯୋଗ କରି ଉତ୍ତମ କାମ କରିବାକୁ ଇଚ୍ଛା ପ୍ରକାଶ କରନ୍ତି। ଅନେକ ଲୋକ ଏନ୍‌ଜିଓ କାର୍ଯ୍ୟ ସଂସ୍କୃତିର ଶିଡ଼ି ଦେଇ ବହୁତ କିଛି ହାସଲ କରିଛନ୍ତି ଓ ସମାଜକୁ ଅବଦାନ ଦେଇଛନ୍ତି। ଏନ୍‌ଜିଓର ତୃଣମୂଳସ୍ତରୀୟ ଗଭୀର ବା ସୂକ୍ଷ୍ମ କାର୍ଯ୍ୟ ସେମାନଙ୍କ କର୍ମଚାରୀଙ୍କ ଦକ୍ଷତାକୁ ତୀକ୍ଷ୍ଣ କରିଥାଏ, ଯାହା ଭଲ କରିବାକୁ ଏବଂ ଭବିଷ୍ୟତକୁ ଉନ୍ନତ କରିବାରେ ସାହାଯ୍ୟ କରେ। ପ୍ରକୃତରେ ଏହା ଏକ ପ୍ରେରଣା। ଯଦିଓ ଏନ୍‌ଜିଓଗୁଡ଼ିକ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରୁଛନ୍ତି, ଏହା ଉତ୍କର୍ଷ, ନବସୃଜନ, ପ୍ରେରଣା ଏବଂ କାର୍ଯ୍ୟ ଯୋଜନାର ଢାଞ୍ଚା ପ୍ରଦାନ କରେ। ଏହା ବ୍ୟତୀତ, ଏନ୍‌ଜିଓଗୁଡ଼ିକ ନାଗରିକମାନଙ୍କ ପ୍ରତି ସରକାର ପ୍ରତିକ୍ରିୟାଶୀଳ ହେବା ନିଶ୍ଚିତ କରିବା ସହିତ ସରକାରଙ୍କ ଦାୟିତ୍ୱକୁ ବ୍ୟାପକ କରିବା କ୍ଷେତ୍ରରେ କାର୍ଯ୍ୟକରନ୍ତି। ସେମାନେ ବାସିନ୍ଦାଙ୍କ ସମ୍ପୃକ୍ତି ମାଧ୍ୟମରେ ସ୍ଥାନୀୟ ସ୍ତରରେ ଅନେକ ସେବା ପ୍ରଦାନର ଦକ୍ଷତା ବୃଦ୍ଧି କରନ୍ତି। ଏନ୍‌ଜିଓଗୁଡ଼ିକ ଦ୍ୱାରା ସାମାଜିକ ଅଡିଟ୍ ହେଉଛି ଆର୍ଥିକ ଉପଯୁକ୍ତ ବ୍ୟବହାର, ଉତ୍ପାଦନ ସୂଚକ ସଫଳତା, ଜନସାଧାରଣଙ୍କ ଅଂଶଗ୍ରହଣ ସହିତ ସେବା ପ୍ରଦାନକାରୀଙ୍କ ଦାୟିତ୍ୱ ମାପିବା ପାଇଁ ତୃଣମୂଳ ସ୍ତରରେ କରାଯାଇଥିବା ସମସ୍ତ କାର୍ଯ୍ୟକଳାପକୁ ତଦାରଖ କରିବା ପାଇଁ ଏକ ପ୍ରକ୍ରିୟା।

ଜନସାଧାରଣଙ୍କୁ ସମସ୍ୟା ବିଷୟରେ ଗବେଷଣା, ବିଶ୍ଳେଷଣ ଏବଂ ସୂଚନା ପ୍ରଦାନ କରନ୍ତି। ଗଣମାଧ୍ୟମ ଅଭିଯାନ ଏବଂ ଅନ୍ୟାନ୍ୟ ପ୍ରକାରର ସକ୍ରିୟତା ମାଧ୍ୟମରେ ନାଗରିକ କାର୍ଯ୍ୟକୁ ସଂଗଠିତ କରନ୍ତି ଏବଂ ନୀତି ନିର୍ମାତାମାନଙ୍କ ସହିତ ମଧ୍ୟ କାମ କରନ୍ତି। ଅନେକ କ୍ଷେତ୍ରରେ ଏହି ସଂଗଠନଗୁଡ଼ିକ ନିମନ୍ତ୍ରିତ ଏବଂ ବିନା ନିମନ୍ତ୍ରିତ ଭାବରେ ସରକାର ଏବଂ କର୍ପୋରେଟ କାର୍ଯ୍ୟଦକ୍ଷତା, ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ନିମନ୍ତେ 'ୱାଚ୍‌ଡଗ୍' କିମ୍ବା ସ୍ୱାଧୀନ 'ଅଡିଟର' ଭାବରେ କାର୍ଯ୍ୟ କରନ୍ତି। ଏନ୍‌ଜିଓଗୁଡ଼ିକର ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସମାଜର କାରଣ ପାଇଁ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ପାଇଁ ଶୀର୍ଷ ସ୍ତରରେ ଏକ ସାମ୍ବିଧାନିକ ୟୁନିଟ୍ ଅତ୍ୟନ୍ତ ଆବଶ୍ୟକ। ଏହା ରାଷ୍ଟ୍ର ନିର୍ମାଣ ଦିଗରେ ସେବା କରୁଥିବା ଏନ୍‌ଜିଓକୁ ନିରନ୍ତର ସମର୍ଥନ ପାଇଁ ସହାୟକ ହେବ। ଏନ୍‌ଜିଓର ଅବଦାନ ବିନା, ଆମେ ପୂର୍ଣ୍ଣ ପ୍ରଗତି କଳ୍ପନା କରିପାରିବା ନାହିଁ। ସରକାରୀ ବେସରକାରୀ ଭାଗୀଦାରି ସବୁଠାରୁ ବେଶି ସଫଳ ହୋଇଥାଏ। ଏ କ୍ଷେତ୍ରରେ କେବଳ ସମ୍ପୃକ୍ତ କାର୍ଯ୍ୟ କ୍ଷେତ୍ରରେ ଦକ୍ଷ ଏନ୍‌ଜିଓର ନିରପେକ୍ଷ ଚୟନ ଆବଶ୍ୟକ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 1 | | 3 | | | | | 9 |
| | 5 | | | | 7 | 8 | | 3 |
| 8 | | 2 | | 1 | 9 | | | |
| | | | 1 | | | 7 | | |
| | | | 5 | 9 | | | 4 | 6 |
| 6 | | 1 | 8 | | 4 | | 3 | 5 |
| | 8 | | | | | 2 | | |
| 2 | 9 | | | | 5 | | 6 | 1 |
| | | | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 8 | 3 | 7 | 6 | 2 | 4 | 5 |
| 2 | 4 | 3 | 5 | 1 | 8 | 6 | 7 | 9 |
| 5 | 7 | 6 | 9 | 2 | 4 | 3 | 1 | 8 |
| 6 | 8 | 7 | 2 | 4 | 1 | 5 | 9 | 3 |
| 3 | 2 | 4 | 7 | 5 | 9 | 8 | 6 | 1 |
| 9 | 5 | 1 | 8 | 6 | 3 | 7 | 2 | 4 |
| 4 | 6 | 2 | 1 | 3 | 5 | 9 | 8 | 7 |
| 8 | 1 | 5 | 6 | 9 | 7 | 4 | 3 | 2 |
| 7 | 3 | 9 | 4 | 8 | 2 | 1 | 5 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକ ସମାଜ ଲାଗି କଳଙ୍କ

ମହାଶୟ,

କୁହାଯାଏ ଶିକ୍ଷକ ହେଉଛନ୍ତି ସିଏ, ଯିଏ ଅନ୍ଧକାରରୁ ଆଲୋକ ଆଡ଼କୁ ଛାତ୍ରୀଛାତ୍ରଙ୍କୁ ଘେନି ଯାଆନ୍ତି। ମାତାପିତାଙ୍କ ପରେ ଶିକ୍ଷକ ହିଁ ପିଲାଙ୍କୁ ଏ ଦୁନିଆରେ ମଥା ଉପରକୁ କରି ଭଲ ଭାବେ ଚାଲିବା ଶିଖାଇଥାନ୍ତି। ଗୁରୁ – ଶିଷ୍ୟ ପରମ୍ପରାର ଅନେକ ଉଜ୍ଜ୍ୱଳ ଉଦାହରଣ ପୂର୍ବର ରାମାୟଣ, ମହାଭାରତଠାରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ପରିବ୍ୟାପ୍ତ। କିନ୍ତୁ କେନ୍ଦ୍ରାପଡ଼ାରେ ସପ୍ତମ ଶ୍ରେଣୀର ଜଣେ ଛାତ୍ରୀକୁ ଗଣଦୁଷ୍କର୍ମ କଲେ ଶିକ୍ଷକରୂପୀ ରାକ୍ଷସମାନେ। ଏଭଳି କଳଙ୍କିତ ଅଧ୍ୟାୟ ସାରା ଦେଶରେ ଓଡ଼ିଶାକୁ ନିନ୍ଦିତ କରିଛି। ଏହି ଘଟଣା ସମଗ୍ର ଶିକ୍ଷକ ସମାଜ ପାଇଁ ଲାଗି କଳଙ୍କ। ଏଥିରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଓ ପରୋକ୍ଷରେ ଦାୟୀ ସମସ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉ। ଏଥିରେ ଆଉ ଗୋଟିଏ କଥା ସାମ୍ନାକୁ ଆସୁଛି। ତାହା ହେଉଛି ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା। ଯେଉଁମାନେ ଶିକ୍ଷାଦାନକୁ ଚାକିରି ବା ବୃତ୍ତି ବୋଲି ନ ଭାବି ସେବା ଓ ସମର୍ପଣ ଭାବନା ରଖନ୍ତି, କେବଳ ସେହିମାନଙ୍କୁ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଉ। ତେଣୁ ଶିକ୍ଷକ ମନୋନୟନ ଢାଞ୍ଚାରେ ପରିବର୍ତ୍ତନ ଲୋଡ଼ା।

**–ପ୍ରତାପ ନାୟକ, କଳିଙ୍ଗ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବାତାୟନ ପଥେ ଉଡ଼ିଥିଲା ଚାରୁ ପଣତ
ଦେଖି ତାହା
ପରମ ପୁଲକେ ଏ ପରାଣ ହେଲା ଆନତ
ସେ କି ମାୟା !

–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ପାଟନା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଗୁରୁବାର ହାତରେ ରଙ୍ଗ ଲଗାଇ ପାଟନାଠାରେ ହୋଲି ଉତ୍ସବ ମନାଉଛନ୍ତି।

# ଅନ୍‌ଲାଇନ କଣ୍ଟେଣ୍ଟ ପାଇଁ ଉତ୍ତରଦାୟୀ ରୁହନ୍ତୁ ଡିଜିଟାଲ ପ୍ଲାଟ୍‌ଫର୍ମ: ଅଶ୍ୱିନୀ

**ନୂଆଦିଲ୍ଲୀ, ୨୬।୨ (ପି.ଟି.)**

ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକରେ ପ୍ରକାଶ ପାଉଥିବା ଅନ୍‌ଲାଇନ କଣ୍ଟେଣ୍ଟ ପାଇଁ ସେମାନଙ୍କୁ ଉତ୍ତରଦାୟିତ୍ୱ ନେବାକୁ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। କଣ୍ଟେଣ୍ଟ ବା ବିଷୟବସ୍ତୁର ପ୍ରସ୍ତୁତକର୍ତ୍ତା ଏବଂ ଖବର ପ୍ରସ୍ତୁତକାରୀ ସଂଗଠନଗୁଡ଼ିକ ମଧ୍ୟରେ ଯେପରି ରାଜସ୍ୱର ସୁଷମ ବଣ୍ଟନ ହୁଏ, ତାହା ସୁନିଶ୍ଚିତ କରିବାକୁ ହେବ। କ୍ଷତିପୂରଣ କାରଣରୁ ଯଦି ବିଷୟବସ୍ତୁ ପ୍ରସ୍ତୁତକାରୀଙ୍କୁ ଉପଯୁକ୍ତ ପ୍ରାପ୍ୟ ନ ମିଳେ ତେବେ ନୂତନତ୍ୱ ପ୍ରଭାବିତ ହେବ ବୋଲି ଅଶ୍ୱିନୀ ସତର୍କ କରାଇଦେଇଛନ୍ତି।

ନୂଆଦିଲ୍ଲୀରେ ଡିଜିଟାଲ ନ୍ୟୁଜ୍ ପ୍ରକାଶକ ସଂଘ (ଡିଏନ୍‌ପିଏ) ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଅଶ୍ୱିନୀ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ସୃଷ୍ଟ ବିଷୟବସ୍ତୁର ବ୍ୟବହାରକୁ ନିୟନ୍ତ୍ରଣ କରିବା ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଆଇ ଜେନେରେଟେଡ୍ କଣ୍ଟେଣ୍ଟ ପ୍ରସ୍ତୁତିରେ ଯେଉଁ ବ୍ୟକ୍ତିଙ୍କ ମୁହଁ, ସ୍ୱର କିମ୍ବା ବ୍ୟକ୍ତିତ୍ୱକୁ ବ୍ୟବହାର କରାଯାଉଛି, ତାଙ୍କ ବିନା ଅନୁମତିରେ ତାହା କରାଯିବା ଉଚିତ ନୁହେଁ। ପିଲାମାନେ ଓ ସମସ୍ତ ନାଗରିକଙ୍କ ଅନ୍‌ଲାଇନ ସୁରକ୍ଷା ଦାୟିତ୍ୱ ପ୍ଲାଟ୍‌ଫର୍ମର ବୋଲି ଅଶ୍ୱିନୀ କହିବା ସହ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡିକ ପ୍ରଭାବଶାଳୀ ଗଣମାଧ୍ୟମ ସଂସ୍ଥାରେ ପରିବର୍ତ୍ତିତ ହୋଇଥିବା କହିଛନ୍ତି। ବୌଦ୍ଧିକ ସମ୍ପତ୍ତିକୁ ଉପଯୁକ୍ତ ସମ୍ମାନ ଓ ନ୍ୟାୟସଙ୍ଗତ ପାରିଶ୍ରମିକ ମିଳିବା ଜରୁରୀ। ବିଜ୍ଞାନ, ପ୍ରଯୁକ୍ତି, କଳା ଓ ଭାଷାରେ ସମାଜର ଅଗ୍ରଗତି ଏହା ଉପରେ ନିର୍ଭର କରୁଛି। ସେଥିପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକ କେବଳ ଖବର ସଂଗଠନ ନୁହେଁ ବରଂ


କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଦୂରାନ୍ତ ଅଞ୍ଚଳର ସ୍ୱାଧୀନ ବିଷୟବସ୍ତୁ ପ୍ରସ୍ତୁତକର୍ତ୍ତା, ଇନ୍‌ଫ୍ଲୁଏନ୍ସର, ପ୍ରଫେସର ଏବଂ ଗବେଷକମାନଙ୍କୁ ଉପଯୁକ୍ତ ରାଜସ୍ୱ ବଣ୍ଟନ ସୁନିଶ୍ଚିତ କରାଯିବା ଆବଶ୍ୟକ ବୋଲି କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ କହିଛନ୍ତି।

ସମସ୍ତ ପ୍ଲାଟ୍‌ଫର୍ମ ସେମାନଙ୍କ ବୁଝାମଣା ନୀତିର ପୁନର୍ବିଚାର କରିବାକୁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଛନ୍ତି। ସେମାନେ ସ୍ୱେଚ୍ଛାକୃତ ଭାବେ ଏ ଦିଗରେ ପଦକ୍ଷେପ ନିଅନ୍ତୁ। ନଚେତ୍ ଅନେକ ଦେଶ ସେମାନଙ୍କୁ ବାହାରିଯିବାର ଆଇନଗତ ମାର୍ଗ ଦେଖାଇ ସାରିଥିବା ଅଶ୍ୱିନୀ କହିଛନ୍ତି। ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକୁ ଜାଗ୍ରତ ହେବାକୁ ହେବ ଏବଂ ବହୁ ହଜାର ବର୍ଷ ଧରି ମାନବ ସମାଜ ନିର୍ମାଣ କରିଥିବା ଅନୁଷ୍ଠାନଗୁଡ଼ିକରେ ଦୃଢ଼ ବିଶ୍ୱାସର ଗୁରୁତ୍ୱକୁ ହୃଦୟଙ୍ଗମ କରିବାକୁ ହେବ। ସମାଜ ଅନ୍‌ଲାଇନ ସୁରକ୍ଷା, ଖବର ଉପରେ ନିର୍ଭରଯୋଗ୍ୟତା, ପିଲାମାନଙ୍କ ସୁରକ୍ଷା, ଅଶ୍ଳୀଳତା ବିରୋଧରେ ସୁରକ୍ଷା , କୃତ୍ରିମ ଉପାୟରେ ପ୍ରସ୍ତୁତ ବିଷୟବସ୍ତୁ ଆଦି ଅନେକ ସମସ୍ୟା ସହ ଯୁଝୁଥିବାବେଳେ ଆଗାମୀ ଦଶକରେ ସେଗୁଡ଼ିକର ସମାଧାନ କରାଯିବା ଆବଶ୍ୟକ ବୋଲି ଅଶ୍ୱିନୀ କହିଛନ୍ତି।

# ଫୋକସ୍‌ରେ ପ୍ରତିରକ୍ଷା, ପ୍ରଯୁକ୍ତି

**ଭାରତ-ଇସ୍ରାଏଲ ୨୭ ଚୁକ୍ତି ସ୍ୱାକ୍ଷର**

**ଜେରୁଜେଲମ୍, ୨୬।୨**

ଭାରତ ଓ ଇସ୍ରାଏଲ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ବୁଝାମଣା ହୋଇଛି। ପ୍ରତିରକ୍ଷା, ବୈଷୟିକ ଓ ପ୍ରଯୁକ୍ତି, ନବ ଉନ୍ମେଷ ଏବଂ ଆଞ୍ଚଳିକ ସୁରକ୍ଷା କ୍ଷେତ୍ରରେ ଉଭୟ ରାଷ୍ଟ୍ର ସହଯୋଗ ବୃଦ୍ଧିକରି କାର୍ଯ୍ୟ କରିବାକୁ ସହମତ ହୋଇଛନ୍ତି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଗସ୍ତର ଦ୍ୱିତୀୟ ଦିବସରେ ଉଭୟ ପକ୍ଷର ପ୍ରତିନିଧି ଦଳ ମଧ୍ୟରେ ଆଲୋଚନା କରାଯାଇ ପ୍ରମୁଖ ୨୭ଟି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏଥିମଧ୍ୟରେ କୃଷି ଓ ବୈଷୟିକ କ୍ଷେତ୍ର ଡ୍ରୋନ୍, ସାଟେଲାଇଟ୍ ଡାଟା, ଏଆଇ, ସାଇବର ସିକ୍ୟୁରିଟି, ଜଳସେଚନ ଓ ସାର ପରିଚାଳନା, ପେଷ୍ଟ କଣ୍ଟ୍ରୋଲ, ଗ୍ରୀନ୍ ହାଉସ୍ କଲ୍ଟିଭେଶନ ଏବଂ କୃଷି କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ଓ ପ୍ରଯୁକ୍ତି ହସ୍ତାନ୍ତର ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଛି। ଭାରତ ଓ ଇସ୍ରାଏଲ ମଧ୍ୟରେ ଆଗାମୀ ଦିନରେ ବାଣିଜ୍ୟ-ବ୍ୟବସାୟ କ୍ଷେତ୍ରକୁ ସମ୍ପ୍ରସାରଣ କରାଯିବା ସହ ଉଭୟ ରାଷ୍ଟ୍ର ମିଳିତ ଭାବେ ଆତଙ୍କବାଦ ବିରୋଧୀ ଲଢ଼େଇରେ କାର୍ଯ୍ୟ କରିବେ ବୋଲି କୁହାଯାଇଛି। ପ୍ରତିରକ୍ଷା ଏବଂ


ମିଳିତ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଇସ୍ରାଏଲୀ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁ।

ଅତ୍ୟାଧୁନିକ ବୈଷୟିକ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଇ ଉଭୟ ରାଷ୍ଟ୍ର ସହଯୋଗ ବୃଦ୍ଧି କରିବାକୁ ସହମତ ହୋଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଗସ୍ତର ଦ୍ୱିତୀୟ ତଥା ଅନ୍ତିମ ଦିବସରେ ଉଭୟ ପକ୍ଷ ପ୍ରତିନିଧି ଦଳ ମଧ୍ୟରେ ଆଲୋଚନା ହୋଇଥିଲା। ଏହାପରେ ମୋଦି ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଭାରତ ଏବଂ ଇସ୍ରାଏଲ ସମ୍ପର୍କକୁ ଏକ ନୂଆ ରୂପ ଦେବା ଲାଗି ଉଭୟ ପକ୍ଷ ସ୍ୱତନ୍ତ୍ର ରଣନୀତିକ ଅଂଶୀଦାର ରାଷ୍ଟ୍ର ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଥିବା ମୋଦି କହିଛନ୍ତି। ସେହିପରି ଅର୍ଥନୀତି, ସୁରକ୍ଷା ଏବଂ ରାଜନୈତିକ ସହଯୋଗ ବୃଦ୍ଧି ପାଇଁ ଇସ୍ରାଏଲ ଭାରତ ସହ ସମ୍ପର୍କ ବୃଦ୍ଧି କରିବାକୁ ସହମତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନେତାନ୍ୟାହୁ କହିଛନ୍ତି।

# ଏପ୍‌ଷ୍ଟିନ୍ କେଲେଙ୍କାରୀ: ବୋର୍ଜ ବ୍ରେଣ୍ଡିଂଙ୍କ ଇସ୍ତଫା

**ଜେନେଭା, ୨୬।୨**

ବହୁ ଚର୍ଚ୍ଚିତ ଏପ୍‌ଷ୍ଟିନ୍ ଯୌନ କେଲେଙ୍କାରୀ ମାମଲାରେ ଛନ୍ଦି ହୋଇ ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲୁଇଓ) ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ବୋର୍ଜ ବ୍ରେଣ୍ଡିଂ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହି କେଲେଙ୍କାରୀର ମୁଖ୍ୟ ନାୟକ ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ପ୍ରଶ୍ନ ଉଠିବା ପରେ ଆମେରିକାର ନ୍ୟାୟିକ ବିଭାଗ ଦ୍ୱାରା ଯାଞ୍ଚ କରାଯାଇଥିଲା। ବୋର୍ଜ ଜେଫ୍ରିଙ୍କ ସହିତ ଇମେଲ୍ ଏବଂ ଟେକ୍ସଟ୍ ମେସେଜ୍ ମାଧ୍ୟମରେ ସମ୍ପର୍କ ରଖିଥିଲେ ଏବଂ ୩ଥର ରାତ୍ର ଭୋଜନରେ ଯୋଗ ଦେଇଥିବା ଯାଞ୍ଚ ସମୟରେ ଜଣାପଡ଼ିଥିଲା। ଏହି ବିଷୟ ସାମ୍ନାକୁ ଆସିବା ପରେ ବୋର୍ଜ




ଏହାକୁ ସ୍ୱୀକାର କରିବା ସହିତ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବୋର୍ଜ ବିଶ୍ୱ ଅର୍ଥନୈତିକ ମଞ୍ଚରେ ୮ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିବା ସହିତ ନରୱେ ସରକାରଙ୍କ ଅଧୀନରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିସାରିଛନ୍ତି।

# ୨୮ରୁ ଏଚ୍‌ପିଭି ଟିକାକରଣ ଅଭିଯାନ: ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୬।୨ (ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୮ ତାରିଖ ଶନିବାର ଦେଶବ୍ୟାପୀ ହ୍ୟୁମ୍ୟାନ୍ ପାଭିଲୋମାଭାଇରସ୍ (ଏଚ୍‌ପିଭି) ଟିକାକରଣ ଅଭିଯାନ ରାଜସ୍ଥାନର ଆଜମେରରୁ ଶୁଭାରମ୍ଭ କରିବେ। ୧୪ ବର୍ଷ ବୟସର କିଶୋରୀମାନଙ୍କୁ ଏହି ଟିକା ଦିଆଯିବ। ମହିଳାଙ୍କ ମଧ୍ୟରେ ପ୍ରତିକାରଯୋଗ୍ୟ କର୍କଟ ରୋଗ ଦୂରକରିବା ପାଇଁ ଏହି ଟିକାକରଣ ଆରମ୍ଭ ହେବାକୁ ଯାଉଛି। ଏକକ ଡୋଜ୍ ବିଶିଷ୍ଟ ଗାର୍ଡାସିଲ୍ ୪ ହେଉଛି ଏକ କ୍ୱାଡ୍ରିଭ୍ୟାଲେଣ୍ଟ ଏଚ୍‌ପିଭି ଟିକା ଯାହା ଏଚ୍‌ପିଭି ଟାଇପ୍ ୧୬, ୧୮, ୬ ଏବଂ ୧୧ରୁ ସୁରକ୍ଷା ଦେବ। ଏଚ୍‌ପିଭି ଟାଇପ୍ ୧୬ ଏବଂ ୧୮ ଜରାୟୁ ଗ୍ରୀବା କର୍କଟ ରୋଗ କରାଇଥାଏ। ଟିକାକରଣ ଅଭିଯାନ ନେଇ ସମସ୍ତ ରାଜ୍ୟକୁ ଗତ ୨୫ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖାଯାଇଛି। ଫେବୃଆରୀ ୨୮ ପୂର୍ବାହ୍ନ ୧୧ଟା ୩୦ ମିନିଟରେ ୧୪ ବର୍ଷୀୟା ସମସ୍ତ କିଶୋରୀଙ୍କୁ ଏହି ଅଭିଯାନରେ ସାମିଲ କରାଯିବାକୁ ଯୋଜନା ହୋଇଛି। ଆଜମେରରୁ ପ୍ରଧାନମନ୍ତ୍ରୀ ଟିକାକରଣ ଅଭିଯାନର ଶୁଭାରମ୍ଭ କରିବାକୁ ଥିବାବେଳେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲି ସାମିଲ ହେବେ। ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ, ପ୍ରଶାସକ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଡ଼ିହେବେ।

# ସୁନେତ୍ରା ପାୱାର ଏନ୍‌ସିପି ରାଷ୍ଟ୍ରୀୟ ସଭାପତି



**ମୁମ୍ବାଇ, ୨୬।୨**

ଏନ୍‌ସିପି ନେତ୍ରୀ ତଥା ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସ୍ତ୍ରୀ ସୁନେତ୍ରା ପାୱାର ଦଳର ରାଷ୍ଟ୍ରୀୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଠିକ୍ ମାସକ ତଳେ ଏକ ବିମାନ ଦୁର୍ଘଟଣାରେ ଅଜିତଙ୍କ ମୃତ୍ୟୁ ହୋଇଥିଲାବେଳେ ଗୁରୁବାର ସୁନେତ୍ରାଙ୍କୁ ଦଳର ରାଷ୍ଟ୍ରୀୟ ମୁଖ୍ୟ ଭାବେ ନିର୍ବାଚିତ କରାଯାଇଛି। ଦଳର ଅନ୍ୟତମ ବରିଷ୍ଠ ନେତା ପ୍ରଫୁଲ୍ଲ ପଟେଲ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ପୂର୍ବରୁ ପ୍ରଫୁଲ୍ଲ ପଟେଲ ଏନ୍‌ସିପିର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ। କିନ୍ତୁ ଅଜିତ୍‌ଙ୍କ ମୃତ୍ୟୁ ପରେ ସେ ସୁନେତ୍ରାଙ୍କୁ ଦଳୀୟ ମୁଖ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ। ତାଙ୍କର ପ୍ରସ୍ତାବକୁ ଦଳର କାର୍ଯ୍ୟକାରୀ କମିଟି ଗୁରୁବାର ଅନୁମୋଦନ ଦେଇଛି।

# ଜେନେଭାରେ ଇରାନ-ଆମେରିକା ଆଲୋଚନା

**ଜେନେଭା, ୨୬।୨**

ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଜେନେଭାଠାରେ ଗୁରୁବାର ଚାଲିଥିବା ଆଲୋଚନା ପୁଣି ଫସର ଫାଟିବ ବୋଲି ଆଶଙ୍କା ଦେଖାଯାଇଛି। ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି (ଆଇଏଇଏ) ମୁଖ୍ୟ ରାଫେଲ ଗ୍ରୋସିଙ୍କ ଉପସ୍ଥିତିରେ ଆମେରିକା ଏବଂ ଇରାନ ପ୍ରତିନିଧିମାନେ ଆଲୋଚନା କରିଥିଲେ ହେଁ ଏଥିରୁ କୌଣସି ସମାଧାନର ବାଟ ଫିଟିବ ନାହିଁ ବୋଲି କୁହାଯାଉଛି। କାରଣ ଇରାନର ଆଣବିକ କାର୍ଯ୍ୟକ୍ରମ ବନ୍ଦ ହେବା ନେଇ ଆମେରିକା ଯେଉଁ ସର୍ତ୍ତ ରଖିଛି ତାହାକୁ ଇରାନ ମାନିବାକୁ ପ୍ରସ୍ତୁତ ନୁହେଁ। ଇରାନର ଆଣବିକ କାର୍ଯ୍ୟକ୍ରମ ସାମୂହିକ ବିନାଶ




ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ଇରାନ କହୁଥିଲାବେଳେ ଆମେରିକା ଭିନ୍ନ ସର୍ତ୍ତ ରଖୁଛି। ଯାହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଦ୍ୱନ୍ଦ୍ୱ ଲାଗିରହିଛି। ଏହାପୂର୍ବରୁ ମଧ୍ୟ ହୋଇଥିବା ବୈଠକରେ କୌଣସି ନିର୍ଯାସ ବାହାରିପାରି ନ ଥିଲା। ଯାହାକୁ ନେଇ ଆମେରିକା ଆକ୍ରମଣ ଧମକ ଦେଇଥିଲା। ବର୍ତ୍ତମାନ ଚାଲିଥିବା ବୈଠକରେ ଯଦି ସମାଧାନର ବାଟ ନ ବାହାରେ, ତେବେ ଆମେରିକା ଇରାନ ବିରୋଧରେ କି ଆଭିମୁଖ୍ୟ ଗ୍ରହଣ କରିବ ତାହା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ରହିଛି।

# ସୋଲାର ସାମଗ୍ରୀ ଉପରେ ୧୨୬% ଶୁଳ୍କ ଲଗାଇଲା ଆମେରିକା

**ୱାଶିଂଟନ୍, ୨୬।୨**

ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପ୍ ପ୍ରଶାସନର ଟାରିଫ୍‌କୁ ଅବୈଧ ଘୋଷଣା କରିବା ପରେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ବୁଝାମଣାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏହାମଧ୍ୟରେ ଆମେରିକା ପୁଣି ସୋଲାର(ସୌର) ସାମଗ୍ରୀ ଆମଦାନୀ ଉପରେ ୧୨୬ ପ୍ରତିଶତ ଶୁଳ୍କ ଘୋଷଣା କରିଛି। ଆମେରିକା ଭାରତରୁ ଆମଦାନୀ କରୁଥିବା ସୋଲାର ସେଲ୍ ଏବଂ ସୋଲାର ପ୍ୟାନେଲ୍ ଉପରେ ଏହି ପରିମାଣର ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଛି।

# ‘ଦି କେରଳ ଷ୍ଟୋରି ୨- ଗୋଜ୍ ବିୟଣ୍ଡ’ ମୁକ୍ତିଲାଭ ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ

**କୋଚି, ୨୬।୨ (ପି.ଟି.)**

‘ଦି କେରଳ ଷ୍ଟୋରି ୨- ଗୋଜ୍ ବିୟଣ୍ଡ’ ଚଳଚ୍ଚିତ୍ରର ମୁକ୍ତିଲାଭ ଉପରେ କେରଳ ହାଇକୋର୍ଟ ଗୁରୁବାର ଅନ୍ତରୀଣ ସ୍ଥଗିତାଦେଶ ଲଗାଇଛନ୍ତି। ଉକ୍ତ ଚଳଚ୍ଚିତ୍ରକୁ ସେନ୍‌ସର ବୋର୍ଡ ସାର୍ଟିଫିକେଟ ଦେବାବେଳେ ଠିକ୍‌ଭାବେ ବିଚାର କରି ନ ଥିବାର ପ୍ରାରମ୍ଭିକ ଅନୁଧ୍ୟାନରୁ ଜଣାପଡ଼ିଥିବା ଜଷ୍ଟିସ୍ ବେଚୁ କୁରିଅନ୍ ଥୋମାସ୍ କହିଛନ୍ତି। ଶୁକ୍ରବାର ଚଳଚ୍ଚିତ୍ର ମୁକ୍ତିଲାଭ ହେବାକୁ ଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ୨ଟି ପିଟିଶନ ଦାଏର ହୋଇଥିଲା। ଚଳଚ୍ଚିତ୍ର ଯେପରି ସାମାଜିକ ସଦ୍‌ଭାବନାକୁ ବ୍ୟାଘାତ ନ କରିବ ତାହା ସୁନିଶ୍ଚିତ କରିବା ପାଇଁ ଗାଇଡ୍‌ଲାଇନ ରହିଛି। କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି) ଏହାକୁ ଅନୁପାଳନ କରି ନ ଥିବା ଜଣାପଡୁଛି ବୋଲି ଉଚ୍ଚ ଅଦାଲତ ତାଙ୍କ ରାୟରେ କହିଛନ୍ତି। କୌଣସି ବିଷୟବସ୍ତୁର ପ୍ରଚାର ପ୍ରସାର, ଯେଉଁଥିରେ ଅସମ୍ମତି ସୃଷ୍ଟି କରିବା, ଆଇନ ଶୃଙ୍ଖଳାରେ ବାଧା ସୃଷ୍ଟି କରିବା କିମ୍ବା ସାମାଜିକ ସଦ୍‌ଭାବନାକୁ




ପ୍ରଭାବିତ କରିବା ପ୍ରବୃତ୍ତି ଥାଏ, ତାହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ)ର ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ପରିସରରେ ଆସୁନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଚଳଚ୍ଚିତ୍ରକୁ ପ୍ରମାଣପତ୍ର ଦିଆଯାଇଥିବାବେଳେ ଶ୍ରୀଦେବ ନମ୍ବୁଦିରି ଆବେଦନ କରିଥିଲେ। କେନ୍ଦ୍ର ସରକାର ଏହା ଉପରେ ବିଚାର କରି ୨ ସପ୍ତାହ ମଧ୍ୟରେ ନିର୍ଦ୍ଦେଶନାମା ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶନାମା ଜାରି ପୂର୍ବରୁ ସରକାର ଆବେଦନକାରୀ, ସିବିଏଫ୍‌ସି ଏବଂ ଚଳଚ୍ଚିତ୍ରର ନିର୍ମାତା ବିପୁଲ ଅମୃତଲାଲ ଶାହାଙ୍କ ମତାମତ ଶୁଣାଣି ପାଇଁ ସୁଯୋଗ ଦେବା ଆବଶ୍ୟକ ବୋଲି ଅଦାଲତ କହିଛନ୍ତି।

# ଅନିଲ ଅମ୍ବାନୀଙ୍କ ବିରୋଧରେ ସାନି ସିବିଆଇ ମାମଲା

**୨,୨୨୦ କୋଟିର ବ୍ୟାଙ୍କ ଜାଲିଆତି**

**ନୂଆଦିଲ୍ଲୀ, ୨୬।୨ (ପି.ଟି.)**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ଶିଳ୍ପପତି ଅନିଲ ଅମ୍ବାନୀ ଏବଂ ରିଲାଏନ୍ସ କମ୍ୟୁନିକେଶନ୍ସ (ଆର୍‌କମ୍) ବିରୋଧରେ ସାନି ମାମଲା ରୁଜୁ କରିଛି। ୨୦୧୩ରୁ ୨୦୧୭ ମଧ୍ୟରେ ଅନିଲଙ୍କ କମ୍ପାନୀ ବ୍ୟାଙ୍କ ଅଫ୍ ବରୋଦାରେ କରିଥିବା ଜାଲିଆତି ପାଇଁ ବ୍ୟାଙ୍କକୁ ୨,୨୨୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି ସହିବାକୁ ପଡ଼ିଥିବା ଅଭିଯୋଗ ହୋଇଥିଲା। ଗତ ମଙ୍ଗଳବାର ବ୍ୟାଙ୍କ ପକ୍ଷରୁ ଅଭିଯୋଗ ଦାଏର ପରେ ସିବିଆଇ ତଦନ୍ତ ଆରମ୍ଭ



କରିଛି। ମାମଲା ରୁଜୁ କରିବା ପରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଗୁରୁବାର ଅନିଲ ଅମ୍ବାନୀଙ୍କ ବାସଭବନ ସମେତ ରିଲାଏନ୍ସ କମ୍ୟୁନିକେଶନ ଲିଃର ପଞ୍ଜୀକୃତ କାର୍ଯ୍ୟାଳୟଗୁଡ଼ିକରେ ଚଢ଼ାଉ କରିଥିଲା। ସେଠାରୁ ଋଣ କାରବାର ସହ ଜଡ଼ିତ ବିଭିନ୍ନ ଦସ୍ତାବିଜ୍ ଜବତ ହୋଇଥିବା ସିବିଆଇର ଜଣେ ମୁଖପାତ୍ର କହିଛନ୍ତି। ରିଲାଏନ୍ସ କମ୍ୟୁନିକେଶନ୍ସ ବ୍ୟାଙ୍କ ଅଫ୍ ବରୋଦାରୁ ଯେଉଁ ଉଦ୍ଦେଶ୍ୟରେ ଋଣ ନେଇଥିଲା, ସେଥିରେ ବିନିଯୋଗ ନ କରି ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ସମ୍ପର୍କୀୟ ସଂସ୍ଥା ମଧ୍ୟରେ ମନଗଢ଼ା କାରବାର ଜରିଆରେ ଦୁରୁପଯୋଗ କରିଥିଲା। ୨୦୧୭ରେ ଉକ୍ତ ଆକାଉଣ୍ଟ ଅଚଳ ଘୋଷିତ ହୋଇଥିଲା। ବମ୍ବେ ହାଇକୋର୍ଟ ଉକ୍ତ ଆକାଉଣ୍ଟକୁ ଜାଲିଆତି ଦର୍ଶାଇ ଏହା ଉପରେ ସ୍ଥଗିତାଦେଶ ଘୋଷଣା କରିଥିଲେ। ଗତ ୨୩ ତାରିଖରେ ହାଇକୋର୍ଟ ଉକ୍ତ ସ୍ଥଗିତାଦେଶ ଉଠାଇଦେବା ପରେ ବ୍ୟାଙ୍କ ଅଫ୍ ବରୋଦା ସିବିଆଇରେ ଅଭିଯୋଗ ଦାଏର କରିଥିଲା, ଯାହାକୁ ତଦନ୍ତକାରୀ ସଂସ୍ଥା ଗ୍ରହଣ କରି ତୁରନ୍ତ ମାମଲା ରୁଜୁ କରିଛି।

# ପ୍ରୟାଗ ଭ୍ରମଣ ପାଇଁ ୫୦ ଅଧିକାରୀଙ୍କୁ ଲଗାଇଥିଲେ ବିଏସ୍‌ଏନ୍‌ଏଲ୍ ନିର୍ଦ୍ଦେଶକ

**ନୂଆଦିଲ୍ଲୀ, ୨୬।୨**

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ନିର୍ଦ୍ଦେଶକ ବିବେକ ବନଜଲ୍‌ଙ୍କ ପ୍ରୟାଗରାଜ ଭ୍ରମଣରେ ୫୦ ଅଧିକାରୀ ନିୟୋଜିତ ହେବା ଘଟଣା ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ବିବେକ ଫେବୃଆରୀ ୨୫ ଏବଂ ୨୬ ଦୁଇ ଦିନ ଧରି ପ୍ରୟାଗରାଜ ଭ୍ରମଣରେ ଆସିବା ସହିତ ସଙ୍ଗମସ୍ଥଳରେ ସ୍ନାନ, ବିଭିନ୍ନ ମନ୍ଦିର ଦର୍ଶନ ଏବଂ ବୋଟ୍ ରାଇଡ୍ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। କିନ୍ତୁ ଏଥିପାଇଁ ସେ ବିଏସ୍‌ଏନ୍‌ଏଲ୍‌ର ୫୦ କନିଷ୍ଠ ଏବଂ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରିବା ସହିତ ବିଭିନ୍ନ ସାମଗ୍ରୀ ଆୟୋଜନ କରିବାକୁ ବରାଦ କରିଥିଲେ। ଏପରିକି


ଜ୍ୟୋତିରାଦିତ୍ୟ ସିନ୍ଧିଆ


ବିବେକ ବନଜଲ୍‌ଙ୍କ

ସ୍ନାନ ପାଇଁ ତଉଲିଆଠାରୁ ଆରମ୍ଭ କରି ତେଲ, ସାବୁନ ଏବଂ ଦର୍ପଣ ପାଇଁ ମଧ୍ୟ ବରାଦ କରିଥିଲେ। ଏହି ବିଷୟ ସାମ୍ନାକୁ ଆସିବା ପରେ ବିବାଦ ତେଜିବା ସହିତ ଖବର କେନ୍ଦ୍ର ମନ୍ତ୍ରଣାଳୟରେ ପହଞ୍ଚିଥିଲା। କେନ୍ଦ୍ର ଟେଲିଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ବିବେକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେବା ପରେ ବିବେକଙ୍କ ପ୍ରୟାଗରାଜ ଯାତ୍ରା ବାତିଲ କରିଦିଆଯାଇଛି।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଭାରତ



ନିର୍ମଳ କୁମାର ମିଶ୍ର

**ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ଶ ସଂସ୍କରଣ ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋ ସହରରେ ଅନୁଷ୍ଠିତ ହେବ। ୨୦୩୦ରେ ଏହାର ପରବର୍ତ୍ତୀ ସଂସ୍କରଣ ଆୟୋଜନ ଅଧିକାର ଭାରତକୁ ପ୍ରଦାନ କରାଯାଇଛି। ୨୦୧୦ପରେ ଦ୍ୱିତୀୟଥର ପାଇଁ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ସୁଯୋଗ ପାଇବ...**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ବିଶ୍ୱର ଅନ୍ୟତମ ବହୁ ଇଭେଣ୍ଟବିଶିଷ୍ଟ ପ୍ରତିଯୋଗିତାର ମାନ୍ୟତା ବହନ କରୁଛି। ଅଲିମ୍ପିକ୍ସ ପରେ ଏହି ପ୍ରତିଯୋଗିତାର ଏକ ସ୍ୱତନ୍ତ୍ରତା ରହିଛି। ବିଶ୍ୱର ଅନ୍ୟତମ ମେଗା ସ୍ପୋର୍ଟ୍ସ ଇଭେଣ୍ଟଭାବେ ପରିଚିତ ହେଉଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବିଶ୍ୱର ବହୁ ନାମୀଦାମୀ କ୍ରୀଡ଼ାବିତ୍ ଭାଗ ନେଇଥାନ୍ତି। ଏହି ପ୍ରତିଯୋଗିତାକୁ ଆୟୋଜନ କରିବା ମଧ୍ୟ ବେଶ୍ ସମ୍ମାନର ପ୍ରଶ୍ନ। ଏକାଧିକ ସ୍ପୋର୍ଟ୍ସ ଇଭେଣ୍ଟଗୁଡିକୁ ନେଇ ୧୯୩୦ରେ ଏହାର ପ୍ରଥମ ସଂସ୍କରଣ କାନାଡାରେ ଅନୁଷ୍ଠିତ ହୋଇଥିଲା। ପ୍ରତି ୪ ବର୍ଷରେ ଥରେ ହେଉଥିବା ଏହି ସମ୍ମାନଜନକ କ୍ରୀଡା ପ୍ରତିଯୋଗିତାରେ ୫୬ ସଦସ୍ୟ ଦେଶର ପାଖାପାଖି ୭୪ଟି କମନୱେଲ୍‌ଥ ଗେମ୍ସ ଆସୋସିଏଶନ୍ ଅଂଶଗ୍ରହଣ କରିଥାଏ। ୨୦୨୨ରେ ଏହାର ୨୨ତମ ସଂସ୍କରଣ ଇଂଲଣ୍ଡର ବର୍ମିଂହାମଠାରେ ଅନୁଷ୍ଠିତ ହୋଇଥିବା ବେଳେ ଏହାର ୨୩ତମ ସଂସ୍କରଣ ଚଳିତ ବର୍ଷ ୨୦୨୬ରେ ସ୍କଟ୍‌ଲାଣ୍ଡ, ଇଂଲଣ୍ଡରେ ଅନୁଷ୍ଠିତ ହେବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସଂସ୍କରଣ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବା କଥା, ମାତ୍ର ଏହାକୁ ଆୟୋଜନ କରିବା ପାଇଁ ଅଷ୍ଟ୍ରେଲିଆ ସରକାର ଆର୍ଥିକ ସମସ୍ୟା କାରଣ ଦର୍ଶାଇ ଶେଷ ମୁହୂର୍ତ୍ତରେ ଓହରି ଯିବାପରେ ଗ୍ଲାସଗୋକୁ ଅଧିକାର ପ୍ରଦାନ କରାଯାଇଥିଲା। ଭାରତ ଏହାକୁ ଆୟୋଜନ କରିବା ପାଇଁ ଇଚ୍ଛା ପ୍ରକାଶ କରିଛି। ଫଳରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରତରେ ହେବାଲାଗି କ୍ଷେତ୍ର ପ୍ରସ୍ତୁତ ହୋଇଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ଏବଂ କେନ୍ଦ୍ର ସରକାର ଏବେଠାରୁ ବଜେଟର ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଗୁଜରାଟର ଅହମଦାବାଦ ସହରରେ ଏହି ପ୍ରତିଯୋଗିତା ହେବ। ଦ୍ୱିତୀୟ ଥର ପାଇଁ ଭାରତକୁ ଏହି ସୁଯୋଗ ମିଳିଛି। ରାଜ୍ୟାଗାଷ୍ଠୀ କ୍ରୀଡ଼ାର ଏକ ଶହ ତମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଭାରତକୁ ଏହି ସୁଯୋଗ ମିଳିବା ବେଶ୍ ଗୌରବର କଥା। ୨୦୨୨ ସଂସ୍କରଣରେ ଭାରତୀୟ ଆଥଲେଟମାନେ ୬୧ଟି ପଦକ ହାସଲ କରିଥିଲେ। ଏହା ମଧ୍ୟରେ ୨୨ ସ୍ୱର୍ଣ୍ଣ, ୧୬ ରୌପ୍ୟ ଏବଂ ୨୩ଟି ବ୍ରୋଞ୍ଜ ପଦକ ସାମିଲ। ଭାରତ ପଦକ ତାଲିକାର ୪ର୍ଥ ସ୍ଥାନରେ ରହିଥିଲା।

୨୦୧୦ରେ ଭାରତ ପ୍ରଥମଥରପାଇଁ ମଧ୍ୟ ଏହି ମେଗା ପ୍ରତିଯୋଗିତା ଆୟୋଜନ ସୁଯୋଗ ପାଇଥିଲା। ୨ୟ ଥର ପାଇଁ ଏହି ପ୍ରତିଯୋଗିତା ଏସିଆ ମହାଦେଶରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ୧୯୯୮ରେ ପଞ୍ଚଦଶତମ ସଂସ୍କରଣ ମାଲେସିଆର କୁଆଲାଲମ୍ପୁରଠାରେ ଅନୁଷ୍ଠିତ ହୋଇଥିଲା। ୨୦୧୦ରେ ଭାରତରେ ହୋଇଥିବା ଏହି ପ୍ରତିଯୋଗିତାରେ ବ୍ୟାପକ ଅବ୍ୟବସ୍ଥା ଓ ଆର୍ଥିକ ଅନିୟମିତତା ହୋଇଥିବାରୁ ଭାରତର ଛବି ବିଶ୍ୱଦରବାରରେ ନିନ୍ଦିତ ହୋଇଥିଲା। ଖେଳାଳିମାନଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ସୁଯୋଗ ମିଳି ନ ଥିବା ବେଳେ ଖାଦ୍ୟପେୟ, ସୁରକ୍ଷା ଏବଂ ନିର୍ମାଣ ହୋଇଥିବା କୋଠା ଗୁଡିକରେ ବର୍ଷା ପାଣି ଗଳିବା ପରି ଅନେକ ଅସୁବିଧା ଆମକୁ ଦୀର୍ଘଦିନ ପାଇଁ ପୁନର୍ବାର ଏହାକୁ ଆୟୋଜନ କରିବା ସୁଯୋଗରୁ ବଞ୍ଚିତ କରିଥିଲା। ଏହି ପ୍ରତିଯୋଗିତାରେ ଭାରତ ମୋଟ ୧୦୧ଟି ପଦକ ଜିତି ତାଲିକାର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏହା ମଧ୍ୟରେ ୩୮ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୬ଟି ବ୍ରୋଞ୍ଜ ପଦକ ସାମିଲଥିଲା। ରାଜ୍ୟଗୋଷ୍ଠୀ କ୍ରୀଡା ଇତିହାସରେ ଏହା ଏପର୍ଯ୍ୟନ୍ତ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଛି। ଅଷ୍ଟ୍ରେଲିଆ, କାନାଡା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ସ୍କଟଲାଣ୍ଡ ଏବଂ ୱେଲସ ଏପର୍ଯ୍ୟନ୍ତ ସମସ୍ତ ସଂସ୍କରଣରେ ଭାଗ ନେଇ ଆସିଛନ୍ତି।

ଖୁସିର କଥା ଭାରତରେ ଏହି ଶତକୀୟ ସଂସ୍କରଣ ଅନୁଷ୍ଠିତ ହେବ। ଏହି ଐତିହାସିକ ସଫଳତା ଆମ ଦେଶର କ୍ରୀଡାକ୍ଷେତ୍ରରେ ଏକ ମାଇଲଖୁଣ୍ଟ ରୂପେ ଆମର ଯୁବ କ୍ରୀଡାବିତମାନଙ୍କୁ ପ୍ରେରଣା ଦେବା ସହିତ ବେଶ ଉତ୍ସାହିତ କରିବ। ଏହାର ସଫଳ ଆୟୋଜନ ଉପରେ ସମଗ୍ର ବିଶ୍ୱବାସୀଙ୍କ ନଜର ରହିବ। ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ସଫଳତାର ସହ ଆୟୋଜନ କରିପାରିଲେ ଭାରତ ଦେଖିଥିବା ୨୦୩୬ ଅଲମ୍ପିକ୍ସ ଆୟୋଜନ ସ୍ୱପ୍ନ ସାକାର ହେବା ସମ୍ଭାବନା ବଢ଼ିବ। ରାଜ୍ୟଗୋଷ୍ଠୀ କ୍ରୀଡା ହେଉଛି ଏକ ବହୁ ଖେଳ ସମନ୍ୱିତ ଅନ୍ତର୍ଜାତୀୟ ପ୍ରତିଯୋଗିତା। କିନ୍ତୁ ଅଲିମ୍ପିକ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡା ମଧ୍ୟରେ ବେଶ ଫରକ ରହିଛି। ଅଲିମ୍ପିକ୍ସ କ୍ରୀଡାରେ ବିଶ୍ୱର ଯେକୌଣସି ଦେଶ ଭାଗ ନେଇ ପାରୁଥିବା ବେଳେ ରାଜ୍ୟଗୋଷ୍ଠୀ କ୍ରୀଡାରେ କେବଳ ବ୍ରିଟିଶ ସାମ୍ରାଜ୍ୟାଧିନ ଦେଶ ଗୁଡିକ ଭାଗ ନେଇଥାନ୍ତି। ଏହାକୁ ବ୍ରିଟିଶ ଏମ୍ପାୟାର ଗେମ୍ସ ମଧ୍ୟ କୁହାଯାଉଥିଲା। ବର୍ତ୍ତମାନ ରାଜ୍ୟଗୋଷ୍ଠୀ ସଙ୍ଗଠନରେ ଭାରତ ସମେତ ୭୪ଟି ଦେଶ ସଦସ୍ୟ ରହିଛନ୍ତି। ଏହି ସଙ୍ଗଠନରେ ଭାରତର ଯୋଗଦାନକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଅନେକ ସମାଲୋଚନା ମଧ୍ୟ କରାଯାଇଛି। ମାତ୍ର କ୍ରୀଡ଼ା ସର୍ବଦା ରାଜନୀତିଠାରୁ ଉର୍ଦ୍ଧ୍ୱରେ ରହୁଥିବା କଥା କହି ଭାରତ ଏହି ପ୍ରସଙ୍ଗକୁ ଅଣଦେଖା କରିଆସୁଛି। ୧୯୩୪ରେ ଇଂଲଣ୍ଡରେ ଅନୁଷ୍ଠିତ ଗେମ୍ସରେ ଭାରତର ମାତ୍ର ୬ ଜଣିଆ ଟିମ୍ ରେସଲିଂ ଏବଂ ଆଥଲେଟିକ୍ସ ପ୍ରତିଯୋଗିତାରେ ଭାଗନେଇଥିଲା। ଏହି ପ୍ରତିଯୋଗିତାରେ ଭାରତ ପାଇଁ ପ୍ରଥମ ବ୍ରୋଞ୍ଜ ପଦକ ରସିଦ ଅନୱର ହାସଲ କରିଥିଲେ। ପ୍ରାରମ୍ଭିକ ସଂସ୍କରଣରେ ଭାରତ ଯୋଗଦେଇ ନ ଥିଲା।

ଏବେ ଭାରତ ଅନେକ ମେଗା ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରିବା ପାଇଁ ସଙ୍କଳ୍ପବଦ୍ଧ। ଅର୍ଥନୀତି କ୍ଷେତ୍ରରେ ଆମେ ଆତ୍ମନିର୍ଭରଶୀଳ। ଆମ କ୍ରୀଡାବିତ୍‌ମାନେ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ କ୍ରୀଡାକୁ ପ୍ରୋତ୍ସାହନ ଦେବା ଏବଂ ଅନ୍ତର୍ଜାତୀୟ କ୍ରୀଡା ଆୟୋଜନ କରିବାକୁ ଆଗଭର। ଏବେ କ୍ରୀଡାକ୍ଷେତ୍ରରେ ଆମର ଅଗ୍ରଗତି ବେଶ୍ ଉଲ୍ଲେଖନୀୟ। ଏହା ବିଗତ ଅଲିମ୍ପିକ୍ସ ସଫଳତାରୁ ପ୍ରମାଣିତ ହେଉଛି। ଆମେ କ୍ରୀଡା, ଶାନ୍ତି, ମୈତ୍ରୀ ଏବଂ ଆତ୍ମନିର୍ଭର ହୋଇ ସମଗ୍ର ବିଶ୍ୱକୁ ଏକ ବାର୍ତ୍ତା ଦେବାକୁ ଚାହୁଁ। ଆମେ ଚାହୁଁ ଯେ ଆମ ଖେଳାଳିମାନେ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାଗୁଡିକରେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରନ୍ତୁ। ଏଥିରେ ସଫଳ ହେବା ସହିତ ଦେଶର ନାମକୁ ଗର୍ବିତ କରନ୍ତୁ। ଆମ ଦେଶରେ ପ୍ରତିଭାର ଅଭାବ ନାହିଁ। ସେମାନଙ୍କୁ ଉପଯୁକ୍ତ ସୁଯୋଗ ଦିଆଯିବା ଆବଶ୍ୟକ। ଫଳରେ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି ହୋଇପାରିବେ।

ଘରୋଇ ମାଟିରେ ହେଉଥିବା ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନପରେ ପୋଡିୟମ ଉପରେ ଠିଆହୋଇ ପଦକ ପାଇବାର ଆନନ୍ଦ କିଛି ଅଲଗା ଓ ନିଆରା ଅନୁଭୂତି ଆଣିଥାଏ। ଏଥି ସହିତ ଷ୍ଟାଡିୟମରେ ହଜାର ହଜାର ଦର୍ଶକଙ୍କ ଉପସ୍ଥିତିରେ ନିଜ ଦେଶର ଜାତୀୟ ପତାକା ସହ ଜାତୀୟ ସଙ୍ଗୀତର ଧ୍ୱନି ଏକ ଆବେଗଭରା ଏକ ହୃଦୟସ୍ପର୍ଶୀ ଅନୁଭବ ଆଣିଥାଏ। ତେବେ ଏପରି ମେଗା ପ୍ରତିଯୋଗିତା ଆୟୋଜନ କରିବାରେ ଆମର ଆତ୍ମବିଶ୍ୱାସ ରହିବା ଆବଶ୍ୟକ। କେବଳ ହକି ବିଶ୍ୱକପ୍, କ୍ରିକେଟ ବିଶ୍ୱକପ୍ ଆୟୋଜନ କରିଦେଲେ ହେବ ନାହିଁ। ଅନ୍ୟକ୍ରୀଡାକୁ ପ୍ରୋତ୍ସାହିତ କରିବା ସହିତ ବିଶ୍ୱସ୍ତରୀୟ ଆଥ୍‌ଲେଟିକ୍ସ ମିଟ୍ ଏବଂ ଅଲିମ୍ପିକ୍ସ ପରି ମେଗା ଇଭେଣ୍ଟ ଆୟୋଜନ କରି କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କୁ ଉଚିତ ନ୍ୟାୟ ଦେବା ଆମ ସରକାରଙ୍କ ଦାୟିତ୍ୱବୋଧ ହେବା ଆବଶ୍ୟକ।







# ମହିଳା ଟି୨୦ ବିଶ୍ୱକପ୍ ପ୍ରସ୍ତୁତି




ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଜୁନ ୧୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡରେ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ଏହି ମେଗା ଇଭେଣ୍ଟଲାଗି କାର୍ଯ୍ୟସୂଚୀ ଘୋଷଣା ହେବାପରେ ଅଂଶଗ୍ରହଣକାରୀ ଦଳଗୁଡ଼ିକର ପ୍ରସ୍ତୁତି ଜୋରଦାର ହୋଇଛି। ୨୦୨୫ ଦିନିକିଆ ମହିଳା କ୍ରିକେଟ ବିଶ୍ୱକପ ଚାମ୍ପିୟନ ଭାରତ ଟି୨୦ ଫର୍ମାଟ୍‌ରେ କେବେହେଲେ ଟାଇଟଲ ହାସଲ କରି ପାରିନାହିଁ। ୨୦୨୦ରେ ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ ହେଁ ଅଷ୍ଟ୍ରେଲିଆଠାରୁ ହାରି ରନରଅପ୍ ହୋଇଥିଲା। ଦିନିକିଆ ବିଶ୍ୱକପ ବିଜୟ ପରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳର ମନୋବଳ ଏବେ ବହୁ ଉପରେ ରହିଛି। ତାରକା ଓପନିଂ ବ୍ୟାଟର ସ୍ମୃତି ମନ୍ଧାନା ଓ ନିର୍ଭରଯୋଗ୍ୟ ଜେମିମା ରୋଡ୍ରିଗ୍ସ ଚମତ୍କାର ଫର୍ମରେ ଅଛନ୍ତି। ତେଣୁ ଆଗାମୀ ଟୁର୍ନାମେଣ୍ଟରେ ଭାରତ ସେହି ସଫଳତାକୁ ଦୋହରାଇବା ନେଇ ଆଶା ରଖିଛନ୍ତି କ୍ରିକେଟପ୍ରେମୀ। ଜୁନ ୧୪ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ମ୍ୟାଚଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହା ପରେ ୧୭ରେ ନେଦରଲାଣ୍ଡ୍ସ, ୨୧ରେ ଦକ୍ଷିଣ ଆଫ୍ରିକା, ୨୫ରେ ବାଂଲାଦେଶ ଓ ୨୮ରେ ଅଷ୍ଟ୍ରେଲିଆ ସହିତ ଖେଳି ଲିଗ୍ ପର୍ଯ୍ୟାୟ ଶେଷ କରିବ। ନେପାଳରେ ଅନୁଷ୍ଠିତ କ୍ୱାଲିଫାଇଂ ଟୁର୍ନାମେଣ୍ଟ ମାଧ୍ୟମରେ ବାଂଲାଦେଶ, ଆୟର୍ଲାଣ୍ଡ, ସ୍କଟ୍‌ଲାଣ୍ଡ ଓ ନେଦରଲାଣ୍ଡ୍ସ ଯୋଗ୍ୟତା ହାସଲ କରିଛନ୍ତି। ୬ ଥର ଚାମ୍ପିୟନ ଅଷ୍ଟ୍ରେଲିଆ ସର୍ବାଧିକ ସଫଳ ଦଳର ମାନ୍ୟତା ବହନ କରୁଛି।

## କାର୍ଯ୍ୟସୂଚୀ

ଗ୍ରୁପ୍-ଏ: ଅଷ୍ଟ୍ରେଲିଆ, ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ନେଦରଲାଣ୍ଡ୍ସ।

ଗ୍ରୁପ୍-ବି: ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା, ଆୟର୍ଲାଣ୍ଡ,ସ୍କଟ୍‌ଲାଣ୍ଡ।

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ଜୁନ ୧୨ | ଇଂଲଣ୍ଡ-ଶ୍ରୀଲଙ୍କା | ଏଜବାଷ୍ଟନ | ସନ୍ଧ୍ୟା ୬.୩୦ |
| ଜୁନ ୧୩ | ସ୍କଟଲାଣ୍ଡ-ଆୟର୍ଲାଣ୍ଡ | ଓଲ୍ଡ ଟ୍ରାଫୋର୍ଡ | ସକାଳ ୧୦.୩୦ |
| ଜୁନ ୧୩ | ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା | ଓଲ୍ଡ ଟ୍ରାଫୋର୍ଡ | ଅପରାହ୍ନ ୨.୩୦ |
| ଜୁନ ୧୩ | ୱେଷ୍ଟଇଣ୍ଡିଜ୍-ନ୍ୟୁଜିଲାଣ୍ଡ | ହାମ୍ପଶାୟାର | ସନ୍ଧ୍ୟା ୬.୩୦ |
| ଜୁନ ୧୪ | ବାଂଲାଦେଶ-ନେଦରଲାଣ୍ଡ୍ସ | ଏଜବାଷ୍ଟନ | ସକାଳ ୧୦.୩୦ |
| **ଜୁନ ୧୪** | **ଭାରତ-ପାକିସ୍ତାନ** | **ଏଜବାଷ୍ଟନ** | **ଅପରାହ୍ନ ୨.୩୦** |
| ଜୁନ ୧୬ | ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା | ହାମ୍ପଶାୟାର | ଅପରାହ୍ନ ୨.୩୦ |
| ଜୁନ ୧୬ | ଇଂଲଣ୍ଡ-ଆୟର୍ଲାଣ୍ଡ | ହାମ୍ପଶାୟାର | ସନ୍ଧ୍ୟା ୬.୩୦ |
| ଜୁନ ୧୭ | ଅଷ୍ଟ୍ରେଲିଆ-ବାଂଲାଦେଶ | ହେଡିଂଲେ | ସକାଳ ୧୦.୩୦ |
| **ଜୁନ ୧୭** | **ଭାରତ-ନେଦରଲାଣ୍ଡ୍ସ** | **ହେଡିଂଲେ** | **ଅପରାହ୍ନ ୨.୩୦** |
| ଜୁନ ୧୭ | ଦକ୍ଷିଣ ଆଫ୍ରିକା-ପାକିସ୍ତାନ | ହେଡିଂଲେ | ସନ୍ଧ୍ୟା ୬.୩୦ |
| ଜୁନ ୧୮ | ୱେଷ୍ଟଇଣ୍ଡିଜ୍-ସ୍କଟଲାଣ୍ଡ | ହେଡିଂଲେ | ସନ୍ଧ୍ୟା ୬.୩୦ |
| ଜୁନ ୧୯ | ନ୍ୟୁଜିଲାଣ୍ଡ-ଆୟର୍ଲାଣ୍ଡ | ହାମ୍ପଶାୟାର | ସନ୍ଧ୍ୟା ୬.୩୦ |
| ଜୁନ ୨୦ | ଅଷ୍ଟ୍ରେଲିଆ-ନେଦରଲାଣ୍ଡ୍ସ | ହାମ୍ପଶାୟାର | ସକାଳ ୧୦.୩୦ |
| ଜୁନ ୨୦ | ପାକିସ୍ତାନ-ବାଂଲାଦେଶ | ହାମ୍ପଶାୟାର | ଅପରାହ୍ନ ୨.୩୦ |
| ଜୁନ ୨୦ | ଇଂଲଣ୍ଡ-ସ୍କଟ୍‌ଲାଣ୍ଡ | ହେଡିଂଲେ | ସନ୍ଧ୍ୟା ୬.୩୦ |
| ଜୁନ ୨୧ | ୱେଷ୍ଟଇଣ୍ଡିଜ-ଶ୍ରୀଲଙ୍କା | ବ୍ରିଷ୍ଟଲ | ସକାଳ ୧୦.୩୦ |
| **ଜୁନ ୨୧** | **ଭାରତ-ଦକ୍ଷିଣ ଆଫ୍ରିକା** | **ଓଲ୍ଡ ଟ୍ରାଫୋର୍ଡ** | **ଅପରାହ୍ନ ୨.୩୦** |
| ଜୁନ ୨୩ | ନ୍ୟୁଜିଲାଣ୍ଡ-ସ୍କଟ୍‌ଲାଣ୍ଡ | ବ୍ରିଷ୍ଟଲ | ସକାଳ ୧୦.୩୦ |
| ଜୁନ ୨୩ | ଅଷ୍ଟ୍ରେଲିଆ-ପାକିସ୍ତାନ | ହେଡିଂଲେ | ସନ୍ଧ୍ୟା ୬.୩୦ |
| ଜୁନ ୨୪ | ଇଂଲଣ୍ଡ-ୱେଷ୍ଟଇଣ୍ଡିଜ | ଲର୍ଡ୍ସ | ସନ୍ଧ୍ୟା ୬.୩୦ |
| **ଜୁନ ୨୫** | **ଭାରତ-ବାଂଲାଦେଶ** | **ଓଲ୍ଡ ଟ୍ରାଫୋର୍ଡ** | **ଅପରାହ୍ନ ୨.୩୦** |
| ଜୁନ ୨୫ | ଦକ୍ଷିଣ ଆଫ୍ରିକା-ନେଦରଲାଣ୍ଡ୍ସ | ବ୍ରିଷ୍ଟଲ | ସନ୍ଧ୍ୟା ୬.୩୦ |
| ଜୁନ ୨୬ | ଶ୍ରୀଲଙ୍କା-ସ୍କଟ୍‌ଲାଣ୍ଡ | ଓଲ୍ଡ ଟ୍ରାଫୋର୍ଡ | ସନ୍ଧ୍ୟା ୬.୩୦ |
| ଜୁନ ୨୭ | ପାକିସ୍ତାନ-ନେଦରଲାଣ୍ଡ୍ସ | ବ୍ରିଷ୍ଟଲ | ସକାଳ ୧୦.୩୦ |
| ଜୁନ ୨୭ | ୱେଷ୍ଟଇଣ୍ଡିଜ-ଆୟର୍ଲାଣ୍ଡ | ବ୍ରିଷ୍ଟଲ | ଅପରାହ୍ନ ୨.୩୦ |
| ଜୁନ ୨୭ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | ଦି ଓଭାଲ | ସନ୍ଧ୍ୟା ୬.୩୦ |
| ଜୁନ ୨୮ | ଦକ୍ଷିଣ ଆଫ୍ରିକା-ବାଂଲାଦେଶ | ଲର୍ଡ୍ସ | ସକାଳ ୧୦.୩୦ |
| **ଜୁନ ୨୮** | **ଭାରତ-ଅଷ୍ଟ୍ରେଲିଆ** | **ଲର୍ଡ୍ସ** | **ଅପରାହ୍ନ ୨.୩୦** |
| ଜୁନ ୩୦ | ପ୍ରଥମ ସେମିଫାଇନାଲ | ଓଭାଲ | ଅପରାହ୍ନ ୨.୩୦ |
| ଜୁଲାଇ ୨ | ଦ୍ୱିତୀୟ ସେମିଫାଇନାଲ | ଓଭାଲ | ସନ୍ଧ୍ୟା ୬.୩୦ |
| ଜୁଲାଇ ୫ | ଫାଇନାଲ | ଲର୍ଡ୍ସ | ଅପରାହ୍ନ ୨.୩୦ |

# ଭାରତୀୟ ମହିଳା ହକିର ବିୟୁଟି




ବିୟୁଟି ଡୁଙ୍ଗଡୁଙ୍ଗ

ବିୟୁଟି ଡୁଙ୍ଗଡୁଙ୍ଗ ଭାରତୀୟ ମହିଳା ହକିରେ ଏକ ପରିଚିତ ନାମ। ତାଙ୍କ ନାମ ଯେମିତି ପଡ଼ିଆରେ ଖେଳ ହେଉ କିମ୍ବା ବ୍ୟକ୍ତିଗତ ଜୀବନର କାମ, ସବୁକିଛି ସେମିତି ସୁନ୍ଦର। ବାପାଙ୍କୁ ହରାଇବା, ଆହତ ସମସ୍ୟା ସହିତ ଯୁଝିବା ଆଦି ତାଙ୍କୁ ମାନସିକ ସ୍ତରରେ ଆଘାତ ପହଞ୍ଚାଇଥିଲେ ମଧ୍ୟ ପଥରୋଧ କରି ପାରିନାହିଁ। ମାତ୍ର ୨୨ ବର୍ଷର ହୋଇଥିଲେ ହେଁ ତାଙ୍କ ଉପରେ ଏବେ ପରିବାରର ଗୁରୁଦାୟିତ୍ୱ। ୨୦୨୩ରେ ଆଣ୍ଠୁରେ ଗୁରୁତର ଆଘାତ ପାଇଥିଲେ ବିୟୁଟି। ସେ ଆଉ କେବେ ଭାରତୀୟ ଦଳକୁ ଫେରି ପାରିବେ ବୋଲି ବିଶ୍ୱାସ ରଖି ନ ଥିଲେ। ତେବେ ବାପାଙ୍କୁ ହରାଇବା ଜନିତ ହୃଦୟ ବିଦାରକ ଘଟଣା ତୁଳନାରେ ତାଙ୍କ ଶାରୀରିକ ଯନ୍ତ୍ରଣା ତୁଚ୍ଛ ହୋଇଥିଲା। ପାଖାପାଖି ୨ ବର୍ଷ ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଏବେ ବେଙ୍ଗାଲୁରୁରେ ଚାଲିଥିବା ଭାରତୀୟ କ୍ୟାମ୍ପରେ ଯୋଗ ଦେଇଛନ୍ତି ଏହି ପ୍ରତିଭାବାନ ହକି ତାରକା। ପୂର୍ବରୁ ୨୦୨୪ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ଓ ୨୦୨୫ ଏସିଆ କପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ରହିଥିଲେ।

"ମୁଁ ଆହତ ସମସ୍ୟାରେ ଥିବାବେଳେ ବାପାଙ୍କ ପରିଲୋକ ଘଟିଲା। ତେଣୁ ରିହାବରେ ମାତ୍ର ୪ ମାସ ରହିବା ପରେ ବାଧହୋଇ ଘରକୁ ଫେରିଥିଲି। ଏକାବେଳେକେ ଅନେକ କିଛି ଘଟିଗଲା। ତେଣୁ ପୁଣିଥରେ କ୍ୟାମ୍ପକୁ ଫେରି ପାରିବା ନେଇ ସନ୍ଦେହରେ ଥିଲି" ବୋଲି ପ୍ରକାଶ କରିଛନ୍ତି ବିୟୁଟି। ବିୟୁଟିଙ୍କ ପାଇଁ ତାଙ୍କ ବାପାଥିଲେ ସବୁଠାରୁ ବଡ଼ ସମର୍ଥକ।

ଝାଡ଼ଖଣ୍ଡର ଏକ ଛୋଟ ଗାଁ ସିମ୍‌ଡେଗାସ୍ଥିତ କରଙ୍ଗଗୁରିରେ ପିଲାଦିନ କାଟିଥିବା ଏହି ହକି ପ୍ରତିଭାଙ୍କ ପାଇଁ ଆର୍ଥିକ ଅସୁବିଧା ସବୁବେଳେ ଲାଗିରହିଥିଲା। ଝିଅର ଖେଳପ୍ରତି ଆଗ୍ରହକୁ ଠିକ୍‌ଭାବେ ପଢ଼ି ପାରିଥିଲେ ବାପା ଆମ୍ବ୍ରୋସ। ୫ ବର୍ଷର ହୋଇଥିବାବେଳେ ଝିଅକୁ ବାଉଁଶରେ ଏକ ହକି ବାଡ଼ି ତିଆରି କରି ଖେଳିବାକୁ ଦେଇଥିଲେ। କାରଣ ହକି ଷ୍ଟିକ୍ କିଣିବାକୁ ତାଙ୍କ ନିକଟରେ ସମ୍ବଳ ନ ଥିଲା। ପରେ ଝିଅର ଖେଳ ସ୍ୱପ୍ନକୁ ସାକାର କରିବା ପାଇଁ ସେ ବାହାର ରାଜ୍ୟକୁ ଯାଇ ଦିନ ମଜୁରିଆ ଭାବେ କାର୍ଯ୍ୟ କରିଥିଲେ। ବାପାଙ୍କ ପରଲୋକ ପରେ ଏବେ ବିୟୁଟି ହିଁ ହେଉଛନ୍ତି ତାଙ୍କ ପରିବାରର ମୁଖ୍ୟ ସ୍ତମ୍ଭ। ଇଣ୍ଡିଆନ ଅଏଲରେ ଚାକିରି କରିଥିବାରୁ ସେ ପରିବାରର ଯତ୍ନ ନେଇ ପାରୁଛନ୍ତି ଏବଂ ଭାଇ ମାନଙ୍କ ପରିବାରକୁ ମଧ୍ୟ ସାହାଯ୍ୟ କରୁଛନ୍ତି। ସେମାନଙ୍କ ଛୋଟ ପିଲାଙ୍କ ପାଠପଢ଼ା ପାଇଁ ମଧ୍ୟ ସହଯୋଗ କରୁଛନ୍ତି। ବିୟୁଟିଙ୍କର ୩ ଭାଇ ଜୁଏଲ, ଶକ୍ତି ଓ ସଚିନ। ଏମାନେ ସମସ୍ତେ ହକି ଖେଳାଳି। ସବୁଠାରୁ ବଡ଼ କଥା ହେଲା ତାଙ୍କ ମା' ନିଳିମା ଆଂଶିକ ପକ୍ଷାଘାତରେ ପୀଡ଼ିତ ଏବଂ ସ୍ମୃତି ଶକ୍ତି ହରାଇଛନ୍ତି। ତେଣୁ ସେ ତାଙ୍କ ଯତ୍ନ ମଧ୍ୟ ନେଉଛନ୍ତି। "ମା ଆଶିଂକ ପକ୍ଷାଘାତରେ ପୀଡ଼ିତ ହେବା ସହ ଅନେକ କଥା ଭୁଲି ଯାଉଛନ୍ତି। ଗୋଟିଏ କଥା ମନେ ପକାଇବା ପାଇଁ ବାରମ୍ବାର ବୁଝାଇବାକୁ ପଡୁଛି। ମୁଁ ତାଙ୍କ ପାଖରେ ସବୁବେଳେ ରୁହେ ବୋଲି ସେ ଚାହାନ୍ତି। ତେଣୁ ମୁଁ ଯେତେବେଳେ ମଧ୍ୟ ବାହାରେ ଥାଏ ସବୁବେଳେ ତାଙ୍କ ପାଖରେ ମନ ରହିଥାଏ। ତେଣୁ ଘରର ଭାବପ୍ରବଣ ଦୁଃଖ ଏବଂ ଅନ୍ତର୍ଜାତୀୟ ହକିର ଚାପ ସହିତ ସନ୍ତୁଳନ ରକ୍ଷା କରିବା ସହଜ ନୁହେଁ। ତେବେ ଖେଳ ଉପରେ ଫୋକସ କରି ପରିବାରର ଆର୍ଥିକ ବୋଝ ହାଲୁକା କରିବା ତାଙ୍କର ଲକ୍ଷ୍ୟ" ବୋଲି ବିୟୁଟି କହିଛନ୍ତି। ଧୀରେଧୀରେ ବିୟୁଟି ହକିରେ ନିଜ ରିଦିମ ଫେରି ପାଇଛନ୍ତି। ଜାତୀୟ କ୍ୟାମ୍ପରେ କଠିନ ପରିଶ୍ରମ କରୁଛନ୍ତି। ଆଗକୁ ୨୦୨୬ ବିଶ୍ୱକପ କ୍ୱାଲିଫାୟର୍ସ ରହିଛି। ନିଜ ଦକ୍ଷତା ବଳରେ ଭାରତକୁ ଆଗକୁ ନେବାକୁ ସେ ପ୍ରତିଶ୍ରୁତିବଦ୍ଧ ଥିବା କହିଛନ୍ତି।



ଅଭ୍ୟାସ ଅବସରରେ ସାଥୀ ଖେଳାଳିଙ୍କ ସହ ବିୟୁଟି (ବାମ)।

# ଧାୱନଙ୍କୁ ଆଶ୍ୱସ୍ତି



ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ଶିଖର ଧାୱନ ତାଙ୍କ ପୂର୍ବତନ ସ୍ତ୍ରୀ ଆୟେଶା ମୁଖାର୍ଜୀଙ୍କ ବିରୋଧରେ କରିଥିବା ମକଦ୍ଦମାରେ ବୁଧବାର ତାଙ୍କୁ ଆଶ୍ୱସ୍ତି ମିଳିଛି। ପଟିଆଲା ହାଉସ୍ କୋର୍ଟଙ୍କ ଫ୍ୟାମିଲି କୋର୍ଟ ଧାୱନଙ୍କ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ବିଦେଶୀ ଅଦାଲତଙ୍କ ଆଦେଶର କାର୍ଯ୍ୟକାରିତା ଉପରେ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିବା ସହ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈବାହିକ ବିବାଦରେ ଅଷ୍ଟ୍ରେଲିଆନ ଫ୍ୟାମିଲି କୋର୍ଟ ଦେଇଥିବା ଆଦେଶ ଭାରତରେ ଧାୱନଙ୍କ ଲାଗି ବାଧ୍ୟତାମୂଳକ ନୁହେଁ। ସମ୍ପତ୍ତି ସମାଧାନ ସମ୍ପର୍କିତ ବିବାଦରେ ବିଦେଶୀ ଅଦାଲତଙ୍କ ରାୟକୁ ଖାରଜ କରିବା ସହ ଦେଶ ଭିତରେ ତାଙ୍କ ବିରୋଧରେ ସେଗୁଡ଼ିକୁ ଲାଗୁ କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଏଥିସହିତ ଧାୱନ ସ୍ୱାକ୍ଷର କରିଥିବା ଆର୍ଥିକ ଚୁକ୍ତିନାମା ଓ ଏଥି ସମ୍ପର୍କିତ ତଥ୍ୟକୁ ବିଚାରପତି ଅବୈଧ ବୋଲି ଘୋଷଣା କରିଛନ୍ତି। କୋର୍ଟ ଅଭିଯୁକ୍ତଙ୍କୁ ଅଷ୍ଟ୍ରେଲିଆରେ ଥିବା ସମ୍ପତ୍ତିର ବିକ୍ରି ବାବଦକୁ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବେରିୱିକ ସମ୍ପତ୍ତିରୁ ମଧ୍ୟବର୍ତ୍ତିକାଳୀନ ସମ୍ପତ୍ତି ସମାଧାନ ବାବଦକୁ ମିଳିଥିବା ପ୍ରାୟ ୫.୭ କୋଟି ସହ କ୍ଲାଇଡ୍ ନର୍ଥରେ ଥିବା ୮୨ ହଜାର ଅଷ୍ଟ୍ରେଲିଆନ୍ ଡଲାରର ଅନ୍ୟ ଏକ ସମ୍ପତ୍ତି ସାମିଲ ରହିଛି। ଏଥିସହିତ ମକଦ୍ଦମା ଦାଏର ହେବା ଦିନଠାରୁ ସମ୍ପୂର୍ଣ୍ଣ ଟଙ୍କା ମିଳିବା ପର୍ଯ୍ୟନ୍ତ ସୁଧ ହାର ୯ପ୍ରତିଶତ ରହିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏପ୍ରିଲରୁ ଇ୨୦ ପେଟ୍ରୋଲ ବିକ୍ରି ଅନିବାର୍ଯ୍ୟ

ଭୁବନେଶ୍ୱର,୨୫।୨(ଅନୁରାଧା ମହାରଣା)

ଏପ୍ରିଲ ପହିଲାରୁ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କେବଳ ଇ୨୦ ପେଟ୍ରୋଲ (୨୦% ଇଥାନଲ ମିଶ୍ରିତ) ବିକ୍ରିହେବ। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଅଧିସୂଚନା ଅନୁଯାୟୀ ତେଲ ବିପଣନ କମ୍ପାନୀଗୁଡ଼ିକ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ୍ସ (ବ୍ରାଇଏସ୍) ମାନକ ଅନୁସାରେ ସର୍ବାଧିକ ୨୦% ଇଥାନଲ ମିଶ୍ରିତ ପେଟ୍ରୋଲ ବିକ୍ରି କରିବେ ଏବଂ ଏହାର ନ୍ୟୂନତମ ରିସର୍ଚ୍ଚ ଅକ୍ଟେନ ନମ୍ବର (ଆର୍‌ଓଏନ୍) ୯୫ ରହିବ। ଏହି ନିୟମ କେବଳ ଇଥାନଲ ମିଶ୍ରଣ ନୁହେଁ, ବରଂ ପ୍ରଥମ ଥର ପାଇଁ ପେଟ୍ରୋଲର ଗୁଣବତ୍ତା ପାଇଁ ଏହି କଡ଼ା ମାନକ ନିର୍ଦ୍ଧାରଣ କରାଯାଇଛି। ଆର୍‌ଓଏନ୍ ୯୫ ଇନ୍ଧନର ନକିଂ ପ୍ରତିରୋଧ କ୍ଷମତାକୁ ମାପେ, ଯାହା ଇଞ୍ଜିନ ଭିତରେ ଅସମାନ ଦହନ କମ୍‌କରି ଇଞ୍ଜିନ କ୍ଷମତା ହ୍ରାସ ଓ ଦୀର୍ଘକାଳୀନ କ୍ଷମତାକୁ ପ୍ରତିରୋଧ କରିଥାଏ। ଏହି ଉଚ୍ଚ ଅକ୍ଟେନ ମାନକ ଆଧୁନିକ ଓ ଉଚ୍ଚ-ପରଫର୍ମାନ୍ସ ଇଞ୍ଜିନ ପାଇଁ ଅଧିକ ସୁରକ୍ଷିତ ଓ ଉତ୍ତମ ପ୍ରଦର୍ଶନ ପ୍ରଦାନ କରିବ। ଇଥାନଲ ଏକ ନବୀକରଣୀୟ ଇନ୍ଧନ ଯାହା ଆଖୁ, ମକା ଆଦିରୁ ଉତ୍ପାଦନ ହୁଏ ଏବଂ ଦେଶୀୟ ଉତ୍ପାଦନ ହେତୁ କଞ୍ଚାତେଲ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ। ଏହା ଶୁଦ୍ଧ ପେଟ୍ରୋଲ ଅପେକ୍ଷା ଅଧିକ ସ୍ୱଚ୍ଛ ଜଳେ, ଯାନବାହନରୁ କାର୍ବନ ନିର୍ଗମନ କମାଇବ ଏବଂ ଆଖୁ ଓ ମକା ଚାଷୀଙ୍କୁ ଅଧିକ ଆୟ ପ୍ରଦାନ କରିବ। ୨୦୨୩-୨୫ ପରେ ନିର୍ମିତ ଅଧିକାଂଶ ଆଧୁନିକ ଯାନ ଇ୨୦ ପାଇଁ ପ୍ରସ୍ତୁତ ହୋଇଥିବାରୁ ସେମାନଙ୍କରେ କୌଣସି ସମସ୍ୟା ହେବ ନାହିଁ। ତେବେ ୨୦୨୩ରୁ ପୂର୍ବର କିଛି ପୁରୁଣା ଯାନର ରବର ଓ ପ୍ଲାଷ୍ଟିକ ଭାଗରେ ସାମାନ୍ୟ ପ୍ରଭାବ ପଡ଼ିପାରେ, ତଥାପି ୨୦% ମିଶ୍ରଣ ଅଧିକାଂଶ ଇଞ୍ଜିନ ପାଇଁ ସୁରକ୍ଷିତ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଭାରତ ତେଲର ୮୫%ରୁ ଅଧିକ ଆମଦାନୀ କରୁଥିବାରୁ ଇ୨୦ ମିଶନ ସଫଳ ହେଲେ ବିଦେଶୀ ମୁଦ୍ରା ବହୁଳ ସଞ୍ଚୟ ହେବ ଏବଂ ଇଥାନଲ ଡିଷ୍ଟିଲେରି ଓ ଏଗ୍ରୋ-ପ୍ରକ୍ରିୟାକରଣ ୟୁନିଟ୍ରେ ଲକ୍ଷାଧିକ ନିଯୁକ୍ତି ସୃଷ୍ଟି ହେବ। ବିଶେଷ ପରିସ୍ଥିତିରେ ସରକାର କିଛି ଅଞ୍ଚଳ ଓ ସମୟ ପାଇଁ ନିୟମ କୋହଳ କରିପାରନ୍ତି।

## ମନେ ପଡ଼ନ୍ତି

॥ ଓଁ ଗଙ୍ଗା ॥



ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ ରଜତ ଚନ୍ଦ୍ର ଗଜେନ୍ଦ୍ର ଦେଓ
ପାଲୁରଗଡ଼, ଗଞ୍ଜାମ
ଆବିର୍ଭାବ : ୨୬/୦୯/୧୯୬୭
ତିରୋଧାନ : ୧୬/୦୨/୨୦୨୬

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ବନ୍ଧୁବାନ୍ଧବ ।

ଧ-୩୪୯୨

# ପାରାଦୀପରେ ହେବ ୭୯୭ କୋଟିର ଗ୍ରୀନ୍ ହାଇଡ୍ରୋଜେନ୍ ଜେଟି ପ୍ରକଳ୍ପ

- କେନ୍ଦ୍ରର ଅନୁମୋଦନ
- ୨୪ ମାସରେ ସରିବ କାର୍ଯ୍ୟ

ଭୁବନେଶ୍ୱର/ପାରାଦୀପ, ୨୬।୨
(ଅନୁରାଧା ମହାରଣା/ଶରତ ରାଉତ)



ପାରାଦୀପ ବନ୍ଦରରେ ଗ୍ରୀନ୍ ହାଇଡ୍ରୋଜେନ, ଆମୋନିଆ ଓ ଅନ୍ୟାନ୍ୟ ତରଳ କାର୍ଗୋ ପରିବହନ ପାଇଁ ଏକ ଜେଟି ଓ ଆନୁଷଙ୍ଗିକ ସୁବିଧା ବିକାଶ ପାଇଁ କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରଣାଳୟ ଅନୁମୋଦନ କରିଛନ୍ତି। ପ୍ରକଳ୍ପର ଆନୁମାନିକ ମୂଲ୍ୟ ୭୯୭.୧୭ କୋଟି ଟଙ୍କା ରହିଛି। ଏହି ପ୍ରକଳ୍ପକୁ ପାରାଦୀପ ବନ୍ଦର ପ୍ରାଧିକରଣ ବିଲ୍ଡ-ଅପରେଟ-ଟ୍ରାନ୍ସଫର୍ (ବିଓଟି) ଆଧାରରେ କାର୍ଯ୍ୟକାରୀ କରିବ। ଏହି ସୁବିଧାର ବାର୍ଷିକ ହ୍ୟାଣ୍ଡଲିଂ ସାମର୍ଥ୍ୟ ୪.୦ ମିଲିୟନ ଟନ (୪ ଏମ୍‌ଟିପିଏ) ହେବ। ଏହା ପାରାଦୀପ ବନ୍ଦରକୁ ଗ୍ରୀନ୍ ଏନର୍ଜି କାର୍ଗୋର ଏକ ପ୍ରମୁଖ କେନ୍ଦ୍ର ଭାବେ ସ୍ଥାପନ କରିବ। ପ୍ରକଳ୍ପରେ ନିବେଦିତ ଜେଟି, ଷ୍ଟୋରେଜ ସିଷ୍ଟମ, ପାଇପଲାଇନ, ହ୍ୟାଣ୍ଡଲିଂ ଇକ୍ୱିପମେଣ୍ଟ ଓ ଅନ୍ୟାନ୍ୟ ସମ୍ପୂର୍ଣ୍ଣ ସୁବିଧା ଅନ୍ତର୍ଭୁକ୍ତ ହେବ। କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଆମ ବନ୍ଦରଗୁଡ଼ିକ ଗ୍ରୀନ୍ ଗ୍ରୋଥ୍, ନବପ୍ରବର୍ତ୍ତନ ଓ ଦୃଢ଼ତର ଲଜିଷ୍ଟିକ୍ସର ଦ୍ୱାର ଭାବେ ପରିଣତ ହେଉଛି। ପ୍ରକଳ୍ପ ନିର୍ମାଣ ପର୍ଯ୍ୟାୟରେ ପାରାଦୀପ ବନ୍ଦର ପ୍ରାଧିକରଣ ୨୦% ଅର୍ଥାତ୍ ୧୫୯.୪୩ କୋଟି ଟଙ୍କା ପୁଞ୍ଜି ସହାୟତା ପ୍ରଦାନ କରିବ। ଏହି ପ୍ରକଳ୍ପ ୨୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବା ଆଶା କରାଯାଉଛି। ମନ୍ତ୍ରୀ ସୋନୱାଲ ଆହୁରି କହିଛନ୍ତି , ଏହି ଗ୍ରୀନ୍ ହାଇଡ୍ରୋଜେନ୍ ଜେଟି ରପ୍ତାନି ଲଜିଷ୍ଟିକ୍ସକୁ ସୁଦୃଢ଼ କରିବ ଏବଂ ଓଡ଼ିଶାରେ ଗ୍ରୀନ୍ ହାଇଡ୍ରୋଜେନ ଉତ୍ପାଦନ କ୍ଲଷ୍ଟରଗୁଡ଼ିକୁ ବିଶ୍ୱ ବଜାର ସହ ସଂଯୋଜନ କରିବ। ଏହି ପ୍ରକଳ୍ପ କେବଳ କାର୍ଗୋ ସାମର୍ଥ୍ୟ ବୃଦ୍ଧି କରିବ ନାହିଁ, ବରଂ ନିବେଶ ଆକର୍ଷଣ, ନିଯୁକ୍ତି ସୃଷ୍ଟି ଓ ପୂର୍ବ ଭାରତରେ ଏକ ଦୃଢ଼ ଗ୍ରୀନ୍ ଏନର୍ଜି ଇକୋସିଷ୍ଟମ ଗଠନରେ ସହାୟକ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଗ୍ରୀନ୍ ହାଇଡ୍ରୋଜେନ କ୍ଷେତ୍ରର ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ସୁବିଧାରେ ଅନ୍ୟାନ୍ୟ ତରଳ କାର୍ଗୋ ହ୍ୟାଣ୍ଡଲିଂର ବ୍ୟବସ୍ଥା ରହିବ, ଯାହା ବନ୍ଦରର କାର୍ଗୋ ବିବିଧତାକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

# ୯୦ ଉପଭୋକ୍ତାଙ୍କୁ ପୁରସ୍କୃତକଲା ଟିପିସିଓଡିଏଲ୍

ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରରେ 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍'ର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଭୁବନେଶ୍ୱର ସର୍କଲ-୧ ର ୯୦ ଜଣ ଉପଭୋକ୍ତାଙ୍କୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରର ବିସିଡିଡି ୧ , ବିସିଡିଡି ୨ ଏବଂ ବିଇଡି ଡିଭିଜନରୁ ଚୟନ ହୋଇଥିବା ଏହି ବିଜେତାମାନଙ୍କୁ ଏକ ଲକି ଡ୍ର' ମାଧ୍ୟମରେ ବଛାଯାଇଥିଲା। ପୁରସ୍କାର ସ୍ୱରୂପ ସେମାନଙ୍କୁ ମୋବାଇଲ ଫୋନ୍ ସମେତ ଅନ୍ୟାନ୍ୟ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଛି। ଉପଭୋକ୍ତାମାନଙ୍କୁ ଡିଜିଟାଲ୍ ମାଧ୍ୟମରେ ଠିକ୍ ସମୟରେ ନିୟମିତ ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ଉତ୍ସାହିତ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂ କହିଛନ୍ତି, 'ବିଲ୍ ପେ ଆଣ୍ଡ ୱିନ୍' ସ୍କିମ୍ ମାଧ୍ୟମରେ ଆମେ ଉପଭୋକ୍ତାମାନଙ୍କ ସହ ସମ୍ପର୍କ ସୁଦୃଢ଼ କରିବା ସହିତ ସେମାନଙ୍କୁ ଠିକ୍ ସମୟରେ ଡିଜିଟାଲ ପେମେଣ୍ଟ କରିବା ପାଇଁ ଉତ୍ସାହିତ କରୁଛୁ।

# ୧୦ ସହରରେ ଅରୁନ୍ଧତୀ ଫାଉଣ୍ଡେଶନର ରକ୍ତଦାନ ଶିବିର

## ରାମମନ୍ଦିରରେ ପାନୀୟଜଳ ପ୍ରକଳ୍ପ

ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)




ଅରୁନ୍ଧତୀ ଫାଉଣ୍ଡେଶନ ପକ୍ଷରୁ ବୁଧବାର ରାଜ୍ୟର ୧୦ଟି ପ୍ରମୁଖ ସହର ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ବଲାଙ୍ଗୀର, ବରଗଡ଼, ଭବାନୀପାଟଣା ଏବଂ ଅନୁଗୋଳରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଗତବର୍ଷ ଅରୁନ୍ଧତୀ ଦ୍ୱାରା ଆୟୋଜିତ ଶିବିରରେ ୧୦୦୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ବେଳେ ଚଳିତ ବର୍ଷ ୧୫୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହାସହ ଭୁବନେଶ୍ୱରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଅରୁନ୍ଧତୀ ଫାଉଣ୍ଡେଶନ ପକ୍ଷରୁ ଏକ ଶୁଦ୍ଧ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ମନ୍ଦିରକୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ଏବଂ ଜନପଥରେ ଯାତାୟାତ କରୁଥିବା ସାଧାରଣ ଜନତାଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇଦେବା ଲକ୍ଷ୍ୟରେ ଏହି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏହି ପ୍ରକଳ୍ପକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଅତିଥି ଭାବେ ଯୋଗଦେଇ ଲୋକାର୍ପିତ କରିଥିଲେ। ଅରୁନ୍ଧତୀର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, ରକ୍ତଦାନ ହେଉ କିମ୍ବା ପାନୀୟଜଳ ପ୍ରକଳ୍ପ ସବୁଥିରେ ଅରୁନ୍ଧତୀ ଫାଉଣ୍ଡେଶନ ସବୁବେଳେ ସମାଜ କଲ୍ୟାଣର ବିଭିନ୍ନ ଦିଗରେ ସକ୍ରିୟ ଯୋଗଦାନ ଦେଇଆସିଛି।

# ୮୭୧ କୋଟିର ପ୍ରକଳ୍ପକୁ ଭାରତୀୟ ରେଳପଥର ମଞ୍ଜୁରୀ

ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)

ଉତ୍ତର, ଦକ୍ଷିଣ ଓ ପୂର୍ବ ରେଳ ଜୋନ୍‌ରେ ୮୭୧ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ରଣନୈତିକ ପ୍ରକଳ୍ପକୁ ଭାରତୀୟ ରେଳପଥ ମଞ୍ଜୁର କରିଛି। ଏହି ପ୍ରକଳ୍ପଗୁଡ଼ିକ କୋଚିଂ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ଆଧୁନିକୀକରଣ, ଭିଡ଼ ହ୍ରାସ, ପରିଚାଳନାଗତ ବାଧକ ଦୂରୀକରଣ ଏବଂ ଯାତ୍ରୀ ତଥା ମାଲବାହୀ ପରିବହନ ସାମର୍ଥ୍ୟକୁ ବହୁଗୁଣ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ରାଜସ୍ଥାନରେ ଆଧୁନିକ ରୋଲିଂ ଷ୍ଟକ୍ ଯଥା ଏଲ୍‌ଏଚ୍‌ବି ଓ ବନ୍ଦେ ଭାରତ ଟ୍ରେନ୍‌ଗୁଡ଼ିକ ପାଇଁ ରକ୍ଷଣାବେକ୍ଷଣ ସୁବିଧା ବୃଦ୍ଧିକରିବା ନିମନ୍ତେ ଦୁଇଟି ପ୍ରକଳ୍ପ ମଞ୍ଜୁର ହୋଇଛି। ଶ୍ରୀଗଙ୍ଗାନଗର ଷ୍ଟେଶନରେ ଫେଜ୍-୧ ଅଧୀନରେ କୋଚ ରକ୍ଷଣାବେକ୍ଷଣ ସୁବିଧା ବିକାଶ ପାଇଁ ୧୭୪.୨୬ କୋଟିର ପ୍ରକଳ୍ପ ଅନୁମୋଦିତ ହୋଇଛି। ସେହିପରି ଲାଲଗଡ଼ରେ ଫେଜ୍-୨ ଅଧୀନରେ କୋଚିଂ ରକ୍ଷଣାବେକ୍ଷଣ ସୁବିଧା ବୃଦ୍ଧି ପାଇଁ ୧୩୯.୬୮ କୋଟିର ପ୍ରକଳ୍ପ ମଞ୍ଜୁର ହୋଇଛି, ଯାହା ବନ୍ଦେ ଭାରତ ଓ ଏଲ୍‌ଏଚ୍‌ବି ସେବାର ବୃଦ୍ଧିକୁ ସମର୍ଥନ କରିବ। କେରଳରେ ଯାତ୍ରୀ ଓ ମାଲବାହୀ ପରିବହନ ବୃଦ୍ଧିକରିବା ପାଇଁ ଦକ୍ଷିଣ ରେଳର ଏର୍ନାକୁଲମ ଆଲାପୁଝା କାୟଙ୍କୁଲମ କରିଡରରେ ୨୧.୧୦ କିଲୋମିଟର ତୁରାଭୁରମାରାରିକୁଲମ ଖଣ୍ଡର ଡବଲିଂ ପ୍ରକଳ୍ପକୁ ୪୫୦.୫୯ କୋଟିର ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ଶେଷ ହେଲେ ପ୍ରତିଦିନ ପ୍ରତ୍ୟେକ ଦିଗରେ ୯ଟି ଅତିରିକ୍ତ ଯାତ୍ରୀ ଟ୍ରେନ୍ ଚଳାଚଳ ସମ୍ଭବ ହେବ ଏବଂ ବାର୍ଷିକ ପ୍ରାୟ ୨.୮୮ ମିଲିୟନ ଟନ ଅଧିକ ମାଲବାହୀ ପରିବହନ ହେବ। ପଶ୍ଚିମବଙ୍ଗରେ ଆସାନସୋଲ ଅଞ୍ଚଳରେ ପରିଚାଳନାଗତ ଅସୁବିଧା ଦୂରକରିବା ପାଇଁ ପୂର୍ବ ରେଳରେ ୪.୭୫ କିଲୋମିଟର କାଲିପାହାଡ଼ି ବାଇପାସ୍ ଲାଇନ ନିର୍ମାଣ ପାଇଁ ୧୦୭.୧୦ କୋଟି ମଞ୍ଜୁର ହୋଇଛି। ଏହାଦ୍ୱାରା ଦକ୍ଷିଣ ପୂର୍ବ ଓ ପୂର୍ବ ରେଳ ମଧ୍ୟରେ ଟ୍ରେନ୍‌ଗୁଡ଼ିକୁ ଆସାନସୋଲ ୟାର୍ଡରେ ଇଞ୍ଜିନ ରିଭର୍ସାଲ କରିବାର ଆବଶ୍ୟକତା ଦୂର ହେବ। ଫଳରେ ପ୍ରତିଦିନ ପ୍ରାୟ ୯ଟି ମାଲବାହୀ ଟ୍ରେନ୍ ପାଇଁ ୯୦ ମିନିଟ୍ ଓ ୮ଟି ଯାତ୍ରୀବାହୀ ଟ୍ରେନ୍ ପାଇଁ ୩୦ ମିନିଟ୍ ସମୟ ବଞ୍ଚିବ ।

# ରେଲ୍‌ଟେକ୍ ପୋର୍ଟାଲ ଓ ଇ-ଆର୍‌ସିଟିର ଶୁଭାରମ୍ଭ

ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)

ଭାରତୀୟ ରେଳପଥର ୫୨ ସପ୍ତାହରେ ୫୨ ସଂସ୍କାର କାର୍ଯ୍ୟକ୍ରମ ଅଧୀନରେ ତୃତୀୟ ଓ ଚତୁର୍ଥ ସଂସ୍କାର ଭାବେ ରେଲ୍‌ଟେକ୍ ନୀତି ଏବଂ ରେଳପଥ ଦାବି ଟ୍ରିବ୍ୟୁନାଲ (ଆର୍‌ସିଟି)ର ସମ୍ପୂର୍ଣ୍ଣ ଡିଜିଟାଇଜେଶନ ଘୋଷଣା କରାଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଲ୍‌ଟେକ୍ ନୀତି ଅଧୀନରେ ଏକ ରେଲ୍‌ଟେକ୍ ପୋର୍ଟାଲ ଉଦ୍‌ଘାଟନ କରିଛନ୍ତି। ଏହି ପୋର୍ଟାଲ ଷ୍ଟାର୍ଟଅପ୍, ଉଦ୍ଭାବକ, ଶିଳ୍ପ ଓ ଅନୁଷ୍ଠାନଗୁଡ଼ିକୁ ରେଳପଥରେ ନବପ୍ରବର୍ତ୍ତନ ପାଇଁ ସଂଯୋଜିତ କରିବ। ଏହି ପୋର୍ଟାଲ ମାଧ୍ୟମରେ ଯେକୌଣସି ବ୍ୟକ୍ତି ଡିଜିଟାଲ ଭାବେ ପ୍ରସ୍ତାବ ଦାଖଲ କରିପାରିବେ। ନୀତି ଅନୁଯାୟୀ ସ୍କେଲ୍-ଅପ୍ ଗ୍ରାଣ୍ଟ ୩ଗୁଣରୁ ଅଧିକ ବୃଦ୍ଧି ପାଇଛି ଏବଂ ପ୍ରୋଟୋଟାଇପ ବିକାଶ ପାଇଁ ଗ୍ରାଣ୍ଟ ୨ଗୁଣ ହୋଇଛି। ଏଆଇ-ଆଧାରିତ ହାତୀ ନିର୍ଦ୍ଦେଶ, ଅଗ୍ନି ନିର୍ଦ୍ଦେଶ, ଡ୍ରୋନ୍-ଆଧାରିତ ରେଳ ଭଙ୍ଗ ନିରୀକ୍ଷଣ ଆଦି ଅନେକ କ୍ଷେତ୍ରରେ ନବପ୍ରବର୍ତ୍ତନକୁ ପ୍ରୋତ୍ସାହନ ମିଳିବ। ଚତୁର୍ଥ ସଂସ୍କାରରେ ଆର୍‌ସିଟି ଇ-ଆର୍‌ସିଟି ବ୍ୟବସ୍ଥା ପ୍ରଚଳନ ହେବ, ଯାହା ଦେଶର ୨୩ଟି ବେଞ୍ଚକୁ ଏକ ଡିଜିଟାଲ ପ୍ଲାଟ୍‌ଫର୍ମରେ ଯୋଡ଼ିବ। ଯାତ୍ରୀମାନେ ଯେକୌଣସି ସ୍ଥାନରୁ ୨୪ ଘଣ୍ଟିଆ ଇ-ଫାଇଲିଂ କରିପାରିବେ, ଅନ୍‌ଲାଇନ ହିୟରିଂ, ରିୟଲ-ଟାଇମ ଟ୍ରାକିଂ ଓ ପେପରଲେସ୍ କୋର୍ଟ ସୁବିଧା ମିଳିବ। ଆଗାମୀ ୧୨ ମାସ ମଧ୍ୟରେ ସମସ୍ତ ବେଞ୍ଚ ସମ୍ପୂର୍ଣ୍ଣ ଡିଜିଟାଇଜ ହେବ। ଏହି ସଂସ୍କାରଗୁଡ଼ିକ ରେଳପଥକୁ ଅଧିକ ଆଧୁନିକ, ନବପ୍ରବର୍ତ୍ତନମୂଳକ ଓ ନାଗରିକକେନ୍ଦ୍ରିକ କରିବ ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବରୁ ପ୍ରଥମ ଓ ଦ୍ୱିତୀୟ ସଂସ୍କାର ଭାବେ କୋଚ ସଫେଇ ଓ ଗତିଶକ୍ତି କାର୍ଗୋ ବିସ୍ତାର କରାଯାଇଥିବାବେଳେ ବର୍ତ୍ତମାନ ଏହି ସଂସ୍କାର କରାଯାଇଛି।

# ଓଡ଼ିଶାର ୧,୦୦୦ କେନ୍ଦ୍ରରେ ଇଣ୍ଟର୍ନଶିପ ସୁଯୋଗ



ଭୁବନେଶ୍ୱର,୨୬।୨(ଅନୁରାଧା ମହାରଣା)

ରାଉରକେଲାସ୍ଥିତ ବୈଷୟିକ ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ଓ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଅଧୀନରେ କାର୍ଯ୍ୟରତ ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ (ଓକେସିଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର ଗୁରୁବାର ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରସ୍ଥିତ ରେଲୱେ ଅଡିଟୋରିଅମରେ ଅନୁଷ୍ଠିତ ବିପିୟୁଟି ଟେକ୍ କାର୍ନିଭାଲର ପୁରସ୍କାର ବିତରଣ ଅବସରରେ ବିପୁଟର କୁଳପତି ପ୍ରଫେସର ଡ. ଅମିୟ କୁମାର ରଥ ଓ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ବୁଝାମଣାପତ୍ର ଅନୁସାରେ, ବିପିୟୁଟି ତାହାର ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ରମାନେ ଏବେ ଓଡ଼ିଶାରେ ୧,୦୦୦ରୁ ଅଧିକ ଓକେସିଏଲ୍ ଅଧିକୃତ କେନ୍ଦ୍ରରେ ଇଣ୍ଟର୍ନଶିପ କରିପାରିବେ। ଏହି ଅବସରରେ କୁଳପତି ପ୍ରଫେସର ରଥ କହିଥିଲେ, ଏହି ବୁଝାମଣା ଛାତ୍ରୀଛାତ୍ରଙ୍କର ନିଯୁକ୍ତି ଯୋଗ୍ୟତା ବୃଦ୍ଧି କରିବା ସହିତ ଆଗାମୀ କ୍ୟାରିୟର ସୁଯୋଗ ପାଇଁ ସଜାଗ ଓ ପ୍ରସ୍ତୁତ କରିବ। ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ପୁଥାଳ କହିଥିଲେ, ଏହି ଚୁକ୍ତି ଅନୁସାରେ ଛାତ୍ରୀଛାତ୍ରମାନେ କୃତ୍ରିମ ମେଧା ସାଇବର ସୁରକ୍ଷା, ଡାଟା ସାଇନ୍ସ, ସଫ୍ଟୱେର ଇଞ୍ଜିନିୟରିଂ , ଡିଜିଟାଲ ମାର୍କେଟିଂ, ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବା , ରିଟେଲ ପ୍ରବନ୍ଧନ ଓ ଅନ୍ୟାନ୍ୟ ଡିଜିଟାଲ କ୍ଷେତ୍ରରେ ଇଣ୍ଟର୍ନଶିପ ଓ ସାର୍ଟିଫିକେଶନ ପ୍ରୋଗ୍ରାମ କରିପାରିବେ। ଏହି ସହଯୋଗ ପ୍ରତିବର୍ଷ ୧ ଲକ୍ଷ ୫୦ ହଜାରରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଲାଭାନ୍ୱିତ କରିବ ବୋଲି ଆଶା କରାଯାଉଛି।

# Classified Everyday
0674-2580101, 9692975378



## REAL ESTATE
## SALE

**Land near Balasore Town for sale. Residential plot 19 decimals near Harihat in Village Sindhia near Balighat and 278 decimals all in Village Sahupada near Balasore-Baripada National Highway suitable for Farmhouse, Apartment, Institute. Please contact immediately-7656861995.** D-75864

## GENERAL
## SALE

Welding works contact for any type of roof sheds, Gril gates, Shutters, 7809525452, 9937507638. D-245

## AFFIDAVIT

I, Shreeja Kumari, D/o- Anjani Kumar Tiwari, Resident of Gayatri Colony, Malipada, Jharsuguda, P.O.- Jharsuguda, DIST.- Jharsuguda, Odisha- 768201, declare by this affidavit No.- 16AA 271230, date- 23.02.2026. That now onwards I shall be known as SHREEJA TIWARI for all future purposes. D-3490

By virtue of an affidavit sworn before Narendra Kumar Sahoo, Notary, Bhubaneswar, dated 23rd August, 2025 vide Sl No.- 430, dated 23rd August, 2025, I, Tanmaya Prasad Dalai, S/o- Ranjan Kishore Dalai, resident of At/P.O.- Anlo, P.S.- Niali, Via- Bairoi, Dist.- Cuttack, Odisha- 754010 declare that I have changed my daughter's name from SRISHTI SAANVI DALAI to TANISHKA DALAI. Henceforth, she shall be known as TANISHKA DALAI for all purposes.
Tanmaya Prasad Dalai
D-3491

By virtue of an affidavit sworn before Executive Magistrate, Bonai, Sundargarh, Dated 24.02.2026, I, SUMAN MONIKA HORO, Address: At- Tamparkela, P.O.- Kansar, P.S.- Gurundia, Dist.- Sundargarh, Odisha- 770043. Declare that I have changed my name from Kajal Horo to Suman Monika Horo. Henceforth, I shall be known as Suman Monika Horo for all purposes.
(Suman Monika Horo)
D-3487

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Uditnagar, Rourkela Dated 21.02.2026, I, MANGAL SINGH MUNDARI, Address: Dhanghar Birtola, P.O.- Darjing, P.S.- Chandiposh, Dist.-Sundargarh, Odisha- 770040. Declare that I have changed my Daughter's name from NINDUMATI MUNDARI to INDUMATI MUNDARI. Hence forth, she shall be known as INDUMATI MUNDARI for all purposes.
(MANGAL SINGH MUNDARI)
D-3488

I, Sarat Kumar Maharana, S/o- Late Patitapaban Maharana, resident of Village- Srichandanpur, of BANKI NAC, P.O./P.S.- Banki, Dist.- Cuttack, PIN- 754008, Odisha declare by this affidavit No.- 446, dt.- 20.02.2026 that now onwards I shall be known as SARAT KUMAR MAHARANA for all future purposes. D-3489

By virtue of an affidavit No.1518/ Dt. 19.02.2026 sworn before Executive Magistrate, Bhadrak, I, Sulochana Bal, W/o- Sadananda Bal, Vill: Uttakuda, P.O.- Ugratara, P.S.- Chandabali, Dist.- Bhadrak, declare that I have changed my name in my LIC Policy bearing No.- 588433222 from Kanchana Bal to Sulochana Bal for all futurepurposes. D-3486

## LEGAL NOTICE

PR-35, Dtd- 24.02.26

ମାନନୀୟ ଶ୍ରୀଯୁକ୍ତ ଆୟୁକ୍ତ ଚକବନ୍ଦୀ ଏବଂ ବନ୍ଦୋବସ୍ତଙ୍କ ଅଦାଲତ
ଶ୍ରୀଆଶୁତୋଷ ସାମଲ (ଓଡ଼ିଶା ପ୍ରଶାସନିକ ସେବା), (ଏସ୍.ଏ.ଜି.) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ରିଭିଜନ୍
କେସ୍ ନଂ. ୬୯/୨୦୨୪
ନୋଟିସ
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଅଭିମନ୍ୟୁ ସାହୁ ଓଗେର ..... ବାଦୀ
ବନାମ
ଉମାମଣୀ ପଣ୍ଡା ଓଗେର ..... ପ୍ରତିବାଦୀ

ପ୍ରାପ୍ତେଷୁମାନଙ୍କ ନାମ ଓ ଠିକଣା :
ପ୍ରତିବାଦୀ ନଂ.୩- ହେମନ୍ତ କୁମାର ପଣ୍ଡା, ବୟସ ୬୨ ବର୍ଷ, ପ୍ରତିବାଦୀ ନଂ.- ୪ - ସଂଯୁକ୍ତା ପଣ୍ଡା, ବୟସ ୫୭ବର୍ଷ, ପ୍ରତିବାଦୀ ନଂ.- ୫- କୃଷ୍ଣ ଚନ୍ଦ୍ର ପଣ୍ଡା, ବୟସ ୫୦ବର୍ଷ, ପ୍ରତିବାଦୀ ନଂ.- ୭ - କାର୍ତ୍ତିକ କୁମାର ପଣ୍ଡା, ବୟସ ୪୨ବର୍ଷ
ଏମାନଙ୍କ ପିତା : ଜୟକୃଷ୍ଣ ପଣ୍ଡା,
ପ୍ରତିବାଦୀ ନମ୍ବର ୮- କ୍ଷେତ୍ରମଣି ଓରଫ ଗାୟତ୍ରୀ ଆଚାର୍ଯ୍ୟ, ବୟସ ୬୭ବର୍ଷ, ସ୍ୱା- ଶରତ ଚନ୍ଦ୍ର ଆଚାର୍ଯ୍ୟ ପ୍ରତିବାଦୀ ନମ୍ବର ୯- ପୁଷ୍ପମଞ୍ଜରୀ ମହାପାତ୍ର ଓରଫ ପଣ୍ଡା, ବୟସ ୫୫ବର୍ଷ, ସ୍ୱା: ଯଶୋବନ୍ତ ମହାପାତ୍ର
ଉଭୟଙ୍କ ପିତା ଜୟକୃଷ୍ଣ ପଣ୍ଡା।
ପ୍ରତିବାଦୀ ନମ୍ବର ୧୪- ପ୍ରତିମା ପାଢ଼ି, ବୟସ ୬୨ବର୍ଷ, ସ୍ୱା- ଗୋବର୍ଦ୍ଧନ ପାଢ଼ି, ପି- ବାସୁଦେବ ପଣ୍ଡା ଏ ସମସ୍ତଙ୍କ ଗ୍ରାମ/ପ୍ରତାପ ଶାସନ (ସିରିଆ ଦେଇ ସାହି), ପୋ: ବାଳକାଟି, ଥା: ବାଲିଅନ୍ତା, ଜି: ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଏହି ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ବାଦୀମାନେ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଚକବନ୍ଦୀ ଏବଂ ବନ୍ଦୋବସ୍ତ ଆୟୁକ୍ତଙ୍କ ଅଦାଲତରେ ମୋକଦ୍ଦମା ଦାଖଲ କରିଛନ୍ତି। ଉପରୋକ୍ତ ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲେ ସୁଦ୍ଧା ନୋଟିସଗୁଡ଼ିକ ଫେରି ଆସିଛି। ଉପରୋକ୍ତ ପ୍ରତିବାଦୀମାନଙ୍କର ବର୍ତ୍ତମାନ ଠିକଣା ଆମ୍ଭଙ୍କୁ ଜଣାନାହିଁ। ଉପରୋକ୍ତ ରିଭିଜନ ମୋକଦ୍ଦମାର ଶୁଣାଣି ତା୩୦।୦୩।୨୬ରିଖ ପୂର୍ବାହ୍ଣ ୧୧:୩୦ ସମୟରେ କରାଯିବା ପାଇଁ ଉପରୋକ୍ତ ଅଦାଲତ ଦ୍ୱାରା ସ୍ଥିରୀକୃତ ହୋଇଅଛି। ଏଣୁ ତୁମ୍ଭେମାନେ ନିଜେ କିମ୍ବା କ୍ଷମତାପ୍ରାପ୍ତ ଏଜେଣ୍ଟଙ୍କ ଦ୍ୱାରା ଉକ୍ତ ତାରିଖ ଓ ସମୟରେ ଉପରୋକ୍ତ ଅଦାଲତ ପରିସରରେ ହାଜର ହୋଇ ପକ୍ଷ ରଖିବେ। ନଚେତ୍, ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।

ଜମିର ବିବରଣୀ
ମୌଜା- କଣ୍ଟିଲୋ, ଥାନା- ଭୁବନେଶ୍ୱର (ବର୍ତ୍ତମାନ- ଜଟଣୀ), ତହସିଲ- ଭୁବନେଶ୍ୱର (ବର୍ତ୍ତମାନ ଜଟଣୀ), ଜିଲ୍ଲା- ପୁରୀ, (ବର୍ତ୍ତମାନ ଖୋର୍ଦ୍ଧା)
ହାଲ୍ ଖାତା ନଂ.-୧୪
ଚକ ନମ୍ବର ୧୯, ଚକ ପ୍ଲଟ୍ ନମ୍ବର ୨୧, ଏ.୧.୨୫୪ଡିସିମିଲ୍, ଚକ ନମ୍ବର ୩୩୭, ଚକ ପ୍ଲଟ୍ ନମ୍ବର ୫୦୯, ଏ.୧.୬୮୨ଡିସିମିଲ୍, ଚକ ନମ୍ବର ୧୧୮, ଚକ ପ୍ଲଟ୍ ନମ୍ବର ୧୨୯, ଏ.୦.୪୬୧ଡିସିମିଲ୍, ସାବକ ଖାତା ନମ୍ବର ୧୯୦, ସାବକ ପ୍ଲଟ୍ ନମ୍ବର ୫୮୬- ଏ୦.୧୨୦ଡି.
ତା: ୨୪।୦୨।୨୦୨୬
ଭୁବନେଶ୍ୱର

ଚକବନ୍ଦୀ ଓ ବନ୍ଦୋବସ୍ତ ଆୟୁକ୍ତଙ୍କ ଅନୁମୋଦନକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୩୪୮୦

# ଅନ୍ତ୍ୟୋଦୟ ଗୃହ ଯୋଜନା ବାଟବଣା

**କଳାହାଣ୍ଡି ଜିଲା**

- ୬୭୭୭ ଗୃହ ମଧ୍ୟରୁ ୪୮୫୨ଟି ଅସମ୍ପୂର୍ଣ୍ଣ
- ହିତାଧିକାରୀଙ୍କୁ ଦିଆଗଲାଣି ୪୯.୯୬ କୋଟି
- ଚଳିତବର୍ଷ ପାଇଁ ଆସିଛି ୩୨୦୦ ନୂଆ ଟାର୍ଗେଟ



୪ ମାସ ମଧ୍ୟରେ ଗୃହ ସମ୍ପୂର୍ଣ୍ଣ କରିଥିବା ଦିବ୍ୟାଙ୍ଗ ଦିଗମ୍ବର ଠେଲା।

ଭବାନୀପାଟଣା,୨୬।୨(ଉତ୍ତମ କୁମାର ଦାଶ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ମାର୍ଚ୍ଚ ୩୦ରେ କଳାହାଣ୍ଡି ଜିଲା ଭବାନୀପାଟଣାରୁ 'ଅନ୍ତ୍ୟୋଦୟ ଗୃହ ଯୋଜନା'ର ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାର ଏହି ଯୋଜନାରେ ସମସ୍ତ ଗରିବ ଲୋକଙ୍କୁ ପକ୍କାଘର ଯୋଗାଇ ସେମାନଙ୍କ ବାସଗୃହ ସମସ୍ୟାର ସମାଧାନ ଲକ୍ଷ୍ୟ ରଖିଥିଲେ। ବିଶେଷ କରି ଏହି ଯୋଜନାରେ ଭିନ୍ନକ୍ଷମ, ବିଧବା, ଅନାଥ, ଅସହାୟ, ଦୂରାରୋଗରେ ପୀଡ଼ିତ ଥିବା ବ୍ୟକ୍ତି, ଶହୀଦ ପରିବାର, ବନ୍ୟା, ବାତ୍ୟା ପ୍ରପୀଡିତ ବ୍ୟକ୍ତିଙ୍କୁ ସାମିଲ କରାଯାଇଛି। ତେବେ କଳାହାଣ୍ଡି ଜିଲାରେ ବାସ୍ତବ ଚିତ୍ରକୁ ଦେଖିଲେ ଏହି ଯୋଜନା ଏକପ୍ରକାର ବାଟବଣା ହୋଇଥିବା ମନେହୁଏ। ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାର ଯେତିକି ଜଣକୁ କାର୍ଯ୍ୟାଦେଶ ଦିଆଗଲାଣି ତାହାର ୭୦ ଭାଗ ହିତାଧିକାରୀ ଗୃହ ସମ୍ପୂର୍ଣ୍ଣ କରିନାହାନ୍ତି। ପ୍ରକାଶ ଯେ, କଳାହାଣ୍ଡି ଜିଲାରେ ୨୦୨୪-୨୫ ଆର୍ଥିକବର୍ଷରେ ୩୬୧୧ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯାଇ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସେଥିରୁ ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୧୪୩୭ ଜଣ ହିତାଧିକାରୀ ଗୃହ ସମ୍ପୂର୍ଣ୍ଣ କରିଥିବାବେଳେ ଅବଶିଷ୍ଟ ୨୧୭୪ ହିତାଧିକାରୀଙ୍କ ଗୃହ ଅଧାପନ୍ତରିଆ ଅବସ୍ଥାରେ ରହିଛି। ସେହିପରି ୨୦୨୫-୨୬ ଆର୍ଥିକବର୍ଷରେ ୩୧୬୬ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସେଥିରୁ ମାତ୍ର ୪୮୮ଜଣ ଗୃହ ସମ୍ପୂର୍ଣ୍ଣ କରିଥିବାବେଳେ ଅବଶିଷ୍ଟ ୨୬୮୮ ଜଣଙ୍କ ଗୃହ ଅଧାପନ୍ତରିଆ ରହିଛି। ଏହି ୨ ଆର୍ଥିକ ବର୍ଷରେ ସମୁଦାୟ ୬୭୭୭ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବାବେଳେ ମାତ୍ର ୧୯୨୫ ଜଣ ଗୃହ ସମ୍ପୂର୍ଣ୍ଣ କରିଥିବାବେଳେ ଅବଶିଷ୍ଟ ୪୮୫୨ ହିତାଧିକାରୀଙ୍କ ଗୃହ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏଥିପାଇଁ ବର୍ତ୍ତମାନ ସୁଦ୍ଧା ୪୯.୯୬ କୋଟି ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଗଲାଣି। ଏପରିସ୍ଥଳେ ଚଳିତ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ଆହୁରି ୩୨୦୦ ଟାର୍ଗେଟ ଆସିଥିବା ବିଭାଗ ପକ୍ଷରୁ ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ବ୍ଲକରେ ୭୭୭ ଘର ମଧ୍ୟରୁ ବର୍ତ୍ତମାନ ୧୯୯ ଗୃହ ସମ୍ପୂର୍ଣ୍ଣ ହୋଇଛି। ସେହିପରି ଧର୍ମଗଡ଼ ବ୍ଲକରେ ୫୨୪ରୁ ୨୬୦, ଗୋଲାମୁଣ୍ଡା ବ୍ଲକରେ ୬୨୭ରୁ ୧୬୮, ଜୟପାଟଣା ବ୍ଲକରେ ୪୭୮ରୁ ୧୩୬, ଜୁନାଗଡ଼ରେ ୭୪୫ରୁ ୨୩୯, କଳମପୁରରେ ୨୪୦ରୁ ୪୭, କର୍ଲାମୁଣ୍ଡାରେ ୨୬୨ରୁ ୧୩୨, କେସିଙ୍ଗାରେ ୫୫୬ରୁ ୨୦୧, କୋକସରାରେ ୪୭୮ରୁ ୮୮, ଲାଞ୍ଜିଗଡ଼ରେ ୫୯୦ରୁ ୧୦୧, ଏମ୍ ରାମପୁରରେ ୪୦୭ରୁ ୧୬୭, ନର୍ଲାରେ ୫୬୧ରୁ ୧୦୭ ଓ ଥୁଆମୂଳ ରାମପୁର ବ୍ଲକରେ ୫୩୨ରୁ ୮୦ ଘର ସମ୍ପୂର୍ଣ୍ଣ ହୋଇଛି। ଅନ୍ୟପକ୍ଷରେ ଏହି ଯୋଜନାରେ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯାଉଥିବାବେଳେ ୪ ମାସ ମଧ୍ୟରେ ଗୃହ ଶେଷ କଲେ ୨୦ ହଜାର ଓ ୬ ମାସ ମଧ୍ୟରେ ଗୃହ କଲେ ଅତିରିକ୍ତ ୧୦ ହଜାର ମଧ୍ୟ ପ୍ରଦାନ କରାଯାଉଛି। ତେବେ କାର୍ଯ୍ୟାଦେଶ ପାଇ ହିତାଧିକାରୀ ଗୃହ ଠିକ୍ ସମୟରେ ସମ୍ପୂର୍ଣ୍ଣ ନ କରିବା ଘଟଣା ଦେଖିଲେ ଏହି ଯୋଜନା ବାଟବଣା ଭଳି ମନେହୁଏ। ଗତ ଜୁଲାଇରେ ଭବାନୀପାଟଣା ବ୍ଲକ ବୋର୍ଡା ପଞ୍ଚାୟତ ଫଂଫସି ଗ୍ରାମର ଦିବ୍ୟାଙ୍ଗ ଦିଗମ୍ବର ଠେଲା ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପାଇ ୪ ମାସ ମଧ୍ୟରେ ଗୃହ ସମ୍ପୂର୍ଣ୍ଣ କରି ଅନ୍ୟ ପାଇଁ ଉଦାହରଣ ସାଜିଥିଲେ। ଏ ନେଇ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଦୟାମୟ ପାଢୀଙ୍କୁ ପଚାରିବାରୁ ନୂଆପଡା ଉପନିର୍ବାଚନ ପାଇଁ ୨ ମାସ ହିତାଧିକାରୀଙ୍କ ପାଖକୁ ଟଙ୍କା ଗଲା ନାହିଁ, ଫଳରେ ଟିକିଏ ଧିମେଇ ଯାଇଥିଲା। ଏବେ କିନ୍ତୁ ପରିସ୍ଥିତି ସ୍ୱାଭାବିକ ହେଲାଣି। ଶୀଘ୍ର ଗୃହଗୁଡିକ ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ।

# ବହୁମୁଖୀ ପ୍ରତିଭାର ଅଧିକାରୀ ହେବାକୁ ପରାମର୍ଶ



ଉଦ୍‌ଘାଟନୀ ସମାରୋହରେ ଅତିଥିଗଣ।

**ବିକାଶ ଡିଗ୍ରୀ କଲେଜରେ ଭି ଫେଷ୍ଟ ୪.୦ ଉଦ୍‌ଘାଟିତ**

ଭବାନୀପାଟଣା,୨୬।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବିକାଶ ଡିଗ୍ରୀ କଲେଜରେ ଭି ଫେଷ୍ଟ ୪.୦ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଲକ୍ଷ୍ମୀ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ଓୟୁଏଟିର ଡିନ ପ୍ରଫେସର ଡ. ସନ୍ଦୀପ୍ତ କୁମାର ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବହୁମୁଖୀ ପ୍ରତିଭାର ଅଧିକାରୀ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲ୍‌ଭିଜିଆଇର ନିର୍ଦ୍ଦେଶକ ଡି. ଶ୍ୟାମ, ଡି. ରାମ କୁମାର, ଏକାଡେମିକ ଇନ୍‌ଚାର୍ଜ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୮ ତାରିଖ ଯାଏ ଚାଲିବ। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୋଷ୍ଟର ପ୍ରଦର୍ଶନୀ (ଭଏସ ଫର୍ ଚେଞ୍ଜ), ପାୱାରପଏଣ୍ଟ ପ୍ରଦର୍ଶନୀ (ସ୍ଲାଇଡ ଟୁ ସକ୍ସେସ), ଷ୍ଟାର୍ଟଅପ ପ୍ରଦର୍ଶନୀ ଓ ମଡେଲ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ସେହିପରି ତିନିଦିନ ଧରି ବିଭିନ୍ନ କ୍ରୀଡା ପ୍ରତିଯୋଗିତା, ଅନ୍‌ଲାଇନ ଖେଳ ପ୍ରତିଯୋଗିତା ଓ ଖାଦ୍ୟ ଉତ୍ସବ ଆୟୋଜିତ ହେବ। ରାୟପୁରର ପ୍ରସିଦ୍ଧ ପଜ ବ୍ୟାଣ୍ଡ ଓ ଲୋକପ୍ରିୟ ସମ୍ବଲପୁରୀ ଗାୟକ ଅଙ୍କିତ ରାଜ ଓ ତାଙ୍କ ଦଳ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିବେ। ଏହି ଅବସରରେ ରୋହିତ କୁମାର ସାହୁ, ପ୍ରିନ୍ସ ଭତ୍ରା, ବିଶ୍ୱମୋହନ ସିଂହ, ପ୍ରିୟାଂଶୁ ଶେଖର ବିଡିକା, ଆକାଶ ଖରସେଲ ଏବଂ ନିଗମାନନ୍ଦ ନାୟକଙ୍କୁ ହ୍ୟାକାଥନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବା ସହିତ ବ୍ରେନ ଓ ଭିଜନ କମ୍ପାନୀ ପକ୍ଷରୁ ଇଣ୍ଟର୍ନଶିପପ୍ରାପ୍ତ ହେବାରୁ ସମସ୍ତଙ୍କୁ ସମ୍ମାନିତ କରାଯାଇଥିଲା।

# ବିବାହ ବାର୍ଷିକୀରେ ଦମ୍ପତିଙ୍କ ଅଙ୍ଗଦାନ ଘୋଷଣା

**ରକ୍ତଦାନ କରି ପାଳନ କଲେ ବିବାହ ବାର୍ଷିକୀ**

ଭବାନୀପାଟଣା, ୨୬।୨(ଉତ୍ତମ କୁମାର ଦାଶ)

ଜନ୍ମଦିନ, ବିବାହ ବାର୍ଷିକୀ ଭଳି ଜୀବନର ସ୍ୱତନ୍ତ୍ର ଦିନକୁ ସ୍ମରଣୀୟ କରିବାକୁ ଲୋକେ ବିଭିନ୍ନ ପଦକ୍ଷେପ ନିଅନ୍ତି ଲୋକେ। ଏଭଳି ଏକ ଘଟଣାକ୍ରମେ ନିଜର ୧୫ତମ ବିବାହ ବାର୍ଷିକୀକୁ ସ୍ମରଣୀୟ କରିବାକୁ କଳାହାଣ୍ଡି ଜିଲା ଭବାନୀପାଟଣାର ଏକ ଦମ୍ପତି ନେଇଛନ୍ତି ନିଆରା ପଦକ୍ଷେପ। ଭବାନୀପାଟଣା ସହରର ଜଣେ ଜଣାଶୁଣା ଚେହେରା ହେଉଛନ୍ତି ତ୍ରିଲୋଚନ ପାଣିଗ୍ରାହୀ। ତାଙ୍କ ପତ୍ନୀ ଗୀତାଞ୍ଜଳି ପାଣିଗ୍ରାହୀ। ରାଜନୀତି ସହିତ ସମାଜସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ପାଣିଗ୍ରାହୀ ଦମ୍ପତି ଆଜି ନିଜର ଅଙ୍ଗଦାନ କରିବାକୁ ଘୋଷଣା କରିବା ସହିତ ଏଥିପାଇଁ ଉଦ୍ଦିଷ୍ଟ ଶପଥପତ୍ରରେ ସ୍ୱାକ୍ଷର କରିଛନ୍ତି। ନିଜର ସ୍ୱାଭାବିକ ମୃତ୍ୟୁ ପରେ ଉଭୟ ପତିପତ୍ନୀ ନିଜ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଦାନ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। କେବଳ ସେତିକି ନୁହେଁ, ବୁଧବାର ଉଭୟ ପତିପତ୍ନୀ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଓଡ଼ିଶା ରକ୍ତଭଣ୍ଡାରରେ ସ୍ୱେଚ୍ଛାକୃତ ରକ୍ତଦାନ କରି ନିଜ ବିବାହ ବାର୍ଷିକୀ ପାଳନ କରିଛନ୍ତି। ପାଣିଗ୍ରାହୀ ଦମ୍ପତିଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଉଭୟ ରକ୍ତଦାନ ସମୟରେ ଦଳିତ ଆଦିବାସୀ ମହାସଂଘର କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ, ଚାଷୀ ନେତା ସାମନ୍ତ ଖମାରୀ, ଜନମମାଟି ସୁରକ୍ଷା ସମିତିର ଗିରିଧାରୀ ପାତ୍ରଙ୍କ ସହିତ ବଡ଼ଭଉଣୀ ଛବିତା ସାହୁ, ସମ୍ପର୍କୀୟ ସୌମ୍ୟରଞ୍ଜନ ସାହୁ, ତାଙ୍କ ପୁଅ ବିପ୍ଳବ ପ୍ରତାପ ପାଣିଗ୍ରାହୀ, ରୁଦ୍ରପ୍ରତାପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।


ବିବାହ ବାର୍ଷିକୀରେ ରକ୍ତ ଦାନ କରୁଛନ୍ତି ଦମ୍ପତି।

# ୫୧ ଯୋଡ଼ା ହେଲେ ଜୀବନ ସାଥୀ


ବେଦିରେ ମନ୍ତ୍ର ଉଚ୍ଚାରଣ ପୂର୍ବକ ବିବାହ ସମ୍ପନ୍ନ କରାଯାଉଛି।

**ଆଦର୍ଶ ବିବାହ**

ନୂଆପଡ଼ା,୨୬।୨ (ମକାରୁ ବେମାଲ)

ନୂଆପଡ଼ା ଜିଲା ଖରିଆର ରୋଡ୍ କାଞ୍ଚନବେନ ରସିକଲାଲ ଢୋଲକିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗୁରୁକୁଳ ଆଶ୍ରମ ଆମସେନାଠାରେ ଗୁରୁବାର ୧୪ତମ ସାମୂହିକ ଆଦର୍ଶ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ବିଧାୟକ ଜୟ ଢୋଲକିଆଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡ଼ା, ବରଗଡ଼, ବଲାଙ୍ଗୀର ଜିଲା ସମେତ ପଡୋଶୀ ଛତିଶଗଡ଼ ରାଜ୍ୟର ମୋଟ ୫୧ ଯୋଡା ଯୁବତୀଯୁବକ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ପୂର୍ବତନ ନୂଆପଡା ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ଓ ତାଙ୍କ ସ୍ତ୍ରୀ କଳ୍ପନା ଢୋଲକିଆଙ୍କ ଫେବୃଆରୀ ୨୬ରେ ବିବାହ ହୋଇଥିଲା। ବିବାହ ବାର୍ଷିକୀ ଅବସରରେ ସାମୂହିକ ଆଦର୍ଶ ବିବାହ ଉତ୍ସବ ପାଳନ କରିବା ପାଇଁ ଯୋଜନା କରି ୨୦୧୩ ମସିହାଠାରୁ ଏହା ଆରମ୍ଭ କରିଥିଲେ। ରାଜେନ୍ଦ୍ରଙ୍କ ଦେହାନ୍ତ ପରେ ତାଙ୍କ ପୁଅ ଜୟ ବାପାଙ୍କ ଅଧୁରା ସ୍ୱପ୍ନକୁ ପୁରା କରିବା ପାଇଁ ଚଳିତବର୍ଷ ୫୧ ଯୋଡା ଯୁବତୀଯୁବକଙ୍କୁ ବିବାହ କରାଇଛନ୍ତି। ଢୋଲକିଆ ଦମ୍ପତି ୧୪ ବର୍ଷରେ ପାଖାପାଖି ହଜାରେ ଯୋଡା ବିବାହ କରାଇ ସାରିଲେଣି। ଗୁରୁବାର ଅନୁଷ୍ଠିତ ବିବାହ ଉତ୍ସବରେ ୫୧ ଯୋଡା ଯୁବତୀଯୁବକଙ୍କୁ ୨୬ଟି ବିବାହ ବେଦୀରେ ଗୁରୁକୁଳ ଆଶ୍ରମ ଆମସେନାର ଆଚାର୍ଯ୍ୟମାନଙ୍କ ଦ୍ୱାରା ସାମାଜିକ ରୀତିରେ ବିବାହ କରାଯାଇଥିଲା । ଗରିବ, ଅସହାୟ ଶ୍ରେଣୀର ଯୁବତୀଯୁବକ ବିଭିନ୍ନ କାରଣରୁ ବିବାହ କରିପାରୁ ନାହାନ୍ତି। ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପୂର୍ବତନ ବିଧାୟକ ସ୍ୱର୍ଗତ ଢୋଲକିଆ ଏହି ଅଭିନବ ପ୍ରୟାସ ଆରମ୍ଭ କରିଥିଲେ। ଏଥିରେ ବନ୍ଧୁବାନ୍ଧବଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଥିଲା। ସେମାନେ ଭୋଜିଭାତ ଖାଇ ବରକନ୍ୟାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ବିବାହ ଉତ୍ସବରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବରିଷ୍ଠ ଓକିଲ ପ୍ରସନ୍ନ କୁମାର ପାଢୀ, କଳ୍ପନା ଢୋଲକିଆ, ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ଉପାଧ୍ୟକ୍ଷ ନିଶାନ୍ତ ଡାଗା, ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ଅବନୀ ରଞ୍ଜନ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦ୍ୟାଳୟସ୍ତରୀୟ ଗଣିତ ଚକ୍ର ଓ ପ୍ରଦର୍ଶନୀ

ଖଡ଼ିଆଳ,୨୬।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ପିଏମ୍‌ଶ୍ରୀ ରାଜା ଆର୍ତ୍ତତ୍ରାଣ ଐତିହ୍ୟ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଗଣିତ ଚକ୍ର ଓ ପ୍ରଦର୍ଶନୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଅଶୋକ କୁମାର ବେହେରା, ଗୌରାଙ୍ଗ କୁମାର ସାହୁ ଓ ପ୍ରଭୁଦତ୍ତ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବୃତ୍ତର ପରିଧି ନିର୍ଣ୍ଣୟ, ଗାଣିତିକ, ଜ୍ୟାମିତି ଓ ତ୍ରିକୋଣମିତି କୌଶଳକୁ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏଥିରେ ଛାତ୍ର ଜାହିଦ ଖାନ, ନାନେଶ ଧୀବର, କାର୍ତ୍ତିକ ତାଣ୍ଡି, ହିତେଶ ସାହୁ, ରାଜବୀର ବହିଦାର, କ୍ରିଷ୍ଣା ଶବର, ସୁମିତ ରଣା, ମାମାଲି ପଟେଲ, ସୋନମ ପରବିନ କୃତିତ୍ୱ ହାସଲ କରିଥିଲେ।

# ବାଲ୍ୟବିବାହ ଏକ ସାମାଜିକ ବ୍ୟାଧି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଧର୍ମଗଡ଼,୨୬।୨(ଘାସିରାମ ଜଗତ)

ତାଲୁକ ଆଇନସେବା ସମିତି କଳାହାଣ୍ଡି ଜିଲା ଧର୍ମଗଡ଼ ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁବାର ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକ ଆଇନସେବା ସମିତି ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଓ ପ୍ରଥମଶ୍ରେଣୀ ବିଚାରବିଭାଗୀୟ ବିଚାରପତି ଶ୍ରୀଚନ୍ଦନ ସେଠୀ, ବରିଷ୍ଠ ଆଇନଜୀବୀ ଚିନ୍ତାମଣି ପାତ୍ର, ଆଇନଜୀବୀ ମିହିର ରଞ୍ଜନ ପାଟଜୋଷୀ, ପାନେଲ ଓକିଲ କମଳିନୀ ରଥ, ମହିଳା ଓ ଶିଶୁ ବିକାଶ ବିଭାଗ ସୁପରଭାଇଜର ସତ୍ୟପ୍ରିୟା ପାତ୍ର, ସରସ୍ୱତୀ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ କୁଞ୍ଜବିହାରୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ପ୍ରଧାନ ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି। ଏକ ସୁସ୍ଥ ଓ ସମୃଦ୍ଧ ଦେଶ ଗଠନରେ ବାଲ୍ୟବିବାହର ମୂଳୋତ୍ପାଟନ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଏହାସହ ରାଷ୍ଟ୍ରୀୟ ଆଇନସେବା ପ୍ରାଧିକରଣ ଦ୍ୱାରା ବାଲ୍ୟବିବାହ ମୁକ୍ତ ଭାରତ ଗଠନ ସକାଶେ ଅଭିନୀତ ମାର୍ଗଦର୍ଶିକାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ଚିନ୍ତାମଣି ପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଧାନ ଆଚାର୍ଯ୍ୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଖଡ଼ିଆଳ,୨୬।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ମୁକ୍ତାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସାହିନା ପରଉନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କମିଟି ସଭାପତି ତୁଳା ହଂସଙ୍କ ବିୟୋଗରେ ନୀରବ ପ୍ରାର୍ଥନା ପରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଇଓ କାହ୍ନୁଚରଣ ନାୟକ ମୁଖ୍ୟ ଅତିଥି, ମେଜର ଡ. ରାମଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ଦେବରାଜ ମହାପାତ୍ର, ଧନୁର୍ଜୟ କରୁଆଁ, ସିଆର୍‌ସିସି ଅରୁଣ କୁମାର ନାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଉଚ୍ଚକୋଟିର ନୃତ୍ୟ ଗ୍ରାମବାସୀଙ୍କୁ ମୁଗ୍ଧକରିଥିଲା। ଶେଷରେ ଶିକ୍ଷୟିତ୍ରୀ ନବୀନା ବନଗୋଲା ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକୋତ୍ସବରେ ନୃତ୍ୟ ପରିବେଷଣ ପାଇଁ ପ୍ରସ୍ତୁତ ହେଉଛନ୍ତି ଛାତ୍ରୀ।

# ପ୍ରଦୂଷଣ ଯାଞ୍ଚ ୟୁନିଟ୍‌ରେ ଲୋକଙ୍କ ଭିଡ଼

ଥୁଆମୂଳ ରାମପୁର, ୨୬।୨ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟ ସମ୍ମୁଖରେ ଗାଡ଼ି ମାଲିକଙ୍କ ସୁବିଧା ପାଇଁ ଏକ ଭ୍ରାମ୍ୟମାଣ ପ୍ରଦୂଷଣ ଯାଞ୍ଚ ୟୁନିଟ ଖୋଲାଯାଇଛି। ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଦ୍ୱାରା ଅନୁମୋଦିତ 'ଦାଶ ମୋବାଇଲ ପ୍ରଦୂଷଣ ଯାଞ୍ଚ ୟୁନିଟ' ପକ୍ଷରୁ ଏହି ଶିବିର ଦୁଇଦିନ ଧରି ଚାଲିଛି। ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ପ୍ରାୟ ୬୦ ଜଣ ଗାଡ଼ି ଚାଳକ ନିଜ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନବୀକରଣ କରିଥିବା ବେଳେ ୨୬ରେ ଏହି ସଂଖ୍ୟା ୮୫ରେ ପହଞ୍ଚିଛି। ନିକଟରେ ଏହି ସୁବିଧା ମିଳୁଥିବାରୁ ବହୁ ସଂଖ୍ୟାରେ ବାଇକ୍ ଓ କାର୍ ଚାଳକ ଏଠାକୁ ଆସି ନିଜ ଗାଡ଼ିର ଯାଞ୍ଚ କରାଉଥିବା ଦେଖିବାକୁ ମିଳିଛି। ୟୁନିଟ ପରିଚାଳକ ତୁଳସୀ ଦଣ୍ଡସେନା ଓ ଶ୍ରବଣ କୁମାର ମେହେରଙ୍କ ସୂଚନା ଅନୁଯାୟୀ, ସରକାରୀ ନିୟମ ଅନୁସାରେ ମାତ୍ର ୭୦ ଟଙ୍କା ବିନିମୟରେ ଏହି ପ୍ରଦୂଷଣ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଏହି ମୋବାଇଲ ୟୁନିଟ ଥୁଆମୂଳ ରାମପୁରରେ ରହିବ। ଯେଉଁମାନଙ୍କ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ରର ଅବଧି ଶେଷ ହୋଇଯାଇଛି ସେମାନେ ତୁରନ୍ତ ଏଠାକୁ ଆସି ନିଜ ଗାଡ଼ିର ଯାଞ୍ଚ କରାଇ ଜରିମାନାରୁ ମୁକୁଳିବାକୁ ୟୁନିଟ ପକ୍ଷରୁ ଅନୁରୋଧ କରାଯାଇଛି।



ପ୍ରଦୂଷଣ ଯାଞ୍ଚ ପାଇଁ ଭ୍ରାମ୍ୟମାଣ ୟୁନିଟ୍ ନିକଟରେ ଲୋକଙ୍କ ଭିଡ଼ ଜମିଛି।

# ଟେଣ୍ଡରେ ହୋଇଥିବା ରାସ୍ତା ଅନ୍ୟତ୍ର ସ୍ଥାନାନ୍ତରକୁ ବିରୋଧ

ଲାଞ୍ଜିଗଡ଼,୨୬।୨(ରମେଶ ଚନ୍ଦ୍ର ନାୟକ)

ଗାଁ ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟ ଜଳ ଓ ଗମନାଗମନ ଭଳି ସମସ୍ୟା ଦୂର କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନ୍ୟତମ। ଏହି ଯୋଜନା ମାଧ୍ୟମରେ ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ବ୍ୟବସ୍ଥା ରହିଛି। ଏହି ଯୋଜନାରେ ନୂତନ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଜାରି ରହିଥିବାବେଳେ ଏହାକୁ ଅନ୍ୟତ୍ର ସ୍ଥାନାନ୍ତରକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏଭଳି ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ମେଲବାହାଲି ଗାଁରେ। ସୂଚନା ଅନୁସାରେ ବିଜେପୁରଠାରୁ ଲାଞ୍ଜିଗଡ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଠାରୁ ମେଲବାହାଲି ଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ସର୍ଭେ ଓ ଟେଣ୍ଡର ପ୍ରକ୍ରିୟା ସହ ରାସ୍ତା ମାପ ମଧ୍ୟ ସରିଯାଇଥିଲା। ହେଲେ କୌଣସି କାରଣରୁ ସେହି ରାସ୍ତାକୁ ମେଲବାହାଲି ଗାଁରେ ନିର୍ମାଣ ନ କରି ପଡ଼ୋଶୀ ଗାଁ ବଣ୍ଡେଲ ପଡ଼ାକୁ ନିର୍ମାଣ ହେଉଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କେଉଁ କାରଣରୁ ସେହି ପ୍ରକଳ୍ପ ଅନ୍ୟ ଗାଁକୁ ସ୍ଥାନାନ୍ତର କରାଯାଇଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜନୈତିକ ଚାପ ଯୋଗୁ ଏହି ରାସ୍ତାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏ ନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅସିତ ଖତୁଆଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ କଲ ଗ୍ରହଣ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।


ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ରାସ୍ତା ନିର୍ମାଣକୁ ବିରୋଧ କରାଯାଉଛି।

## ସଂକ୍ଷେପରେ

### ପାଠ୍ୟକ୍ରମ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା,୨୬।୨(ଦିନେଶ ମିଶ୍ର):** ପାନପୋଷସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଗ୍ନୋ କେନ୍ଦ୍ର ପକ୍ଷରୁ ପାଠ୍ୟକ୍ରମ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ତଥା ଇଗୋ ଶାଖା ସଂଯୋଜକ ପ୍ରଶାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିଭିନ୍ନ ବର୍ଗର ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସଂଯୋଜକ ସେଠୀ ଇଗ୍ନୋ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିଭଳି କେନ୍ଦ୍ରର ସହ ସଂଯୋଜକ ଅଜୟ ବେହେରା ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।

### ଆର୍‌ଏସ୍‌ପିରେ ତାଲିମ ପାଇଁ ୭୨ ଆପ୍ରେଣ୍ଟିସ ସାମିଲ

**ରାଉରକେଲା,୨୬।୨(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିରେ ତୃତୀୟ ବ୍ୟାଚ୍‌ରେ ୭୨ ଜଣ ସ୍ନାତକ, ଡିପ୍ଲୋମା ଓ ଆଇଟିଆଇ ଡିଗ୍ରୀଧାରୀ ପ୍ରଶିକ୍ଷାର୍ଥୀଙ୍କୁ ଏକ ବର୍ଷବ୍ୟାପୀ ତାଲିମ କାର୍ଯ୍ୟକ୍ରମ ପାଇଁ ସାମିଲ କରାଯାଇଛି। ଗୋପବନ୍ଧୁ ଅଡିଟୋରିୟମରେ ଫେବୃଆରୀ ୨୩ ଓ ୨୪ ତାରିଖରେ ପ୍ରଶିକ୍ଷାର୍ଥୀମାନଙ୍କ ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ସମାରୋହରେ ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ସିଜିଏମ୍ ପି. କେ. ସାହୁ ଅଧ୍ୟକ୍ଷତା କରିଥିଲେ। ଜିଏମ୍ ମନୋଜ ଅଗ୍ରୱାଲ ମଞ୍ଚାସୀନ ଥିଲେ। ରାଷ୍ଟ୍ର ନିର୍ମାଣରେ ଆର୍‌ଏସ୍‌ପିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ପଦକ୍ଷେପରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ସିଜିଏମ୍ ସାହୁ କହିଥିଲେ। ଧାର୍ଯ୍ୟ ନିୟମ ଅନୁଯାୟୀ ଗ୍ରାଜୁଏଟ ଆପ୍ରେଣ୍ଟିସ ଟ୍ରେନି ୧୨,୩୦୦ ଟଙ୍କା, ଡିପ୍ଲୋମା ଆପ୍ରେଣ୍ଟିସ ୧୦,୯୦୦ ଟଙ୍କା ଏବଂ ଆଇଟିଆଇ ଆପ୍ରେଣ୍ଟିସ ୧୦,୫୬୦ ଟଙ୍କା ପାଇବେ।



ରାଜଭାଷାର ପ୍ରଚାର ପ୍ରସାର ପାଇଁ ରାଉରକେଲା ସିଭିକ୍ ସେଣ୍ଟରଠାରେ ବୁଧବାର ଆର୍‌ଏସ୍‌ପି କର୍ମଚାରୀମାନଙ୍କ ଦ୍ୱାରା ପରିବେଷିତ ଏକ ନାଟକର ଦୃଶ୍ୟ।

# ନାଟକ କହିଲା ଦୁର୍ନୀତି, ଶୋଷଣ କଥା

**ରାଉରକେଲା,୨୬।୨(ବିପ୍ଳବ ରଞ୍ଜନ ଦାଶ)**

**ରାଜଭାଷା ପ୍ରଚାର ପ୍ରସାର ନେଇ ନାଟକ ସନ୍ଧ୍ୟା**

ରାଜଭାଷାର ପ୍ରଚାର ପ୍ରସାର ପାଇଁ ରାଉରକେଲା ସିଭିକ୍ ସେଣ୍ଟରଠାରେ ବୁଧବାର ଆର୍‌ଏସ୍‌ପି କର୍ମଚାରୀମାନଙ୍କ ଦ୍ୱାରା ଏକ ବ୍ୟଙ୍ଗାତ୍ମକ ହିନ୍ଦୀ ନାଟକ ଏବଂ ଏକ ଭାବପ୍ରବଣତା ସମ୍ପନ୍ନ ଓଡ଼ିଆ ଗୀତି ନାଟ୍ୟ ମଞ୍ଚସ୍ଥ କରାଯାଇଥିଲା। ଏହି ସମାରୋହରେ ଏଚ୍‌ଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ନମ୍ରତା ବର୍ମା, ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସଂହତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ସ୍ମିତା ଗିରି, ଡ. ପ୍ରତିଜ୍ଞା ପଲାଇ, ରୀତା ରାଣୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କାରଖାନାର ବହୁ ବରିଷ୍ଠ ଅଧିକାରୀ, ନାଟ୍ୟ ପ୍ରେମୀ ଏବଂ କଳାକାରଙ୍କ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ। ନାଟକଟି ସାମାଜିକ ପ୍ରାସଙ୍ଗିକ ଓଡ଼ିଆ ଗୀତି ନାଟ୍ୟ 'ପେଟେଣ୍ଟ ମେଡିସିନ୍' ସହିତ ଆରମ୍ଭ ହୋଇଥିଲା। ଏହାର ମୂଳରଚନା ବ୍ୟାସକବି ଫକିର ମୋହନ ସେନାପତି ରହିଥିବା ବେଳେ ଏହାର ନାଟ୍ୟକାର ଗୋପାଳ ଛୋଟରାୟ ଏବଂ ଏହାକୁ ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି ସଙ୍ଗୀତରେ ସଜାଇଥିଲେ। ଏସ୍‌ଏମ୍‌ଏସ୍-୨ ବିଭାଗର ଜେଇ ପ୍ରଭାକର ପାତ୍ର, ଏବଂ ସିପି-୨ ବିଭାଗର ଜେଇ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଏହାର ନିର୍ଦ୍ଦେଶନା ଦେଇଥିଲେ। ପାରିବାରିକ ଜୀବନ ଉପରେ ମଦ ନିଶା ପ୍ରଭାବକୁ ନାଟକରେ ହାସ୍ୟରସ ଏବଂ ସଙ୍ଗୀତରେ ଉପସ୍ଥାପନ କରାଯାଇଥିଲା। ପରେ ପରେ 'ଦେଢ ଟାଙ୍ଗ କି ମୁର୍ଗି' ନାମକ ଏକ ହିନ୍ଦୀ ବ୍ୟଙ୍ଗ ନାଟକ ପରିବେଷିତ ହୋଇଥିଲା। ଯେଉଁଥିରେ ଦେଢ଼ ଗୋଡ ବିଶିଷ୍ଟ କୁକୁଡ଼ା ପ୍ରତୀକାତ୍ମକ ଭାବେ ଏକ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାରେ ଫସି ରହିଥିବା ଅସହାୟ ଜନସାଧାରଣଙ୍କୁ ପ୍ରତିନିଧିତ୍ୱ କରିଥିଲା। ଅରୁଣ ଆଲବେଲାଙ୍କ ରଚିତ ଏହି ନାଟକଟି ମୂଳତଃ ଗଣତାନ୍ତ୍ରିକ ସଚେତନତା, ଦୁର୍ନୀତି ଏବଂ ସାଧାରଣ ଲୋକଙ୍କ ଶୋଷଣକୁ ଆଲୋକିତ କରିଥିଲା। ଏହାକୁ ଅକ୍ସିଜେନ୍ ପ୍ଲାଣ୍ଟ ବିଭାଗର ଜେଇ ପରେଶ ରଞ୍ଜନ ମହାନ୍ତୋ ଏବଂ ଏଫ୍‌ଏମ୍ ଆଣ୍ଡ ଟିଏମ୍ ବିଭାଗର ଜେଇ ସରୋଜ କବି ନିର୍ଦ୍ଦେଶନା ଦେଇଥିଲେ। ଏହି ଅବସରରେ ସମାରୋହରେ ପୂର୍ବରୁ ଅନୁଷ୍ଠିତ ଆଶୁ କବିତା ପ୍ରତିଯୋଗିତାର ବିଜେତା ଏବଂ ବିଚାରକମାନଙ୍କୁ ପୁରସ୍କୃତ କରାଯାଇଥିଲା। ଲୋକସମ୍ପର୍କ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଜୟଦେବ ମଜୁମଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲୋକସମ୍ପର୍କ ବିଭାଗର ଡେପୁଟି ମ୍ୟାନେଜର ସୁଜିତ ବେହେରା ଏବଂ ରାଜଭାଷା ବିଭାଗର ସେକ୍ସନ ଅଫିସର ଶିବାଶିଷ ପଟ୍ଟନାୟକ ସହଯୋଗ କରିଥିଲେ। ଲୋକ ସମ୍ପର୍କ ବିଭାଗର ଜିଏମ୍ ତଥା ସଞ୍ଚାରମୁଖ୍ୟ ଅର୍ଚ୍ଚନା ଶତପଥୀ ଏବଂ ପିଆର୍ ରାଜଭାଷା ବିଭାଗର ଏଜିଏମ୍ ସୁଶ୍ରୀ ଲୋଲାଟି ଟପ୍ପୋଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ସଂଯୋଜିତ ହୋଇଥିଲା।

# ଦୋକାନ କାନ୍ଥ ତାଡ଼ି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଲୁଟ୍

**ରାଉରକେଲା,୨୬।୨(ସଙ୍ଗୀତା ଜେନା)**

ଝିରପାଣି ଥାନା ଅନ୍ତର୍ଗତ ଝିରପାଣି ହାଇସ୍କୁଲ ସମ୍ମୁଖରେ ଥିବା ଏକ ସୁନାଦୋକାନରୁ କେହି ଦୁର୍ବୃତ୍ତ ପଛ କାନ୍ଥରେ ସିନ୍ଧି କରି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଚୋରି କରିଥିବା ଜଣାପଡିଛି। ଖବର ପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ଏକ ମାମଲା (ନଂ.୩୬/୨୬) ରୁଜୁ ହୋଇଛି। ଅଭିଯୋଗକାରୀ ପ୍ରଦୀପ ଲେଙ୍କାଙ୍କ କହିବା ଅନୁଯାୟୀ, ଝିରପାଣି ହାଟ ନିକଟ ଗଣେଶ ମାର୍କେଟରେ ତାଙ୍କର ଜୁଏଲାରୀ ଓ ମେଡ଼ିଶିନ ଦୋକାନ ରହିଛି। ବୁଧବାର ରାତି ୯ଟାରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତି ୨ଟା ୩୦ ପରେ ଦୁର୍ବୃତ୍ତମାନେ ଜୁଏଲାରୀ ଦୋକାନର ପଛ କାନ୍ଥ ସିନ୍ଧି କରି ପଶିଥିଲେ ଏବଂ ସମସ୍ତ ଅଳଙ୍କାର ଧରି ଫେରାର ହୋଇଯାଇଥିଲେ। ତେବେ ରାତି ୨ଟାରୁ ୩ଟା ମଧ୍ୟରେ ଏକ ସ୍କର୍ପିଓ ଦୋକାନ ଆଗରେ ଛିଡା ହୋଇଥିବା ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି। ସମ୍ଭବତଃ ଏଥିରେ ଦୁର୍ବୃତ୍ତମାନେ ଚୋରି କରିବାକୁ ଆସିଥାଇପାରନ୍ତି। ସ୍ୱାସ୍ଥ୍ୟଗତ କାରଣ ଯୋଗୁ ସେ ରାଉରକେଲା ସରକାରୀ ଡାକ୍ତରଖାନା ଯାଇଥିଲେ। ଦୋକାନ କର୍ମଚାରୀ ଗୁରୁବାର ପୂର୍ବାହ୍ନ ୧୦ଟାରେ ଆସିବା ପରେ ଚୋରି ସମ୍ପର୍କରେ ତାଙ୍କୁ ସୂଚନା ଦେଇଥିଲେ। ତେବେ ଏହି ଚୋରି ଯୋଜାନବଦ୍ଧ ଭାବେ ହୋଇଛି ବୋଲି ଅଭିଯୋଗକାରୀ କହିଛନ୍ତି। ଅପରପକ୍ଷେ, ଝିରପାଣି ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାନ୍ତରେ ଥିବା ଯୋଗୁ ଉକ୍ତ ଚୋରିରେ ଆନ୍ତଃରାଜ୍ୟ ଚୋର ଦଳ ବା ଝାଡଖଣ୍ଡୀ ଚୋରଙ୍କ ଭୂମିକା ଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହି ମାମଲାର ତଦନ୍ତ ଜୋରଦାର କରାଯିବ ବୋଲି ଥାନାଧିକାରୀ ପ୍ରଦୀପ ନାଏକ କହିଛନ୍ତି।

# ଭାରତ ବିକାଶ ପରିଷଦର ଆନେମିଆ ମୁକ୍ତ ଭାରତ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଗଣ।

**ରାଉରକେଲା,୨୬।୨(ବିପ୍ଳବ ରଞ୍ଜନ ଦାଶ)**

ଭାରତ ବିକାଶ ପରିଷଦର ମହିଳା ସହଭାଗିତା ବିଭାଗ ପକ୍ଷରୁ ଆନେମିଆ ମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ କୋଏଲ ନଗରଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଅଶୋକ କକ୍କଡ ଓ ସମ୍ପାଦକ ବନ୍ଦିତା ମାହତୋଙ୍କ ଆବାହକତ୍ୱ ତଥା ମହିଳା ବିଭାଗର ପ୍ରମୁଖ ଅଞ୍ଜୁ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ଣ୍ଣିମା ନର୍ସିଂ ହୋମ୍‌ର ମୁଖ୍ୟ ଡାକ୍ତର ମଧୁସୂଦନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନେମିଆ ବା ରକ୍ତହୀନତା କଣ, ଏହାର ନିରାକରଣ, ଆନେମିଆ ପୀଡ଼ିତଙ୍କ ସମସ୍ୟା ଓ ଏଥିରୁ ମୁକ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରୀମାନଙ୍କ ପାଇଁ ବିଶେଷ ଉପଯୋଗୀ ହେବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର ପାଣି ମତ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ୯ରୁ ୧୪ ବର୍ଷ ମଧ୍ୟରେ ପ୍ରାୟ ୧୩୦ ଛାତ୍ରୀଙ୍କର ପରୀକ୍ଷା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ରଜେନ୍ଦ୍ର ଦାଶ, ଡା. ଗୌରୀଶଙ୍କର ପାତ୍ର, ଡା. ରାମଚନ୍ଦ୍ର ମେହେର, ମଧୁସୂଦନ ମହାପାତ୍ର, ପ୍ରଦୀପ ପଟ୍ଟନାୟକ, ମଦନମୋହନ ଆରୁଖ ପ୍ରମୁଖ ସହଯୋଗ କରିଥିଲେ।

# ସ୍କାନ ଷ୍ଟିଲ୍ କାରଖାନାରେ ସଚେତନତା କାର୍ଯ୍ୟକ୍ରମ

**କୁଆଁରମୁଣ୍ଡା,୨୬।୨(ଦେବାଶିଷ ସାହୁ)**

କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ବୁଡାକଟାରେ ଥିବା ସ୍କାନଷ୍ଟିଲ ୟୁନିଟ-୨ କାରଖାନା ପରିସରରେ ଗୁଟ୍‌ଖା ଓ ଅନ୍ୟାନ୍ୟ ତମାଖୁ ପଦାର୍ଥ ବିରୋଧୀ ସଚେତନତା କାର୍ଯ୍ୟକ୍ରମ କାରଖାନାର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅଙ୍କୁର ମଦାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାରଖାନାର କର୍ମଚାରୀ ଓ ଶ୍ରମିକମାନଙ୍କ ମଧ୍ୟରେ ତମାଖୁ ସେବନର କୁପ୍ରଭାବ ବିଷୟରେ ଜାଗୃକତା ସୃଷ୍ଟି ପାଇଁ ଏହି ଅଭିଯାନ କରାଯାଇଥିଲା। କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ଡାକ୍ତରଖାନାର ଡାକ୍ତର ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ. ତପସ୍ୱିନୀ ସାହୁ, ପ୍ରମୋଦ ସ୍ୱାଇଁ, ଭାଦୁଆ ଓରମ ଉପସ୍ଥିତ ରହି ଗୁଟ୍‌ଖା ସେବନରୁ କ୍ୟାନ୍ସର, ହୃଦ୍‌ରୋଗ, ମୁଖ ଓ ଦାନ୍ତ ସମସ୍ୟା ଆଦି ବିଷୟରେ ତଥ୍ୟ ଦେଇଥିଲେ। ସେଥିପାଇଁ ପୋଷ୍ଟର ପ୍ରଦର୍ଶନୀ ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। କର୍ମଚାରୀମାନେ ଗୁଟ୍‌ଖା ବିରୋଧୀ ଅଭିଯାନକୁ ସମର୍ଥନ କରି ଏହାକୁ ସଫଳ କରିବାର ଶପଥ ନେଇଛନ୍ତି । ଏହି ପଦକ୍ଷେପ ଦ୍ୱାରା କାରଖାନା ଅଞ୍ଚଳରେ ସ୍ୱାସ୍ଥ୍ୟ ପରିବେଶ ଗଢିଉଠିବ ବୋଲି ଆଶା ପ୍ରକାଶ ପାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଭୈରବସେନ ଗୁପ୍ତା, ଦୀପକ ଶର୍ମା, ପ୍ରଭୁରାମ ଦେ, ସରୋଜ ମହାକୁଡ଼, ଅଭୟ ସିଂ, ସୁବାସ ମଲ୍ଲିକ, ସନ୍ତୋଷ ପାଶୱାନ, ତେଲେଙ୍ଗା ତିଗା, ଅମିତ ମାଝୀ, ନିରଞ୍ଜନ କିଶାନ, ସଞ୍ଜୀବ ବାଡା, ଡିଲେଶ୍ୱର ଗଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀ।




ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ଛାତ୍ରୀ ସମାଜକୁ ପୂର୍ଣ୍ଣ ଅଧିକାର, ସ୍ୱାଧୀନତା ଜରୁରୀ

**ରାଉରକେଲା,୨୬।୨(ବିପ୍ଳବ ରଞ୍ଜନ ଦାଶ)**

**ବର୍ଣ୍ଣାଳି ମହୋତ୍ସବରେ ମତପ୍ରକାଶ**

ରାଉରକେଲା ସେକ୍ଟର-୨ସ୍ଥିତ ସୁଶୀଳାବତୀ ସରକାରୀ ମହାବିଦ୍ୟାଳୟରେ ବୁଧବାର ବର୍ଣ୍ଣାଳି ମହୋତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ସମ୍ବଲପୁରସ୍ଥିତ ଡ. ପୁରୁଷୋତ୍ତମ ମିଶ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଷ୍ଟଡି ଏଣ୍ଡ ଏଜୁକେଶନର ପୂର୍ବତନ ଅଧ୍ୟକ୍ଷା ଡକ୍ଟର କିଶୋରୀ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷିତ ମହିଳା ସମାଜ ଏବଂ ଦେଶର ପ୍ରଗତି ଉପରେ ଆଲୋଚନା କରିଥିଲେ। ଏଥିସହ ଉଚ୍ଚ ଶିକ୍ଷିତ ଛାତ୍ରୀମାନେ କିଭଳି ନିଜ ସାମର୍ଥ୍ୟରେ ଆଗକୁ ବଢିବେ, ନିଜ ନିଷ୍ପତ୍ତି ନିଜେ ଯେଭଳି ନେଇପାରିବେ ସେ ଦିଗରେ ଛାତ୍ରୀମାନଙ୍କୁ ପୂର୍ଣ୍ଣ ଅଧିକାର ଓ ସ୍ୱାଧୀନତା ମିଳିବା ଜରୁରୀ ବୋଲି ମତପ୍ରକାଶ କରିଥିଲେ। ଡ. ସଞ୍ଜୟ ହାତୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଏବଂ ବର୍ତ୍ତମାନର ଉଚ୍ଚ ଶିକ୍ଷିତ ଯୁବ ସମାଜ ଉପରେ ତାର ପ୍ରଭାବ ଉପରେ ଆଲୋକପାତ କରିଥିଲେ। କଲେଜ ଅଧ୍ୟକ୍ଷା ଇପ୍‌ସିବା ଏକ୍କାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ମାନସ କୁମାର ବେହେରା, ପ୍ରକାଶ ସୋରେଙ୍ଗ, ଅନୀଲ ଏକ୍କା, ଲିପିକା କେରକେଟା ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ କଲେଜ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଫୁଡ ଫେଷ୍ଟ-୨୦୨୬ରେ ଉଦ୍ଭିଦ ବିଜ୍ଞାନ ବିଭାଗ ଛାତ୍ରୀମାନେ ପ୍ରଥମ, ଶିକ୍ଷା ବିଭାଗର ଛାତ୍ରୀଛାତ୍ର ଦ୍ୱିତୀୟ ଏବଂ ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ରୀମାନେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରେ ଡ. ସଞ୍ଜୟ ହାତୀଙ୍କ ଦ୍ୱାରା ରଚିତ ଏବଂ ଶ୍ରଦ୍ଧାଞ୍ଜଳି ମିଶ୍ର ଓ ଜନ୍ମେଜୟ ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକ 'ହାଇୱେକୀଳା' ମଞ୍ଚସ୍ଥ ହୋଇଥିଲା। ନାଟକ ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କଲେଜର ଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ଅଧ୍ୟାପିକା ଅଭିଲିପ୍ସା ଦାସ, ସବିତା ନାୟକ, ମହାଶ୍ୱେତା ସାହୁ ସହଯୋଗ କରିଥିଲେ।

# ସରକାରୀ ମହିଳା କଲେଜରେ ଖାଦ୍ୟ ମେଳା




ଖାଦ୍ୟ ମେଳାକୁ ଅତିଥି ମାନେ ଶୁଭାରମ୍ଭ କରୁଛନ୍ତି।

**ସୁନ୍ଦରଗଡ,୨୬।୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ବୁଧବାର ଖାଦ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ତଥା ସାମାଜିକକର୍ମୀ ସ୍ନେହଲତା ପଟେଲ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରୀମାନେ ବିଭିନ୍ନ ପାରମ୍ପରିକ ଖାଦ୍ୟ ମାଲପୁଆ, ଚାଉଳବରା, ଟଙ୍କତୋରାଣି, ଖିରି, କନିକା, ଭାତ, ରସାବଳୀ, ମୁଢ଼ି ମାଂସ ସହିତ ଆଧୁନିକ ଶୈଳୀର ଖାଦ୍ୟ ବିରିୟାନୀ, ସୁଇଟ କର୍ନ, ଚାଟ, ପାମ୍ପଡି ଚାଟ, ଲସି, ଚିକେନ ପକୋଡା, ମସଲା ପାମ୍ପଡ, ଘୁଗୁନି ଚାଟ, ଚିକେନ ସମୋସା, କେକ୍ ଆଦି ପରିବେଷଣ କରିଥିଲେ। ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ପ୍ଲାଷ୍ଟିକ ବର୍ଜନ ଓ ସ୍ୱଚ୍ଛତା ରକ୍ଷା ପାଇଁ ସମସ୍ତ ଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଗୃହ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଚାରୁଲତା ନାୟକ ସୁଚାରୁରୂପେ କାର୍ଯ୍ୟକ୍ରମ ସମ୍ପାଦାନ ସହ ସମସ୍ତ ଛାତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ୨୮ରୁ ସର୍ବଭାରତୀୟ ଭଲିବଲ ଟୁର୍ନାମେଣ୍ଟ

**ରାଉରକେଲା,୨୬।୨(ସଙ୍ଗୀତା ଜେନା)**

ରାଉରକେଲା ରାଇଜିଂ କ୍ଲବ ପକ୍ଷରୁ ଫେବୃଆରୀ ୨୮ରୁ ଦୁଇଦିନିଆ ୮ମ ସର୍ବଭାରତୀୟ ରାଇଜିଂ କପ୍ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହା ମାର୍ଚ୍ଚ ୧ ତାରିଖରେ ଉଦ୍‌ଯାପନ ହେବ। ଏ ନେଇ ଗୁରୁବାର ଅପରାହ୍ନ ୫ଟାରେ ସେକ୍ଟର-୨୦ ରାଇଜିଂ ପଡ଼ିଆରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କ୍ଲବର ଦେବୀ ପ୍ରସାଦ ମିଶ୍ର, ଶିଶିର ସାହୁ, କେବଳ ଲାଲ ସେଠୀ, ପଙ୍କଜ ସାମଲ, ଅନୀଲ ସିଂହ ପ୍ରମୁଖ ସୂଚନା ଦେଇ କହିଥିଲେ, ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ କ୍ଲବ ପକ୍ଷରୁ ଏହି ଭବ୍ୟ ଟୁର୍ନାମେଣ୍ଟ ହେବାକୁ ଯାଉଛି। ଏହି ଦ୍ୱିଦିବସୀୟ ଲିଗ୍ ଟୁର୍ନାମେଣ୍ଟରେ ଓଡ଼ିଶା ସମେତ ହରିୟାଣା, ଜବଲପୁର ରେଳବାଇ (ମଧ୍ୟପ୍ରଦେଶ), ନାଗପୁର(ମହାରାଷ୍ଟ୍ର), ଉତ୍ତରପ୍ରଦେଶ, ଦିଲ୍ଲୀ ଆଦିରୁ ଭଲିବଲ ଦଳ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ଏକ ମଶାଲ ଶୋଭାଯାତ୍ରା ସ୍ଥାନୀୟ ସୋମନାଥ ମନ୍ଦିରରୁ ବାହାରି ଅଞ୍ଚଳ ପରିକ୍ରମା କରିବା ପରେ ରାଇଜିଂ ପଡ଼ିଆରେ ପହଞ୍ଚିବ। ଚାମ୍ପିୟନ ଓ ରନର୍ସ ଦଳ ତଥା ତୃତୀୟ ସ୍ଥାନ ହାସଲ କରିଥିବା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରାଯିବ। ଖେଳ ପରିଚାଳନା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ରେଫରି ଓ କ୍ରୀଡ଼ା ବିଶେଷଜ୍ଞମାନେ ଯୋଗଦେବେ ବୋଲି ସୂଚନା ପ୍ରଦାନ କରାଯାଇଥିଲା।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ସାବାସ ଯୋଜନାରେ ୨୫ ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ

**ରାଉରକେଲା,୨୬।୨(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ଷ୍ଟିଲ ମେଲ୍ଟିଂ ଶପ୍-୨ ବିଭାଗର ସମ୍ମିଳନୀ ହଲରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଭାଗର ୨୫ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ସେଲ୍ ସାବାସ ଯୋଜନାରେ ପୁରସ୍କୃତ କରାଯାଇଛି। ଉତ୍ପାଦନ, ଗୁଣବତ୍ତା, ଯୋଜନା ଏବଂ ସୁରକ୍ଷା କ୍ଷେତ୍ରରେ ସେମାନଙ୍କ ଅନୁକରଣୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏସ୍‌ଏମ୍‌ଏସ୍-୨ ବିଭାଗର ସିଜିଏମ୍ ଏମ୍. ଜି. ଶ୍ରୀକାନ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଜେତାଙ୍କୁ ଯୋଜନାର ବର୍ଗ-୨ ଅଧୀନରେ ପ୍ରଶଂସାପତ୍ର ଓ ଉପହାର ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ସେକ୍ସନ ମୁଖ୍ୟ ଏବଂ ମାନବ ସମ୍ବଳ ବିଭାଗର ପ୍ରତିନିଧିଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀକାନ୍ତ ସେମାନଙ୍କ ପ୍ରୟାସ, ନିଷ୍ଠା ଏବଂ ପ୍ରତିବଦ୍ଧତାର ପ୍ରଶଂସା କରିଥିଲେ। ସେ ସମସ୍ତ କର୍ମଚାରୀଙ୍କୁ ଅନୁରୂପ ଉତ୍ସାହ, ଦାୟିତ୍ୱବୋଧ ପ୍ରଦର୍ଶନ ସହ ବିଭାଗର ଉତ୍ପାଦନ, ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା କାର୍ଯ୍ୟଦକ୍ଷତାକୁ ସୁଦୃଢ଼ କରିବାରେ ନେତୃତ୍ୱ ନେବାକୁ ଉତ୍ସାହିତ କରିଥିଲେ। ଏସ୍‌ଏମ୍‌ଏସ୍-୨ର ସିନିୟର ମ୍ୟାନେଜର ପ୍ରଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଅତିଥିମାନଙ୍କ ସହ ପୁରସ୍କୃତ କର୍ମଚାରୀ।

## ସଂକ୍ଷେପରେ

### ଆଞ୍ଚଳିକ ଅନୁସନ୍ଧାନ କମିଟିର ପରିଦର୍ଶନ

ବିନିକା,୨୬।୨(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟକୁ ଗୁରୁବାର ଆଞ୍ଚଳିକ ଅନୁସନ୍ଧାନ କମିଟି ସଦସ୍ୟମାନେ ପହଞ୍ଚି ପରିଦର୍ଶନ କରିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଉନ୍ନୟନ ପରିଷଦ ତରଫରୁ ଆଞ୍ଚଳିକ ଅନୁସନ୍ଧାନ କମିଟିର ସଦସ୍ୟ ଓଡ଼ିଆ ଅଧ୍ୟାପକ ଡ. ସୁଶାନ୍ତ କୁମାର ପଣ୍ଡା, ରସାୟନ ବିଜ୍ଞାନ ପ୍ରାଧ୍ୟାପକ ଚନ୍ଦ୍ରଶେଖର ପାତ୍ର, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରମୁଖ ଗଣେଶ ଚନ୍ଦ୍ର ପାଢ଼ୀ ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟ ସହବନ୍ଦିତ ପାଇଁ ପରିଦର୍ଶନ କରିଥିଲେ । ମହାବିଦ୍ୟାଳୟର ଭିତ୍ତିଭୂମିକୁ ଯାଞ୍ଚ କରି ସନ୍ତୋଷ ପ୍ରକାଶ କରିଥିଲେ। ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାଏକ ଓ ସମସ୍ତ କର୍ମଚାରୀଙ୍କ ସହ ମହାବିଦ୍ୟାଳୟର ବିକାଶ ପାଇଁ ଆଲୋଚନା କରିଥିଲେ ।

### ସୋଲାର ପ୍ଲେଟ ଚୋରି ଅଭିଯୋଗ

ଅମରପାଲି,୨୬।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କେନଝିରିଆପାଲି ପଞ୍ଚାୟତର ତେଲିପାଲି ଗ୍ରାମର ଚାଷ ଜମିରେ ଲାଗିଥିବା ସୋଲାର ସିଷ୍ଟମରୁ ସୋଲାର ପ୍ଲେଟ ସମେତ ଅନ୍ୟାନ୍ୟ ଉପକରଣ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ତେଲିପାଲି ଗ୍ରାମରେ ବବୃ ବାହନ ପ୍ରଧାନଙ୍କ ଚାଷ ଜମିରେ ସରକାରୀ ଯୋଜନା ଓରେଡା ମାଧ୍ୟମରେ ଏକ ସୋଲାର ସିଷ୍ଟମ ଲଗାଯାଇଥିଲା। ତେବେ ଗତ ରାତିରେ କେହି ଦୁର୍ବୃତ୍ତ ଉକ୍ତ ପ୍ରକଳ୍ପରୁ ସୋଲାର ପ୍ଲେଟ ସହିତ ଅନ୍ୟ କେତେକ ଉପକରଣ ଚୋରି କରିଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗକାରୀ ଆଇନଜୀବୀ ବବୃ ବାହନ ପ୍ରଧାନଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଛି। ତେବେ ଅଞ୍ଚଳରେ ବେଆଇନ ମଦ ବିକ୍ରି ହେଉଥିବା ସହିତ ଅଞ୍ଚଳରେ ଏପରି ଅନୈତିକ କାର୍ଯ୍ୟକଳାପ ସହିତ ଚୋରି ଭଳି କାର୍ଯ୍ୟ ବଢ଼ିଚାଲିଛି।

### ବିବାହ ବାର୍ଷିକୀରେ ଦମ୍ପତିଙ୍କ ଅଙ୍ଗଦାନ ଘୋଷଣା

**ରକ୍ତଦାନ କରି ପାଳନ କଲେ ବିବାହ ବାର୍ଷିକୀ**

ଭବାନୀପାଟଣା, ୨୬।୨(ଉତ୍ତମ କୁମାର ଦାଶ)

ଜନ୍ମଦିନ, ବିବାହ ବାର୍ଷିକୀ ଭଳି ଜୀବନର ସ୍ୱତନ୍ତ୍ର ଦିନକୁ ସ୍ମରଣୀୟ କରିବାକୁ ଲୋକେ ବିଭିନ୍ନ ପଦକ୍ଷେପ ନିଅନ୍ତି ଲୋକେ। ଏଭଳି ଏକ ଘଟଣାକ୍ରମେ ନିଜର ୧୫ତମ ବିବାହ ବାର୍ଷିକୀକୁ ସ୍ମରଣୀୟ କରିବାକୁ କଳାହାଣ୍ଡି ଜିଲା ଭବାନୀପାଟଣାର ଏକ ଦମ୍ପତି ନେଇଛନ୍ତି ନିଆରା ପଦକ୍ଷେପ। ଭବାନୀପାଟଣା ସହରର ଜଣେ ଜଣାଶୁଣା ଚେହେରା ହେଉଛନ୍ତି ତ୍ରିଲୋଚନ ପାଣିଗ୍ରାହୀ। ତାଙ୍କ ପତ୍ନୀ ଗୀତାଞ୍ଜଳି ପାଣିଗ୍ରାହୀ। ରାଜନୀତି ସହିତ ସମାଜସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ପାଣିଗ୍ରାହୀ ଦମ୍ପତି ଆଜି ନିଜର ଅଙ୍ଗଦାନ କରିବାକୁ ଘୋଷଣା କରିବା ସହିତ ଏଥିପାଇଁ ଉଦ୍ଦିଷ୍ଟ ଶପଥପତ୍ରରେ ସ୍ୱାକ୍ଷର କରିଛନ୍ତି। ନିଜର ସ୍ୱାଭାବିକ ମୃତ୍ୟୁ ପରେ ଉଭୟ ପତିପତ୍ନୀ ନିଜ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଦାନ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। କେବଳ ସେତିକି ନୁହେଁ, ବୁଧବାର ଉଭୟ ପତିପତ୍ନୀ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଓଡ଼ିଶା ରକ୍ତଭଣ୍ଡାରରେ ସ୍ୱେଚ୍ଛାକୃତ ରକ୍ତଦାନ କରି ନିଜ ବିବାହ ବାର୍ଷିକୀ ପାଳନ କରିଛନ୍ତି। ପାଣିଗ୍ରାହୀ ଦମ୍ପତିଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଉଭୟ ରକ୍ତଦାନ ସମୟରେ ଦଳିତ ଆଦିବାସୀ ମହାସଂଘର କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ, ଚାଷୀ ନେତା ସାମନ୍ତ ଖମାରୀ, ଜନମମାଟି ସୁରକ୍ଷା ସମିତିର ଗିରିଧାରୀ ପାତ୍ରଙ୍କ ସହିତ ବଡ଼ଭଉଣୀ ଛବିତା ସାହୁ, ସମ୍ପର୍କୀୟ ସୌମ୍ୟରଞ୍ଜନ ସାହୁ, ତାଙ୍କ ପୁଅ ବିପ୍ଳବ ପ୍ରତାପ ପାଣିଗ୍ରାହୀ, ରୁଦ୍ରପ୍ରତାପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

# ୮ ବର୍ଷ ବିତିଲା, ଗ୍ରାମାଞ୍ଚଳର ଜମି ମାଲିକଙ୍କୁ ପଟ୍ଟା ମିଳୁନି

**ସୁବର୍ଣ୍ଣପୁର ଜିଲାରେ ବିଳମ୍ବ ହେଉଛି ହାଇଟେକ୍ ସର୍ଭେ କାମ**

ସୋନପୁର,୨୬।୨(ମୃତ୍ୟୁଞ୍ଜୟ ଶତପଥୀ)

ଜମିର ଡିଜିଟାଲାଇଜେସନ ପାଇଁ ରାଜ୍ୟ ସରକାର ଅଳ୍ପ କିଛି ଜିଲାରେ ପରୀକ୍ଷାମୂଳକ ଭାବେ ହାଇଟେକ୍ ସର୍ଭେ କାମ ଆରମ୍ଭ କରିଥିଲେ। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ଗ୍ରାମାଞ୍ଚଳରେ ୨୦୧୭ ମସିହାରୁ ହାଇଟେକ୍ ସର୍ଭେ କାମ ଆରମ୍ଭ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଜିଲାବାସୀଙ୍କୁ ତାହାର ସୁଫଳ ମିଳିନି। ଜମି ମାଲିକଙ୍କୁ ନିଜ ଜମିର ପଟ୍ଟା ପାଇବା ପାଇଁ ଦୀର୍ଘ ବର୍ଷ ଅପେକ୍ଷା କରିବାକୁ ପଡୁଛି। କେବେ ପଟ୍ଟା ମିଳିବ ତାର ଉତ୍ତର ଜିଲାର ରାଜସ୍ୱ ଅଧିକାରୀଙ୍କ ପାଖରେ ନାହିଁ। ପଟ୍ଟା ପାଇବା ପାଇଁ ଜମି ମାଲିକଙ୍କୁ ହଇରାଣ ହେବାକୁ ପଡୁଛି।

ସୁବର୍ଣ୍ଣପୁର ଜିଲାର ୬ଟି ତହସିଲ ଅଞ୍ଚଳରେ ହାଇଟେକ୍ ସର୍ଭେ ଆରମ୍ଭ ପରେ ୨୦୧୮ ମସିହାରୁ ନୂତନ ପଟ୍ଟା ମିଳୁନି। ଜିଲାର ମୋଟ ୯୫୪ ରାଜସ୍ୱ ଗ୍ରାମରେ ହାଇଟେକ୍ ସର୍ଭେ ଚାଲିଛି। ସେଥିରୁ ସୋନପୁର ତହସିଲରେ ୭୮ ଗ୍ରାମ, ତରଭା ତହସିଲରେ ୧୨୦ ଗ୍ରାମ, ବିନିକା ତହସିଲରେ ୫୧ ଗ୍ରାମ, ରାମପୁର ତହସିଲରେ ୫୮ ଗ୍ରାମ, ବୀରମହାରାଜପୁର ତହସିଲରେ ୧୨୭ ଗ୍ରାମ ଓ ଉଲୁଣ୍ଡା ତହସିଲରେ ୧୭୪ ରାଜସ୍ୱ ଗ୍ରାମ ସର୍ବମୋଟ ୬୦୮ ରାଜସ୍ୱ ଗ୍ରାମରେ ଫାଇନାଲ ପଟ୍ଟା ହୋଇଛି। ମାତ୍ର ଜମି ମାଲିକଙ୍କୁ ପଟ୍ଟା ମିଳିନି। ଜିଲାରେ ଜମି କିଣାବିକା ହେଉଛି। ସୁବର୍ଣ୍ଣପୁର, ବିନିକା ଓ ତରଭା ସହରାଞ୍ଚଳରେ ମ୍ୟୁଟେସନ ହୋଇ ପଟ୍ଟା ମିଳୁଛି। କିନ୍ତୁ ଗ୍ରାମାଞ୍ଚଳରେ ହାଇଟେକ୍ ସର୍ଭେ ଆଳରେ ଗତ ୮ ବର୍ଷ ଧରି ପଟ୍ଟା ପ୍ରଦାନ ବନ୍ଦ ରହିଛି। ଜିଲାବାସୀ ସୁବିଧା ପାଇବା ବଦଳରେ ହାଇଟେକ୍ ସର୍ଭେ ନାମରେ ଅସୁବିଧା ଭୋଗୁଛନ୍ତି। ରାଜ୍ୟ ସରକାର ରାଜସ୍ୱ ବିଭାଗରେ ଅନେକ ସଂସ୍କାର ଆଣୁଥିବା ଡିଣ୍ଡିମ ପିଟୁଛନ୍ତି, କିନ୍ତୁ ଏଭଳି ଜନବିରୋଧି କାର୍ଯ୍ୟର ସମାଧାନ କରୁନାହାନ୍ତି। ସୂଚନା ଅନୁଯାୟୀ, ଏକ ବେସରକାରୀ ସଂସ୍ଥାକୁ ସରକାରୀ ପଟ୍ଟା ଓ ନକ୍ସା ପ୍ରିଣ୍ଟ କରିବା ପାଇଁ ଟେଣ୍ଡର ମିଳିଥିଲା। ରାଜ୍ୟ ସରକାର ଗତ ସେପ୍ଟେମ୍ବରରେ ଉକ୍ତ ଏଜେନ୍ସିର ଟେଣ୍ଡରକୁ ବରଖାସ୍ତ କରିଛନ୍ତି। ନୂଆ ଏଜେନ୍ସିକୁ ଆଉ ଟେଣ୍ଡର ମିଳିନି। ସେହିପରି ତହସିଲ ଗୁଡିକରେ ଶତାଧିକ ପଟ୍ଟା ପ୍ରସ୍ତୁତ ହୋଇ ରହିଥିଲେ ମଧ୍ୟ ସେଗୁଡିକୁ ବଣ୍ଟନ କରାଯାଉନି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ରାଜେନ୍ଦ୍ର କୁମାର ମାଝୀ କୁହନ୍ତି ପଟ୍ଟା ବଣ୍ଟନ ପାଇଁ ସରକାରଙ୍କୁ କ୍ଲାରିଫିକେସନ ମଗାଯାଇଛି। କୌଣସି ଉତ୍ତର ଆସିନି। ଅନୁମତି ମିଳିଲେ ଚୂଡାନ୍ତ ହୋଇଥିବା ପଟ୍ଟାଗୁଡିକୁ ବଣ୍ଟନ କରାଯିବ ବୋଲି କହିଥିଲେ। ରାଜ୍ୟ ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ଜିଲାପାଳଙ୍କ କାର୍ଯ୍ୟାଳୟ।

# ବିନିକାରେ ବୁଦ୍ଧିଜୀବୀ ସମ୍ମିଳନୀ




ବୁଦ୍ଧିଜୀବୀ ସମ୍ମିଳନୀରେ ମନ୍ତ୍ରୀ ରବି ନାରାୟଣ ନାଏକ ଓ ଅନ୍ୟମାନେ।

ବିନିକା,୨୬।୨(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଚନ୍ଦ୍ରମା ସଭା ଗୃହରେ ଗୁରୁବାର ବୁଦ୍ଧିଜୀବୀ ସମ୍ମିଳନୀ କରାଯାଇଥିଲା। ଏଥିରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ଆଲୋଚନା କରିଥିଲେ। ଏଥିରେ ବୁଦ୍ଧିଜୀବୀ, ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଥିଲେ। ବିଭିନ୍ନ ପ୍ରଶ୍ନ ଉତ୍ତରରେ ଶିକ୍ଷାବିତମାନେ ୩୦ ବର୍ଷ ଚାକିରୀ କରି ପେନସନ ମିଳୁ ନ ଥିବା, ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବା ଓ ମହାନଦୀର ସୁରକ୍ଷା ବିଷୟରେ ପ୍ରଶ୍ନ ଉତ୍ଥାପନ କରିଥିଲେ। ମନ୍ତ୍ରୀ ଶିକ୍ଷା ବିଭାଗରେ ଅଧିକ ବଜେଟ ଥିବା କହିଥିଲେ। ସରକାରଙ୍କ କିଛି ଭୁଲଭଟକା ହେଉଥିଲେ ସରକାରଙ୍କୁ ପରାମର୍ଶ ଦେବା ପାଇଁ ଅନୁରୋଧ କରିଥିଲେ। ମନ୍ତ୍ରୀ ରବିନାରାୟଣ ନାଏକ, ଜିଲା ପ୍ରଭାରୀ ସୁରେଶ୍ୱର ଶଥପଥୀ, ଜିଲା ଭାଜପା ସଭାପତି ବେଣୁଧର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ମହନ୍ତ, ଅଶୋକ ପୂଜାରୀ, ଏମ୍‌ପି ପ୍ରତିନିଧି ସାନନ୍ଦ ମେହେର, ଜିଲା ପରିଷଦ ସଦସ୍ୟା ପ୍ରମିଳା କଳତା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମଞ୍ଚାସୀନ ଥିଲେ। ଭାଜପା ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର ସଭା ପରିଚାଳନା କରିଥିଲେ। ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପୂର୍ବରୁ ଖବରଦାତା ସମ୍ମିଳନୀ କରି ସରକାରଙ୍କ ଦ୍ୱାରା ଲୋକାଭିମୁଖୀ ଆର୍ଥିକ ବଜେଟ ବିଷୟରେ ଓ ସରକାରଙ୍କ ନୂତନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଖବରଦାତାମାନେ ବିନିକା ସବଡ଼ିଭିଜନ ଦୀର୍ଘଦିନର ଦାବି ପୂରଣ,ଦୀର୍ଘ ୧୨ ବର୍ଷ ହେଲା ଅର୍ଦ୍ଧନିର୍ମିତ ହୋଇ ପଡ଼ିରହିଥିବା ଏକମାତ୍ର ସରକାରୀ କନିଷ୍ଠ ମହିଳା ମହାବିଦ୍ୟାଳୟର ଛାତ୍ରୀ ନିବାସ, ଐତିହାସିକ ପୂଣ୍ୟତୀର୍ଥ ପାପକ୍ଷୟ ଘାଟ ର ଉନ୍ନତି ବିଷୟରେ ପ୍ରଶ୍ନ କରିଥିଲେ। ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନାଏକ ନିଶ୍ଚିତ ବିନିକାବାସୀଙ୍କ ନ୍ୟାର୍ଯ୍ୟଦାବୀ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।



ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ଖେଳ ପଡ଼ିଆରେ ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ଚାଲିଥିବା ଫୁଟ୍‌ବଲ ପ୍ରତିଯୋଗିତାର ଗୁରୁବାର ଦ୍ୱିତୀୟ ଦିବସରେ ମ୍ୟାଚ୍ ପାଇଁ ପ୍ରସ୍ତୁତ ଖେଳାଳି।

# ଫୁଟ୍‌ବଲ ପ୍ରତିଯୋଗିତା: ସେମିରେ ବଲାସିଙ୍ଗା, ଗିରାସିଙ୍ଗା

ବଘିଆପଡା,୨୬।୨(ଶ୍ରୀକାନ୍ତ କୁମାର ସାହୁ)

ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ଖେଳ ପଡ଼ିଆରେ ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ୨୩ତମ ମୁଣ୍ଡାପଡା ଫ୍ରେଣ୍ଡସ କ୍ଲବ୍ ଫୁଟବଲ୍ ପ୍ରତିଯୋଗିତାର ଗୁରୁବାର ଦ୍ୱିତୀୟ ଦିବସ ଖେଳ ବଲାସିଙ୍ଗା ଓ ସାହାଜପାଲ ମଧ୍ୟରେ ହୋଇଥିଲା। ଏଥିରେ ଉଭୟ ଦଳ ୧-୧ ଗୋଲ ଦେବାରୁ ଖେଳ ଅମିମାଂସିତ ରହିଥିଲା। ଫଳରେ ଟାଇବ୍ରେକର ସାହାଯ୍ୟରେ ବଲାସିଙ୍ଗା ୪-୩ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମି ଫାଇନାଲକୁ ଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଗିରାସିଙ୍ଗା ଓ ଦନ୍ତାପାଲି ମଧ୍ୟରେ ହୋଇଥିଲା। ଏଥିରେ ଗିରାସିଙ୍ଗା ୧-୦ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ଖେଳରେ ମୁଣ୍ଡାପଡ଼ା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ଆକାଶ କୁମାର ଦାସ ମୁଖ୍ୟଅତିଥି, ମୁଣ୍ଡାପଡ଼ା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଅମ୍ବରୀଶ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ଶ୍ରବଣ ବେହେରା, ତାପସ ଭୋକ୍ତା ଓ ପ୍ରହ୍ଲାଦ ଭୋକ୍ତା ଖେଳ ପରିଚାଳନା କରିଥିଲେ। ନିରଞ୍ଜନ ବଗର୍ତ୍ତୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଫ୍ରେଣ୍ଡସ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ତାଲିମ ଶିବିର

ଖପ୍ରାଖୋଲ,୨୬।୨(ଅଭୟ ତ୍ରିପାଠୀ)

ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହଠାରେ ଜିଲା ପ୍ରଶାସନ ତରଫରୁ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ଏକ ଦିବସୀୟ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ମୁଖ୍ୟଅତିଥି ଭାବେ ପରିସଂଖ୍ୟାନ ବିଭାଗ ସହ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଖଣ୍ଡେଇ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର ଯୋଗ ଦେଇଥିଲେ ।

ତାଲିମଦାତା ଭାବେ ଏସଆଇଆର୍‌ଡି ମାଷ୍ଟର ଟ୍ରେନର ପ୍ରଜ୍ଞା ପରିମିତା ସିଂଦେଓ, ଆଶିଷ କୁମାର ପାଣିଗ୍ରାହୀ, ଭଜ ସୁନା, ଛନ୍ଦାରାଣୀ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ ଉପରେ ତାଲିମ ପ୍ରଦାନ କରାଯାଇଥିବା ବେଳେ ବ୍ୟବହାରିକ ଦକ୍ଷତା ବୃଦ୍ଧି ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ବୈଦ୍ୟନାଥ ମିଶ୍ର, ସୁଶୀଲ କୁମାର ଗୁରୁ, ସୀମାଞ୍ଚଳ ପୁରୋହିତଙ୍କ ସମେତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଅଙ୍ଗନବାଡ଼ି କର୍ମୀ, ସିଆର୍‌ପି, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ।

# ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଖଡ଼ିଆଳ,୨୬।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ମୁକ୍ତାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସାହିନା ପରଉନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କମିଟି ସଭାପତି ତୁଳା ହଂସଙ୍କ ବିୟୋଗରେ ନୀରବ ପ୍ରାର୍ଥନା ପରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଇଓ କାହ୍ନୁଚରଣ ନାୟକ ମୁଖ୍ୟ ଅତିଥି, ମେଜର ଡ. ରାମଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ଦେବରାଜ ମହାପାତ୍ର, ଧନୁର୍ଜୟ କରୁଆଁ, ସିଆର୍‌ସିସି ଅରୁଣ କୁମାର ନାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଉଚ୍ଚକୋଟିର ନୃତ୍ୟ ଗ୍ରାମବାସୀଙ୍କୁ ମୁଗ୍ଧକରିଥିଲା। ଶେଷରେ ଶିକ୍ଷୟିତ୍ରୀ ନବୀନା ବନଗୋଲା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣପୁର ସହରରେ ପୁରୁଣା ନୋଟ ବଦଳ ମେଳା




ଜଣେ ବରିଷ୍ଠ ନାଗରିକ ନିଜର ପୁରୁଣା ଅଚଳ ନୋଟ ବଦଳ କରୁଛନ୍ତି।

ସୋନପୁର,୨୬।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ବ୍ଲକ ଛକ ସ୍ଥିତ ଷ୍ଟେଟ୍ ବ୍ୟାଙ୍କ୍ ବଜାର ଶାଖା ସମ୍ମୁଖରେ ଗୁରୁବାର ଏସ୍‌ବିଆଇର ପୁରୁଣା ନୋଟ ବଦଳ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଘରେ ଅଚଳ ହୋଇ ପଡି ରହିଥିବା ପୁରୁଣା, ମଇଳା ନୋଟ୍ କିମ୍ବା ଚିରି ଯାଇଥିବା ନୋଟ ବଦଳରେ ନୂଆ ନୋଟ ଦିଆ ଯାଇଥିଲା। ସେହିପରି ବ୍ୟବସାୟୀଙ୍କୁ ବଡ ନୋଟ ବିନିମୟରେ ଆବଶ୍ୟକତା ଅନୁଯାୟୀ ଖୁଚୁରା ନୋଟ ଓ କଏନ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ଆର୍‌ବିଆଇ ଓ ଏସ୍‌ବିଆଇ ସୋନପୁର ମୁଖ୍ୟ ଶାଖାର ମିଳିତ ସହଯୋଗରେ ଏହି ମେଳା ଆୟୋଜନ ହୋଇଥିଲା। ଜିଲାରେ ପ୍ରଥମ ଥର ପାଇଁ ଏଭଳି ସୁଯୋଗ ମିଳିଥିବାରୁ ଲୋକେ ନିଜର ପୁରୁଣା ଓ ଚିରା ନୋଟ ବଦଳାଇ ଖୁସି ହୋଇଥିଲେ। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ନିଜର ପୁରୁଣା ନୋଟ ଓ କଏନ ବଦଳ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଆର୍‌ବିଆଇର ପରିଚାଳକ ପ୍ରତୀକ ଗୌତମ, ସହାୟକ ପରିଚାଳକ ଦେବାଶିଷ ବେହେରା, ଏସ୍‌ବିଆଇ ସୋନପୁର ଶାଖାର ମୁଖ୍ୟ ପରିଚାଳକ ଲକ୍ଷ୍ମଣ କୁମାର ମାଝୀ, ବବୁଲ ମେହେର ଓ ବଳଦେବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଚମ୍ପାମାଲ ଚମ୍ପେଶ୍ୱର ବାବାଙ୍କ ପଞ୍ଚଦୋଳ ମହୋତ୍ସବ ପ୍ରସ୍ତୁତି ଚୂଡାନ୍ତ

ବୀରମହାରାଜପୁର,୨୬।୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଚମ୍ପାମାଲ ସ୍ଥିତ ପ୍ରସିଦ୍ଧ ଶୈବପୀଠ ଚମ୍ପେଶ୍ୱର ମନ୍ଦିରରେ ପଞ୍ଚଦୋଳ ମହୋତ୍ସବ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ଗୁରୁବାର ଏନେଇ ଚମ୍ପାମାଲ ପଞ୍ଚଦୋଳ ମହୋତ୍ସବ କମିଟି ସଭାପତି କିଶୋର ହୋତା ସୂଚନା ପ୍ରଦାନ କରିଛନ୍ତି। ପଞ୍ଚଦୋଳ ପ୍ରଥମ ସନ୍ଧ୍ୟାରେ ବାବା ଚମ୍ପେଶ୍ୱର ଗମ୍ଭୀରାରୁ ବାହାରି ଦୋଳ ମଣ୍ଡପରେ ଦୋଳିବା ସହିତ ଭକ୍ତଙ୍କୁ ଦର୍ଶନ ଦେବେ। ପ୍ରଥମ ସନ୍ଧ୍ୟାରେ ପାତାଳୀ ଶ୍ରୀକ୍ଷେତ୍ର ଭଜନ କାର୍ଯ୍ୟକ୍ରମ, ଦ୍ୱିତୀୟ ସନ୍ଧ୍ୟାରେ ଡୁମୁରି ଏବଂ ପଣ୍ଡ୍ରି ମଧ୍ୟରେ ମହିଳା ବୈଠକି ଅନୁଷ୍ଠିତ ହେବ। ତୃତୀୟ ସନ୍ଧ୍ୟାରେ ଅନନ୍ତପାଲି ଏବଂ ଫୁଲଚରା ମଧ୍ୟରେ କୀର୍ତ୍ତନ ବୈଠକି, ଚତୁର୍ଥ ସନ୍ଧ୍ୟାରେ ଶତୋରୁନା ଏବଂ ରୁପେଶ କମେଡି ସୋ ପ୍ରଦର୍ଶନ ହେବ। ଠିକ୍ ସେହିପରି ବଲାଙ୍ଗୀର ରୁଗୁଡ଼ିଖାଲର ଖୁସୁବୁ ଦଣ୍ଡନୃତ୍ୟ ସପୁର ନାଗ ଏବଂ ସାଥିଙ୍କ ଦ୍ୱାରା ପରିବେଷଣ ହେବ। ପୂର୍ଣ୍ଣମା ରାତ୍ର ୧୧ଟାରେ ଚମ୍ପେଶ୍ୱର ବାବା ମନ୍ଦିରରୁ ବାହାରି ନଗର ପରିକ୍ରମା କରିବା ସହିତ ହରିହର ଭେଟ ପାଇଁ ବୀରମହାରାଜପୁର ମେଳଣ ପଡିଆ ଅଭିମୁଖେ ଯାତ୍ରା କରିବେ। ଘଣ୍ଟ, ଢୋଲ ବାଦ୍ୟ, ଛତି ଛତ୍ର, ଚାମର, ଆଲମ, ମଙ୍ଗଳଖାନ୍ଦୀ ସହ ଚଳିତ ବର୍ଷ ଗଞ୍ଜାମ ଜିଲା ପୋଲସରାର ଯୋଡିଶଙ୍ଖ, ପାଣ୍ଡା ଓ ବଣମଣିଷ ବିଶେଷ ଆକର୍ଷଣ ରହିବ ବୋଲି ଜଣାଯାଇଛି।

ଚମ୍ପାମାଲ ଚମ୍ପେଶ୍ୱର ମହାଦେବ ମନ୍ଦିର।



# ମାଉଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଅମରପାଲି ସେମିରେ

ଅମରପାଲି,୨୬।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତର ଜନକପୁର ଗ୍ରାମର ଖେଳ ପଡିଆରେ ଗୁରୁବାର ମା' ମାଉଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଖଣ୍ଡହତା ଓ ବଡକିରାସିରା ମଧ୍ୟରେ ହୋଇଥିଲା। ଏଥିରେ ବଡକିରାସିରା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଅମରପାଲି ଓ ମୁର୍ଚ୍ଛୁଣୀ ମଧ୍ୟରେ ହୋଇଥିଲା। ଏଥିରେ ଅମରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରରେ ୬ଉଇକେଟ ହରାଇ ୧୧୦ ରନ କରିଥିଲା। ଜବାବରେ ମୁର୍ଚ୍ଛୁଣୀ ଦଳ ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ହରାଇ ୮୮ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ବଡ଼କିରାସିରା ଓ ଦ୍ୱିତୀୟ ମ୍ୟାଚର ବିଜେତା ଅମରପାଲି ମଧ୍ୟରେ ହୋଇଥିଲା। ଏଥିରେ ଅମରପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ଅମରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୩ ଉଇକେଟ ହରାଇ ୪୮ ରନ ସଂଗ୍ରହ କରିଥିଲା। ଜବାବରେ ବଡ଼କିରାସିରା ଦଳ ନିର୍ଦ୍ଧାରିତ ୪ ଓଭରରେ ୪ ଉଇକେଟ ହରାଇ ୩୦ ରନ କରି ପରାସ୍ତ ହୋଇଥିଲା। ଫଳରେ ଅମରପାଲି ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅମରପାଲିର ସ୍ୱାଧୀନ କମିଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।



ବିଜୟୀ ଅମରପାଲି ଦଳର ଖେଳାଳି।

# ‘ଚାଷୀଙ୍କ ବିକାଶ ହେଲେ ରାଜ୍ୟର ପ୍ରଗତି ହେବ’

ଝାରସୁଗୁଡ଼ା,୨୬।୨(ଆଶିଷ ରଞ୍ଜନ ଦାଶ)

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା


କାର୍ଯ୍ୟକ୍ରମରେ ଜଣେ ମହିଳା ଚାଷୀଙ୍କୁ ରାଜସ୍ୱ ମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି।

ରାଜ୍ୟ ସରକାର ଚାଷୀଙ୍କ ଉନ୍ନତି ପାଇଁ ସର୍ବଦା କାର୍ଯ୍ୟ କରୁଛନ୍ତି। ଚାଷୀଙ୍କ ବିକାଶ ହେଲେ ରାଜ୍ୟର ପ୍ରଗତି ହେବ। ମତ୍ସ୍ୟଚାଷ ଓ ପ୍ରାଣିପାଳନ କେବଳ ଏକ ପାରମ୍ପରିକ ଜୀବିକା ନୁହେଁ, ବରଂ ଏହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ମୁଖ୍ୟ ଆଧାର ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଝାରସୁଗୁଡ଼ା ଜିଲା ପ୍ରଶାସନ ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମନମୋହନ ସ୍କୁଲ ପଡ଼ିଆଠାରେ ଦୁଇ ଦିନିଆ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଛନ୍ତି, ରାଜ୍ୟ ସରକାରଙ୍କ ଲକ୍ଷ୍ୟ ହେଉଛି ଶେଷ ଧାଡ଼ିରେ ଥିବା ଚାଷୀଙ୍କ ପାଖରେ ସରକାରୀ ଯୋଜନା ଓ ସାହାଯ୍ୟ ପହଞ୍ଚାଇବା। ଯେପରି ପ୍ରତିଟି ଗ୍ରାମୀଣ ପରିବାର ଆତ୍ମନିର୍ଭରଶୀଳ ହୋଇପାରିବେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗଦେଇଥିଲେ। ଏହି ମେଳାରେ ଝାରସୁଗୁଡ଼ା ଜିଲାର ଲଇକେରା, କିର୍ମିରା, ଝାରସୁଗୁଡ଼ା, ଲଖନପୁର ଏବଂ କୋଲାବିରା ବ୍ଲକ୍ ଅଞ୍ଚଳର ୫୦୦ରୁ ଅଧିକ ସଫଳ ଚାଷୀ, ପ୍ରାଣିପାଳକ ଏବଂ ମତ୍ସ୍ୟଜୀବୀ ଅଂଶଗ୍ରହଣ କରିଥିଲେ। ଏହି ମେଳାର ଅନ୍ୟତମ ଆକର୍ଷଣ ଥିଲା ବିଭିନ୍ନ ବିଭାଗ ପକ୍ଷରୁ ସ୍ଥାପିତ ୨୦ରୁ ଅଧିକ ପ୍ରଦର୍ଶନୀ ଷ୍ଟଲ, ଯାହା ଚାଷୀମାନଙ୍କୁ ସରକାରୀ ଯୋଜନା ଓ ଆଧୁନିକ ବୈଷୟିକ ଜ୍ଞାନକୌଶଳ ସହ ସିଧାସଳଖ ଯୋଡ଼ିବାରେ ସଫଳ ହୋଇଥିଲା।

ମତ୍ସ୍ୟ ଏବଂ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ ୪ଟି ସ୍ୱତନ୍ତ୍ର ପଞ୍ଜୀକରଣ ଓ ପରାମର୍ଶ କେନ୍ଦ୍ର ଖୋଲାଯାଇ ଚାଷୀଙ୍କ ସମସ୍ୟାର ସମାଧାନ କରାଯାଇଥିଲା। ସେହିପରି ୫ଟି କାଉଣ୍ଟରରେ ଜୀବନ୍ତ ପଶୁ ଓ ମତ୍ସ୍ୟଚାଷର ଲାଇଭ ଡେମନଷ୍ଟ୍ରେଶନ ମାଧ୍ୟମରେ ଆଧୁନିକ ପ୍ରଣାଳୀ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଏଥିସହ କୃଷିବିଜ୍ଞାନ କେନ୍ଦ୍ର, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି, ଓମ୍‌ଫେଡ୍ ଭଳି ବିଭିନ୍ନ ବିଭାଗ ପକ୍ଷରୁ ନୂତନ ଜ୍ଞାନକୌଶଳ ପ୍ରଦର୍ଶନ ସହ ମା’ ସରସ୍ୱତୀ ମିଶନଶକ୍ତି ଗ୍ରୁପ୍ ପକ୍ଷରୁ ମହିଳା ଉଦ୍ୟୋଗୀଙ୍କ ସଫଳ ମଡେଲ ଉପସ୍ଥାପନ କରାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦୟା ସାଗର ଦୁରିଆଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ସଫଳ ଚାଷୀଙ୍କୁ ସମ୍ମାନିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ହସ୍ପିଟାଲରେ ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା

ଝାରସୁଗୁଡ଼ା,୨୬।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ଗୁରୁବାର ଶିଶୁମୃତ୍ୟୁକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପରିସ୍ଥିତି ଶାନ୍ତ ପଡିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଲଖନପୁର ବ୍ଲକ୍ ଅଧୀନ ବନ୍ଧବାହାଲ ଅଞ୍ଚଳର ଜଣେ ମହିଳାଙ୍କ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସନ୍ଧ୍ୟା ୬ଟାରେ ତାଙ୍କର ଅପରେଶନ କରାଯାଇଥିଲା। ପରେ ମହିଳାଙ୍କ ପେଟରୁ ମୃତ ଶିଶୁ ବାହାରିଥିଲା। ଭୁଲ୍ ଅପରେଶନ ଯୋଗୁ ଶିଶୁଟିର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାକୁ ନେଇ ହସ୍ପିଟାଲରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଜଣାପଡିଲା ମା’ ପେଟରେ ଥିବାବେଳେ ଶିଶୁର ମୃତ୍ୟୁ ଘଟିସାରିଥିଲା। ଏହି ଘଟଣାକୁ ମହିଳାଙ୍କ ସ୍ୱାମୀ ବିଜୟ ଯାଦବ ଗ୍ରହଣ କରିଥିଲେ। ଶିଶୁର ମୃତଦେହ ବ୍ୟବଚ୍ଛେଦ ପରେ ଶୁକ୍ରବାର ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ହସ୍ପିଟାଲ ମ୍ୟାନେଜର ଆତିସ କୁମାର ସୂଚନା ଦେଇଛନ୍ତି।

# ଗୁଣ୍ଡିଖାଇ ଭେଟ୍‌ଘାଟ ସକାଶେ ବିବିଧ ପ୍ରତିଯୋଗିତା


ବିଚାରକଙ୍କ ସହ ବିବିଧ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୨୬।୨(ବି.ଶଙ୍କର)

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଗୁଣ୍ଡିଖାଇ ଭେଟ୍‌ଘାଟ-୨୦୨୬ ପାଇଁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ବିବିଧ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଛି। ଗୁରୁବାର ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ବକ୍ତୃତା, ସମ୍ବଲପୁରୀ ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା।ଆୟୋଜକ ଅନୁଷ୍ଠାନ ସଭାପତି ଡ. ପରେଶ ଚନ୍ଦ୍ର ଦାନି ପ୍ରତିଯୋଗିତାର ନିୟମ ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ବିଦ୍ୟାଳୟସ୍ତରୀୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଭିଖମପୁର ଉଚ୍ଚବିଦ୍ୟାଳୟର ପ୍ରକୃତି ଅଗ୍ରୱାଲ ପ୍ରଥମ, ବିକାଶ ସ୍କୁଲର ଅନ୍ୱେଷା ପାଣିଗ୍ରାହୀ ଦ୍ୱିତୀୟ ଓ ଗୁରୁନାନକ ପବ୍ଲିକ ସ୍କୁଲର ପ୍ରକୃତି ଜେନା ତୃତୀୟ ହୋଇଥିଲେ। ମହାବିଦ୍ୟାଳୟ ସ୍ତରରେ ସରକାରୀ ମହିଳା ମହାବିଦ୍ୟାଳୟର ସ୍ମୃତିରେଖା ଆଚାର୍ଯ୍ୟ ପ୍ରଥମ, ନେତାଜୀ ସୁବାଶ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଜ୍ୟୋତିର୍ମୟୀ ପ୍ରଧାନ ଦ୍ୱିତୀୟ ଓ ବିକାଶ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଅରୁନୀତା ଶତପଥୀ ତୃତୀୟ ହୋଇଛନ୍ତି।

ସମ୍ବଲପୁରୀ ଗୀତ ପ୍ରତିଯୋଗିତା ବିଦ୍ୟାଳୟସ୍ତରରେ କନଭେଣ୍ଟ ସ୍କୁଲର ବରେଣ୍ୟ ଗୌତମୀ ବରାଳ ପ୍ରଥମ, ଲେଡିଲୁଇସ ବାଳିକା ବିଦ୍ୟାଳୟର ଚିନ୍ମୟୀ ସାହୁ ଦ୍ୱିତୀୟ ଓ ଶ୍ରୀଅରବିନ୍ଦ ବିଦ୍ୟାଳୟର ମନମୋହନ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟସ୍ତରରେ ସରକାରୀ ମହିଳା ମହାବିଦ୍ୟାଳୟର ସୁଶ୍ରୀ ଶ୍ରଦ୍ଧା ମିଶ୍ର ପ୍ରଥମ, ଅର୍ଚ୍ଚିକା ପ୍ରିୟଦର୍ଶିନୀ ପଣ୍ଡା ଦ୍ୱିତୀୟ, ପ୍ରଜ୍ଞାଶ୍ରୀ ଅଦାବର ଓ ବିକାଶ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ସୌମ୍ୟରଞ୍ଜନ ସାହୁ ଯୁଗ୍ମ ତୃତୀୟ ହୋଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତା ପ୍ରଥମରୁ ପଞ୍ଚମ ଶ୍ରେଣୀସ୍ତରରେ ବିକାଶ ସ୍କୁଲର ଶିବାଂଶ ଦାଫେଦାର ପ୍ରଥମ, କନଭେଣ୍ଟ ସ୍କୁଲର ଶ୍ରୀଜଲ ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ଗୁରୁନାନକ ପବ୍ଲିକ ସ୍କୁଲର ଆସ୍ଥା ଜେନା ତୃତୀୟ ହୋଇଛନ୍ତି। ଉଚ୍ଚ ବିଦ୍ୟାଳୟସ୍ତରରେ କେନ୍ଦ୍ରୀୟ ବିଦ୍ୟାଳୟର ଶାଶ୍ୱତ ପଣ୍ଡା ପ୍ରଥମ, ବିକାଶ ସ୍କୁଲର ସ୍ମୃତି ଏସ ଜେନା ଦ୍ୱିତୀୟ ଓ ଶ୍ରୀଅରବିନ୍ଦ ବିଦ୍ୟାଳୟର ସିମ୍ରନ ରାଉତ ତୃତୀୟ ହୋଇଛନ୍ତି। ମହାବିଦ୍ୟାଳୟ ସ୍ତରରେ ସରକାରୀ ମହିଳା ମହାବିଦ୍ୟାଳୟର ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରଥମ, ଆଶ୍ରିତା ଦିପ ଦ୍ୱିତୀୟ ଓ ତମନ୍ନା ତାରାନନୁମ ତୃତୀୟ ହୋଇଛନ୍ତି। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଶ୍ୟାମସୁନ୍ଦର ଅଗ୍ରୱାଲ, ତାପସ ଦାସ, ଶିବଶଙ୍କର ଷଡ଼ଙ୍ଗୀ, ପ୍ରମୋଦ ପଟ୍ଟନାୟକ। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ମାର୍ଚ୍ଚ ୩ ତାରିଖରେ ହେବାକୁ ଥିବା ଗୁଣ୍ଡିଖାଇ ଭେଟ୍‌ଘାଟ ଉତ୍ସବରେ ପ୍ରଦାନ କରାଯିବ ବୋଲି ଓଡ଼ିଶା ସାଂସ୍କୃତିକ ସମାଜ ସମ୍ପାଦକ ପଣ୍ଡା ସୂଚିତ କରିଛନ୍ତି।

# ୨୮ରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ



ଖବରଦାତା ସମ୍ମିଳନୀରେ ଲିଫ୍‌ଲେଟ୍ ଉନ୍ମୋଚନ କରାଯାଉଛି।

ଦେବଗଡ଼,୨୬।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ମହାବିଦ୍ୟାଳୟରେ ଆସନ୍ତା ୨୮ ତାରିଖରେ ଜିଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଜିଲାର ୧୧ଟି ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ୧୮ରୁ ୨୫ ବର୍ଷ ମଧ୍ୟରେ ଥିବା ଯୁବତୀଯୁବକ ସାମିଲ ହୋଇପାରିବେ। ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ‘ମୋ ଭାରତ’ ପୋର୍ଟାଲରେ ନିଜ ନାମ ପଞ୍ଜୀକରଣ କରାଇବାକୁ କୁହାଯାଇଛି। ଜିଲାସ୍ତରୀୟ ଏହି କାର୍ଯ୍ୟକ୍ରମରୁ ୫ ଜଣଙ୍କୁ ମନୋନୀତ କରାଯାଇ ରାଜ୍ୟସ୍ତରକୁ ପଠାଯିବ। ଗୁରୁବାର ଦେବଗଡ଼ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ସୁଦାମ କୁମାର ପରିଡା ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଜରୁରୀକାଳୀନ ସମୟରେ ୫୦ ବର୍ଷର ଭାରତୀୟ ଲୋକତନ୍ତ୍ର ଏବଂ ବିକଶିତ ଭାରତର ଲକ୍ଷ୍ୟ ଉପରେ ଛାତ୍ରୀଛାତ୍ର ନିଜର ମତ ଉପସ୍ଥାପନ କରିବେ। ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଆଗାମୀ ଦିନରେ ନେତୃତ୍ୱ ନେବାରେ ଉତ୍ସାହିତ କରିବା ସହିତ ବିକଶିତ ଭାରତ ଗଠନରେ ସହାୟକ ହେବ ବୋଲି କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଜାତୀୟ ସେବା ଯୋଜନାର ଜିଲା ନୋଡାଲ ଅଫିସର ଶେଖ୍ ନିଜାମୁଦ୍ଦିନ ଅଲୀ, ପ୍ରାଧ୍ୟାପକ ସଞ୍ଜୀବ କୁମାର ଦାଶ, ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ସୁସ୍ମିତା କେର୍କେଟା, ଅଧ୍ୟାପିକା ଡ. ଶିଖା ମହର୍ଷି, ଦେବଗଡ଼ ମୋ ଯୁବା ଭାରତ ଅନୁଷ୍ଠାନର ପ୍ରଦୀପ ବିଶ୍ୱାଳ ଉପସ୍ଥିତ ଥିଲେ। ଏହି ଅବସରରେ ଲିଫ୍‌ଲେଟ୍ ଉନ୍ମୋଚିତ ହୋଇଥିଲା।

# ଯୁବତୀଙ୍କୁ ବଳାତ୍କାର: ଯୁବକ ଗିରଫ

ଦେବଗଡ଼,୨୬।୨(ଶଶାଙ୍କ ଶେଖର ଝାଙ୍କର)

ବଳାତ୍କାର ଅଭିଯୋଗରେ ରିଆମାଳ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଝରଝରିଖୋଲ ଗ୍ରାମର ଲିପୁନ ପ୍ରଧାନ (୨୩)। ସୂଚନା ଅନୁଯାୟୀ, ରିଆମାଳ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଲିପୁନ ୪ ବର୍ଷ ହେଲା ପ୍ରେମ କରିବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ବିବାହ ପାଇଁ ମନା କରିବାରୁ ଯୁବତୀ ଜଣଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏନେଇ ଯୁବତୀଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୫୩/୨୬) ରୁଜୁ କରିଛି।

# ଗିରିନାଥ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବ୍ରଜରାଜନଗର,୨୬।୨(ବିଜୟ ବରାଡ଼)

ସ୍ଥାନୀୟ ଇଣ୍ଟିଗ୍ରିଟି ଖେଳ ପଡିଆରେ ପ୍ରଥମ ଗିରିନାଥ ମେମୋରିଆଲ କ୍ରିକେଟ୍‌ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ବ୍ରଜରାଜନଗରର ଆମ୍ବିଶନ କ୍ଲବ୍ ଏବଂ ବିଓସିଏମ୍ ବଏଜ ବନ୍ଧବାହାଲ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଆମ୍ବିଶନ କ୍ଲବ୍ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଝାରସୁଗୁଡ଼ାର ସାଇନିଙ୍ଗ ଷ୍ଟାର୍ ଓ ସମ୍ବଲପୁର ରେଲୱେ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ସମ୍ବଲପୁର ବିଜୟୀ ହୋଇଥିଲା। ଅନିରୁଦ୍ଧ କେଓ୍ୱଟ ଓ ଜୟ ସିଂ ଖେଳ ପରିଚାଳନା କରିଥିଲେ। ଏଥିରେ ଅତିଥି ଭାବେ ସାମାଜିକ କର୍ମୀ ସଞ୍ଜୟ ଗୁପ୍ତା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥଲେ। ଆୟୋଜକ କ୍ଲବ୍ ସଭାପତି ରବୀନ୍ଦ୍ର ସିଂଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ୭ ଦିନରେ ପକ୍ଷ ରଖିବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନୋଟିସ

ଝାରସୁଗୁଡ଼ା,୨୬।୨(ଆଶିଷ ରଞ୍ଜନ ଦାଶ)

## ବାୟୁ, ଜଳ ପ୍ରଦୂଷଣକୁ ନେଇ ଗ୍ରାମବାସୀ ଅସନ୍ତୁଷ୍ଟ

ଝାରସୁଗୁଡ଼ା ସଦର ବ୍ଲକ୍ ହିର୍ମା ଗ୍ରାମପଞ୍ଚାୟତ ଅଧୀନ କୁକୁରଜଙ୍ଘା ଗ୍ରାମରେ ଥିବା ଶିବଶକ୍ତି ଏଣ୍ଟରପ୍ରାଇଜେସ୍ ନାମକ କୋଇଲା ବ୍ୟବହାର କରୁଥିବା ସ୍ଲାଗ୍ କ୍ରଶର ଯୋଗୁ ଗ୍ରାମରେ ଜଳ ଓ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଏନେଇ ଗ୍ରାମବାସୀ ଅଭିଯୋଗ କରିବା ପରେ କମ୍ପାନୀ ବିରୋଧରେ ପଦକ୍ଷେପ ନିଆଯାଇଛି। ୭ ଦିନ ମଧ୍ୟରେ ନିଜର ପକ୍ଷ ରଖିବାକୁ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ସୂଚନା ଅନୁଯାୟୀ, କୁକୁରଜଙ୍ଘା ଗ୍ରାମରେ ଉକ୍ତ କମ୍ପାନୀ ଯୋଗୁ ଜଳ, ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଉକ୍ତ କମ୍ପାନୀକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ୨୦୨୫ ଡିସେମ୍ବର ୧ ତାରିଖରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ଗତ ଜାନୁଆରୀ ୨୦ ତାରିଖରେ ସୂଚନା ଅଧିକାର ଆଇନ(ଆରଟିଆଇ) ବଳରେ ସମସ୍ତ ତଥ୍ୟ ପାଇବା ପାଇଁ ଗ୍ରାମବାସୀ ଆବେଦନ କରିଥିଲେ। ଶେଷରେ ଜିଲା ପ୍ରଶାସନ ଗ୍ରାମବାସୀଙ୍କ ଅଭିଯୋଗ ପତ୍ରକୁ ଝାରସୁଗୁଡ଼ାସ୍ଥିତ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ହିରଣ୍ୟ ନାଏକଙ୍କ ନିକଟକୁ ପଠାଇଥିଲେ। ଗତ ୨୧ ତାରିଖରେ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ଟିମ୍ ଉକ୍ତ କାରଖାନାକୁ ଯାଇ ତଦନ୍ତ କରିଥିଲା। ତଦନ୍ତ ସମୟରେ କମ୍ପାନୀ ପକ୍ଷରୁ ବ୍ୟାପକ ବାୟୁ ଓ ଜଳ ପ୍ରଦୂଷଣ ହେଉଥିବା ନେଇ ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଏହି କମ୍ପାନୀ କୋଇଲା ବ୍ୟବହାର କରି କ୍ରଶର ଚଳାଉଥିବାରୁ ବିଭିନ୍ନ ପ୍ରକାର ଗୁଣ୍ଡ ଉଡ଼ି ବାୟୁ ପ୍ରଦୂଷଣ ହେଉଛି। ଏହାସହ କମ୍ପାନୀର ବ୍ୟାପକ ଶବ୍ଦ ପ୍ରଦୂଷଣ ହେଉଛି। ହେଲେ ଏହାକୁ ରୋକିବା ପାଇଁ କମ୍ପାନୀ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଏନେଇ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଗତ ୨୩ ତାରିଖରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି କମ୍ପାନୀର ସମସ୍ତ ମେଶିନ ବନ୍ଦ ରଖିବା ସହ କମ୍ପାନୀକୁ କାହିଁକି ସମ୍ପୂର୍ଣ୍ଣ ବନ୍ଦ କରା ନ ଯିବ ବୋଲି ଉଲ୍ଲେଖ କରିଛନ୍ତି। ଏଥିସହ ୭ ଦିନ ମଧ୍ୟରେ କମ୍ପାନୀ କର୍ତ୍ତୃପକ୍ଷ ନିଜର ପକ୍ଷ ରଖିବା ପାଇଁ ନୋଟିସ ଜାରି କରିଛନ୍ତି। ଏ ସମ୍ପର୍କରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ହିରଣ୍ୟ ନାଏକ, କମ୍ପାନୀ ମାଲିକ ଅଜିତ୍ ନାଥଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ୧୪ ମାସ ପରେ ପରିବାର ଲୋକଙ୍କୁ ଫେରିପାଇଲେ ସୋନମତୀ

ଝାରସୁଗୁଡ଼ା,୨୬।୨(ଆଶିଷ ରଞ୍ଜନ ଦାଶ)

## ସ୍ନେହ ସେତୁ ଅଭିଯାନ

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉଦ୍ୟମରେ ପ୍ରଶାସନର ‘ସ୍ନେହ ସେତୁ’ ଅଭିଯାନ ମାଧ୍ୟମରେ ଗୁରୁବାର ଅପରାହ୍ନରେ ଜଣେ ଅସହାୟ ମହିଳା ତାଙ୍କ ପରିବାର ଲୋକଙ୍କୁ ଫେରିପାଇଛନ୍ତି। ସେ ହେଲେ ସୋନମତୀ ଓରଫ୍ ସାକେତ କୁମାରୀ। ସୂଚନା ଅନୁଯାୟୀ, ୨୦୨୪ ନଭେମ୍ବର ୧୦ରେ ଲଇକେରା ପୋଲିସ ଦ୍ୱାରା ସୋନମତୀଙ୍କୁ ଉଦ୍ଧାର କରାଯାଇଥିଲା। ପରେ ତାଙ୍କୁ ଝାରସୁଗୁଡ଼ାସ୍ଥିତ ମିଶନ ଆଶ୍ରା-୨ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରଶାସନିକ ତତ୍ତ୍ୱାବଧାନରେ ତାଙ୍କୁ ଚିକିତ୍ସା ସେବା ଓ ମାନସିକ ପରାମର୍ଶ ସହାୟତା ଯୋଗାଇ ଦିଆଯାଇଥିଲା। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା ଏବଂ ସେ ନିଜ ପରିଚୟ ଦେବାକୁ ସକ୍ଷମ ହୋଇଥିଲେ। ମିଶନ୍ ଆଶ୍ରା ଟିମ୍‌ର ସଦସ୍ୟମାନେ ଖୋଜାଖୋଜି କରିବା ପରେ ସୋନମତୀଙ୍କ ଘର ଛତିଶଗଡ଼ର ଯଶପୁର ଜିଲାରେ ବୋଲି ଜାଣିବାକୁ ପାଇଥିଲେ। ପରେ ସେମାନେ ତାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିଥିଲେ। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଚହ୍ୱାଣ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ, ମିଶନ ଆଶ୍ରା ଟିମ୍‌ର ସଦସ୍ୟଙ୍କ ଉପସ୍ଥିତିରେ ସୋନମତୀଙ୍କୁ ତାଙ୍କ ପୁଅଙ୍କୁ ହସ୍ତାନ୍ତର କରାଯାଇଥିଲା।

# ମହାରାଜା କଂସଙ୍କ ରାଜାଭିଷେକ ମଞ୍ଚସ୍ଥ

କୋଲାବିରା,୨୬।୨(ସଞ୍ଜୟ ପୂଜାରୀ)

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ଅଧୀନ ପୋଖରାସାଲେ ଗ୍ରାମରେ ନବନିର୍ମିତ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମ ଓ ଧନୁଯାତ୍ରା ଉତ୍ସବ ଶୁଭାରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ କଳସଯାତ୍ରା, ମଣ୍ଡପରେ ଅଙ୍କୁରାରୋପଣ, ମଣ୍ଡପ ସଂସ୍କାର ଓ ଶୁଭ ଅଧିବାସ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଧନୁଯାତ୍ରା ଉତ୍ସବ ଶୁଭାରମ୍ଭ ସହ ମହାରାଜା କଂସ ଦରବାର ଆରମ୍ଭ ହୋଇଥିଲା। କୀର୍ତ୍ତନ ଗୁରୁ ପରକ୍ଷିତ ବାହୁକ ଅତିଥି ଭାବରେ ଯୋଗଦେଇ ରାଜଦରବାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହାରାଜା କଂସଙ୍କ ରାଜାଭିଷେକ ମଞ୍ଚସ୍ଥ ହୋଇଥିଲା। କନକତୁରା ଚାନ୍ଦିପାଲିର ସଦାନନ୍ଦ ସାହୁ କଂସ ଭୂମିକାରେ ଅଭିନୟ କରୁଛନ୍ତି। ଏଥିରେ ଦେବଲୋଚନ ନାଏକ ଓ ଗୋପବନ୍ଧୁ କୁମୁରା ସପତ୍ନିକ ମୁଖ୍ୟ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ଅବସରପ୍ରାପ୍ତ ଅଧ୍ୟାପକ ରୋହିତ ପଟେଲ, ଅବସରପ୍ରାପ୍ତ ଅଧ୍ୟକ୍ଷ ସୁକାନ୍ତ ପଟେଲ, ଅଧ୍ୟାପକ ମଧୁସୂଦନ ବଳବନ୍ତରାୟ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ରବୀନ୍ଦ୍ର ମହାନନ୍ଦ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଗୁରୁବାର ସନ୍ଧ୍ୟାରେ ମହାରାଜା କଂସଙ୍କ ନଗର ପରିଭ୍ରମଣ ସହ କଂସ ଦରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ଦିର ପ୍ରତିଷ୍ଠା କମିଟି ସଭାପତି ଡମ୍ବରୁଧର ନାଏକ, ସମ୍ପାଦକ ପୁରୁଷୋତ୍ତମ ନାଏକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରୁଛନ୍ତି। ଏହି ଅବସରରେ ଦିବ୍ୟାଙ୍ଗ ଭଜନ ସମାରୋହ ଓ କୀର୍ତ୍ତନ ଧାରା ଅନୁଷ୍ଠିତ ହୋଇଥିଲା।


ମଞ୍ଚରେ କଂସ ଓ ଅନ୍ୟ କଳାକାର।

# ‘ସୁପାରିସ ନୁହେଁ, ଯୋଗ୍ୟତା ଆଧାରରେ ନିଯୁକ୍ତି ଦିଆଯିବ’

ଝାରସୁଗୁଡ଼ା,୨୬।୨(ଆଶିଷ ରଞ୍ଜନ ଦାଶ)


ଜିଲାସ୍ତରୀୟ ନିଯୁକ୍ତି ମେଳାରେ ଖୋଲିଥିବା ଷ୍ଟଲ୍।

## ଜିଲାସ୍ତରୀୟ ନିଯୁକ୍ତି ମେଳା

ଝାରସୁଗୁଡ଼ା ହେଉଛି ରାଜ୍ୟର ଅନ୍ୟତମ ଶିଳ୍ପ ହବ୍। ସୁପାରିସରେ ନିଯୁକ୍ତି ପାଇବାର ପୁରୁଣା ପ୍ରଥାକୁ ବନ୍ଦ କରିବାକୁ ଯାଉଛୁ। ସୁପାରିସ ନୁହେଁ, ଯୋଗ୍ୟତା ଆଧାରରେ ନିଯୁକ୍ତିକୁ ପ୍ରାଥମିକତା ଦିଆଯିବ। ସ୍ଥାନୀୟ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକରେ ଜିଲାର ଯୁବତୀଯୁବକଙ୍କୁ ପ୍ରାଥମିକତା ଦେବା ପାଇଁ ରାଜ୍ୟ ସରକାର ବଦ୍ଧପରିକର। ଏଥିରେ କୌଣସି ପ୍ରକାର ଅନିୟମିତତାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଜିଲା ପ୍ରଶାସନ ଏବଂ ଜିଲା ନିୟୋଜନ କାର୍ଯ୍ୟାଳୟର ମିଳିତ ପ୍ରୟାସରେ ଝାରସୁଗୁଡ଼ା ବେହେରାମାଲସ୍ଥିତ ଏମ୍‌ସିଏଲ୍ ଅଡିଟୋରିୟମ ହଲ୍‌ଠାରେ ଗୁରୁବାର ପୂର୍ବାହ୍ନରେ ଜିଲାସ୍ତରୀୟ ମେଗା ନିଯୁକ୍ତି ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ରାଜସ୍ୱ ମନ୍ତ୍ରୀ ପୂଜାରୀ ଏହି ମେଳାକୁ ଉଦ୍‌ଘାଟନ କରି କହିଛନ୍ତି, ଜିଲାରେ ଉଚ୍ଚଶିକ୍ଷା ପାଇଁ ପୋଷ୍ଟ ଗ୍ରାଜୁଏସନ ୟୁନିଭର୍ସିଟି ସ୍ଥାପନ କରାଯିବା ସହ ବୈଷୟିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଯଦ୍ୱାରା ପିଲାମାନେ ଆତ୍ମନିର୍ଭରଶୀଳ ହୋଇପାରିବେ। ସେହିପରି ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ କହିଛନ୍ତି, ଜିଲା ପ୍ରଶାସନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲାର ଶିକ୍ଷିତ ଯୁବତୀ, ଯୁବକଙ୍କ ଦକ୍ଷତା ଏବଂ ଶିଳ୍ପ ସଂସ୍ଥାଗୁଡ଼ିକର ଆବଶ୍ୟକତା ମଧ୍ୟରେ ଥିବା ଦୂରତାକୁ ଦୂର କରିବା। ଏହି ନିଯୁକ୍ତି ମେଳା ମାଧ୍ୟମରେ ଆମେ ପ୍ରତିଭାବାନ୍ ପ୍ରାର୍ଥୀଙ୍କୁ ସିଧାସଳଖ ନିଯୁକ୍ତିଦାତାଙ୍କ ସହ ଯୋଡ଼ିବାକୁ ପ୍ରୟାସ କରୁଛୁ। ଆମେ କେବଳ ଚାକିରି ଯୋଗାଇ ଦେଉନାହୁଁ, ବରଂ ଜିଲାର ଯୁବପିଢ଼ିଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଏକ ସ୍ୱଚ୍ଛ ଓ ପ୍ରତିଯୋଗିତାମୂଳକ ବାତାବରଣ ପ୍ରଦାନ କରୁଛୁ ବୋଲି ଚହ୍ୱାଣ କହିଛନ୍ତି।

ଏହି ମେଳାରେ ୨୫୫୭ରୁ ଅଧିକ ପ୍ରାର୍ଥୀ ପଞ୍ଜୀକରଣ କରିଥିଲେ। ଦେଶ ଓ ରାଜ୍ୟର ପ୍ରାୟ ୩୬ଟି ପ୍ରତିଷ୍ଠିତ ବେସରକାରୀ ସଂସ୍ଥା ଏବଂ ୪ଟି ପ୍ଲେସ୍‌ମେଣ୍ଟ ପ୍ରତିଷ୍ଠାନ ଏଥିରେ ଯୋଗଦେଇଥିଲେ। ବିଭିନ୍ନ କମ୍ପାନୀ ପକ୍ଷରୁ ମୋଟ ୧୪୩୯ଟି ପଦବୀ ପାଇଁ ନିଯୁକ୍ତି ସୁଯୋଗ ରଖାଯାଇଥିବାବେଳେ ପ୍ରାୟ ୪୯୦ ଜଣ ପ୍ରାର୍ଥୀଙ୍କୁ ବିଭିନ୍ନ ଜବ୍-ରୋଲ୍‌ରେ ପ୍ରଶିକ୍ଷଣ ଓ ନିଯୁକ୍ତି ପାଇଁ ଚୟନ କରାଯାଇଛି। ଜିଲା ଶିଶୁ ସୁରକ୍ଷା ବିଭାଗର ମୁଖ୍ୟ ସୁନନ୍ଦ ମହାରଣା ମଞ୍ଚ ପରିଚାଳନା କରିଥିଲେ। ଜିଲା ଦକ୍ଷତା ବିକାଶ ତଥା ଜିଲା ନିୟୋଜନ କାର୍ଯ୍ୟାଳୟର ମୁଖ୍ୟ ଅଧିକାରୀ ସଙ୍ଗୀତା ମେହେର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କୃଷ୍ଣାକେଶୀ ବଳିଆରସିଂହ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ଏଥିରେ ଜିଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ରାଜ୍ୟ ରାପିଡ୍, ବ୍ଲିଜ୍ ଚେସ୍ ୨୮ରୁ

**ଭୁବନେଶ୍ୱର, ୨୬।୨ (ତପନ ସ୍ୱାଇଁ)**

ରାଜ୍ୟର ଅଗ୍ରଣୀ ଚେସ୍ ସଙ୍ଗଠନ ଟ୍ରିପଲ ସି ଚେସ୍ କ୍ଲବ ଆନୁକୂଲ୍ୟରେ ଆସନ୍ତା ୨୮ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ରାପିଡ୍ ଏବଂ ବ୍ଲିଜ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଫୁଲନଖରାସ୍ଥିତ ସିନର୍ଜି ଇଞ୍ଜିନିୟରିଂ କଲେଜ ପରିସରରେ ଏହି ପ୍ରତିଯୋଗିତା ୨ ଦିନଧରି ଖେଳାଯିବ। ଏହି ପ୍ରତିଯୋଗିତାରେ ରାଜ୍ୟର ଯେ କୌଣସି ଖେଳାଳି ଭାଗ ନେଇପାରିବେ। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଟ୍ରିପଲ ସି ଚେସ୍ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ କିମ୍ବା ଟୁର୍ନାମେଣ୍ଟର ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିବା ନିମନ୍ତେ କ୍ଲବ୍ ସଭାପତି ବିଶ୍ୱଜିତ ରାୟ ପରାମର୍ଶ ଦେଇଛନ୍ତି। ମାର୍ଚ୍ଚ ୧୧ରୁ ୧୩ ଝାଡ଼ଖଣ୍ଡର ରାଞ୍ଚିଠାରେ ଜାତୀୟ ରାପିଡ ଏବଂ ବ୍ଲିଜ ଚେସ୍ ଅନୁଷ୍ଠିତ ହେବ। ତେଣୁ ରାଜ୍ୟ ପ୍ରତିଯୋଗିତାରୁ ଉଭୟ ବିଭାଗର ଶ୍ରେଷ୍ଠ ୨ ଜଣ ଖେଳାଳି ଜାତୀୟ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହେବେ ବୋଲି ବିଶ୍ୱଜିତ ପ୍ରକାଶ କରିଛନ୍ତି।

# ଭାରତର ସେମି ଆଶା ଉଜ୍ଜୀବିତ

**ଚେନ୍ନାଇ, ୨୬।୨**

ବ୍ୟାଟରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଟି୨୦ ବିଶ୍ୱକପ୍‌ରେ ଗୁରୁବାର ସନ୍ଧ୍ୟାରେ ଖେଳାଯାଇଥିବା ସୁପର-୮ ମ୍ୟାଚ୍‌ରେ ଭାରତ ୭୨ ରନରେ ଜିମ୍ବାୱେକୁ ପରାସ୍ତ କରିଛି। ପ୍ରଥମେ ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୨୫୬ ରନ କରିଥିଲା। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ଭାରତ ପାଇଁ ସର୍ବାଧିକ ଓ ଚଳିତ ସଂସ୍କରଣର ସର୍ବାଧିକ ଦଳଗତ ସ୍କୋର। ଏହି ବିଜୟ ସହ ଭାରତୀୟ ଦଳ ତା'ର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଥିବା ବେଳେ ଦକ୍ଷିଣ ଆଫ୍ରିକା ଅନ୍ତିମ-୪ରେ ସ୍ଥାନ ପକ୍କା କରିଛି। ଭାରତକୁ ବର୍ତ୍ତମାନ ସେମିଫାଇନାଲରେ ସ୍ଥାନ ନିଶ୍ଚିତ କରିବା ପାଇଁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌କୁ ଜିତିବାକୁ ପଡ଼ିବ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ୪୮ ରନର ଆରମ୍ଭ ଦେଇଥିଲେ। ସାମସନ ୧୫ ବଲରେ ୨୪ (୧ ଚୌକା ଓ ୨ ଛକା) ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ନଂ-୩ ପୋଜିଶନରେ ଆସିଥିବା ଇଶାନ କିଶନଙ୍କ ସହ ଅଭିଷେକ ମିଶି ଦ୍ୱିତୀୟ ଉଇକେଟରେ ୭୨ ରନ ଯୋଡ଼ିଥିଲେ। ଇଶାନ ୨୪ ବଲରେ ୩୮ (୪ ଚୌକା ଓ ୧ ଛକା) ଓ ଅଭିଷେକ ୩୦ ବଲରେ ୫୫ (୪ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହୋଇଥିଲେ। ସେହିଭଳି ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମାତ୍ର ୧୩ ବଲରେ ୩୩ (୩ ଚୌକା ଓ ୨ ଛକା) ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ଶେଷ ଆଡ଼କୁ ହାର୍ଦ୍ଦିକ ପାଣ୍ଡ୍ୟା ଓ ତିଳକ ବର୍ମା ଅବିଭାଜିତ ପଞ୍ଚମ ଉଇକେଟରେ ୩୧ ବଲରେ ଦ୍ରୁତ ୮୪ ରନ ଯୋଡ଼ିଥିଲେ। ଫଳରେ ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୨୫୬ ରନ କରିଥିଲା, ଯାହାକି ଟୁର୍ନାମେଣ୍ଟ ଇତିହାସରେ ଦ୍ୱିତୀୟ ସର୍ବାଧିକ। ତିଳକ ବର୍ମା ୧୬ ବଲରେ ୪୪ (୩ ଚୌକା ଓ ୪ ଛକା) ଓ ହାର୍ଦ୍ଦିକ ୨୩ ବଲରେ ୫୦ (୨ ଚୌକା ଓ ୪ ଛକା) ରନ କରି ଅପରାଜିତ ରହିଥିଲେ। ଜବାବରେ ଜିମ୍ବାୱେ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୬ ଉଇକେଟ ହରାଇ ୧୮୪ ରନ କରିପାରିଥିଲା। ଦଳ ପାଇଁ ବ୍ରାଏନ ବେନେଟ ୫୯ ବଲରେ ଅପରାଜିତ ୯୭ (୮ ଚୌକା ଓ ୬ ଛକା) ଓ ଅଧିନାୟକ ସିକନ୍ଦର ରଜା ୩୧ (୨ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଭାରତ ପାଇଁ ଅର୍ଶଦୀପ ସିଂ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୨୫୬/୪ (ଅଭିଷେକ ଶର୍ମା-୫୫, ହାର୍ଦ୍ଦିକ ପାଣ୍ଡ୍ୟା-୫୦*, ତିଳକ ବର୍ମା-୪୪*, ଇଶାନ କିଶନ-୩୮, ସୂର୍ଯ୍ୟକୁମାର ଯାଦବ-୩୩, ସିକନ୍ଦର ରଜା-୧/୨୯)। ଜିମ୍ବାୱେ: ୨୦ ଓଭରରେ ୧୮୪/୬ (ବ୍ରିଆନ ବେନେଟ-୯୭*, ସିକନ୍ଦର ରଜା-୩୧; ଅର୍ଶଦୀପ ସିଂ-୩/୨୪, ବରୁଣ ଚକ୍ରବର୍ତ୍ତୀ-୧/୩୫)।


ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଅଭିଷେକ ଶର୍ମା।

**ଟି୨୦ ବିଶ୍ୱକପ୍**

(ଆଜିର ମ୍ୟାଚ୍)

ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ
ସ୍ଥାନ: କଲମ୍ବୋ
ସମୟ: ସନ୍ଧ୍ୟା ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର




# ସିମୋନ ବାଇଲ୍ସ ଲୌରିଅସ୍ ଆମ୍ବାସାଡର

**ନୂଆଦିଲ୍ଲୀ, ୨୬।୨ (ପି.ଟି.):** ସାତଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଆମେରିକୀୟ ଜିମ୍ନାଷ୍ଟ ସିମୋନ ବାଇଲ୍ସଙ୍କୁ ଲୌରିଅସ୍ ଆମ୍ବାସାଡର କରାଯାଇଛି। ସେ ଷ୍ଟାର ଖେଳାଳିଙ୍କୁ ନେଇ ଗଠିତ ଏକ ଗ୍ରୁପ୍‌ରେ ଯୋଗଦେଇଛନ୍ତି, ଯେଉଁଥିରେ ଭାରତୀୟ ଜାଭେଲିନ୍ ଥ୍ରୋ ଆଇକନ ନୀରଜ ଚୋପ୍ରା ଏବଂ ବିଶ୍ୱକପ୍ ବିଜୟୀ ପୂର୍ବତନ କ୍ରିକେଟର ଯୁବରାଜ ମଧ୍ୟ ସ୍ଥାନ ପାଇଛନ୍ତି।

# ଦ. ଆଫ୍ରିକା ସେମିଫାଇନାଲରେ

**ଅହମଦାବାଦ, ୨୬।୨**

ପ୍ରଥମେ ପେସରଙ୍କ ଘାତକ ବୋଲିଂ ଓ ପରେ ଅଧିନାୟକ ଏଡେନ ମାରକ୍ରମଙ୍କ ଅପରାଜିତ ୮୧ ରନର ଇନିଂସ ବଳରେ ଗୁରୁବାର ଅପରାହ୍ନରେ ଖେଳାଯାଇଥିବା ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୯ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଧାର୍ଯ୍ୟ ୧୭୭ ରନର ଟାର୍ଗେଟକୁ ଦ. ଆଫ୍ରିକା ମାତ୍ର ୧୬.୧ ଓଭରରେ ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜର ଶୋଚନୀୟ ପରାଜୟ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳକୁ ଏକ ସୁଯୋଗ ପ୍ରଦାନ କରିଛି। ଏହି ମ୍ୟାଚ୍‌ରେ ଜାସନ ହୋଲ୍ଡର ଓ ରୋମାରିଓ ଶେଫର୍ଡ ଅଷ୍ଟମ ଉଇକେଟରେ ୮୯ ରନ ଯୋଡ଼ିଥିଲେ, ଯାହାକି ଟି୨୦ ବିଶ୍ୱକପ୍ ଇତିହାସରେ ଅଷ୍ଟମ ଉଇକେଟ ପାଇଁ ସର୍ବାଧିକ।

ଟସ୍ ଜିତି ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ମାରକ୍ରମ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କର ଏହି ନିଷ୍ପତ୍ତିକୁ କାଗିସୋ ରାବାଡା (୨/୨୨) ଓ ଲୁଙ୍ଗି ଏନ୍‌ଗିଡି (୩/୩୦) ଉଚିତ ସାବ୍ୟସ୍ତ କରିଥିଲେ। ୱେଷ୍ଟଇଣ୍ଡିଜ୍ ୧୦.୨ ଓଭରରେ ୮୩ ରନରେ ୭ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଜାସନ ହୋଲ୍ଡର ୩୧ ବଲରେ ୪୯ (୪ ଚୌକା ଓ ୩ ଛକା) ଓ ରୋମାରିଓ ଶେଫର୍ଡ ୩୭ ବଲରେ ଅପରାଜିତ ୫୨ (୩ ଚୌକା ଓ ୪ ଛକା) ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଦୁହେଁ ୮ମ ଉଇକେଟରେ ରେକର୍ଡ ୮୯ ରନ ଯୋଡ଼ିଥିଲେ। ଫଳରେ ୱେଷ୍ଟଇଣ୍ଡିଜ ୨୦ ଓଭରରେ ୮ ଉଇକେଟ ହରାଇ ୧୭୬ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକାକୁ ଅଧିନାୟକ ମାରକ୍ରମ ଓ କ୍ୱିଣ୍ଟନ ଡି କକ୍ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ୮ ଓଭର ସୁଦ୍ଧା ଦଳୀୟ ସ୍କୋରକୁ ୯୫ ରନରେ ପହଞ୍ଚାଇଥିଲେ। ଅଷ୍ଟମ ଓଭରରେ ଡି କକ୍‌ଙ୍କୁ ଆଉଟ୍ କରି ରୋଷ୍ଟନ ଚେଜ ୱେଷ୍ଟଇଣ୍ଡିଜ୍‌କୁ ବହୁ ପ୍ରତୀକ୍ଷିତ ବ୍ରେକ ଥ୍ରୁ ଆଣି ଦେଇଥିଲେ। ହେଲେ ଡି କକ୍ ଆଉଟ୍ ହେବା ପୂର୍ବରୁ ୨୪ ବଲରେ ୪ ଲେଖାଏ ଚୌକା ଓ ଛକା ବଳରେ ୪୭ ରନ କରିଥିଲେ। ଏହାପରେ ମାରକ୍ରମ ଓ ରିଆନ ରିକଲଟନ ଦଳକୁ ଜିତିବା ପାଇଁ ଆବଶ୍ୟକ ଥିବା ରନ ସଂଗ୍ରହ କରି ନେଇଥିଲେ। ଦୁଇ ବ୍ୟାଟର ଅବିଭାଜିତ ଦ୍ୱିତୀୟ ଉଇକେଟରେ ୮୨ ରନ ଯୋଡ଼ିଥିଲେ। ଫଳରେ ଦ. ଆଫ୍ରିକା ୧୬.୧ ଓଭରରେ ୧୭୭ ରନ କରି ନେଇଥିଲା। ମାରକ୍ରମ ୪୬ ବଲରେ ୮୨ (୭ ଚୌକା ଓ ୪ ଛକା) ଓ ରିକଲଟନ ୨୮ ବଲରେ ୪୫ (୪ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍: ୨୦ ଓଭରରେ ୧୭୬/୮ (ରୋମରିଓ ଶେଫର୍ଡ-୫୨*, ଜାସନ ହୋଲ୍ଡର-୪୯, ବ୍ରାଣ୍ଡନ କିଙ୍ଗ-୨୧; ଲୁଙ୍ଗି ଏନ୍‌ଗିଡି-୩/୩୦, କାଗିସୋ ରାବାଡା-୨/୨୨, କର୍ବିନ ବୋଶ୍‌-୨/୩୧)। ଦ. ଆଫ୍ରିକା: ୧୬.୧ ଓଭରରେ ୧୭୭/୧ (ଏଡେନ ମାରକ୍ରମ-୮୧*, କ୍ୱିଣ୍ଟନ ଡି କକ୍-୪୭, ରିଆନ ରିକଲଟନ-୪୫*, ରୋଷ୍ଟନ ଚେଜ-୧/୪୬)।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଏଡେନ୍ ମାରକ୍ରମ।

**ଟି୨୦ ବିଶ୍ୱକପ ସୁପର-୮ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ୍‌ହାର |
|---|---|---|---|---|---|---|
| **ଗ୍ରୁପ୍-୧** | | | | | | |
| ଦ.ଆଫ୍ରିକା | ୨ | ୨ | ୦ | ୦ | ୪ | +୨.୮୯୦ |
| ୱେଷ୍ଟଇଣ୍ଡିଜ୍ | ୨ | ୧ | ୧ | ୦ | ୨ | +୧.୭୯୧ |
| ଭାରତ | ୨ | ୧ | ୧ | ୦ | ୨ | -୦.୧୦୦ |
| ଜିମ୍ବାୱେ | ୨ | ୦ | ୨ | ୦ | ୦ | -୪.୪୭୫ |
| **ଗ୍ରୁପ୍-୨** | | | | | | |
| ଇଂଲଣ୍ଡ | ୨ | ୨ | ୦ | ୦ | ୪ | +୧.୪୯୧ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୩ | +୩.୦୫୦ |
| ପାକିସ୍ତାନ | ୨ | ୦ | ୧ | ୧ | ୧ | -୦.୪୬୧ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | ୦ | -୨.୮୦୦ |

# ସମଲେଶ୍ୱରୀ ସ୍ପୋର୍ଟିଂକୁ ହରାଇ କେରଳ ଫାଇନାଲରେ


ପ୍ରଥମ ସେମିଫାଇନାଲ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

**ସମ୍ବଲପୁର, ୨୬।୨ (ବି.ଶଙ୍କର)**

**ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟବଲ**

ସମଲେଶ୍ୱରୀ ସ୍ପୋର୍ଟିଂ ଆୟୋଜିତ ୧୪ତମ ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚରେ କେରଳ ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ ବିଜୟୀ ହୋଇଛି। ଏଥିସହ କେରଳ ଦଳ ଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ସେମିଫାଇନାଲ ମ୍ୟାଚ କେରଳ ବନାମ ସମଲେଶ୍ୱରୀ ସ୍ପୋର୍ଟିଂ ମଧ୍ୟରେ ହୋଇଥିଲା। ମ୍ୟାଚର ୩୮ତମ ମିନିଟରେ କେରଳ ଦଳର ଶ୍ରୀରାଜ.କେ ଏକ ଦର୍ଶନୀୟ ଗୋଲ ସ୍କୋର କରିଥିଲେ । ଏହାପରେ ସମଲେଶ୍ୱରୀ ସ୍ପୋର୍ଟିଂ ଖେଳାଳିମାନେ ଯୋଜନାବଦ୍ଧ ଭାବେ ବିପକ୍ଷ କେରଳ ଗୋଲ ପୋଷ୍ଟ ଉପରେ ତୁହାକୁ ତୁହା ଆକ୍ରମଣ ଜାରି ରଖିଥିଲେ । କିନ୍ତୁ ଫିନିଶିଂ ଅଭାବରୁ ଦଳ ଗୋଲ ସ୍କୋର କରିବାରେ ବିଫଳ ହୋଇଥିଲା । କେରଳ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା । ରେଫରୀ ସୁବ୍ରତ କୁମାର ପୁରୋହିତ ମଝି ପଡିଆରେ ମ୍ୟାଚ ପରିଚାଳନା କରିଥିଲେ । ତାଙ୍କୁ ଲାଇନରେ ଜ୍ୟୋତିରଞ୍ଜନ ସ୍ୱାଇଁ ଓ ଅରୁଣ ନାୟକ ସହଯୋଗ କରିଥିଲେ। ଆଶୀର୍ବାଦ କାନୁନ୍‌ଗୋ ଚତୁର୍ଥ ରେଫରୀ ଏବଂ ଶ୍ରୀକାନ୍ତ ବହିଦାର ମ୍ୟାଚ କମିଶନର ଥିଲେ । ସମଲେଶ୍ୱରୀ ସ୍ପୋର୍ଟିଂ ସମ୍ପାଦକ ଅତନୁ ଘୋଷଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଅତିଥି ସ୍ୱାଗତ କରିଥିଲେ । ସମ୍ବଲପୁର ଏମ୍‌ପି ପ୍ରତିନିଧି ନାଉରୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଶୁଭମ, ରୋହିତଙ୍କୁ ୫ ଉଇକେଟ ସଫଳତା

**କଟକ, ୨୬।୨ (କୁମାରଶ୍ରୀ)**

**କଳାହାଣ୍ଡି କପ୍**

ସିନିୟର ପୁରୁଷ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଉଛି। ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଗଜପତିର ଶୁଭମ ରାଉତ ଏବଂ ଗଞ୍ଜାମର ରୋହିତ ସାଗରଙ୍କୁ ୫ ଉଇକେଟ ସଫଳତା ମିଳିଛି। ଅଡ଼ଶପୁର ଗ୍ରାଉଣ୍ଡରେ ଗଜପତି ଏବଂ ରାୟଗଡା ମଧ୍ୟରେ ମୁକାବିଲା ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାୟଗଡ଼ା ୧୩୧ରନରେ ଅଲଆଉଟ ହୋଇଥିଲା। ଶୁଭମ ୧୯ରନ ବ୍ୟୟରେ ରାୟଗଡ଼ାର ୫ ବ୍ୟାଟରଙ୍କୁ ପ୍ୟାଭିଲିୟନ ଫେରାଇ ଦଳର ବିପର୍ଯ୍ୟୟ ଘଟାଇଥିଲେ। ଜ୍ଞାନରଞ୍ଜନ ଜେନାଙ୍କ ଅପରାଜିତ ୬୧ରନ ବଳରେ ଗଜପତି ୯ ଉଇକେଟରେ ବିଜୟ ହାସଲ କରିଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଗଞ୍ଜାମ ୯୪ରନରେ କିଟ୍‌କୁ ପରାସ୍ତ କରିଛି। ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ୬୩ରନ ଏବଂ ବି. ସନ୍ତୋଷ କୁମାରଙ୍କ ୫୦ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଗଞ୍ଜାମ ସମସ୍ତ ଉଇକେଟ ହରାଇ ୨୧୦ରନ ସଂଗ୍ରହ କରିଥିଲା। ୨୧୧ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା କିଟ୍ ୧୧୬ରନରେ ଅଲଆଉଟ ହୋଇଥିଲା। ଗଞ୍ଜାମର ରୋହିତ ସାଗର ୧୧ରନ ବିନିମୟରେ ୫ଟି ଉଇକେଟ ଅକ୍ତିଆର କରି ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବୁଧବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡିକରେ କଟକ-ଏ ୧୫୨ରନରେ ଝାରସୁଗୁଡାକୁ, କନ୍ଧମାଳ ୪ଉଇକେଟରେ ନୂଆପଡାକୁ, କଳାହାଣ୍ଡି ୬୨ରନରେ ଜଗତ୍‌ସିଂହପୁରକୁ, କେନ୍ଦୁଝର ୬ଉଇକେଟରେ ବାଲେଶ୍ୱରକୁ, ବରଗଡ ୬ ଉଇକେଟରେ ମୟୂରଭଞ୍ଜକୁ, ପୁରୀ ୭ ଉଇକେଟରେ ଭୁବନେଶ୍ୱର-ବି'କୁ, ଅନୁଗୋଳ ୯ ଉଇକେଟରେ ଭଦ୍ରକକୁ ପରାସ୍ତ କରିଛି।


ରୋହିତ ସାଗର


ଶୁଭମ ରାଉତ

# ଜମ୍ମୁ କଶ୍ମୀର ୫୮୪; କର୍ଣ୍ଣାଟକ ୨୨୦/୫

**ହୁବଲି, ୨୬।୨**

**ରଣଜୀ ଟ୍ରଫି ଫାଇନାଲ**

**ମୟଙ୍କଙ୍କ ଶତକ**

ସ୍ଥାନୀୟ କେଏସ୍‌ସିଏ ଷ୍ଟାଡିୟମରେ ଜମ୍ମୁ କଶ୍ମୀର ଓ କର୍ଣ୍ଣାଟକ ମଧ୍ୟରେ ଚାଲିଥିବା ଚଳିତ ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍ ଗୁରୁବାର ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ପ୍ରଥମ ଦୁଇ ଦିନ ନିରନ୍ତର ବ୍ୟାଟିଂ କରିଥିବା ଜମ୍ମୁ କଶ୍ମୀର ତୃତୀୟ ଦିନ ପ୍ରଥମ ଇନିଂସରେ ୫୮୪ ରନରେ ଅଲଆଉଟ୍ ହୋଇଥିଲା। ଜବାବରେ କର୍ଣ୍ଣାଟକ ମୟଙ୍କ ଅଗ୍ରୱାଲଙ୍କ ଅପରାଜିତ ଶତକ ବଳରେ ତୃତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୫ ଉଇକେଟ ହରାଇ ୨୨୦ ରନ କରିଛି। ମ୍ୟାଚ୍‌ରେ ଆହୁରି ଦୁଇ ଦିନ ଥିବା ବେଳେ ଶୁକ୍ରବାର ନିର୍ଣ୍ଣାୟକ ହେବ ବୋଲି ଆଶା କରାଯାଉଛି। କାରଣ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବା ପାଇଁ କର୍ଣ୍ଣାଟକକୁ ୩୬୫ ରନ ଦରକାର ଥିବା ବେଳେ ଦଳ ହାତରେ ୫ ଉଇକେଟ ସୁରକ୍ଷିତ ରହିଛି।

ଗୁରୁବାର ଜମ୍ମୁ କଶ୍ମୀର ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୫୨୭/୬ରୁ ବ୍ୟାଟିଂ ଆରମ୍ଭ କରି ୫୭ ରନ ମଧ୍ୟରେ ବଳକା ୪ ଉଇକେଟ ହରାଇଥିଲା। ଫଳରେ ପ୍ରଥମ ଥର ରଣଜୀ ଟ୍ରଫି ଟାଇଟଲ ଲକ୍ଷ୍ୟରେ ଥିବା ଜମ୍ମୁ କଶ୍ମୀର ୫୮୪ ରନରେ ଅଲଆଉଟ୍ ହୋଇଥିଲା। ପୂର୍ବଦିନ ଅପରାଜିତ ଥିବା ସାହିଲ ଲୋତ୍ରା ୭୨, ଆବିଦ ମୁସ୍ତାକ ୨୮, ଯୁଧବୀର ସିଂ ଚରକ ୩୦ ରନ କରିଥିଲେ। କର୍ଣ୍ଣାଟକ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୫ ଉଇକେଟ ନେଇଥିଲେ। ଜବାବରେ କର୍ଣ୍ଣାଟକ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫର୍ମରେ ନ ଥିବା ମୟଙ୍କ ଗୋଟିଏ ପଟେ ଛିଡ଼ା ହୋଇଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଘଟିଥିଲା। ଦଳ ମାତ୍ର ୫୭ ରନ ମଧ୍ୟରେ ଇନ ଫର୍ମ ଲୋକେଶ ରାହୁଲ (୧୩), ଅଧିନାୟକ ଦେବଦତ୍ତ ପାଡିକଲ (୧୧), ଭେଟେରାନ କରୁନ ନାୟାର (୦) ଓ ସମରନ ରବିଚନ୍ଦ୍ରନ (୦)ଙ୍କ ଉଇକେଟ ହରାଇଥିଲା। ଏହାପରେ ମୟଙ୍କଙ୍କ ସହ ଶ୍ରେୟସ ଗୋପାଲ ମିଶି ଦଳୀୟ ସ୍କୋରରେ ୧୦୫ ରନ ଯୋଡ଼ିଥିଲେ। ଦଳୀୟ ସ୍କୋର ୧୬୨/୪ ଥିବା ବେଳେ ଶ୍ରେୟସ ୨୭ ରନ କରି ଆଉଟ୍ ହୋଇଥିଲେ। ଏହିଠାରୁ ମୟଙ୍କ ଓ କୃଥିକ କ୍ରିଷ୍ଣା ଧୈର୍ଯ୍ୟର ସହ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲେ। ଦୁହେଁ ଅବିଭାଜିତ ଷଷ୍ଠ ଉଇକେଟରେ ୫୮ ରନ ଯୋଡ଼ିଛନ୍ତି। ଏଥିମଧ୍ୟରେ ମୟଙ୍କ କ୍ୟାରିୟରର ୨୦ତମ ଫାଷ୍ଟ କ୍ଲାସ ଶତକ ପୂରଣ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ମୟଙ୍କ ଅଗ୍ରୱାଲ ୧୩୦ ଓ କୃଥିକ କ୍ରିଷ୍ଣା ୨୭ ରନରେ ଅପରାଜିତ ରହିଛନ୍ତି। ଜମ୍ମୁ କଶ୍ମୀର ପକ୍ଷରୁ ଅକିବ ନବି ଦାର ୩ ଉଇକେଟ ନେଇଥିବା ବେଳେ ସୁନୀଲ କୁମାର ଓ ଯୁଧବୀର ସିଂ ଚରକ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର ପ୍ରଥମ ଇନିଂସ: ୫୮୪/ଅଲଆଉଟ୍ (ଶୁଭମ ପୁଣ୍ଡିର-୧୨୧, ୟାୱେର ହାସନ-୮୮, ସାହିଲ ଲୋତ୍ରା-୭୨; ପ୍ରସିଦ୍ଧ କ୍ରିଷ୍ଣା-୫/୯୮)। କର୍ଣ୍ଣାଟକ ପ୍ରଥମ ଇନିଂସ: ୨୨୦/୫ (ମୟଙ୍କ ଅଗ୍ରୱାଲ-୧୩୦*, କୃଥିକ କ୍ରିଷ୍ଣା-୨୭*, ଅକିବ ନବିଦାର-୩/୩୨)।


ଶତକ ହାସଲକାରୀ ମୟଙ୍କ ଅଗ୍ରୱାଲ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ